

କେନ୍ଦ୍ରୀୟ କ୍ଷେତ୍ରୀୟ ପରିଷଦ ବୈଠକରେ ଅଧ୍ୟକ୍ଷତା କଲେ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ମୀନା କୁମାରୀଙ୍କ ବାୟୋପିକରେ ଆସିପାରନ୍ତି କିଆରା ! | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୮୫ Vol. 22 No-85 25 JUNE 2025 WEDNESDAY, BHUBANESWAR ବୁଧବାର, ୨୫ ଜୁନ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଇରାନ-ଇସ୍ରାଏଲ ଯୁଦ୍ଧବିରତି ଉଲ୍ଲଂଘନ ନେଇ ଟ୍ରମ୍ପ କ୍ଷୁବ୍ଧ

# ଇସ୍ରାଏଲକୁ ଆମେରିକା ସମର୍ଥନ ମନା



- କାତାର ପ୍ରଧାନମନ୍ତ୍ରୀଙ୍କ ମଧ୍ୟସ୍ଥତାରେ ଯୁଦ୍ଧବିରତି
- ବିରତି ପରେ ଇସ୍ରାଏଲର ଆକ୍ରମଣ
- କଡ଼ା ଜବାବ ଦେଲା ଇରାନ ସେନା
- ଟ୍ରମ୍ପଙ୍କ ନିନ୍ଦା, ଇସ୍ରାଏଲକୁ ଭର୍ତ୍ସନା

ନୂଆଦିଲ୍ଲୀ, ୨୪।୬: ଇରାନ ଓ ଇସ୍ରାଏଲ ମଧ୍ୟରେ ଲାଗି ରହିଥିବା ଭୟାବହ ଯୁଦ୍ଧକୁ ଇତିମଧ୍ୟରେ ୧୨ ଦିନ ପୂରିଯାଇଛି । ତେବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଉଭୟ ରାଷ୍ଟ୍ର ମଧ୍ୟରେ ଯୁଦ୍ଧବିରତି ପାଇଁ ମଧ୍ୟସ୍ଥତା କରିବା ପରେ ଯୁଦ୍ଧରେ ରୋକ୍ ଲାଗିଥିଲା। ତେବେ ଯୁଦ୍ଧବିରତି ପରେ ଇରାନ ଇସ୍ରାଏଲ ଉପରେ ପୁଣିଥରେ ଆକ୍ରମଣ କରିବାରୁ ଇସ୍ରାଏଲ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲା। ଯାହାକୁ ନେଇ ଇସ୍ରାଏଲ ଉପରେ ପ୍ରଚଣ୍ଡ କ୍ଷୁବ୍ଧ ହୋଇଛନ୍ତି ଟ୍ରମ୍ପ। ଇରାନରେ ମୁତୟନ ଥିବା ପାଇଲଟମାନଙ୍କୁ ଫେରାଇ ଆଣିବାକୁ ଟ୍ରମ୍ପ ଇସ୍ରାଏଲକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ଟ୍ରମ୍ପ ରୋକଠୋକ୍ କହିଛନ୍ତି ଯେ ଇରାନ ଓ ଇସ୍ରାଏଲ ଉଭୟ ଅସ୍ତ୍ରବିରତି ଉଲ୍ଲଂଘନ କରିଛନ୍ତି । ବିଶେଷକରି ଇସ୍ରାଏଲକୁ ସମାଲୋଚନା କରି ଟ୍ରମ୍ପ କହିଛନ୍ତି ଯେ ଅସ୍ତ୍ରବିରତି ଘୋଷଣା ପରେ ଇସ୍ରାଏଲ ପକ୍ଷରୁ ବଡ଼ଧରଣର ଆକ୍ରମଣ କରାଯିବା ଉଚିତ ନଥିଲା। ସେ ଇସ୍ରାଏଲକୁ କଡ଼ାଭାଷାରେ କହିଥିଲେ, ଯଦି ତୁମେ ବୋମା ଆଉଥରେ ପକାଅ ତେବେ ଏହା ଏକ ବଡ଼ ଉଲ୍ଲଂଘନ ହେବ। ତୁମର ପାଇଲଟମାନଙ୍କୁ ତୁରନ୍ତ ଇରାନରୁ ଫେରାଇ ଆଣ। ଅସ୍ତ୍ରବିରତି ପ୍ରସ୍ତାବରେ ରାଜି ହେବା ପରେ ଇସ୍ରାଏଲର ବଡ଼ଧରଣର ଆକ୍ରମଣକୁ ମୁଁ ପସନ୍ଦ କରେନାହିଁ ବୋଲି ଟ୍ରମ୍ପ ଖୋଲାଖୋଲି କହିଛନ୍ତି। ଟ୍ରମ୍ପ ଆହୁରି କହିଛନ୍ତି ଯେ ଏତେ ଲମ୍ବା ଯୁଦ୍ଧର ପରିଣତି କ'ଣ ହେବ ଉଭୟ ରାଷ୍ଟ୍ର ଜାଣିପାରୁ ନାହାନ୍ତି। ସେ ଆହୁରି କହିଥିଲେ, ଇରାନ କେବେ ବି ତା'ର ପରମାଣୁ କାର୍ଯ୍ୟକ୍ରମ ପୁନର୍ବାର ଆରମ୍ଭ କରିବ ନାହିଁ । ସେ ଇରାନ ଉପରେ ବି ଖୁସି ନୁହନ୍ତି, କିନ୍ତୁ ଇସ୍ରାଏଲ ଉପରେ ବହୁତ ଅସନ୍ତୁଷ୍ଟ ବୋଲି ଖୋଲାଖୋଲି କହିଛନ୍ତି । ଏପରିକି ଇସ୍ରାଏଲକୁ ଖୋଲାଖୋଲି ସମର୍ଥନ ଦେବାପାଇଁ ସେ ମନା କରି ଦେଇଛନ୍ତି। ପୂର୍ବରୁ ଇସ୍ରାଏଲ ଅଭିଯୋଗ କରିଥିଲା ଯେ ଇରାନ ଯୁଦ୍ଧବିରତି ଉଲ୍ଲଂଘନ କରିଛି। କିନ୍ତୁ ଇରାନ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି । ଇରାନ ପକ୍ଷରୁ କୁହାଯାଇଛି, ବିଅରସେଭା ସହର ଉପରେ ଆକ୍ରମଣ ହେବା ସମୟରେ ଇରାନ ଶେଷ ମିସାଇଲ ନିକ୍ଷେପ କରିଥିଲା। ଏହି ଘଟଣା ଯୁଦ୍ଧବିରତି ପୂର୍ବରୁ ଘଟିଥିଲା। ଇରାନ ପକ୍ଷ ଏହାକୁ ଆତ୍ମରକ୍ଷାର ଏକ ପଦକ୍ଷେପ ବୋଲି କହି ଯୁଦ୍ଧବିରତିର ସର୍ତ୍ତାବଳୀ ଉଲ୍ଲଂଘନ କରିବାକୁ • ପୃଷ୍ଠା ୫ ଦେଖନ୍ତୁ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧଦିବସ ଅବସରରେ ବିଧାନସଭା ପରିସରରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

# ବଢ଼ିଲା ଟ୍ରେନ୍ ଭଡ଼ା, ଜୁଲାଇ ୧ରୁ ଲାଗୁ

ନୂଆଦିଲ୍ଲୀ, ୨୪।୬: ଗତ କିଛିବର୍ଷ ହେବ ଦେଶବାସୀ ମହଙ୍ଗା ମାଡ଼ର ସମ୍ମୁଖୀନ ହେଉଥିବାବେଳେ ଭାରତୀୟ ରେଳବାଇ ଇତିମଧ୍ୟରେ ଟ୍ରେନ୍ ଭଡ଼ା ବୃଦ୍ଧି ଘୋଷଣା କରିଛି। ଯାହାକି ଯାତ୍ରୀମାନଙ୍କ ପାଇଁ ଏକ ବଡ଼ଧରଣର ଝଟ୍‌କା ହୋଇଛି। ବର୍ଦ୍ଧିତ ଖର୍ଚ୍ଚ ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚକୁ ଦୃଷ୍ଟିରେ ରଖି ରେଳବାଇ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଆସନ୍ତା ଜୁଲାଇ ୧ ତାରିଖରୁ ରେଳବାଇର ଏହି ବର୍ଦ୍ଧିତ ଭଡ଼ା କାର୍ଯ୍ୟକାରୀ କରାଯିବ। ନିଷ୍ପତ୍ତି ଅନୁଯାୟୀ ନନ୍ ଏସି ମେଲ ଏବଂ ଏକ୍ସପ୍ରେସ୍ ଟ୍ରେନର ଭଡା କିଲୋମିଟର ପିଛା ୧ ପଇସା ବୃଦ୍ଧି ପାଇବ। ସେହିପରି ଏସି ଶ୍ରେଣୀରେ ଯାତ୍ରା କରୁଥିବା ଲୋକଙ୍କୁ ପ୍ରତି କିଲୋମିଟର ପିଛା ୨ ପଇସା ଅଧିକ ଦେବାକୁ ପଡ଼ିବ। ତେବେ ଖୁସିର କଥା ହେଉଛି, ସେକେଣ୍ଡ କ୍ଲାସରେ ୫୦୦ କିଲୋମିଟର ପର୍ଯ୍ୟନ୍ତ ଯାତ୍ରାରେ କୌଣସି ଭଡ଼ା ବୃଦ୍ଧି କରାଯାଇନାହିଁ । କିନ୍ତୁ ଏହାଠାରୁ ଅଧିକ ଦୂରତା ପାଇଁ ପ୍ରତି କିଲୋମିଟର ପିଛା ଯାତ୍ରୀଙ୍କୁ ଅଧ ପଇସା ଅତିରିକ୍ତ ଦେବାକୁ ପଡ଼ିବ। ସହରାଞ୍ଚଳ ଟ୍ରେନ୍ ଏବଂ ମାସିକ ସିଜିନ ଟିକେଟ ଭଡ଼ାରେ କୌଣସି ପରିବର୍ତ୍ତନ କରାଯାଇନାହିଁ, ଯାହାକି ଦୈନିକ ଯାତ୍ରୀଙ୍କୁ ଆଶ୍ୱସ୍ତି ଦେବ ବୋଲି କୁହାଯାଉଛି। ଯଦିଓ ଭଡ଼ାରେ ଏହି ପରିବର୍ତ୍ତନ ସାମାନ୍ୟ ମନେ ହେଉଛି, କିନ୍ତୁ ଦୀର୍ଘ ଦୂରତା ଓ ବାରମ୍ବାର ଯାତ୍ରା କ୍ଷେତ୍ରରେ ଏହା ଅଧିକ ରହିବ ବୋଲି କୁହାଯାଉଛି। ଏଥିସହିତ ରେଳବାଇ ପକ୍ଷରୁ ତତ୍କାଳ ଟିକେଟ ବୁକିଂ ପାଇଁ ଥିବା ନିୟମରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ୨୦୨୫ ଜୁଲାଇ ୧ରୁ ତତ୍କାଳ ଟିକେଟ ପାଇଁ ଆଧାର ପ୍ରାମାଣିକରଣ ବାଧ୍ୟତାମୂଳକ କରାଯିବ। ଯାହାଦ୍ୱାରା ଦଲାଲଙ୍କ ପରିବର୍ତ୍ତେ ପ୍ରକୃତ ଯାତ୍ରୀଙ୍କୁ ଟିକେଟ ମିଳିପାରିବ ବୋଲି ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ...

### ରାଜ୍ୟରେ ଖୋଲିବ ଆଉ ୯ ମେଡ଼ିକାଲ କଲେଜ

ଭୁବନେଶ୍ୱର, ୨୪।୬(ଭାସ୍କର ନ୍ୟୁଜ): ରାଜ୍ୟରେ ଆଉ ୯ଟି ନୂଆ ମେଡ଼ିକାଲ କଲେଜ ପ୍ରତିଷ୍ଠା ହେବ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ଜଗତସିଂହପୁର, ଭଦ୍ରକ, ଢେଙ୍କାନାଳ, ନବରଙ୍ଗପୁର, ବୁର୍ଲା, ବ୍ରହ୍ମପୁର, କେନ୍ଦୁଝର ଓ ବଲାଙ୍ଗୀରରେ ମେଡ଼ିକାଲ କଲେଜ ପ୍ରତିଷ୍ଠା ହେବାକୁ ଥିବାବେଳେ ମୟୂରଭଞ୍ଜରେ ଗୋଟିଏ ଆୟୁର୍ବେଦ କଲେଜ ସ୍ଥାପନ କରାଯିବ।

### ବନ୍ଧୁକ ମୁନରେ ବ୍ୟାଙ୍କ୍ ଲୁଟ୍

ବାରିପଦା, ୨୪।୬(ଭାସ୍କର ନ୍ୟୁଜ): ମଙ୍ଗଳବାର ପୂର୍ବାହ୍ନରେ କୁଳିଅଣା ଥାନା କୁଚେଇ ଗ୍ରାମ୍ୟ ବ୍ୟାଙ୍କରୁ ଏକ ବଡ଼ଧରଣର ଲୁଟ୍ ହୋଇଛି। ଦୁଇଟି ବାଇକ୍‌ରେ ୫ଜଣ ଦୁର୍ବୃତ୍ତ ବ୍ୟାଙ୍କ ଭିତରେ ପଶି ବନ୍ଧୁକ ଓ ଭୁଜାଲି ମୁନରେ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ତେବେ କେତେଟଙ୍କା ଲୁଟ୍ ହୋଇଛି ସେ ନେଇ ସୂଚନା ମିଳିପାରି ନାହିଁ । ପୋଲିସ ତଦନ୍ତ ଆରମ୍ଭ କରିଛି।

### ସାପ କାମୁଡ଼ାରେ ଭାଇ-ଭଉଣୀ ମୃତ

ବଲାଙ୍ଗୀର, ୨୪।୬ (ଭାସ୍କର ନ୍ୟୁଜ୍): ସୋମବାର ବିଳମ୍ବିତ ରାତିରେ ବଲାଙ୍ଗୀର ସହର ମାଲଗୋଦାମ ପଡ଼ାରେ ଦୁଃଖଦ ଘଟଣା ଘଟିଛି । ବିଷାକ୍ତ ସାପ କାମୁଡ଼ାରେ ଚାଲିଯାଇଛି ଭାଇ ଭଉଣୀଙ୍କ ଜୀବନ । ରାତିରେ ଶୋଇଥିବା ସମୟରେ ଅବଦୁଲ ରେହେମନଙ୍କ ସାତ ବର୍ଷର ପୁଅ ଦୁଃଖୀଶ୍ୟାମ ନାଗ ଏବଂ ଚାରି ବର୍ଷର ଝିଅ ମେହେକ ନାଗଙ୍କୁ ବିଷାକ୍ତ ସାପ କାମୁଡ଼ିଦେଇଥିଲା ।

ସେନ୍‌ସେକ୍ସ: ୮୨,୦୫୫.୧୧
ସର୍ବାଧିକ: ୩୦.୪ ଡିଗ୍ରୀ
ସର୍ବନିମ୍ନ: ୨୬.୮ ଡିଗ୍ରୀ

**୨୪।୬।୨୦୨୫ ର ମତାମତ**

ଓଡ଼ିଶାରେ ଯୁବତୀ ସୁରକ୍ଷିତ ନୁହନ୍ତି ବୋଲି ଟ୍ରମ୍ପ ଦେଇଥିବା ବୟାନ ଠିକ୍ କି?




**ଆଜିର ପ୍ରସଙ୍ଗ**

ଇସ୍ରାଏଲ-ଇରାନ ଯୁଦ୍ଧ ବିରତିରେ ଟ୍ରମ୍ପଙ୍କ ଭୂମିକାକୁ ଗୌଣ କରାଯିବା ଠିକ୍ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ଶତାବ୍ଦୀ ସମାରୋହ ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ

# ଭାରତୀୟଙ୍କ ରକ୍ତ ବୁହାଇଥିବା ଲୋକ ସୁରକ୍ଷିତ ନୁହନ୍ତି




ନୂଆଦିଲ୍ଲୀ, ୨୪।୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଭାରତର ଦୁଇ ମହାନ୍ ଆଧ୍ୟାତ୍ମିକ ଓ ନୈତିକ ନେତା ନାରାୟଣ ଗୁରୁ ଓ ମହାତ୍ମା ଗାନ୍ଧୀଙ୍କ ମଧ୍ୟରେ ଐତିହାସିକ ଆଲୋଚନାର ଶତାବ୍ଦୀ ସମାରୋହର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୋଦୀ କହିଥିଲେ ଯେ ୨୨ ମିନିଟ୍‌ରେ ହିଁ ଶତ୍ରୁଙ୍କୁ ସେମାନଙ୍କ ଔକାତ ଦେଖାଇ ଦିଆଯାଇଥିଲା। ଭାରତର ସାମର୍ଥ୍ୟ କ'ଣ ତାହା ସାରା ବିଶ୍ୱ ଦେଖିଲା। ଅପରେସନ ସିନ୍ଦୂର ଆତଙ୍କବାଦ ବିରୋଧରେ ଭାରତର କଠୋର ନୀତିକୁ ଦୁନିଆ ସାମ୍ନାରେ ସ୍ପଷ୍ଟ କରିପାରିଛି। ଭାରତୀୟଙ୍କ ରକ୍ତ ବୁହାଇଥିବା କୌଣସି ଠିକଣା ସୁରକ୍ଷିତ ରହିବ ନାହିଁ । ଆଜିର ଭାରତ ଦେଶ ହିତରେ ଯାହା ଠିକ୍ ସେହି ହିସାବରେ ପଦକ୍ଷେପ ଗ୍ରହଣ କରିବ। ସମ୍ବୋଧନ ଆରମ୍ଭ କରି ମୋଦୀ କହିଥିଲେ, ଆଜିର ଏହି ପରିସର ଇତିହାସର ଏକ ଅଭୂତପୂର୍ବ ଘଟଣାକୁ ସ୍ମରଣ କରିବାର ସାକ୍ଷୀ। ଏହା ଏପରି ଏକ ଐତିହାସିକ ଘଟଣା, ଯାହା କେବଳ ଆମର ସ୍ୱାଧୀନତା ଆନ୍ଦୋଳନକୁ ନୂଆ ଦିଗ ଦେଇନଥିଲା ବରଂ ସ୍ୱାଧୀନତାର ଉଦ୍ଦେଶ୍ୟର ନୂଆ ଅର୍ଥ ଦେଇଥିଲା। ୧୦୦ବର୍ଷ ପୂର୍ବେ ନାରାୟଣ ଗୁରୁ ଓ ମହାତ୍ମା ଗାନ୍ଧୀଙ୍କ ସେହି ସାକ୍ଷାତ ଆଜି ବି ସେତିକି ପ୍ରେରଣାଦାୟୀ ଓ ପ୍ରାସଙ୍ଗିକ ହୋଇ ରହିଛି। ସେ କହିଥିଲେ, ୧୦୦ବର୍ଷ ତଳର ସେହି ସାକ୍ଷାତ ସାମାଜିକ ସମରସତା ପାଇଁ ବିକଶିତ ଭାରତର ସାମୂହିକ ଲକ୍ଷ୍ୟ ନିମନ୍ତେ ଆଜି ବି ଉର୍ଜାର ଉତ୍ସ ଅଟେ। ଏହି ଐତିହାସିକ ମୁହୂର୍ତ୍ତରେ ସେ ନାରାୟଣଙ୍କୁ ନମନ କରିବା ସହ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୋଦୀ କହିଥିଲେ, ନାରାୟଣ ଗୁରୁଙ୍କ ଆଦର୍ଶ ପୂରା ମାନବ ଜାତିପାଇଁ ଏକ ବଡ଼ ପୁଞ୍ଜି। ଯେଉଁମାନେ ଦେଶ ଓ ସମାଜ ପାଇଁ ସେବା ସଂକଳ୍ପ ସହ କାମ କରୁଛନ୍ତି, • ପୃଷ୍ଠା ୫ ଦେଖନ୍ତୁ

## ବଡ଼ ଠାକୁରଙ୍କ ଦଶମୂଳ ମୋଦକ ଚୋରିକୁ ନେଇ ଦ୍ୱନ୍ଦ୍ୱ

# ବାଡ଼ଗ୍ରାହୀଙ୍କ ଅଭିଯୋଗକୁ ଆଇନମନ୍ତ୍ରୀଙ୍କ ଅସ୍ୱୀକାର

- ମୋଦକ ଚୋରିର ସତ୍ୟତାକୁ ନେଇ ପ୍ରଶ୍ନବାଚୀ
- କିଏ ସତ:ମୁଖ୍ୟ ପ୍ରଶାସକ ନା ବାଡ଼ଗ୍ରାହୀ?
- ମୋଦକ ଚୋରି ହୋଇନି: ମୁଖ୍ୟ ପ୍ରଶାସକ
- ମନ୍ଦିର ପ୍ରଶାସନ ପକ୍ଷରୁ ତଦନ୍ତ ଜାରି



ପୁରୀ/ଭୁବନେଶ୍ୱର, ୨୪।୬(ଭାସ୍କର ନ୍ୟୁଜ): ଅନବସରରେ ମହାପ୍ରଭୁଙ୍କୁ ଲାଗି ହେବାକୁ ଥିବା ଦଶମୂଳ ମୋଦକ ଚୋରି ଘଟଣାରେ ମୁହଁ ଖୋଲିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଦଶମୂଳ ମୋଦକ ଚୋରି ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, କିଛି ସେବାୟତ ବାହାଦୂରୀ ନେବାକୁ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ବିଭ୍ରାନ୍ତ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ତଦନ୍ତ କରାଯିବ ଏବଂ ସତ୍ୟ ସାମ୍ନାକୁ ଆସିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେ ଆହୁରି କହିଛନ୍ତି ଯେ ମହାପ୍ରଭୁଙ୍କ ଗୁପ୍ତ ସେବାରେ ଲାଗି ହେଉଥିବା ଦଶମୂଳ ମୋଦକ କେବେ ବି ଗଣତି କରାଯାଏ ନାହିଁ। ମହାପ୍ରଭୁଙ୍କୁ ଲାଗି ପୂର୍ବରୁ ମୋଦକ ଚୋରି ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ମହାପ୍ରଭୁଙ୍କ ଦଶମୂଳ ମୋଦକ ଚୋରି ଘଟଣା ସାମ୍ନାକୁ ଆସିବା ପରେ ଆଇନମନ୍ତ୍ରୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀଙ୍କୁ ରିପୋର୍ଟ ତଲବ କରିଥିଲେ। ତଦନ୍ତ ପରେ ମୋଦକ ଚୋରି ହୋଇନଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସ୍ପଷ୍ଟ କରିଛନ୍ତି। ଡକ୍ଟର ପାଢୀ କହିଛନ୍ତି ଯେ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି, ଏହି ଅଭିଯୋଗ ସତ୍ୟ ଆଧାରିତ ନୁହେଁ। ଏହି ଅଭିଯୋଗର ଆହୁରି ତଦନ୍ତ କରାଯିବ। ବୈଦ୍ୟ ସେବକ ମହାପ୍ରଭୁଙ୍କୁ ଦଶମୂଳ ମୋଦକ ଦେବାବେଳେ ଶ୍ରୀମନ୍ଦିରର କୌଣସି କର୍ମଚାରୀ କିମ୍ବା ଅଧିକାରୀ ଗାରଦରେ ଏହାକୁ ଗଣନ୍ତି ନାହିଁ କିମ୍ବା ଛୁଅଁନ୍ତି ବି ନାହିଁ । ପରବର୍ତ୍ତୀ ସମୟରେ ଦଇତାପତି ନିଯୋଗ ସେବାୟତମାନେ ଏହାକୁ ନେଇ ଯାଇଥାନ୍ତି। ଅନ୍ୟପକ୍ଷରେ ବଡ଼ଠାକୁରଙ୍କ ବାଡ଼ଗ୍ରାହୀ ହଳଧରଦାସ ମହାପାତ୍ର ଯେଉଁ ଅଭିଯୋଗ ଆଣିଛନ୍ତି ତାହାର ପ୍ରାଥମିକ ତଦନ୍ତ ହୋଇଛି। ସେଥିରୁ ଯାହା ଜଣାପଡୁଛି ଅଭିଯୋଗ ସତ୍ୟ ଉପରେ ଆଧାରିତ ନୁହେଁ। ବୈଦ୍ୟ ସେବକ ଯେଉଁ ଦଶମୂଳ ମୋଦକ ଆଣିଥିଲେ ତାହା ଟିପା ଖାତାରେ ୩୧୩ଟି ଉଲ୍ଲେଖ ରହିଛି। ଯେଉଁ ସେବାୟତ ଏହାକୁ ନେଇଥିଲେ, ତାଙ୍କର କିଛି ଅଭିଯୋଗ • ପୃଷ୍ଠା ୫ ଦେଖନ୍ତୁ

## ଗୋପାଳପୁର ଲଜ୍ଜା

# '୧୫ ଦିନରେ ଚାର୍ଜସିଟ୍'



ବ୍ରହ୍ମପୁର/ଗୋପାଳପୁର, ୨୪।୬ (ଭାସ୍କର ନ୍ୟୁଜ): ବହୁଚର୍ଚ୍ଚିତ ଗଞ୍ଜାମ ଜିଲ୍ଲା ଗୋପାଳପୁର ଗଣଦୁଷ୍କର୍ମ ମାମଲାର ଚାର୍ଜସିଟ୍ ୧୫ ଦିନ ଭିତରେ ଦାଖଲ କରାଯିବ। କ୍ରାଇମବ୍ରାଞ୍ଚର ସିଏଡବ୍ଲୁ ଟିମ୍ ଏହାର ତଦନ୍ତ ଜାରି ରଖିଛି। ଗଣଦୁଷ୍କର୍ମ ମାମଲାରେ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ ପ୍ରମାଣ କ୍ରାଇମବ୍ରାଞ୍ଚ ହାତରେ ଲାଗିଛି ବୋଲି ବିଭାଗୀୟ ଡିଜି ବିନୟତୋଷ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ବ୍ରହ୍ମପୁର ଏସଡିଜେଏମ୍‌ଙ୍କ ଅନୁମତିକ୍ରମେ ଏହି ଘଟଣାରେ ସଂପୃକ୍ତ ଥିବା ସମସ୍ତ ୬ ଅଭିଯୁକ୍ତଙ୍କୁ ଦିନିକିଆ ରିମାଣ୍ଡରେ ନିଆଯାଇ ପଚରାଉଚୁରା କରାଯାଉଛି। ଡିଜି ଶ୍ରୀ ମିଶ୍ର କହିଛନ୍ତି ଯେ ଏହି ଘଟଣାର ଯଥେଷ୍ଟ ପ୍ରମାଣ ସିସିଟିଭି ଓ ମୋବାଇଲରେ ରହିଛି। ମୋବାଇଲରେ ଦୁଷ୍କର୍ମ ଘଟଣାର ଭିଡିଓ ରହିଛି କି ନାହିଁ ତାହାର ଯାଞ୍ଚ ପାଇଁ ଫରେନସିକ୍ ଲାବରେଟୋରୀକୁ ପଠାଯାଇଛି। ଡିଜିଟାଲ ପ୍ରମାଣ ହିସାବରେ • ପୃଷ୍ଠା ୫ ଦେଖନ୍ତୁ

**ଦିନିକିଆ ରିମାଣ୍ଡରେ ୬ ଅଭିଯୁକ୍ତ**

## ତ୍ରୁଟିଶୂନ୍ୟ ରଥଯାତ୍ରା ନେଇ ଡିଜିପିଙ୍କ ସମୀକ୍ଷା

# ପୋଲିସ ପ୍ରଶାସନ ସଂପୂର୍ଣ୍ଣ ସଜାଗ

ପୁରୀ, ୨୪।୬(ଭାସ୍କର ନ୍ୟୁଜ) : ଆସନ୍ତା ଜୁନ ୨୭ ତାରିଖରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି । ଏହି ରଥଯାତ୍ରାକୁ ତ୍ରୁଟି ଶୂନ୍ୟ, ଶୃଙ୍ଖଳିତ ଏବଂ ସୁପରିଚାଳନା ଭାବେ ସମ୍ପନ୍ନ କରିବା ନିମନ୍ତେ ମଙ୍ଗଳବାର ଅପରାହ୍ନରେ ପୁରୀସ୍ଥିତ ଟାଉନ୍‌ହଲ୍ ପରିସରରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା।ଏହି ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବାକୁ ପୋଲିସ୍ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ସଜାଗ ରହିଛି ବୋଲି ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମତବ୍ୟକ୍ତ କରିଛନ୍ତି । ଚଳିତ ବର୍ଷ ଲକ୍ଷାଧିକ ଭକ୍ତ ପୁରୀକୁ ଆସିବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଭକ୍ତଙ୍କୁ ଉପଯୁକ୍ତ ସେବା ଓ ସୁରକ୍ଷା ଉପରେ ପ୍ରାଧାନ୍ୟ ଦିଆଯିବ ବୋଲି ଡିଜିପି ଶ୍ରୀ ଖୁରାନିଆ ଗୁରୁତ୍ୱାରୋପ କରିଛନ୍ତି । ଏହାସହ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ରଥଯାତ୍ରାର ସୁପରିଚାଳନା ନିମନ୍ତେ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ରଥଯାତ୍ରା ଡ୍ୟୁଟିରେ ଅଭିଜ୍ଞତା ସମ୍ପନ୍ନ ପୋଲିସ୍ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ଶ୍ରୀଜଗନ୍ନାଥ ମନ୍ଦିର, ଶ୍ରୀଗୁଣ୍ଡିଚା ମନ୍ଦିର ଏବଂ ତିନି ରଥ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହ ଅଘଟଣ ମୁକ୍ତ ରଥଟଣା ଏବଂ ରଥଯାତ୍ରା ପରିଚାଳନା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି ବୋଲି ଡିଜିପି କହିଛନ୍ତି । ବିଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରଥମ ଥର ପାଇଁ ଇଣ୍ଟିଗ୍ରେଟେଡ କଣ୍ଟ୍ରୋଲ ରୁମ୍ ଟାଉନ ଥାନାରେ ସ୍ଥାପନ କରାଯିବ । ଏହା ସହ ଇକ୍ୱଷ୍ପସଲସମସବକ୍ଷ ଓଭଷ୍ପରକ୍ଷ-କ୍ଷସଶରଭମର କ୍ୟାମେରା ସହରର ବିଭିନ୍ନ ସ୍ଥାନରେ ଲଗାଯିବ। ବିଶେଷ କରି ଉତ୍ତରା ଛକରୁ ଆରମ୍ଭ କରି ପୁରୀ ,ପୁରୀ -କୋଣାର୍କ ରୋଡ ସହିତ ସହରର ବିଭିନ୍ନ ଛକରେ ମଧ କ୍ୟାମେରା ବ୍ୟବସ୍ଥା କରାଯାଇଛି। ଯାହା ଫଳରେ ଭକ୍ତଙ୍କୁ ଟ୍ରାଫିକ ପରିଚାଳନାରେ ସହଯୋଗ ଓ ସୁବିଧା ମିଳିପାରିବ ବୋଲି ଡିଜିପି ଆଶାବ୍ୟକ୍ତ କରିଛନ୍ତି । ଜନସାଧାରଣଙ୍କ ଯାତାୟାତର • ପୃଷ୍ଠା ୫ ଦେଖନ୍ତୁ

## 'ପରଖ' ରିପୋର୍ଟ ପ୍ରକାଶିତ

# ଜାତୀୟ ହାରଠୁ ଊର୍ଦ୍ଧ୍ୱରେ ଓଡ଼ିଶା ଛାତ୍ରଛାତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୪।୬(ବ୍ୟୁରୋ): ଏନସିଇଆରଟି ପକ୍ଷରୁ କରାଯାଇଥିବା ଦକ୍ଷତା ପରୀକ୍ଷାରେ ଓଡ଼ିଶାର ଛାତ୍ରଛାତ୍ରୀ ଆଗରେ। ପରଫର୍ମାନ୍ସ ଆସେସମେଣ୍ଟ ରିଭ୍ୟୁ ଆଣ୍ଡ ଆନାଲିସିସ ଅଫ ନଲେଜ ଫର ହୋଲିଷ୍ଟିକ ଡେଭଲପମେଣ୍ଟ ରିପୋର୍ଟରେ ଏହା ପ୍ରକାଶ ପାଇଛି। ସମସ୍ତ ରାଜ୍ୟର ତୃତୀୟ, ଷଷ୍ଠ ଓ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ନେଇ ଏହି ସର୍ଭେ କରାଯାଇଥିବାବେଳେ ଓଡ଼ିଶା ଜାତୀୟ ହାରଠାରୁ ଆଗରେ ରହିଛି। ୩ହଜାର ୩୪୨ ସ୍କୁଲର ୯୬ହଜାର ୫୪ଜଣ ବିଦ୍ୟାର୍ଥୀଙ୍କ ଦକ୍ଷତା ପରୀକ୍ଷା କରାଯାଇଥିଲା। ସରକାରୀ, ବେସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ସେଥିରେ ସାମିଲ ହୋଇଥିଲେ। ତୃତୀୟଶ୍ରେଣୀ ପିଲାଙ୍କ ଭାଷା ଓ ଗଣିତ ପରୀକ୍ଷା କରାଯାଇଥିବାବେଳେ ଷଷ୍ଠଶ୍ରେଣୀ ପିଲାଙ୍କ ଭାଷା, ଗଣିତ ଓ କରେଣ୍ଟ ଆଫାୟାର୍ସ ପରୀକ୍ଷା ହୋଇଥିଲା। ସେହିପରି ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଭାଷା, ଗଣିତ, ବିଜ୍ଞାନ ଓ ସାମାଜିକ ବିଜ୍ଞାନ ପରୀକ୍ଷା ହୋଇଥିଲା। ତେବେ ଏନସିଇଆରଟି ଏବଂ ଏସସିଇଆରଟି ସହାୟତାରେ ହୋଇଥିବା ଏହି ସର୍ଭେରେ ଓଡ଼ିଶା ଭଲ ପ୍ରଦର୍ଶନ କରିଛି। ରିପୋର୍ଟ ଅନୁସାରେ ସମଗ୍ର ରାଜ୍ୟରେ ଛାତ୍ରମାନେ ଛାତ୍ରୀଙ୍କଠାରୁ ଟିକେ ଆଗରେ ରହିଛନ୍ତି। କିନ୍ତୁ ସହରାଞ୍ଚଳର ପିଲାଙ୍କୁ ବହୁ ପଛରେ ପକାଇଛନ୍ତି ଗ୍ରାମାଞ୍ଚଳ ଛାତ୍ରଛାତ୍ରୀ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା, ୨୪ ପ୍ରତିଶତ ଛାତ୍ରଛାତ୍ରୀ ଅନୁସୂଚୀତ ଜାତି ଓ ଜନଜାତି ବର୍ଗର। କଳାହାଣ୍ଡି ଓ ଅନୁଗୋଳ ଜିଲ୍ଲାରେ ସର୍ବାଧିକ ପିଲାଙ୍କ ପ୍ରଦର୍ଶନ ଉତ୍ତମ ରହିଥିବାବେଳେ ଗଜପତି ଓ ମାଲକାନଗିରି ପିଲା ତଳେ ରହିଛନ୍ତି। ୧୭ ଜିଲ୍ଲାରେ ପୁଅଙ୍କଠାରୁ ଆଗୁଆ ଅଛନ୍ତି ଝିଅ। ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁ ପରେ ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ବିକାଶ ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି।

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ବଡ ଠାକୁରଙ୍କ ମୋଦକକୁ ଯିଏ
ଚୋରାଇ ନେଇଛି ପାଷାଣ୍ଡ,
ହିନ୍ଦୁ ହୋଇ ଯଦି କରିଥିବ ଏହା
ନିଶ୍ଚେ ସେ ଅକାଳ କୁଷ୍ମାଣ୍ଡ ।



ମାହାଙ୍ଗା (ଭାସ୍କର ନିୟୁଜ): ମାହାଙ୍ଗା ବ୍ଲକର ଉମର ଗ୍ରାମରେ ଥିବା ବଳଦେବଜୀଉ ଓ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଦୀର୍ଘ ବର୍ଷ ହେବ ଆୟୋଜିତ ହେଉଥିବା ରଥଯାତ୍ରା ଚଳିତ ବର୍ଷ ପ୍ରାୟତଃ ବନ୍ଦ ହେବାର ଆଶଙ୍କା ଦେଖାଦେଇଛି । ଯାହାକୁ ନେଇ ଭକ୍ତଙ୍କ ମହଲରେ କ୍ଷୋଭ ଓ ଅସନ୍ତୋଷ ପ୍ରକାଶ ପାଇଛି । ଏହି ପୀଠ ଏକ ପୁରାତନ ପ୍ରସିଦ୍ଧ ପୀଠ । ପ୍ରତି ମଙ୍ଗଳବାର,ଶନିବାର,ସଂକ୍ରାନ୍ତି ଓ ପର୍ବପାର୍ବଣୀରେ ଏଠାରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ପୀଠଟି ମଧ୍ୟ ପର୍ଯ୍ୟଟନସ୍ଥଳୀ ର ମାନ୍ୟତା ଲାଭ କରିଛି । ପ୍ରତିବର୍ଷ ଏଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ । ଛଅ ଚକ ବିଶିଷ୍ଟ ପ୍ରାୟ ୪୦ ଫୁଟ ଉଚ୍ଚତା ବିଶିଷ୍ଟ ରଥ ନିର୍ମାଣ ହୋଇ ବଳଭଦ୍ର,ଜଗନ୍ନାଥ ଓ ଶୁଭଦ୍ରା ରଥାରୁଢ ହୋଇଥାନ୍ତି । ଚଳିତ ବର୍ଷ ରଥଯାତ୍ରାକୁ ନେଇ ପ୍ରଶାସନ କୌଣସି ପଦକ୍ଷେପ ନ ନେଇ ଥିବାରୁ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ଦେଖାଦେଇଛି । ଆଶାତ ରଥଯାତ୍ରା ବନ୍ଦ ହୋଇ ଯିବାର ଜଳ ଜଳ ହୋଇ ଦେଖାଯାଉଛି । ଗତ ବର୍ଷ ମାହାଙ୍ଗା ତହସିଲର ଉଦ୍ୟମ କ୍ରମେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା । ଦେବତର ବିଭାଗ ଓ ପ୍ରଶାସନର ଉଦାସୀନ ମନୋଭାବ ପାଇଁ ଚଳିତ ବର୍ଷ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସାଧାରଣରେ ଆଲୋଚନା ହେଉଛି। ଏଠାରେ ସୂଚନା ଥାଉ କି ପୂର୍ବରୁ କାର୍ଯ୍ୟ କରୁଥିବା ପରିଚାଳନା କମିଟି ଓ ସଂପ୍ରତି ଗଠିତ ହୋଇଥିବା ମଧ୍ୟବର୍ତୀକାଳୀନ ପରିଚାଳନା କମିଟି ମଧ୍ୟରେ ଉପଯୁକ୍ତ ସମନ୍ୱୟ ଅଭାବ ଏବଂ ପ୍ରଶାସନ ଓ ଦେବତର ବିଭାଗର ମନମାନୀ ରେ ଏହି ପ୍ରସିଦ୍ଧ ରଥଯାତ୍ରା ବନ୍ଦ ହେବାକୁ ଯାଉଥିବା ଚର୍ଚ୍ଚାର ବିଷୟ ପାଲଟିଛି ।

# ଗାନ୍ଧୀବାଦୀ ନେତାଙ୍କ ବିୟୋଗରେ ନଗର କଂଗ୍ରେସର ଶୋକସଭା

ଯାଜପୁର (ଭାସ୍କର ନ୍ୟୁଜ): ଯାଜୁପର ନଗର କଂଗ୍ରେସ ଏବଂ ବ୍ଲକ କଂଗ୍ରେସର ମିଳିତ ଆୟୋଜନ କ୍ରମେ ନଗର କଂଗ୍ରେସର ସଭାପତି ନାରାୟଣ ଚନ୍ଦ୍ର ସାମନ୍ତ ଅଧ୍ୟକ୍ଷତାରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଗାନ୍ଧୀବାଦୀ ନେତା ସ୍ୱର୍ଗତ ବାଇଧର ମହାପାତ୍ରଙ୍କ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶୋକ ସଭାରେ ଦିଗମ୍ବର କର, ବିଷ୍ଣୁ ରାଉତ, ସୁଦିପ କୁମାର କର, ସନ୍ତୋଷ ନନ୍ଦ, ଅ□ଳ ଦାସ, ଶ୍ରୀନାଥ ମିଶ୍ର, ଦୁର୍ଯ୍ୟୋଧନ ବେହେରା, ଭାସ୍କର ମହାନ୍ତି, ବିଭୂତି ମହାପାତ୍ର, ଆଲୋକ ବେହେରା, ଗଦାଧର ଦାସ, ହୃଷିକେଶ ପତି, ରଘୁନାଥ ସାହୁ, ସଂଗ୍ରାମ ସାହାଣୀ, ସଂଗ୍ରାମ ଯେନା, ନକୁଳ ସାହୁ, ସନ୍ତୋଷ ବେହେରା, ଅବଦୁଲ ରୌଫ୍ୟ, ସଲିମ୍ ଖାଁ, ସନ୍ତୋଷ ରାଉତ, ଶଶିକାନ୍ତ ଯେନା, ବିଦ୍ୟାଧର ବାରିକ, ନିକୁଞ୍ଜ ସାମଲ, ପ୍ରତୀମା କର, କୁଳମଣି ରାଉତ, ଅମୂଲ୍ୟ ବିଶ୍ୱାଳ, ରାଜ କିଶୋର, କନକ ରାଉତ, ଅରଜିତ ନାୟକ, ବିଜୟ ମହାପାତ୍ର, ଦେବାଶିଷ ସାମନ୍ତ, କୁମାର ଆଶୁତୋଷ, ଯଯାତି ନାୟକ, ସଂଜିବ ମହାପାତ୍ର, ପାଗୁ ଦାସ ପ୍ରମୁଖ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ।

ଓଡିଶା ସରକାର
V-09
କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
ଘୋଷଣା

ନଥି ସଂ- IX (C)-06/2025-124 ତା- 29.03.2025

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013) ର ଧାରା ୧୯(୧) ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ , ମୌଜା- ଜଡିବାହାଳ, ଥାନା- ଯୋଡା, ତହସିଲ- ବଡବିଲ, ଜିଲ୍ଲା-କେନ୍ଦୁଝର ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା- ବାମେବାରି – ରଣସାଳ ଘାଟି , ଭାୟା ଯୋଡା-ବାମେବାରି ଏକ୍ସପ୍ରେସ -୨ ରାସ୍ତାର ଉନ୍ନତିକରଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା-୭୩୧ତା-୨୧-୧୨-୨୦୨୦ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ଜଡିବାହାଳ, ଥାନା- ଯୋଡା, ଜିଲ୍ଲା- କେନ୍ଦୁଝର ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.kendujhar.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ www.revenueodisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଜିଲ୍ଲାପାଳ କେନ୍ଦୁଝର ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-କ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା- କେନ୍ଦୁଝର ତହସିଲ- ବଡବିଲ

| ଗ୍ରାମର ନାମ | ଗ୍ରାମାଂଚଳ /ସହରାଂଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଜଡିବାହାଳ | ଗ୍ରାମାଂଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ଏ୨୧.୯୭ | ଏ୪.୧୪୦ | ସଂଲଗ୍ନ |

ତଫସିଲ-ଖ

(ପୁନର୍ବାସ ନିମିତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା- କେନ୍ଦୁଝର ତହସିଲ- ବଡବିଲ

| ଗ୍ରାମର ନାମ | ଗ୍ରାମାଂଚଳ /ସହରାଂଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୧୯-୦୨-୨୦୨୧

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, କେନ୍ଦୁଝର

ଭୂମି ଅନୁସୂଚୀ

ପ୍ରକଳ୍ପର ନାମ -ବାମେବାରି – ରଣସାଳ ଘାଟି , ଭାୟା ଯୋଡା ବାମେବାରି ଏକ୍ସପ୍ରେସ -୨ ରାସ୍ତାର ଉନ୍ନତିକରଣ

ମୌଜା- ଜଡିବାହାଳ ଥାନା ନଂ-୫୧
ଥାନା-ଯୋଡା ତହସିଲ-୨(୭୩)
ତହସିଲ-ବଡବିଲ
ଜିଲ୍ଲା-କେନ୍ଦୁଝର

| କ୍ରମିକ ନଂ | ଖତିଆନ ନଂ | ପ୍ରଜାର ନାମ ଓ ଠିକଣା | ପ୍ଲଟ ନଂ | କିସମ | ମୋଟ ରକବା | ଅର୍ଜନ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୭ | ଗୋରା କୋହ୍ଲ,ପି-ବନା କୋହ୍ଲ,ଜା-କୋହ୍ଲ,ବା-ନିଜଗାଁ । | ୧୪୪ | ଜଙ୍ଗଲ | ୩.୫୧୦ | ୦.୩୦୦ | |
| ୨ | ୧୧ | ଟାଟା କଂପାନି | ୯ | ନୟନଯୋରି | ୧.୧୫୦ | ୦.୪୦୦ | |
| | | | ୧୦ | ରାସ୍ତା | ୦.୪୧୦ | ୦.୪୧୦ | |
| | | | ୧୧ | ନୟନଯୋରି | ୦.୭୫୦ | ୦.୭୫୦ | |
| | | | ୪୬/୨୦୭ | ରାସ୍ତା | ୦.୦୯୦ | ୦.୦୯୦ | |
| | | | ୪୭/୨୦୮ | ନୟନଯୋରି | ୦.୦୪୦ | ୦.୦୨୦ | |
| | | | ୪୭/୨୦୯ | ନୟନଯୋରି | ୦.୦୮ | ୦.୦୪୦ | |
| ୩ | ୧୯ | ବୁଧୁ ମୁଣ୍ଡା,ପି-ମୁଗୁରା ମୁଣ୍ଡା,ଜା-କୋହ୍ଲ, ବା-ନିଜଗାଁ । | ୧୧୫ | ତଇଳା-୨ | ୧.୦୨୦ | ୦.୨୫୦ | |
| ୪ | ୩୯/୩୫ | ପଟ୍ଟନାୟକ ମିନେରାଲ ପ୍ରା.ଲି. ବା- ବନେଇକଳା | ୪ | ପତିତ | ୦.୩୬୦ | ୦.୦୩୦ | |
| ୪(କ) | ୩୯/୭ | ରବିନ୍ଦ୍ରନାଥ ପଟନାୟକ,ପି-ବଂଶିଧର ପଟନାୟକ,ମାନେଜିଙ୍ଗ ଡାଇରେକ୍ଟର ମେସସ୍ ପଟନାୟକ ମିନେରାଲସ୍ ପ୍ରା ଲିଃ ବନେଇକଳା । | ୫୨/୨୨୧ | ଘରବାରି | ୦.୪୦୦ | ୦.୦୧୦ | |
| ୫ | ୨୪ | ପ୍ରତାପ ବାରିକ, ଶଶୀ ବାରିକ, ଅର୍ନ୍ନପୂର୍ଣ୍ଣା ମହାକୁଡ, ଦମୟନ୍ତି ବେହେରା, ବାସନ୍ତି ମହାକୁଡ, ପି-ମିଲୁ ବାରିକ, ମେଘା ବାରିକ, ସ୍ୱା-ମିଲୁ ବାରିକ, ଚନ୍ଦିର ବାରିକ, ଚାନ୍ଦମଣୀ ବାରିକ, ପି-ତ୍ରିଲୋଚନ ବାରିକ, ନଟ ବାରିକ, ନାଥ ବାରିକ, ଗୋଲାପ ବାରିକ, ଫଣିଙ୍ଗ ବାରିକ, ମୁଣ୍ଡା ବାରିକ, ଭାନି ବାରିକ, ମୁନି ବାରିକ, କୋଇଲ ବାରି, ପି-ଜବି ବାରିକ, ମିତ୍ର ପଲେଇ, ପି-ରତ୍ନାକର ପଲେଇ, ବିଳାସ ବାରିକ, ସ୍ୱା-ଜବି ବାରିକ, କଲୁ ବାରିକ, ବିଟଂଚି ବାରିକ, କେଶବ ବାରିକ, ପାଲୁଣି ବାରିକ,ପି-ବୈକୁଣ୍ଠ ବାରିକ, ସୁଲୋଚନା ବାରିକ, ସ୍ୱା-ବୈକୁଣ୍ଠ ବାରିକ, ବଳରାମ ବାରିକ,ପି-ରଥି ବାରିକ, ବେଣୁଧର ବାରିକ,ପି-ଭକ୍ତ ବାରିକ, କୃପା ବାରିକ, ଚନ୍ଦ୍ରମଣି ବାରିକ, ପି-ନିରଂଜନ ବାରିକ, ବିଲେଇ ବାରିକ, ସ୍ୱା-ନିରଂଜନ ବାରିକ, ପିତାମ୍ବର ବାରିକ, ବୈସନବ ବାରିକ, ଗୟା ବାରିକ, କଇଁ ବାରିକ, ପି-ଦୁର୍ଯ୍ୟୋଧନ ବାରିକ, ଜା-ଗୋପାଳ, ବା- ନିଜଗାଁ । | ୫ | ତଇଳା-୨ | ୧.୦୯୦ | ୦.୦୨୦ | |
| | | | ୭ | ତଇଳା-୨ | ୧.୧୩୦ | ୦.୦୨୦ | |
| | | | ୫୩ | ତଇଳା-୧ | ୧.୭୭୦ | ୦.୦୭୦ | |
| | | | ୭୮ | ବିଆଳି | ୧.୫୬୦ | ୦.୦୭୦ | |
| | | | ୧୧୦ | ଘରବାରି | ୦.୪୧୦ | ୦.୦୧୦ | |
| | | | ୧୫୨ | ଶାରଦ-୨ | ୦.୩୦୦ | ୦.୦୩୦ | |
| | | | ୧୦୯/୨୩୪ | ଘରବାରି | ୦.୨୯୦ | ୦.୦୪୦ | |
| | | | ୧୫୮ | ତଇଳା-୨ | ୦.୭୧୦ | ୦.୬୪୦ | |
| ୬ | ୨୯ | ଲୁସୁକି ତାମୁଡିଆ, ପି-ନାରଣ ତାମୁଡିଆ, ଜା- ତାମୁଡିଆ, ବା-ନିଜଗାଁ । | ୧୩୭ | ଘରବାରି | ୦.୧୫୦ | ୦.୧୦୦ | |
| ୭ | ୩୫ | ସାଦୁ ଘଣା,ପି-ଭରତ ଘଣା,ଜା-ଗୋପାଳ, ବା- ନିଜଗାଁ । | ୧୧୬ | ତଇଳା-୨ | ୨.୨୪୦ | ୦.୧୪୦ | |
| | | | ୧୫୭ | ତଇଳା-୨ | ୦.୭୮୦ | ୦.୨୨୦ | |
| ୮ | ୩୭ | ସୁନାରାମ ଟୁଟି,ପି-ବୁଧୁରାମ ଟୁଟି,ଜା- ତାମୁଡିଆ, ବା-ନିଜଗାଁ । | ୧୩୨ | ଘରବାରି | ୧.୬୫୦ | ୦.୦୬୦ | |
| ୯ | ୩୮ | ସୁକଲାଲ ତାମୁଡିଆ,ପି-ସୁକୁରାମ ତାମୁଡିଆ,ଜା- ତାମୁଡିଆ, ବା-ନିଜଗାଁ । | ୧୦୫/୨୫୬ | ଘରବାରି | ୦.୧୦୦ | ୦.୦୩୦ | |
| ୧୦ | ୨୯/୧୦ | କୁମାରୀ ଲକ୍ଷ୍ମୀଖୟା ଓରାମ,କୁମାରୀ ରେଣୁଖୟା ଓରାମ,କୁମାରୀ ଇତୁଖୟା ଓରାମ,ପି-ସତୀସଖୟା ଓରାମ,ଜା-ଓରାମ,ବା-ଗୁରୁତା,ଥା-ଯୋଡା,ଜିଲ୍ଲା-କେନ୍ଦୁଝର । | ୧୩୩ | ଘରବାରି | ୦.୧୫୦ | ୦.୦୨୦ | |
| ୧୧ | ୩୯/୧୦ | ଶିବ ନାରାୟଣ ପ୍ରସାଦ,ପି-ଜେଳଶ୍ୱର ପ୍ରସାଦ,ଜା-ଗୁଡିଆ,ନିର୍ମଳ କୁମାର ଘୋସ,ପି-ନରେସ କୁମାର ଘୋସ,ଜା-ବିଙ୍ଗାଳି, ହରି ଶଙ୍କର ଜୟସ୍ୱାଲ,ପି-ଶିବ ପ୍ରସାଦ ମୋହନ ଜୟସ୍ୱାଲ,ଜା-ଶୁଣ୍ଡି,ଗୋବିନ୍ଦ ଚନ୍ଦ୍ର ସତପଥି,ପି-ରାମଚନ୍ଦ୍ର ସତପଥି,ଜା-ବ୍ରାହ୍ମଣ,ସୁରେନ୍ଦ୍ରନାଥ ମହାନ୍ତି,ପି-ବାସୁଦେବ ମହାନ୍ତି,ଜା-କରଣ,ବା-ଜରୋଳି, ଥା-ଯୋଡା, ଜିଲ୍ଲା-କେନ୍ଦୁଝର । | ୧୭ | ଘରବାରି | ୦.୯୪୦ | ୦.୧୫୦ | |
| ୧୨ | ୩୯/୨୦ | ମେସର ରୁଙ୍ଗଟା ମାଇନ ଲି.ଇ-ବଡବିଲ | ୧୩ | ଘରବାରି | ୦.୭୨୦ | ୦.୦୨୦ | |
| ୧୩ | ୩୯/୨୧ | ମେସର୍ସ ଭୂଷଣ ପାୱାର ଏଣ୍ଡ ଷ୍ଟିଲ.ଇ-୪ର୍ଥ ମହଲା ଟଲଷ୍ଟୟ ହାଉସ, ଟଲଷ୍ଟୟ ମାର୍ଗ କର୍ନୋପ୍ଲେସ,ନୂଆଦୀଲ୍ଲୀ, ଥା-ଯୋଡା । | ୪୪/୨୦୬ | ଘରବାରି | ୦.୮୦୦ | ୦.୦୫୦ | |
| ୧୪ | ୩୯/୨୩ | ବାଉଁସପାଣି ଆଇରନ ଲି. ମାର୍ଫତ ନର୍ଦ୍ଦେଶକ,ସା-ବନେଇକଳା | ୧୨ | କାରଖାନା | ୦.୩୯୦ | ୦.୧୫୦ | |
| | | | | ମୋଟ | ୨୧.୯୭ | ୪.୧୪୦ | |

OIPR 24045/14/0026/2526

# ବିଏମ୍‌ସିର ଅସଲ କଥା, ବିକାଶ ରାସ୍ତାରେ ବିବାଦ କଣ୍ଟା !




ବ୍ରହ୍ମପୁର(ଭାସ୍କର ନ୍ୟୁଜ): ସହରର ବିକାଶ ଦାୟିତ୍ୱ ଅଧିକାଂଶ ମାତ୍ରାରେ ମହାନଗର ନିଗମ ଅଧୀନରେ ରହିଛି। କିନ୍ତୁ କୋଟି କୋଟି ଟଙ୍କା ବିଭିନ୍ନ କାର୍ଯ୍ୟ ପାଇଁ ଖର୍ଚ୍ଚ ହେଉଥିଲେ ବି ଏହାର ସୁଫଳ ମିଳୁନଥିବା ଅଭିଯୋଗ ହୋଇଆସିଛି। ରାଜନୈତିକ ଇଚ୍ଛାଶକ୍ତି ଏବଂ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ସାଧାରଣ ଲୋକେ ଦୀର୍ଘବର୍ଷ ଧରି ଅନେକ ସମସ୍ୟା ଘେରରେ ରହିଥିବା କୁହାଯାଉଛି। ବ୍ରହ୍ମପୁର ଦକ୍ଷିଣ ଓଡ଼ିଶାର ପ୍ରମୁଖ ସହର। ବ୍ୟବସାୟଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ଶିକ୍ଷା,ଗମନାଗମନ ପାଇଁ ଦକ୍ଷିଣ ଓଡ଼ିଶାର ସମସ୍ତ ଜିଲ୍ଲାବାସୀ ଏହି ସହର ଉପରେ ନିର୍ଭର। କେବଳ ଦକ୍ଷିଣ ଓଡିଶା ନୁହେଁ, ପଡୋଶୀ ଆନ୍ଧ୍ରର ସାଧାରଣ ଲୋକ ଏବଂ ବ୍ୟବସାୟୀ ମଧ୍ୟ ଏହି ସହର ଉପରେ ନିର୍ଭର କରି ଆସିଥାନ୍ତି। ତେବେ ବିକାଶକୁ ନେଇ ସମସ୍ତଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କି ମାରୁଛି। ଆବଶ୍ୟକୀୟ ଉନ୍ନୟନ ମୂଳକ କାର୍ଯ୍ୟ ହୋଇନପାରିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ବାସ୍ତବରେ ବିଏମସିରେ ବିଶୃଙ୍ଖଳା ଦାଣ୍ଡରେ ପଡି ହାଟରେ ଗଡୁଛି। କର୍ପୋରେଟରଙ୍କ ମଧ୍ୟରେ ଗୋଷ୍ଠୀ ବିବାଦ ହେଉ ବା ଯନ୍ତ୍ରୀଙ୍କ ଭିତରେ ମାରପିଟ୍,ଠିକାଦାର ଯନ୍ତ୍ରୀ ଟଣାଓଟରା ଖବର ଖୁବ୍ ଚର୍ଚ୍ଚାକୁ ଆସିଛି। ଗତ ସାଧାରଣ ନିର୍ବାଚନରେ ବିଜେଡିର ପରାଜୟ ପରଠୁ କର୍ପୋରେଟର ମାନେ ଦୁଇ ଗୋଷ୍ଠୀରେ ବିଭକ୍ତ ହୋଇଥିବା ଦେଖିବାକୁ ମିଳିଛି। ଖାସ୍ କରି ଶଙ୍ଖ ଦଳ କର୍ପୋରେଟରଙ୍କ ବିଶୃଙ୍ଖଳା ଚରମ ସୀମାରେ ପହଞ୍ଚିଛି କହିଲେ କିଛି ଭୁଲ୍ ହେବନି। ପୂର୍ବରୁ ମହାନଗର ନିଗମର ଅବ୍ୟବସ୍ଥା ନେଇ ଏକ ନିର୍ଦ୍ଦିଷ୍ଟ କର୍ପୋରେଟର ଗୋଷ୍ଠୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ଗଣମାଧ୍ୟମରେ ବିଏମସିର ବିଭିନ୍ନ କାର୍ଯ୍ୟକୁ ନେଇ ସମାଲୋଚନା ମଧ୍ୟ କରିଥିଲେ। କର୍ପୋରେସନ ବୈଠକରେ ଦୁଇ ବିଜେଡି କର୍ପୋରେଟର ଗୋଷ୍ଠୀଙ୍କ ମଧ୍ୟରେ ହୋ ହଲ୍ଲା, ପାଟିତୁଣ୍ଡ ଘଟଣା ଶଙ୍ଖ ଭବନ ସମେତ ନବୀନ ନିବାସକୁ ମଧ୍ୟ ଯାଇଥିଲା। ଏହା ସତ୍ତ୍ୱେ ବି ବିବାଦ ବର୍ତ୍ତମାନ ସୁଦ୍ଧା ଥମିନଥିବା ଆଲୋଚନା ହେଉଛି। ନିକଟରେ ନୂତନ କମିଶନରଙ୍କୁ ସ୍ୱାଗତ ବେଳର ଫଟୋ ହିଁ ପୁଣି ଏକ ବଡ ଫାଟ ଥିବା ଦର୍ଶାଇଛି। କାରଣ ଉଭୟ ଗୋଷ୍ଠୀ ଭିନ୍ନ ଭିନ୍ନ ଭାବେ ଫୁଲତୋଡା ଧରି ଯାଇଥିଲେ। ତେବେ ବିବାଦ କେବଳ ରାଜନୈତିକ ସ୍ତରରେ ନୁହେଁ ବରଂ ପ୍ରଶାସନିକ କ୍ଷେତ୍ରରେ ବି ଦେଖିବାକୁ ମିଳିଛି। ଠିକାଦାରଙ୍କ କାର୍ଯ୍ୟର ବିଲ୍ ପ୍ରଦାନଠାରୁ ଆରମ୍ଭ କରି ଯନ୍ତ୍ରୀ ମାନଙ୍କ ମଧ୍ୟରେ ମତଭେଦ କାହାକୁ ଅଛପା ନାହିଁ। ଗତ କିଛି ଦିନ ତଳେ ଠିକାଦାର ମାନେ ଚାମ୍ବରରେ ଜଣେ ଯନ୍ତ୍ରୀଙ୍କୁ ଠେଲାପେଲା କରିଥିବା ଖବର ସାମ୍ନାକୁ ଆସିଥିଲା। ପରବର୍ତ୍ତୀ ସମୟରେ ଜଣେ ନିର୍ବାହୀ ଯନ୍ତ୍ରୀ ଏବଂ ଯନ୍ତ୍ରୀଙ୍କ ଭିତରେ ମାରପିଟ୍ ଘଟଣାକୁ ନେଇ ଖୁବ୍ ଚର୍ଚ୍ଚା ହୋଇଥିଲା। ବାରମ୍ବାର ଏଭଳି ଘଟଣା ମହାନଗର ନିଗମରେ ଅଶାନ୍ତ ବାତାବରଣ ସୃଷ୍ଟି କରୁଥିବା କୁହାଯାଉଛି। ଯାହା ବିକାଶ ବାଟରେ କଣ୍ଟା ସଦୃଶ । ପ୍ରାୟ ୨ବର୍ଷ ହେବ ସହରରେ କୌଣସି ଆଖିଦୃଶିଆ ବିକାଶ କାର୍ଯ୍ୟ ହୋଇନାହିଁ। ମହାନଗର ନିଗମକୁ ଆସୁଥିବା ରାଜ୍ୟ ସରକାରଙ୍କ ଅନୁଦାନ ବି ହ୍ରାସ ପାଉଛି। ବିଏମସିର ନିଜସ୍ୱ ଆୟ ବି କମୁଛି।

# ପୂର୍ବତନ ରାଜ୍ୟସଭା ସାଂସଦଙ୍କ ମୁଖ୍ୟ ଚିକିତ୍ସାଳୟ ଗସ୍ତ




ଯାଜପୁର (ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲାରେ ଡାଇରିଆକୁ ନେଇ ସମଗ୍ର ଓଡ଼ିଶାରେ ଭୟର ବାତାବରଣ ସୃଷ୍ଟି ହୋଇଥିବା ବେଳେ ଏହାର ସମୀକ୍ଷା ପାଇଁ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ଓ ପରେ ପରେ ଓଡ଼ିଶା ପ୍ରଭାରୀ ଲଲୁଙ୍କ ନେତୃତ୍ୱରେ ଏକ ଅନୁସନ୍ଧାନକାରୀ ଟିମ୍ ଯାଜପୁର ଗସ୍ତରେ ଆସି ଡାଇରିଆ ସଂକ୍ରମଣର ସମୀକ୍ଷା କରିଥିଲେ। ପୂର୍ବତନ ରାଜ୍ୟ ସଭା ସାଂସଦ ତଥା ଆ.ଏନ୍.ଟି.ୟୁ.ସି. ର ନେତା ରାମଚନ୍ଦ୍ର ଖୁଣ୍ଟିଆ ଯାଜପୁର ଗସ୍ତରେ ଆସି ପ୍ରଥମେ ଧର୍ମଶାଳା, କୋରାଇ ପରେ ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଡାଇରିଆ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହିତ ମେଡିକାଲ ଦାୟିତ୍ୱରେ ଥିବା ଏ.ଡି.ଏମ୍ ଙ୍କ ସହି ଆଲୋଚନା କରିଥିଲେ। ଯାଜପୁର ଜିଲ୍ଲାରେ ହଇଜାକୁ ରୋକିବା ପାଇଁ ପର୍ଯ୍ୟାପ୍ତ ଔଷଧ ବାଣ୍ଟିବା ସହ ପ୍ରତି ପରିବାର ପାଖରେ ଶୁଦ୍ଧ ପାନୀୟ ଜଳ ପହଞ୍ଚାଇବାକୁ ପ୍ରଶାସନ ଉଦ୍ୟମ କରିବା ଜରୁରୀ ଏବଂ ବି.ଜେ.ପି. ସରକାର ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ବିଫଳ ବୋଲି କହିଥିଲେ। ଏହି ଅବସରରେ ଶ୍ରୀ ଖୁଣ୍ଟିଆ ବିଜେପି ସରକାର ଉପରେ ବର୍ଷିବା ସହ ଗୋଟିଏ ବର୍ଷ ସରକାରରେ ମାଳମାଳ ଦୁର୍ନୀତି, ଅନିୟମିତତା, ବଳାତ୍କାର, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ଓଡିଶାବାସୀ ଦେଖି ସାରିଲେଣି। ଜନ ସାଧାରଣ ଡାଇରିଆରେ ମୃତ୍ୟୁ ବରଣ କରୁଥିବାବେଳେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଏକ ବର୍ଷ ପୂର୍ତ୍ତି ପାଳନ କରିବା ଅତ୍ୟନ୍ତ ଲଜ୍ୟାର ବିଷୟ ବୋଲି କହିଥିଲେ। ଶ୍ରୀ ଖୁଣ୍ଟିଆଙ୍କ ଗସ୍ତ ସମୟରେ ନାରାୟଣ ସାମନ୍ତ, ଅଞ୍ଚଳ ଦାସ, ସନ୍ତୋଷ ନନ୍ଦ, ଭାସ୍କର ମହାନ୍ତି, ଆଲୋକ ବେହେରା, ଗଦାଧର ଦାସ, ସଂଗ୍ରାମ ଯେନା, ବିଳାସ ରାଉତରା, ନକୁଳ ସାହୁ, ବିଜୟ ମହାପାତ୍ର, ପାଗୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଆଦିତ୍ୟ ବାହିନୀ ବ୍ରହ୍ମପୁର ଶାଖା ପକ୍ଷରୁ ରାଷ୍ଟ୍ର ଉତ୍କର୍ଷ ଦିବସ ପାଳିତ



ବ୍ରହ୍ମପୁର ( ଭାସ୍କର ନ୍ୟୁଜ)-ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀ, ପୀଠ ପରିଷଦ ବ୍ରହ୍ମପୁର ଶାଖା ପକ୍ଷରୁ ଜଗଦ୍ ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ୮୩ ତମ ପ୍ରାକଟ୍ୟ ଦିବସ ଯଥା ରୀତି ଆଧ୍ୟାତ୍ମିକ ଓ ଭକ୍ତିମୟ ପରିବେଶରେ ଗତକାଲି ପାଳନ ହୋଇଯାଇଛି। ଇଂ .ସୂର୍ଯ୍ୟ ନାରାୟଣ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାମୀ ଅଖିଳାନନ୍ଦ ତୀର୍ଥ ବର୍ତ୍ତମାନ ଶଙ୍କରାଚାର୍ଯ୍ୟଙ୍କ ଜୀବନୀ, ବାଣୀ , ଆଦର୍ଶ , ଶାସ୍ତ୍ର ଜ୍ଞାନ ଗଭୀରତା ଏବଂ ତାଙ୍କର ବୈଦିକ ଗଣିତରେ ଥିବା ର ନିପୁଣତା ବିଷୟରେ ଆଲୋଚନା କରିଥିଲେ। ସ୍ୱାମୀ ହରିଶରଣାନନ୍ଦ ସରସ୍ୱତୀ ଅନୁଷ୍ଠାନର ସର୍ବବିଧ ଉନ୍ନତି ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିବା ସହ ସଂଗଠନକୁ ଆହୁରି ବ୍ୟାପକ ଭାବରେ ପ୍ରଚାର ପ୍ରସାର ସହ ପ୍ରତ୍ୟେକ ପଂଚାୟତରେ ଥିବା ଭାଗବତ ଟୁଙ୍ଗି ସହ ମିଳିତ ଭାବରେ କାର୍ଯ୍ୟ କରି ହିନ୍ଦୁ ମାନଙ୍କ ମଧ୍ୟରେ ଜାଗରଣ ଆଣିବା ନିମନ୍ତେ ସମସ୍ତେ ସହଯୋଗ ଓ ସମର୍ପଣ ଭାବ ନେଇ କାମ କରିବାକୁ ନିବେଦନ କରିଥଲେ। ବିଶ୍ୱହିନ୍ଦୁ ପରିଷଦର ଗଞ୍ଜାମ ଜିଲ୍ଲା ସଭାପତି ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଅଜିତ କୁମାର ମହାପାତ୍ର ଭାରତୀୟ ସଂସ୍କୃତିର ସୁରକ୍ଷା ପାଇଁ ଯୁବ ସମାଜ ସଚେତନ ହେବା ସହ ସଂସ୍କାର ପ୍ରଥମେ ପରିବାରରୁ ଆରମ୍ଭ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆଦିତ୍ୟ ବାହିନୀ ସଭାପତି ଶିବଶଙ୍କର ମାଦଳା, ସମ୍ପାଦକ ସନ୍ତୋଷ କୁମାର ସାହୁ, ଉପଦେଷ୍ଟା ଉପେନ୍ଦ୍ର ପାଣିଗ୍ରାହୀ,ବିଜୟ ରାମ ପାଣିଗ୍ରାହୀ, ସଂଜୀବ କୁମାର ପଟ୍ଟନାୟକ, ଗୋପାଳ କୃଷ୍ଣ ପାଢ଼ୀ, ନରସିଂହ ସାହୁ, ରତ୍ନଗର୍ଭା ସରସ୍ୱତୀ ଦେବୀ, କୋଷାଧ୍ୟକ୍ଷ ରାମପ୍ରସାଦ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରଥମେ ଗୁରୁଦେବଙ୍କ ପୂଜା, ଆରତୀ, ପୁଷ୍ପାଞ୍ଜଳି ସମାପନ କରାଯାଇଥିଲା। ଗୁରୁଜୀଙ୍କ ଆଦର୍ଶ ଓ ବାଣୀକୁ ପାଳନ କରିବା ସହିତ ଗଞ୍ଜାମ ଜିଲ୍ଲାର ସମସ୍ତ ଶାଖାକୁ ପୁନର୍ଗଠନ କରାଇ ଗୋସେବା, ଜୀର୍ଣ୍ଣ ମନ୍ଦିର ସୁରକ୍ଷା ଓ ପୁନରୁଦ୍ଧାର , ଅଶ୍ଳିଳତା ଓ କୁସଂସ୍କାର ବିରୋଧରେ ଲଢ଼େଇ ତଥା ଭାରତକୁ ହିନ୍ଦୁ ରାଷ୍ଟ୍ରରେ ପରିଣତ କରାଇବା ଆଦି ବିଷୟକୁ କାର୍ଯ୍ୟକାରି କରିବା ପାଇଁ ଏକ ସମିତି ଗଠନ କରାଯାଇ ସମସ୍ତଙ୍କ ସହଯୋଗ କାମନା କରାଯିବା ସହ ଏ ନେଇ ଆଗାମୀ ଦିନ ନିମନ୍ତେ ଏକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଥିଲା।



କଟକ(ଭାସ୍କର ନ୍ୟୁଜ): ଆସନ୍ତା ୨୬ ତାରିଖ ଗୁରୁବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ଅବସରରେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ବିଶାଳ ରକ୍ତଦାନ ଶିବିର ଆୟୋଜନ କରାଯିବ। ୨୬ ନମ୍ବର ୱାର୍ଡ କର୍ପୋରେଟର ତଥା ବିଜେପି ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ଗଗନ ଓଝାଙ୍କ ନେତୃତ୍ୱରେ ନିମ ସାହି ସ୍ଥିତ ସାଗର ମଣ୍ଡପ ଠାରେ ବିଶାଳ ରକ୍ତଦାନ ଶିବିର ଆୟୋଜନ କରାଯିବ। ଏହି ଶିବିର ପାଇଁ ଆଜି ଶ୍ରୀ ଓଝାଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ୱାର୍ଡ ବିଜେପି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, ବିଜେପି ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକରିନି ସଦସ୍ୟ ଶିବ ନାରାୟଣ ନାୟକ, ସଞ୍ଜୟ ଦାସ, ଧନେଶ୍ୱର ମହାପାତ୍ର, ବିଜୟାନନ୍ଦ ବାରିକ, ପୂର୍ଣ୍ଣଚନ୍ଦ୍ର ମିଶ୍ର, କେଶବ କୁମାର କୁଣ୍ଡୁ, ରାଜେଶ ମହାରଣା, ଆରିଫ ବକ୍ସ, ବିଶ୍ୱଜିତ ସାହୁ, ନିହାର ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଯକ୍ଷ୍ମା ବିରୋଧୀ ଲଢ଼େଇରେ ଭାଗିଦାରୀ ପାଇଁ ରାଜ୍ୟପାଳଙ୍କ ଗୁରୁତ୍ୱ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଯକ୍ଷ୍ମା ବିରୋଧୀ ଲଢ଼େଇରେ ସାମୁହିକ ଉଦ୍ୟମ ଗୁରତତ୍ତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟି କହିଛନ୍ତି । ମଙ୍ଗଳବାର ଦିନ ରାଜଭବନରେ ରାଜ୍ୟରେ ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନର ପ୍ରଗତି ସମ୍ପର୍କରେ ସମୀକ୍ଷା ଅବସରରେ ରାଜ୍ୟପାଳ ଏହା କହିଛନ୍ତି । ଯକ୍ଷ୍ମା ନିରାକରଣ ଦିଗରେ ଜାତୀୟ ଲକ୍ଷ୍ୟ ହାସଲ କରିବାରେ ଗୋଷ୍ଠୀ ସମ୍ପୃକ୍ତି ଏବଂ ସାମାଜିକ ଦାୟିତ୍ୱବୋଧ ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ । ଯକ୍ଷ୍ମା ରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବା ଏବଂ ସେମାନଙ୍କର ପୁଷ୍ଟିକର ଆବଶ୍ୟକତା ପୂରଣ ପାଇଁ ଆର୍ଥିକ ଯୋଗଦାନ ଦେବାକୁ ନାଗରିକମାନଙ୍କୁ ରାଜ୍ୟପାଳ ଅନୁରୋଧ କରିଛନ୍ତି । ଏହି ଅଭିଯାନରେ ବ୍ୟାପକ ଜନ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ତଥା ସଚେତନତା ବୃଦ୍ଧି କରିବା ପାଇଁ ପଦକ୍ଷେପ ସ୍ୱରୂପ ରାଜଭବନ ପକ୍ଷରୁ ୧୦୦ ଜଣ ଯକ୍ଷ୍ମା ରୋଗୀଙ୍କୁ ପୋଷଣ କିଟ୍ ପ୍ରଦାନ କରାଯିବ ବୋଲି କହିଥିଲେ। ଏ ଦିଗରେ ଉଦାହରଣ ଭାବରେ ନେତୃତ୍ୱ ନେବା ଆବଶ୍ୟକ ବୋଲି ରାଜ୍ୟପାଳ କହିଛନ୍ତି । ଏପରି ମହତ ଉଦ୍ଦେଶ୍ୟ ନିମନ୍ତେ ସମର୍ଥନ, ସହଯୋଗ ଏବଂ ସଚେତନତାକୁ ଅଧିକ ବ୍ୟାପକ କରିବା ପାଇଁ ଓଡ଼ିଶାର ସମସ୍ତ ବିଧାୟକ ଏବଂ ସାଂସଦଙ୍କୁ ଚିଠି ଲେଖି ଯକ୍ଷ୍ମା ରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବା, ପୁଷ୍ଟିକର କିଟ୍ ଯୋଗାଇ ନିଜ ନିଜ ନିର୍ବାଚନମଣ୍ଡଳୀରେ ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିବେ ବୋଲି ରାଜ୍ୟପାଳ କହିଛନ୍ତି । ଏତଦବ୍ୟତୀତ ବିଶ୍ୱବିଦ୍ୟାଳୟର ଭାଇସ୍-ଚାନସେଲର , ଅଧ୍ୟାପକ, ସାମାଜିକ ସଂଗଠନ ଏବଂ ଜନହିତୈଷି ଅନୁଷ୍ଠାନ ମାନେ ଯକ୍ଷ୍ମା ରୋଗୀଙ୍କୁ ଗ୍ରହଣ କରିବା ସହିତ ପୁଷ୍ଟିକର କିଟ୍ ଯୋଗାଇବା ନିମନ୍ତେ ଅନୁରୋଧ କରାଯିବ ବୋଲି ରାଜ୍ୟପାଳ କହିଛନ୍ତି । ଯକ୍ଷ୍ମା ନିରାକରଣ ପାଇଁ କେବଳ ସରକାରଙ୍କ ପ୍ରୟାସ ନୁହେଁ, ବରଂ ପ୍ରତ୍ୟେକ ସ୍ତରରେ ବ୍ୟକ୍ତି, ଅନୁଷ୍ଠାନ ଏବଂ ନାଗରିକ ସମାଜକୁ ନେଇ ଏକ ସାମୂହିକ ସାମାଜିକ ଆନ୍ଦୋଳନ ଆବଶ୍ୟକ ବୋଲି ରାଜ୍ୟପାଳ କହିଛନ୍ତି । ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର କମିଶନର- ତଥା ଶାସନ ସଚିବ ଅଶ୍ୱତୀ ଏସ୍ ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଅଭିଯାନରେ ଯକ୍ଷ୍ମା ରୋଗୀ ଚିହ୍ନଟ, ଚିକିତ୍ସା ଏବଂ ଜନସାଧାରଣଙ୍କ ସହଭାଗୀତାରେ ରାଜ୍ୟର ଅଗ୍ରଗତି ସମ୍ପର୍କରେ ଏକ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ.ବି.ଏସ. ରାଜପୁତ, ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନଏଚଏମ.) ଓଡିଶାର ମିଶନ ନିର୍ଦ୍ଦେଶକ ଡକ୍ଟର ବୃନ୍ଦା ଡିଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ବୈଠକରେ ଉପସ୍ଥିତ ଥିଲେ।



**ମୁଖ୍ୟମନ୍ତ୍ରୀଙ୍କୁ ବାସଭବନରେ ସାକ୍ଷାତ କଲେ ରାଜ୍ୟପାଳ**


# ରାଜ୍ୟପାଳଙ୍କୁ ଓଡ଼ିଶା ଭିଜନ ୨୦୩୬-୨୦୪୭ ପ୍ରଦାନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟ ସରକାରଙ୍କ ପ୍ରଥମ ବର୍ଷର ସଫଳତା ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଛନ୍ତି । ଏହି ଅବସରରେ ରାଜ୍ୟପାଳ ଶ୍ରୀ କମ୍ଭମପାଟି କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ମାର୍ଗ ଦର୍ଶନରେ ମୁଖ୍ୟମନ୍ତ୍ରୀ ରାଜ୍ୟ ପ୍ରଶାସନର ନେତୃତ୍ୱ ନେଇ ପ୍ରଥମ ବର୍ଷରେ ଅନେକ ଲୋକାଭିମୁଖୀ ଯୋଜନା ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି । ରାଜ୍ୟ ସରକାରଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ରାଜ୍ୟର ଅନେକ ବିକାଶମୂଳକ ଯୋଜନା ସମ୍ପର୍କରେ ମଧ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟପାଳଙ୍କୁ ଓଡିଶା ଭିଜନ- ୨୦୩୬ ଓ ୨୦୪୭ ପ୍ରଦାନ କରିଥିଲେ ଏବଂ ସମୃଦ୍ଧ ଓଡିଶା ଗଠନ ପାଇଁ ସରକାରଙ୍କ ରୋଡମ୍ୟାପ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ।

# ମାଷ୍ଟର ଟ୍ରେନରଙ୍କ ନିମନ୍ତେ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନରଙ୍କ ନିମନ୍ତେ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା, କନ୍‌ଫରେନ୍ସ ହଲ୍‌ରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏହି ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ସହରାଞ୍ଚଳଗୁଡ଼ିକର ସ୍ଥାୟୀ ଏବଂ ସାମଗ୍ରୀକ ବିକାଶ ନିମନ୍ତେ ପ୍ରଣୀତ ବିଭିନ୍ନ ସରକାରୀ ଯୋଜନା ଏବଂ ଅଭିଯାନ ସମ୍ପର୍କରେ ଅବଗତ କରାଗଲା। ଏହି ତାଲିମ ପ୍ରାପ୍ତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷକମାନେ ଆଗାମୀ ଦିନରେ ଜିଲ୍ଲାସ୍ତରରେ କାଉନସିଲର ଏବଂ କର୍ପୋରେଟରଙ୍କୁ ଏହି ସବୁ ସରକାରୀ ଯୋଜନା ସମ୍ପର୍କରେ ସୂଚିତ କରିବେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଏହି କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସରକାରୀ ଯୋଜନାଗୁଡ଼ିକ ବାବଦରେ ସଠିକ୍ ସୂଚନା ଜିଲ୍ଲାସ୍ତରରେ ପହଞ୍ଚାଇବା ପାଇଁ ସେ ମାଷ୍ଟର ଟ୍ରେନରମାନଙ୍କୁ ପରାମର୍ଶ ଦେଇଥିଲେ। ତାଙ୍କ ଉଦବୋଧନରେ ଶ୍ରୀମତୀ ପାଢୀ ସହରାଞ୍ଚଳ ପରିଚାଳନାରେ ଏକ ଆଦର୍ଶଗତ ପରିବର୍ତ୍ତନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ଅରିନ୍ଦମ ଡାକୁଆ, ପୌର ନିର୍ଦ୍ଦେଶକ, ସ୍ୱାୟତ ଶାସନ ସଂସ୍ଥା ଗୁଡ଼ିକର ଦାୟିତ୍ୱ, ବିକଶିତ ଓଡ଼ିଶା ୨୦୩୬ ଗଠନ ଦିଗରେ ସେମାନଙ୍କ ଭୂମିକା ସମ୍ପର୍କରେ ଅବଗତ କରିଥିଲେ। ଅତିରିକ୍ତ ସଚିବ ଶତ୍ରୁଘ୍ନ କର, ଯୁଗ୍ମ ସଚିବ ସରୋଜ କୁମାର ଦାସ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ରବିନ୍ଦ୍ର କୁମାର ସାହୁ, ଅତିରିକ୍ତ ସଚିବ ତଥା ପ୍ରକଳ୍ପ ନିର୍ଦ୍ଦେଶକ ସୁଡା ଆଜିର ଏହି କାର୍ଯ୍ୟକ୍ରମ ଆରମ୍ଭରେ ସ୍ୱାଗତ ଭାଷଣ ରଖିଥିବା ବେଳେ ଜିଲ୍ଲା ଉନ୍ନୟନ ସଂସ୍ଥା ପ୍ରତିନିଧି, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଇଞ୍ଜିନିୟରମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।



# ବିଧାନସଭାରେ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧ ଦିବସ ପାଳିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଧାନସଭାରେ ପାଳନ ହୋଇଛି ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧ ଦିବସ । ବାଚସ୍ପତି, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ସମେତ ଅନ୍ୟାନ୍ୟ ବରିଷ୍ଠ ନେତୃତ୍ୱ ଉପସ୍ଥିତ ରହିଥିଲେ । ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିବା ସହ ତାଙ୍କ ସ୍ମୃତି ଚାରଣ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ତାଙ୍କର ଅବଦାନ ଓଡ଼ିଶା ପାଇଁ ଅନନ୍ୟ । ସେ ଓଡ଼ିଶା ପାଇଁ ଏକ ସ୍ରଷ୍ଟା ଥିଲେ । ଆମ ରାଜ୍ୟର ସଂଗ୍ରାମୀ ମଣିଷ ନବକୃଷ୍ଣ ଚୌଧୁରୀ ।



# ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକା ଉନ୍ମୋଚିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କଳିଙ୍ଗ ଷ୍ଟାଡିଅମ ଭିତରେ ମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକାକୁ ଉନ୍ମୋନ କରିଛନ୍ତି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ଏହି ଅବସରରେ ଓଡିଆ ଅସ୍ମିତା ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଉପରେ ସଂସ୍କୃତି ବିଭାଗ, ଓଡିଶା ସାହିତ୍ୟ ଏକାଡେମୀ ଓ ଉତ୍କଳ ସମ୍ମିଳନୀ ମିଳିତ ଭାବରେ କାମ କରିବା ପାଇଁ ମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ । ଉତ୍କଳ ସମ୍ମିଳନୀ ପକ୍ଷରୁ ମନ୍ତ୍ରୀଙ୍କୁ ଉତରୀୟ ଓ ମଧୁବାବୁଙ୍କ ଫଟୋ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଉତ୍କଳ ସମ୍ମିଳନୀ ସଭାପତି ଅନନ୍ତ ପ୍ରସାଦ ଜେନା, ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ସମାଚାର ପତ୍ରିକାର ମୁଖ୍ୟ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା, ଶାଖା ଉପଦେଷ୍ଟା ନିରଞ୍ଜନ ଦାଶ ଓ ନିମାଇଁ ଚରଣ ଦାସଙ୍କ ସହିତ ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି କାର୍ଯ୍ୟକ୍ରମରେ ଭାଗନେଇଥିଲେ ।

# କ୍ୟାପିଟାଲ ହସ୍ପିଟାଲ ପରିସରରେ ଥିବା ହୋଟେଲରେ ରେଡ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ପରିସରରେ ଥିବା ହୋଟେଲ୍ ରେ ରେଡ। ବିଏମ୍‌ସି ଓ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ମିଳିତ ଚଢାଉ କରାଯାଉଛି । ହସ୍ପିଟାଲ ଭିତରେ ଥିବା ୩ ଟି ହୋଟେଲ ରେଡ କରି ଫାଇନ କରିଛି ବିଏମ୍‌ସି। ହୋଟେଲରେ ଅସ୍ୱାସ୍ଥ୍ୟକର ପରିବେଶ ଭିତରେ ହେଉଥିଲା ରୋଷେଇ, ଖାଦ୍ୟରେ ମିଶିଥିଲା ରଙ୍ଗ । ସବୁ ଖାଦ୍ୟରେ ମାଛି ଭଣଭଣ। ଯାହାକୁ ଦେଖି ରାଗି ଯାଇଥିଲେ ଖାଦ୍ୟ ସୁରକ୍ଷା ଅଫିସର। ଖାଦ୍ୟ ନଷ୍ଟ କରିବା ସହ ଫାଇନ କରିଛି ବିଭାଗ ତାସହିତ ଗୋଟିଏ ହୋଟେଲକୁ ସିଜ୍ କଲା ବିଏମସି । ତାଗିଦ କରିବା ସହ ଆଗାମୀ ଦିନରେ ଏଭଳି କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବ ବିଭାଗ। ସେହିଭଳି ହସ୍ପିଟାଲ ବାହାରେ ଥିବା ଫାଷ୍ଟଫୁଡ ଦୋକାନରେ ରେଡ କରିଛି ବିଏମସି। ରଙ୍ଗ ମିଶା ବିରିୟାନି, ରଙ୍ଗ ମିଶା ବରା ପିଆଜିକୁ ନଷ୍ଟ କରାଯାଇଛି । ସୁସ୍ଥ ପରିବେଶ ଭିତରେ ଖାଦ୍ୟ ପରଷିବା ପାଇଁ ତାଗିଦ କରିଛି ଖାଦ୍ୟ ସୁରକ୍ଷା ବିଭାଗ ।

# ରୋଟାରୀ ରୟାଲ୍‌ର ଡିଜି ଓସିଭି କାର୍ଯ୍ୟକ୍ରମ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ରୟାଲ୍ ଆନୁକୂଲ୍ୟରେ ନ୍ତପ୍ରାନ୍ତପାଳଙ୍କ ଅଧିକାରୀକ କ୍ଲବ୍ ପରିଦର୍ଶନ' କାର୍ଯ୍ୟକ୍ରମ କ୍ଲବ୍ ସଭାପତି ବିଭୂତି ଭୂଷଣ କରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ଦିବସ ବ୍ୟାପୀ ଏହି କାର୍ଯ୍ୟକ୍ରମ ଅବସରରେ, ପୂର୍ବାହ୍ନରେ ସୁନ୍ଦରପଦା ଛକରେ ଏକ ନ୍ତରୋଟାରୀ ପିସ୍ ପୋଲ' ପ୍ରତିଷ୍ଠା କରାଯାଇଥିଲା, ରୋଟାରୀର 'ସ୍ୱାବଲମ୍ବୀ' ଯୋଜନା ମାଧ୍ୟମରେ ପୋଖରୀପୁଟ ସ୍ଥିତ ଜଣେ ହିତାଧିକାରୀଙ୍କୁ ବ୍ୟବସାୟିକ ଟ୍ରଲି ପ୍ରଦାନ କରାଯାଇଥିଲା, ରୋଟାରୀ ରୟାଲ୍ ଚକ୍ଷୁ ଚିକିତ୍ସାଳୟର ପରିବର୍ଦ୍ଧିତ ଶାଖା କାର୍ଯ୍ୟାଳୟର ଉଦ୍‌ଘାଟନ ହେବା ସହ ରାଜ୍ୟର ବିଭିନ୍ନ ସ୍ଥାନରୁ ଅଣାଯାଇ ଚକ୍ଷୁ ଅସ୍ତ୍ରୋପଚାର କରାଯାଇଥିବା ପଚିଶ ଜଣଙ୍କୁ ଉପଚାର ସାମଗ୍ରୀ ଦିଆଯାଇଥିଲା। ଏଥିରେ କ୍ଲବ୍‌ର ସମସ୍ତ ସଦସ୍ୟଙ୍କ ଗହଣରେ ପ୍ରାନ୍ତପାଳ ଯଜ୍ଞାଶିଷ୍ ମହାପାତ୍ର, ପରବର୍ତ୍ତୀ ପ୍ରାନ୍ତପାଳ ଅନିଲ୍ ସାମଲ ଓ ସ୍ଥାନୀୟ କର୍ପୋରେଟର ମଧୁସ୍ମିତା ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ । ଭୁବନେଶ୍ୱର ସ୍ଥିତ ଏକ ତାରକା ହୋଟେଲରେ ସଭାପତି ଶ୍ରୀ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅଧିବେଶନରେ ପ୍ରାନ୍ତପାଳ ଯଜ୍ଞାଶିଷ୍ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚଳିତ ରୋଟାରୀ ବର୍ଷରେ କ୍ଲବ୍ ପକ୍ଷରୁ ସମ୍ପାଦିତ ହୋଇଥିବା ବିଭିନ୍ନ ସେବା ପ୍ରକଳ୍ପର ଭୂୟସୀ ପ୍ରଶଂସା କରିଥିଲେ। କ୍ଲବ୍ ସମ୍ପାଦକ ଆଶିଷ ପରିଡ଼ା ବାର୍ଷିକ ସେବା କାର୍ଯ୍ୟର ବୀବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ କ୍ଲବ୍‌ର ସଦସ୍ୟମାନେ ସାମାଜିକ ସେବାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ରୋଟାରୀ ଫାଉଣ୍ଡେସନକୁ ପଚିଶ ହଜାର ଡ଼ଲାର ଅର୍ଥରାଶି ପ୍ରଦାନ କରିବାକୁ ସଂକଳ୍ପ ଘୋଷଣା କରିଥିଲେ। ରୋଟାରୀ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରୋଟାରୀୟାନ୍ ଅମରେନ୍ଦ୍ରନାଥ ଦାସ, ପ୍ରଦୀପ ଦାସ, ସଂଜୟ ଚୋଧୁରୀ, ପ୍ରସନ୍ନ ଲେଙ୍କା, ସୁକୁମାର ପଟ୍ଟନାୟକ, ଅଜୟ ପଟ୍ଟନାୟକ, ଦୀପକ୍ ସେହଗଲ୍, ପ୍ରଶାନ୍ତ ସାହୁ, କୁଳଦୀପ୍ ରଥ,ପ୍ରତାପ ଚୋଧୁରୀ, ସ୍ମରଣ ମିଶ୍ର, ବିଶ୍ୱଜିତ ମିଶ୍ର,ବିଶ୍ୱ ମୋହନ ପଟ୍ଟନାୟକ, ପରମାନନ୍ଦ ମିଶ୍ର, ରମେଶ କେଜ୍ରିୱାଲ,ରୁମାଲ ସେହଗଲ୍, କାଦମ୍ବିନୀ ରଥ, ବିଜୟ ଅଗ୍ରୱାଲ ପ୍ରମୁଖଙ୍କୁ କ୍ଲବ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସଭାପତି ଅର୍ଜୁନ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ବେଆଇନ ମଦ ବିକ୍ରି ଓ ବିଷାକ୍ତ ମାଦକ ଦ୍ରବ୍ୟ କାରବାର ଘଟଣା**

# ବର୍ଷକରେ ୫୮,୪୨୯ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାରେ ବେଆଇନ ମଦ ବିକ୍ରି ତଥା ନିଶା ଓ ବିଷାକ୍ତ ମାଦକ ଦ୍ରବ୍ୟ କାରବାର ବିରୋଧରେ ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏ ନେଇ ୨୦୨୪-୨୫ ଆର୍ଥିକ ବର୍ଷରେ ୭୩,୭୭୪ଟି ମାମଲା ରୁଜୁ ହୋଇଥିଲାବେଳେ ୫୮,୪୨୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହି ଅବଧି ମଧ୍ୟରେ ଅବକାରୀ ବିଭାଗ ପକ୍ଷରୁ ରାଜକ୍ରରେ ପ୍ରାୟ ୨୮ ଲକ୍ଷ ବଲ୍କ ଲିଟର ବିଷାକ୍ତ ମଦ, ୩୪,୬୭୯ କିଲୋଗ୍ରାମ ଗଞ୍ଜେଇ, ୨୮,୫୭୫ ଗ୍ରାମ ବ୍ରାଉନସୁଗାର ଏବଂ ୩,୯୭,୭୨୫ କିଲୋଗ୍ରାମ ମହୁଲ ଫୁଲ ଜବତ ହୋଇଛି। ଏହାସହ ରାଜ୍ୟର ବିଭିନ୍ନ ଅଞ୍ଚଳରେ ୯,୪୧୮ ଏକର ଜମିରେ ୧ କୋଟି ୨୭ ଲକ୍ଷ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି।

## ନବକୃଷ୍ଣ ଚୌଧୁରୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ।

## ଡାଇରିଆ ମୁକାବିଲା
# ୩୦ ଜିଲ୍ଲାର ୯୮ ପ୍ରତିଶତ ପାନୀୟଜଳ ବିଶୋଧନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଡାଇରିଆ ସ୍ଥିତିକୁ ନେଇ ପଞ୍ଚାୟତରାଜ ଏବଂ ପାନୀୟ ଜଳ ବିଭାଗ ତତ୍ପରତା ଦେଖାଇଛି । ୩୦ ଜିଲ୍ଲାର ୯୮ ପ୍ରତିଶତ ପାନୀୟଜଳ ବିଶୋଧନ କରି ସାରିଲାଣି ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗ । ଏନେଇ ବିଭାଗୀୟ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି । ୨ ଦିନ ଭିତରେ ସମସ୍ତ ପାନୀୟ ବିଶୋଧନ କାମ ସରିବ । ୫ ଲକ୍ଷ ୪୦ ହଜାର ଟ୍ୟୁବେଲ ଏବଂ ୧୫୦୦୦ ଓଏସଟି ବିଶୋଧନ ହୋଇଛି । ୨୧୦୦୦ ବୋରୱେଲ ମଧ ବିଶୋଧନ କରାଯାଇଛି । ଘରୋଇ ଓପନ ୱେଲ ବି ବିଶୋଧନ କରିଛୁ । ହଇଜା ସ୍ଥିତିକୁ ଦେଖି ବିଭାଗ ତତ୍ପରତା ସହ କାମ କରୁଛି ବୋଲି ମନ୍ତ୍ରୀ କହିଛନ୍ତି ।

# ଅଧ୍ୟାପିକା ଅନୁଶ୍ରୀୟା ସାହୁଙ୍କ ପିଏଚ୍‌ଡି ଲାଭ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପିକା ଅନୁଶ୍ରୀୟା ସାହୁ ସମ୍ମାନଜନକ ପିଏଚ୍‌ଡି ଲାଭ କରିଛନ୍ତି। ସେ ରମାଦେବୀ ବିଶ୍ୱବିଦ୍ୟାଳୟର ଗୃହ ବିଜ୍ଞାନ ବିଭାଗ ପ୍ରଫେସର ଡକ୍ଟର ଚନ୍ଦ୍ରଶ୍ରୀ ଲେଙ୍କାଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ଅଧ୍ୟାପିକା ଶ୍ରୀମତୀ ସାହୁଙ୍କ ସନ୍ଦର୍ଭ 'କ୍ୱାଲିଟି ଇଭାଲୁଏସନ୍ ଅଫ୍ ଭାଲ୍ୟୁ ଆଡେଡ୍ ଫୁଡ୍ ପ୍ରଡକ୍ଟସ୍ ଡେଭଲପ୍‌ଡ ବାଇ ଇନ୍‌କର୍ପୋରେସନ୍ ଅଫ୍ ବାନାନା ପିଲ୍ସ ଇନ୍ ଓଡ଼ିଶା'ଟି ୟୁଜିସି ହ୍ୟୁମାନ୍ ରିସର୍ଚ୍ଚ ଡେଭଲପମେଣ୍ଟ ସେଣ୍ଟରର ପ୍ରଫେସର ଡକ୍ଟର ରେଖା ଶର୍ମା ନାୟକ ଏବଂ ରାଜେନ୍ଦ୍ର ପ୍ରସାଦ ସେଣ୍ଟ୍ରାଲ ୟୁନିଭର୍‌ସିଟି, ଖାଦ୍ୟ ଓ ପୋଷଣ ବିଭାଗ ମୁଖ୍ୟ ପ୍ରଫେସର ଡକ୍ଟର ଉଷା ସିଂହଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚପ୍ରଶଂସିତ ହୋଇଛି। ଡକ୍ଟର ସାହୁ ଏହି ସମ୍ମାନର ଶ୍ରେୟ ତାଙ୍କ ପିତାମାତା, ଶାଶୂ, ଶ୍ୱଶୁର, ସ୍ୱାମୀ, ପରିବାରବର୍ଗ, ସହକର୍ମୀ ଅଧ୍ୟାପିକା, ବନ୍ଧୁଙ୍କୁ ଅର୍ପଣ କରିବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଦୁଇ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କଲେ କ୍ରୀଡ଼ାମନ୍ତ୍ରୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏସିଆନ୍ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ ଚାମ୍ପିଅନସିପ୍- ୨୦୨୫ରେ କାଂସ୍ୟ ପଦକ ଜିତିଥିବା କ୍ରୀଡ଼ାବିତ୍ ପ୍ରଣତୀ ନାୟକ ଏବଂ ୩୮ତମ ନ୍ୟାସନାଲ୍ ଅଣ୍ଡର- ୯ ଚେସ୍ ଚାମ୍ପିଅନସିପ୍‌ରେ (୩୮ତମ ଜାତୀୟ ୯ବର୍ଷରୁ କମ୍ ଚେସ୍ ଚାମ୍ପିଅନସିପ୍) ସଫଳତା ଅର୍ଜନ କରିଥିବା ସାତ୍ୱିକ ସ୍ୱାଇଁଙ୍କୁ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି। କ୍ରୀଡ଼ାବିତ୍ ପ୍ରଣତୀ ନାୟକଙ୍କୁ ୭୫,୦୦୦ ଟଙ୍କା ଏବଂ ସାତ୍ୱିକ ସ୍ୱାଇଁଙ୍କୁ ୩୦,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଭୟ କ୍ରୀଡ଼ାବିତ୍ ଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏଥିସହିତ ଆଗାମୀ ଭବିଷ୍ୟତରେ ମଧ ଏହି ବିଜୟର ଯାତ୍ରା ଜାରି ରଖିବା ପାଇଁ କ୍ରୀଡ଼ାବିତ୍ ଙ୍କୁ ପ୍ରେରିତ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା, ଯୁଗ୍ମ ଶାସନ ସଚିବ ବିଜୟାନନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।





"ପୁସ୍ତକ ହିଁ ସତ୍ ଚରିତ୍ର ଗଠନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।"

-ସ୍ୱାମୀ ବିବେକାନନ୍ଦ



"ଅସାଧୁ ହୁଅଇ ସାଧୁ ସାଧୁର ସଙ୍ଗରେ ନିର୍ମଳ ପଙ୍କିଳ ଜଳ ନିର୍ମଳ ଯୋଗରେ।"

-ମଧୁସୂଦନ ରାଓ



## ଆଶଙ୍କା ସତ୍ୟ ପ୍ରମାଣିତ !

# ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ଟ୍ରମ୍ପଙ୍କ ଲମ୍ଫ ପ୍ରଦାନ

ଯାହା ଆଶଙ୍କା କରାଯାଉଥିଲା, ଶେଷରେ ତାହା ସତ୍ୟ ପ୍ରମାଣିତ ହୋଇଛି। ଗତ ୧୩ ତାରିଖରୁ ଆରମ୍ଭ ହୋଇଥିବା ଇସ୍ରାଏଲ୍-ଇରାନ୍ ଯୁଦ୍ଧକୁ ଲମ୍ଫ ପ୍ରଦାନ କରିଛି ବିଶ୍ୱର ପ୍ରଥମ ମହାଶକ୍ତି ଯୁକ୍ତରାଷ୍ଟ୍ର ଆମେରିକା। ଗୋଟିଏ ପଟେ ଶାନ୍ତିର ମନ୍ତ୍ର ଉଚ୍ଚାରଣ କରୁଥିବା ଆମେରିକାର ସର୍ବଶକ୍ତିମାନ ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ୍ ରବିବାର ଏହି ଯୁଦ୍ଧରେ ସିଧାସଳଖ ସାମିଲ ହେବା ଫଳରେ ସମଗ୍ର ମଧ୍ୟପ୍ରାଚ୍ୟ ଅଶାନ୍ତ ହୋଇଉଠିଛି ଏବଂ ତୃତୀୟ ବିଶ୍ୱଯୁଦ୍ଧର କଳା ବାଦଲ ଘନେଇ ଆସିଲା ଭଳି ମନେହେଉଛି। ଇରାନ୍- ଇସ୍ରାଏଲ୍ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧରେ ଆମେରିକା ଯୋଗ ଦେବ କି ନାହିଁ ସେ ସଂପର୍କରେ ନିଷ୍ପତ୍ତି ନେବାକୁ ଟ୍ରମ୍ପ୍ ଦୁଇ ସପ୍ତାହ ସମୟ ନେଇଥିଲେ ହେଁ ଦୁଇଦିନ ମଧ୍ୟ ଅପେକ୍ଷା କରିପାରିଲେ ନାହିଁ ଏବଂ ରବିବାର ସକାଳୁ ଅଚାନକ ଭାବରେ ଇରାନ୍‌ର ତିନୋଟି ଆଣବିକ କେନ୍ଦ୍ର ଉପରେ ବୋମା ଓ କ୍ଷେପଣାସ୍ତ୍ର ମାଡ କରି ତାକୁ ଧ୍ୱଂସ କରିଦେଇଛନ୍ତି। ଆମେରିକାର ଆକ୍ରମଣକୁ ରୁଷ୍, ଚୀନ୍ ଓ ପାକିସ୍ତାନ ସମେତ ବହୁ ରାଷ୍ଟ୍ର ନିନ୍ଦା କରିଥିବାବେଳେ ବ୍ରିଟେନ୍ ସମର୍ଥନ ଜଣାଇଛି। ଆମେରିକା ଭଳି ସାମରିକ ଦୃଷ୍ଟିରୁ ଅତ୍ୟନ୍ତ ଶକ୍ତିଶାଳୀ ଦେଶର ମୁକାବିଲା କରିବାକୁ ଇରାନ୍ ଏବେ ରୁଷ୍‌ର ସହାୟତା ଲୋଡ଼ିବା ସହିତ ଏହାର ପ୍ରତିଶୋଧ ନେବାକୁ ଧମକ ଦେଇଛି। ଇରାନ୍‌ର ଧମକକୁ ଦୃଷ୍ଟିରେ ରଖି ରାଜଧାନୀ ୱାଶିଂଟନ୍ ଡିସି ଏବଂ ନ୍ୟୁୟର୍କ ସମେତ ଆମେରିକାର ଅନେକ ସହରରେ କଡା ସତର୍କତା ଜାରି କରାଯାଇଛି। ଇରାନ୍-ଇସ୍ରାଏଲ ଯୁଦ୍ଧରେ ଆମେରିକା ସାମିଲ ହୋଇଥିବାର ରାଷ୍ଟ୍ରପତି ଟ୍ରମ୍ପ୍ ନିଜେ ସୂଚନା ଦେବା ସଂଗେସଂଗେ ଏହାର ସାତଟି ଯୁଦ୍ଧ ବିମାନ ଇରାନ୍ ଭିତରେ ପ୍ରବେଶ କରି ତିନୋଟିଯାକ ପରମାଣୁ କେନ୍ଦ୍ରକୁ ସଂପୂର୍ଣ୍ଣ ଧ୍ୱଂସ କରିଦେଇଥିବାର ଦାବି କରିଛନ୍ତି। ଏହି ଆକ୍ରମଣ ପ୍ରାୟ ୨୫ ମିନିଟ୍ ଧରି ଚାଲିଥିଲା ଏବଂ ଆମେରିକା ଭୂଖଣ୍ଡରୁ ୧୧ ହଜାର ୪୦୦ କିଲୋ ମିଟର ଦୂରକୁ ଉଡି ଆସି ଯୁଦ୍ଧ ବିମାନଗୁଡିକ ବୋମା ଓ କ୍ଷେପଣାସ୍ତ୍ର ମାଡ କରି ପୁଣି ଫେରି ଯାଇଥିଲେ। ଆମେରିକା ପ୍ରତ୍ୟକ୍ଷ ଭାବରେ ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ଝାସ ଦେବା ଫଳରେ କୂଟନୈତିକ କ୍ଷେତ୍ର ପ୍ରଭାବିତ ହେବା ସଂଗେସଂଗେ ବିଶ୍ୱ ତୈଳ ବଜାରରେ ଅସ୍ଥିରତା ସୃଷ୍ଟି ହେବାର ଆଶଙ୍କା ଘନୀଭୂତ ହୋଇଛି। କାରଣ ବର୍ତ୍ତମାନ ସ୍ଥିତିରେ କ୍ଷୁବ୍ଧ ଇରାନ୍ ହରମୁଜ ପ୍ରଣାଳୀକୁ ବନ୍ଦ କରିଦୋବକୁ ଧମକ ଦେଇଛି। ଆରବ ସାଗର ଓ ଭାରତ ମହାସାଗର ସହିତ ପାରସ୍ୟ ଉପସାଗରକୁ ସଂଯୋଗ କରୁଥିବା ଏହି ସଂକୀର୍ଣ୍ଣ ସମୁଦ୍ର ପଥ ଦେଇ ଅଶୋଧିତ ତୈଳ ଯୋଗାଣ କରାଯାଇଥାଏ। ସମଗ୍ର ବିଶ୍ୱର ୨୦ ପ୍ରତିଶତ ତୈଳ ଓ ଗ୍ୟାସ୍ ଏହି ପଥ ଦେଇ ଆସୁଥିବା ସ୍ଥଳେ ଏହାକୁ ଇରାନ୍ ବନ୍ଦ କରିଦେଲେ ଭାରତ ଓ ଚୀନ୍ ସମେତ ଏସୀୟ ଦେଶଗୁଡିକ ଭୀଷଣ ଭାବରେ କ୍ଷତିଗ୍ରସ୍ତ ହେବେ। ଆମ ଭାରତକୁ ଏହି ସମୁଦ୍ର ପଥରେ ପ୍ରତିଦିନ ୨୦ ଲକ୍ଷ ବ୍ୟାରେଲ ଅଶୋଧିତ ତୈଳ ଆସୁଥିବାରୁ ଏହା ବନ୍ଦ ହେଲେ ପେଟ୍ରୋଲ୍ , ଡିଜେଲ୍ ଓ ଜାଳେଣି ଗ୍ୟାସ୍ ଭଳି ସାମଗ୍ରୀର ମୂଲ୍ୟ ଆକାଶଛୁଆଁ ହେବା ନିଶ୍ଚିତ ବୋଲି କୁହାଯାଉଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବିଭୀଷିକାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇରାନ୍ ରାଷ୍ଟ୍ରପତିଙ୍କ ସହ ଟେଲିଫୋନ୍‌ରେ କଥାବାର୍ତ୍ତା କରିଛନ୍ତି। ଉତ୍ତେଜନାକୁ ହ୍ରାସ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସେ ଇରାନ୍ ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେଇଥିବାର ଜଣାପଡିଛି। ସେପଟେ ଜାତିସଂଘ ନିରାପତ୍ତା ପରିଷଦରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ବନ୍ଦ ପାଇଁ ରୁଷ୍, ଚୀନ୍ ଓ ପାକିସ୍ତାନ ତୁରନ୍ତ ଅସ୍ତ୍ର ବିରତି ଲାଗୁ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଆମେରିକା ହଠାତ୍ ଇରାନ୍- ଇସ୍ରାଏଲ ଯୁଦ୍ଧରେ ସାମିଲ ହେବାରୁ ପ୍ରତିକ୍ରିୟାଶୀଳ ହୋଇପଡିଥିବା ଇରାନ୍ ମଧ୍ୟପ୍ରାଚ୍ୟରେ ଥିବା ଆମେରିକାର ସେନା ଘାଟିଗୁଡିକୁ ଟାର୍ଗେଟ କରି କ୍ଷେପଣାସ୍ତ୍ର ମାଡ ଆରମ୍ଭ କରିଛି। ସାମଗ୍ରିକ ଭାବରେ ଏହି ଯୁଦ୍ଧର ସୁଦୂରପ୍ରସାରୀ ପ୍ରଭାବ ଆଗାମୀ ଦିନରେ ସାରା ବିଶ୍ୱରେ ଅନୁଭୂତ ହେବାକୁ ଯେ ଯାଉଛି, ଏଥିରେ ସନ୍ଦେହ ନାହିଁ।

# ଶ୍ରୀମନ୍ଦିରରେ ଅଣସର ନୀତି



ବ୍ରଜକିଶୋର ଦାଶ
ପୁରୀ
ମୋ: ୯୪୩୭୬୩୩୯୨୨

ସ୍ନାନପୂର୍ଣ୍ଣମୀ ଦିନ ସ୍ନାନବେଦୀରୁ ଠାକୁରମାନେ ବାହୁଡିବା ଠାରୁ ଆଷାଢ ଅମାବାସ୍ୟା ପର୍ଯ୍ୟନ୍ତ ପନ୍ଦର ଦିନକୁ ଅନବସର ବା ଅଣସର କୁହାଯାଏ । ଏହି ପନ୍ଦର ଦିନ ଶ୍ରୀବିଗ୍ରହମାନଙ୍କର ଦର୍ଶନ ନିଷେଧ । ଠାକୁରମାନେ ସ୍ନାନବେଦୀରେ ବିଜେ କଲାପରେ ରାଘବଦାସ ମଠ, ଅଣସର ପିଣ୍ଡିରେ ଗୋଟିଏ କାଠର କନକ ମୁଣ୍ଡି ଓ ପ୍ରଭା ପ୍ରସ୍ତୁତ କରିଥାନ୍ତି । ସ୍ନାନମଣ୍ଡପରୁ ବାହୁଡି ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ ଓ ସୁଭଦ୍ରା ଏଠାରେ ବିଜେ ହୁଅନ୍ତି । ଏହି ସମୟରେ ମହାପ୍ରଭୁ ଅବସ୍ଥାନ କରୁଥିବା ସ୍ଥଳକୁ ଅନବସର ଗୃହ (ଅଣସର ଗୃହ) ଓ ସେହି ସମୟକୁ ବା କାଳକୁ ଅନବସର କାଳ ବୋଲି କୁହାଯାଏ। ଏହାପରେ ଦଇତାପତିମାନେ ତିନିବାଡରେ ଲାଗି ହୋଇଥିବା ରାହୁରେଖା, ଶ୍ରୀଜଗନ୍ନାଥଙ୍କ ହୀରା ଚିତା, ଶ୍ରୀବଳଭଦ୍ରଙ୍କର ନୀଳା ଚିତା ଓ ଶ୍ରୀସୁଭଦ୍ରାଙ୍କର ମାଣିକ୍ୟ ଚିତା ବାହାରକରି ଦେଇଥାନ୍ତି । ଋଙ୍ଗଡା ମେକାପ ଦେଇଥିବା ଶ୍ରୀକାପାଡାରେ ତାକୁ ଭଲଭାବରେ ବାନ୍ଧି ମଦନମୋହନ ମୁଦରେ ମୁଦଦେଇ ଭଣ୍ଡାର ମେକାପକୁ ଦେଲେ ସେ ଭଣ୍ଡାରଘରେ ନେଇ ରଖିଥାନ୍ତି ।

କୋଠସୁଆଁସିଆମାନେ ଅଣସରପିଣ୍ଡି ଋରିପାଖେ ବାଉଁଶ ତାଟି ବେଢାଇ ଭିତର ପରି ତିଆରି କରି ଧୁକୁଡିଦ୍ୱାର ପାଖରେ ସେବକମାନଙ୍କ ଯିବାଆସିବା ପାଇଁ ଗୋଟିଏ ଋେରାବାଟ ରଖନ୍ତି । ଜଗମୋହନରେ ଥିବା ବଡ ଖଟ ସୁଆଁସିଆମାନେ ତାଟି ବାହାର ପଟକୁ ପକାନ୍ତି ଓ ଖଟର ଋରିପାଖରେ ମାଟିର ବନ୍ଧ ଦିଆଯାଏ । ଏଥିପୂର୍ବରୁ ଘଣ୍ଟ, ଛତା ଓ କାହାଳୀ ସହ ତିନିବାଡର ପଟିଠାକୁର, ବଡଠାକୁରଙ୍କ ବାଡର ବାସୁଦେବ, ମଝିବାଡର ଭୁବନେଶ୍ୱରୀ, ଜଗନ୍ନାଥଙ୍କ ବାଡର ନାରାୟଣପଟି ଆଣି ଜୟବିଜୟ ଦ୍ୱାର ପାଖରେ ରଖାଯାଇଥାଏ । ମହାଜନ ସେବକ ଦକ୍ଷିଣିଘରୁ ସାତମୂର୍ତ୍ତି, ଯଥା ବଡବାଡର ଦୋଳଗୋବିନ୍ଦ, ରାମ ଓ ନୃସିଂହ, ମଝିବାଡର ଲକ୍ଷ୍ମୀ ଓ ସରସ୍ୱତୀ ଏବଂ ଜଗନ୍ନାଥଙ୍କ ବାଡର ମଦନମୋହନ ଓ କୃଷ୍ଣ ଏମିତି ସାତ ଦେବପ୍ରତିମାଙ୍କୁ ଆଣି ଖଟ ଉପରେ ବିଜେ କରାଇଲା ପରେ ତିନୋଟି ପଟିଦିଅଁ ବା ଚିତ୍ର ପ୍ରତିମା ତାଟି ଦେହରେ ରୁନ୍ଧା ହୁଅନ୍ତି । ଖଟ ଉପରେ ବିଜେଥିବା ସାତମୂର୍ତ୍ତି ଦେବପ୍ରତିମା ଏବଂ ତାଟିରେ ରୁନ୍ଧାଥିବା ତିନିମୂର୍ତ୍ତି ପଟିଦିଅଁଙ୍କୁ ଦଶାବତାର ଠାକୁର କୁହାଯାଏ। ସମସ୍ତେ ବିଜେ ହେବାପରେ ପୂଜାପଣ୍ଡା ପଞ୍ଚାମୃତରେ ସ୍ନାନ କରାନ୍ତି । ବଲ୍ଲଭ ସର୍ପମଣୋହି ହୋଇ ଦଶାବତାର ଠାକୁରଙ୍କ ଆଗରେ ସମସ୍ତ ଦୈନିକ ନୀତି ଓ ଭୋଗ ହୋଇଥାଏ ।

ଏହି ସମୟରେ ସୁବାସିତ ଶୁକ୍ଳପୁଷ୍ପ ବ୍ୟତିତ ଅନ୍ୟ କିଛି ଫୁଲ ଲାଗି ହୁଅନ୍ତିନାହିଁ । ସାଧାରଣ ଦିନମାନଙ୍କ ପରି ଏହି ଦିନମାନଙ୍କରେ ଠାକୁରଙ୍କୁ ଭୋଗ ପରେ ମଇଲମ ହୁଏ ନାହିଁ । ସକାଳେ ଥରେ ଓ ରାତ୍ରରେ ଥରେ ମଇଲମ ହୋଇଥାଏ । ମେକାପ ପ୍ରସ୍ତୁତ କରିଥିବା ଦୁଧସର, କର୍ପୁର, ଚନ୍ଦନ, ଯାଇଫଳ ଓ ନବାତ ମିଶା ୧୪ ବଡ ଓଳି ଓ ୧୪ ଛୋଟ ଓଳି ପ୍ରତ୍ୟହ ଦୁଇଥର ଭୋଗ ହୁଏ । ଅଣସର ଭିତରେ ହୋଇଥିବା ଭୋଗ ଓ ଲାଗି ହୋଇଥିବା ଫୁଲ କିମ୍ବା ଅନ୍ୟକିଛି ତାଟି ଫିଟିଲା ପର୍ଯ୍ୟନ୍ତ ବାହାରକୁ ଆସେ ନାହିଁ । ଦଶାବତାର ଠାକୁରଙ୍କର ରାତ୍ର ସିଂହାର ପରେ ଓ ପହୁଡ ପୂର୍ବରୁ ଠାକୁରମାନଙ୍କୁ ଦଇତାପତି ନିଯୋଗ ଯୋଗାଇଥିବା ଚକଟା ଭୋଗ ହୁଏ । ଏହି ଚକଟା ଭୋଗ ଆସି, ମୁକ୍ତିମଣ୍ଡପ ନିକଟରେ ଥିବା ନୃସିଂହ ମନ୍ଦିରରେ ରଖାଯାଇଥାଏ । ରାଘବଦାସ ମଠରୁ ଧୂଆମୁଗ ଓ ପଣସ ଠାକୁରଙ୍କୁ ଲାଗିହୁଏ । ଦଇତାପତି ମାନେ ପାନୀୟ ଓ ଭୋଗ ପ୍ରସ୍ତୁତ କରି ପତି ମହାପାତ୍ରଙ୍କୁ ପୂଜା ପାଇଁ ଡାକନ୍ତି । ପତି ମହାପାତ୍ର ପୂଜା କରିବା ସମୟରେ ଦଇତା ମାନେ ଭିତରେ ରହନ୍ତି ନାହିଁ । ପୂଜାପରେ ନୈବେଦ୍ୟକୁ ଦଇତାପତି ଓ ପତି ମହାପାତ୍ର ମାନେ ସେବନ କରିଥାନ୍ତି । ଭିତର ସର୍ବଦା ଅନ୍ଧକାର ରଖାଯାଏ । ମଇଲମ ଓ ଅନ୍ୟାନ୍ୟ ନୀତି ସମୟରେ ସଂପୃକ୍ତ ସେବକ ବଇଠା ଦଳାଇ ଆଲୋକିତ କଲେ ସେଥିରେ ନୀତି ଋଲେ ।

ଶ୍ରୀମନ୍ଦିରରେ, ପଞ୍ଚମୀଠାରୁ ସପ୍ତମୀ ପର୍ଯ୍ୟନ୍ତ ଫୁଲୁରି ଲାଗି, ଅଷ୍ଟମୀରେ ଚକାବିଜେ, ଏକାଦଶରେ ଚନ୍ଦନଲାଗି, ଦ୍ୱାଦଶୀରେ ଘଣାପାଟ, ତ୍ରୟୋଦଶୀରେ ଖଡିଲାଗି, ଚତୁର୍ଦ୍ଦଶୀରେ ଚକାଅପସର ଇତ୍ୟାଦି ଅଣସର ନୀତି ଅନୁଷ୍ଠିତ ହୋଇଥାଏ ।

ଆଷାଢ ଶୁକ୍ଳ ପଞ୍ଚମୀଦିନ ଦଇତାପତିମାନେ ପିଙ୍ଗଣ ଓ ପରଖରେ ରାଶି ତେଲ, ଚୁଆ ଓ କର୍ପୁର ବିଜେ କରାଇ ଅନବସର ଠାକୁରମାନଙ୍କୁ ଲାଗି କରାନ୍ତି ଯାହାକୁ ଫୁଲୁରୀ ଲାଗି କୁହାଯାଏ । ଏ ତେଲ ପରଶ ଓ ଜଙ୍ଗଣ ମିଶା ତେଲ ଏହାକୁ ବଡଓଡିଆ ମଠ ତରଫରୁ ଯୋଗାଇ ଦିଆଯାଇଥାଏ ।

ଅଷ୍ଟମୀ ଦିନ ଠାକୁରଙ୍କୁ ପଚ୍ଚବସ୍ତ୍ର ପିନ୍ଧାଯାଏ, ଏହାକୁ ଶ୍ରୀକପଡା ଲାଗି କୁହାଯାଏ । ନବମୀ ଦିନ ରାଶିତେଲ ଓ ଝୁଣା ଲେପନ କରାଯାଏ । ଏହାକୁ ମସୃଣଲେପନ କୁହାଯାଏ । ଦଶମୀଦିନ ଦଇତାପତିମାନେ ଧୁକୁଡିଦ୍ୱାର ପାଖରେ ଥିବା ତିନିଗୋଟି ଚକାକୁ ଗଡାଇ କରି ନେଇ ଅଣସର ପିଣ୍ଡିରେ ପକାଇ ତିନିଠାକୁରଙ୍କୁ ସେଥିରେ ବିଜେ କରାନ୍ତି । ଏହାକୁ ଚକା ବିଜେ କୁହାଯାଏ । ଏକାଦଶୀ ଦିନ ଅଣବସର ଗୃହରେ ୧୫ ସେର ଚନ୍ଦନକାଠରୁ ପ୍ରସ୍ତୁତ ଘୋରା ଚନ୍ଦନ, କର୍ପୁର ଓ କେଶର ମିଶ୍ରିତହୋଇ ଦଇତାପତି ଓ ପତି ପହାପାତ୍ରଙ୍କ ଦ୍ୱାର ଅଣସର ଠାକୁରଙ୍କୁ ଲାଗି କରାଯାଏ । ଏହି ଚନ୍ଦନକାଠ ଶ୍ରୀମନ୍ଦିର ପ୍ରଶାସନ ଓ ରାଘବଦାସ ମଠ ତରଫରୁ ଯୋଗାଇ ଦିଆଯାଇଥାଏ । ଯାହା ଋରିଦିନ ଆଗରୁ ଘୋରା ଋଲିଥାଏ । ଭଣ୍ଡାରଘରୁ ଶିଳ ଆଣି ଦକ୍ଷିଣି ଘରେ କର୍ପୁର କେଶର ବଟାଯାଇ ଏସବୁ ତଡଉକରଣ ଓ ଦେଉଳ କରଣଙ୍କ ଉପସ୍ଥିତିରେ ମିଶାଯାଇ ଦଶାବତାର ଠାକୁରଙ୍କୁ ଲାଗି ହୁଏ । ଚନ୍ଦନ ଲାଗି ସମୟରେ ଘଣ୍ଟ, କାହାଳି ଓ ବାଜା ବାଜିଥାଏ ।

ଆଷାଢ କୃଷ୍ଣ ଦ୍ୱାଦଶୀଦିନ ଭୋଗମଣ୍ଡପ ସରିଲେ ରାଜପରିବାରର ଯେତେ ସଦସ୍ୟ ଥିବେ ଭଣ୍ଡାରଘରୁ ସେତେଟା ରୂପାଥାଳି ଅଣାଯାଇ ଦକ୍ଷିଣଦ୍ୱାର ଲଣ୍ଡାବର୍ତ୍ତି ଠାରେ ପାହାଡା ଉପରେ ଗଣ୍ଠିଲୁଗା ରଖାଯାଏ । ଋଙ୍ଗଡାମେକାପ ପ୍ରତିଥାଳିରେ ଖଣ୍ଡିଏ ଲେଖାଏଁ ପାଟକନା ରଖି ଅଣସର ପିଣ୍ଡିକୁ ସେ ଥାଳିସବୁ ନିଅନ୍ତି । ସେଥିରେ ରାଜପ୍ରାସାଦ (ଶ୍ରୀଅଙ୍ଗ ଚନ୍ଦନ ଓ କରାଳ ଚନ୍ଦନ) ରଖି ପାହାଡା ଉପରକୁ ଆଣନ୍ତି । ତିନୋଟି ପିତଳ ବଟାରେ ତିନିଦ୍ୱାର ମହାବୀରଙ୍କ ପାଇଁ ଭଣ୍ଡାରମେକାପ ମାରଫତ୍‌ରେ ରଖାଯାଏ । ଭିତର ଦ୍ୱାର ବନ୍ଦ ହୁଏ । ତଳିଛ ମହାପାତ୍ର ଏବଂ ପ୍ରଧାନୀ ହାତପୈଠ ହୋଇ ଘଣ୍ଟା ଛତା କାହାଳୀ ସହ ଦଇତାପତି ଓ ପତି ମହାପାତ୍ର ମାନେ ସିଂହଦ୍ୱାର ବଡଦାଣ୍ଡ ଦେଇ ଶ୍ରୀନଅରକୁ ଯାଆନ୍ତି । ସେଠାରେ ପାହାଡା ଉପରେ ରାଜପ୍ରସାଦ ବାଡ ବାଡ କରି ବିଜେ କରାଯାଏ ଓ ରାଜାଙ୍କ ଛୁଆଁ ଶାଢୀମାନ ସେବାୟତଙ୍କୁ ମିଳିଥାଏ ।

ତ୍ରୟୋଦଶୀ ଦିନ ଘଣାଲାଗି ଓ ଶ୍ରୀପୟର ପୂଜା ହୁଏ । ଅର୍ଥାତ୍, ଅଣସର ଠାକୁରମାନେ ପାଟଡୋର, ଖଳିପ୍ରସାଦ ଓ ଖଡିପ୍ରସାଦ ଲାଗି ହୁଅନ୍ତି । ଏହି ଲାଗି ସୁଭଦ୍ରାଙ୍କର ପ୍ରତ୍ୟେକ ବର୍ଷ ହେଉଥିଲେ ହେଁ, ବଡଠାକୁରଙ୍କର ବର୍ଷେ ହେଲେ ଜଗନ୍ନାଥଙ୍କର ଅନ୍ୟ ବର୍ଷ ହୋଇଥାଏ । ଘଣାଲାଗି ପରେ ଖଳି ଲାଗି ହେଲେ ଖଡିଲାଗି ହୋଇଥାଏ । ଭୋଗମଣ୍ଡପ ପରେ ନିର୍ଦ୍ଦିଷ୍ଟ ସେବକମାନେ ଭିତରୁ ଖଡିମହାପ୍ରସାଦ ଓ ମାଳାଫୁଲ ଧରି ଶ୍ରୀନଅରକୁ ଯାଆନ୍ତି ଏବଂ ସେଠାରୁ ଶାଢୀ ପାଆନ୍ତି । ଏଦିନ ଶ୍ରୀମୁଖ ଓଲାଗି ହୁଏ ଓ ପାହାନ୍ତିଆରୁ ଅଣସର ପିଣ୍ଡିରେ ଅଳିଆସବୁ ସଫା କରାଯାଏ । ଏହି ଖଳିମହାପ୍ରସାଦ ଲାଗି ନିମନ୍ତେ ଦୁଇ ମହଣ ଗହମ ଚୁରା ହୋଇ ଚଲା ଯାଇ କନାରେ ଛଣା ଯିବାପରେ ଖଳିଲାଗି ପ୍ରସ୍ତୁତ ହୋଇଥାଏ ।

ଚତୁର୍ଦ୍ଦଶୀଦିନ, ବଡସିଂହାର ଭୋଗପରେ ଓ ଭିତରପଣା ଚକଟା ଭୋଗ ପରେ ବନକଲାଗି କରାଯାଏ । ନୀତି ବଢିଲେ ଚକା ଅପସର ଲାଗି ହୁଏ । ନୂଆ କନାପଡି ଏଗୁଡିକ ତୟାର ହୋଇଥାଏ। ପରେ ପରେ ଦଶାବତାର ମଙ୍ଗଳଆଳତୀ ଓ ଅବକାଶ ବଢିବାପରେ ମହାଜନ ସେବକ ଖଟଶେଯ ଉପରେ ବିଜେ କରିଥିବା ସାତମୂର୍ତ୍ତି ପ୍ରତିମା ମଧରୁ ଲକ୍ଷ୍ମୀ, ସରସ୍ୱତୀଙ୍କୁ ଖଟଶେଯ ଘରକୁ ଓ ଅନ୍ୟ ପାଞ୍ଚମୂର୍ତ୍ତିଙ୍କୁ ଦକ୍ଷିଣ ଘରକୁ ନେଇଥାନ୍ତି । ପରେ ତାଟି ଫିଟେ । କୋଠସୁଆଁସିଅମାନେ ତାଟି ଖଟସବୁ ବାହାରକୁ ବାହାର କରିଦିଅନ୍ତି । ସେତେବେଳକୁ ପ୍ରାୟତଃ ଅମାବାସ୍ୟାର ପ୍ରାତଃ କାଳ ହୋଇଥାଏ । ଭିତର ପାଣି ପଡିଲେ, ଅଣସର ନୀତି ସମାପ୍ତ ହୁଏ, ପରେ ସେବକମାନେ ଓ ସର୍ବସାଧାରଣ ଦର୍ଶନ କରିଥାନ୍ତି । ଏହାକୁ ନବଯୌବନ ଦର୍ଶନ କହନ୍ତି ।

# ଶ୍ରୀଜଗନ୍ନାଥ ଚେତନା ଓ ଜଗନ୍ନାଥ ସଂସ୍କୃତି



ଡକ୍ଟର ସୁରେଶ କୁମାର ନାୟକ
ସେକ୍ଟର-୯, ସିଡିଏ, କଟକ
ମୋ:୯୪୩୭୨୨୫୫୯୨

ଶ୍ରୀଜଗନ୍ନାଥ ଆମ ସଂସ୍କୃତିର ସର୍ବଜନମାନ୍ୟ ରାଷ୍ଟ୍ର ଦେବତା। ଶ୍ରୀମନ୍ଦିର ରତ୍ନସିଂହାସନରେ କେବଳ ଦେବତା ଭାବରେ ସକାଳୁ ସଞ୍ଜ ଯାଏ ସେ ପୂଜିତ ହୁଅନ୍ତି ନାହିଁ। ବରଂ ଆମ ସୁଖ ଦୁଃଖ, ବିପଦଆପଦ ଓ ଭଲ ମନ୍ଦରେ ସେ ସାହା ହୁଅନ୍ତି ମଣିଷ ଭଳି। ସମଗ୍ର ପୃଥିବୀରେ ଏଭଳି ଦେବତା ବିରଳ। ସେଇଥିପାଇଁ ସେ ଜଗତରନାଥ ଶ୍ରୀଜଗନ୍ନାଥ। ଅନନ୍ୟ ତାଙ୍କର ମହାପ୍ରସାଦ। ଭେଦଶୂନ୍ୟ, ବିକାରଶୂନ୍ୟ ସଂହତି ଭାବ ସୃଷ୍ଟି କରେ ଭକ୍ତ ମନରେ ଏହି ମହାପ୍ରସାଦ। ଅତଏବ ଏହି ପୃଥିବୀ ପ୍ରସିଦ୍ଧ ଶ୍ରୀକ୍ଷେତ୍ର ଜଗନ୍ନାଥ ପୁରୀଧାମରେ ମହାପ୍ରଭୁଙ୍କର ଅର୍ପିତ ପ୍ରସାଦ ବା ଦ୍ରବ୍ୟ ସ୍ପୃଶ୍ୟାସ୍ପୃଶ୍ୟ ଦୋଷରେ ଦୂଷିତ ହୁଏ ନାହିଁ କି ଏଠାରେ ବର୍ଣ୍ଣବିଚାର ନାହିଁ, ଉଚ୍ଛିଷ୍ଟାଦି ବିଚାର ନାହିଁ କି ଶୌଚାଶୌଚ ପାପ ନିଷ୍ପାପ ବିଚାର ମଧ ନାହିଁ। ଆବ୍ରାହ୍ମଣଚଣ୍ଡାଳ ବ୍ରାହ୍ମଣ ସମସ୍ତେ ଏଠି ନିର୍ବିକାର ଚିତ୍ତରେ ମହାପ୍ରଭୁ ଜଗନ୍ନାଥଙ୍କ ମହାପ୍ରସାଦ ସେବନପୂର୍ବକ ଉଚ୍ଛିଷ୍ଟ ଗ୍ରହଣ କରି ନିଜକୁ ପରମ ଭାଗ୍ୟବାନ ମନେ କରନ୍ତି ଏବଂ ଅନ୍ୟ ମାନଙ୍କ ମୁଖରେ ମହାପ୍ରସାଦ ଦେଇ ଦିବ୍ୟାନନ୍ଦ ଅନୁଭବ କରିବା ସଙ୍ଗେ ସଙ୍ଗେ ନିଜକୁ ଅଧିକ ପବିତ୍ର ମଧ ମନେକରିଥାନ୍ତି। ତେଣୁ ଏହି କ୍ଷେତ୍ରରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକତ୍ର ଏକ ପାତ୍ରରେ ପାନଭୋଜନ କରିବା ଓ ମିଳାମିଶା କରିବା ବା ସଂହତି ରକ୍ଷା କରିବା ହେଉଛି ଏ ପୀଠର ପରମ୍ପରା। ଏହି ପରମ୍ପରା ବୌଦ୍ଧ ଧର୍ମ ଦର୍ଶନଦ୍ୱାରା ପ୍ରଭାବିତ। ଏହି ଏକତ୍ୱଭାବ, ଭ୍ରାତୃଭାବ ଆମ ସଂସ୍କୃତିର ମହନୀୟତାକୁ ପ୍ରତିପାଦିତ କରିଥାଏ। ସମଗ୍ର ବିଶ୍ୱରେ ଆମ ସଂସ୍କୃତିର ପରାକାଷ୍ଠା ମହାପ୍ରଭୁ ଜଗନ୍ନାଥଙ୍କ ଯୋଗୁ ଆଜି ବିଦିତ। ଆମ ସଂସ୍କୃତି ହେଉଛି ଜାତିଭେଦ ବିହୀନ ସଂସ୍କୃତି - ତାହା ହିଁ ଜଗନ୍ନାଥ ସଂସ୍କୃତି। ବୁଦ୍ଧରୂପୀ ପତିତପାବନଙ୍କ ନାମରେ ସିଂହଦ୍ୱାର ଗୁମୁଟରେ ଜଗନ୍ନାଥଙ୍କ ପ୍ରତିବିମ୍ବ ଅଙ୍କନ କରାଯାଇ ପ୍ରମାଣ କରାଯାଇଛି ଯେ ବୁଦ୍ଧ-ଜଗନ୍ନାଥ-ପତିତପାବନ ଏକ ଓ ଅଭିନ୍ନ ଓ ତାହା ହିଁ ଜଗନ୍ନାଥଙ୍କର ମୂଳରୂପ। ଅତଏବ ଜଗନ୍ନାଥ ବୁଦ୍ଧରୂପୀ ପତିତପାବନ ହୋଇଥିବାରୁ ତାହାଙ୍କ ଯାତ୍ରାକୁ ପତିତପାବନଯାତ୍ରା ବା ରଥଯାତ୍ରା ବୋଲି କୁହାଯାଏ। କବିସମ୍ରାଟ ଉପେନ୍ଦ୍ର ଭଞ୍ଜ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟରେ ପ୍ରଥମ ଛାନ୍ଦରେ ଉଲ୍ଲେଖ କରିଛନ୍ତି - 'ସ୍ନାନ ଯେ ଗୁଣ୍ଡିଚା ବେନି ସ୍ୱୟଂଲୀଳା ଯା'ର, ପତିତପାବନ ଅର୍ଥେ ପ୍ରାସାଦୁଁ ବାହାର।' ଅର୍ଥାତ୍ ପତିତମାନଙ୍କୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ ସ୍ନାନ ବା ଗୁଣ୍ଡିଚା ଯାତ୍ରାରେ ଜଗନ୍ନାଥ ମହାପ୍ରଭୁ ପ୍ରସାଦ ବା ଦେଉଳରୁ ବାହାରିଥାଆନ୍ତି।

ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଏହି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଆଜି ଓଡ଼ିଶା ସମେତ ଭାରତ ବର୍ଷ ଓ ଭାରତ ବାହାରେ ବିଭିନ୍ନ ଦେଶରେ ପରିବ୍ୟାପ୍ତ। ଶ୍ରୀଜଗନ୍ନାଥ ଉପାସନାର ବୈଶିଷ୍ଟ୍ୟ ଜନସମାଜରେ ଆଦୃତ ହେଉଥିବାରୁ ଦେଶ ବିଦେଶରେ ତାହାଙ୍କର ଏ ଭେଦଭାବ ଶୂନ୍ୟ ଯାତ୍ରାର ବହୁଳ ପ୍ରଚାର ଓ ପ୍ରସାର ଘଟିଛି। ମହାପ୍ରଭୁଙ୍କ ସହିତ ଏ ମଣିଷର ପ୍ରତ୍ୟକ୍ଷ ସାନ୍ନିଧ୍ୟ ଓ ଗୂଢ଼ ସଂଯୋଗର ସୂତ୍ର ସ୍ଥାପିତ ହୁଏ ଏହି ରଥଯାତ୍ରାରେ। କୈବଲ୍ୟ ବା ମୁକ୍ତି ଏହାର ଉଦ୍ଦେଶ୍ୟ। ଶ୍ରୀଜଗନ୍ନାଥଙ୍କ ଏ ରଥଯାତ୍ରା ବ୍ୟକ୍ତି ଜୀବନକୁ ନୀତିମୟ, ଶୁଦ୍ଧ ଓ ଆଚାରଶୀଳ କରୁଥିବାବେଳେ ସାମାଜିକ ଜୀବନଧାରାକୁ ଆନନ୍ଦ ମୁଖରିତ କରିବା ସଙ୍ଗେ ସଙ୍ଗେ ମାର୍ଜିତ ଓ ରୁଚିସମ୍ପନ୍ନ କରିଥାଏ। ସାଂସ୍କୃତିକ ମୂଲ୍ୟବୋଧର ଭିତ୍ତି ଓ ଭୂତ୍ତି ଉପରେ ପ୍ରତିଷ୍ଠିତ ଆମ ସଂସ୍କୃତିର ଏ ମହୋତ୍ସବ ଭକ୍ତିତତ୍ତ୍ୱ, ମୋକ୍ଷତତ୍ତ୍ୱ ଓ ପରମତତ୍ତ୍ୱ ପ୍ରଦାନ ସହିତ ତାର ଉଦାରମାନବିକତାକୁ ଉଦଘୋଷଣା କରେ। ତେଣୁ ବିଶ୍ୱମୁଖୀ ମୈତ୍ରୀବୋଧର ପ୍ରତିଷ୍ଠା ସଙ୍ଗେ ସଙ୍ଗେ ପ୍ରତ୍ୟେକ ମଣିଷ ଭିତରେ ଦିବ୍ୟଜ୍ଞାନ ଓ ଦେବତ୍ୱ ସୃଷ୍ଟି କରିବା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଏ ଯାତ୍ରା।

ନିତ୍ୟ ପୁଣ୍ୟଧାମ ପୁରୀକୁ ଆସୁଥିବା ଯେ କେହି ଦର୍ଶନାର୍ଥୀ ଶ୍ରଦ୍ଧାଳୁ ଚତୁର୍ଦ୍ଧାମୂରତିଙ୍କୁ ଆନନ୍ଦରେ ଦର୍ଶନ କରି ଦିବ୍ୟ ଅନୁଭବ ନେଇ ଘରକୁ ଫେରିଥାନ୍ତି। ଏହି ନିତ୍ୟ ଧାମ ପୁରୀ ସମାନତାର ଭାବରେ ଉଦବୃଦ୍ଧ କରିଥାଏ ସମସ୍ତଙ୍କୁ। ଦାସିଆ ବାଉରୀ ହାତରୁ ନଡ଼ିଆ ନେବା ଭଳି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରତିଟି ପରିବାର ନିଜ ଘରୁ ହିଁ ଯେଉଁ ଭକ୍ତି ନୈବେଦ୍ୟର ସମର୍ପଣ କରିଥାନ୍ତି ତାହା ମହାପ୍ରଭୁଙ୍କୁ ପ୍ରାପ୍ତ ହୋଇଥାଏ। ମହାପ୍ରଭୁ କେବଳ ଶ୍ରୀ ମନ୍ଦିର ଭିତରେ ଆବଦ୍ଧ ହୋଇନାହାଁନ୍ତି ସେ ଆମ ଭାବ, ମନ, ଚେତନା ଓ କାର୍ଯ୍ୟ ଭିତରେ ତାଙ୍କ ବାଣୀ, ତାଙ୍କ ଦର୍ଶନ ସହିତ ଅନ୍ୟ ମାନଙ୍କୁ ପରୋପକାର ସେବା ଭିତରେ ଜୀବନ ନିର୍ବାହ ପାଇଁ ଆମ ମାନଙ୍କୁ କୃପା ଆଶୀର୍ବାଦ ଦେଉଛନ୍ତି। ଆମ ଜୀବନ ଚେତନାର ମୂଳ ଧର୍ମ ଓ ମର୍ମ ହେଉଛି ବାସ୍ତବରେ ସ୍ୱୟଂ ମହାପ୍ରଭୁ ସବୁ କିଛିକୁ ନିଜେ ହିଁ କରାଉଛନ୍ତି ଆମେ ସବୁ ନିମିତ୍ତ ମାତ୍ର। ପୂର୍ଣ୍ଣବ୍ରହ୍ମ କାଳିଆ ସାଆନ୍ତ ଆମ ଜାତିର ପରିଚୟ, ଆମ ମାନଙ୍କ ପରିଚୟ। ମହାପ୍ରଭୁଙ୍କୁ ଅନ୍ତରଭରା ଏତିକି ପ୍ରାର୍ଥନା କରୁଛି ପ୍ରଭୁ ଆମ ସମସ୍ତଙ୍କ ଭିତରେ ପରୋପକାର, ଭାଇଚାରା, ସାମାଜିକ ସୌହାର୍ଦ୍ଦ୍ୟ, ପରିବାର ଓ ସାମାଜିକ ଦାୟିତ୍ୱ, ବୃତ୍ତିନିଷ୍ଠା ପ୍ରତି ସଚ୍ଚୋଟତା ଓ ଅଙ୍ଗୀକାରବଦ୍ଧତା ଆହୁରି ଭରି ଦିଅନ୍ତୁ, ଏ ଜାତିର ଓ କୋଟି କୋଟି ଓଡ଼ିଆ ଭାଇଭଉଣୀଙ୍କର ସର୍ବ ମଙ୍ଗଳ ହେଉ ଏହା ହିଁ କାମନା।

# ଦାମ୍ପତ୍ୟ କଳି



ସ୍ମୃତିରେଖା ମହାକୁଡ଼
ବାସୁଦେବପୁର, ଭଦ୍ରକ
ମୋ : ୯୧୨୪୮୦୦୯୯୬

ସନ୍ୟାସୀ ହୋଇ ଗହନ ଅରଣ୍ୟରେ ତପସ୍ୟା କରିବା ସହଜ। କିନ୍ତୁ ବିବାହ କରି ଘରସଂସାର କରିବା ଆଦୌ ସରଳ କଥା ନୁହେଁ। ସନ୍ୟାସୀର ସାଧନା ବ୍ୟକ୍ତିଗତ ତ୍ୟାଗ, ନିଷ୍ଠା ଉପରେ ନିର୍ଭର କରେ। କିନ୍ତୁ ବିବାହିତ ବ୍ୟକ୍ତିର ଘରସଂସାର ସଫଳତା ନିର୍ଭର କରେ ସାରା ପରିବାର ଆଉ ସମାଜ ପ୍ରତି ତା'ର କର୍ତ୍ତବ୍ୟ ପାଳନରେ। ଅରଣ୍ୟରେ ସନ୍ୟାସୀ ଏକାକୀ; କିନ୍ତୁ ପରିବାର ବ୍ୟକ୍ତି ବହୁମୁଖୀ। ସେଥିପାଇଁ ବିବାହ କରି ଘରସଂସାର କରୁଥିବା ବ୍ୟକ୍ତିର ତ୍ୟାଗ, ନିଷ୍ଠା, ଅରଣ୍ୟର ସାଧକ ସନ୍ୟାସୀ ଠାରୁ ଯଥେଷ୍ଟ ବେଶୀ, ଅଧିକ ଗୁରୁତ୍ୱପୂର୍ଣ୍ଣ। ହଠାତ୍ ଦିନେ ବସ୍‌ରେ ଘରକୁ ଆସୁଥିବା ବେଳେ କଲେଜ ବେଳର ପୁରୁଣା ବାନ୍ଧବୀଙ୍କ ସାଙ୍ଗେ ଦେଖା ହୋଇଗଲା। ପରସ୍ପର ଭେଟି ଖୁସିରେ ଆତ୍ମହରା ହୋଇଗଲୁ। ମାତ୍ର କଥା ହେଲାବେଳେ ବାନ୍ଧବୀଙ୍କ କଥାରେ ଶୂନ୍ୟତା ସ୍ପଷ୍ଟ ବାରି ହୋଇପଡୁଥିଲା। ଏହାର କାରଣ ସମ୍ପର୍କରେ ପଚାରିବାରୁ ସେ ତାଙ୍କ ସ୍ୱାମୀଙ୍କ ଠାରୁ ଅଲଗା ହୋଇ ବାପଘରେ ପିଲା ଦୁଇଟିଙ୍କୁ ନେଇ ରହୁଥିବା କଥା କହିଲେ। ଏକ ଛୋଟ କଥାକୁ ନେଇ ମତାନ୍ତର ଶେଷରେ ମନାନ୍ତର ଘଟିଲା। ସ୍ୱାମୀଙ୍କର ଏକ ବଦଭ୍ୟାସକୁ ନେଇ ତାଙ୍କ ପରିବାର ସାମ୍ନାରେ ସ୍ୱର ଉତ୍ତୋଳନ କରିବାରୁ ବିରୋଧାଭାସର ଶିକାର ହୋଇଥିଲେ। ଏଣ୍ଡୁଅ ଦୌଡ଼ି ଶେଷରେ ସିଝୁ ବୁଦାମୂଳକୁ ଯିବା ଭଳି, ଶାଶୁଘର ଛାଡ଼ି ବାପଘର ତାଙ୍କର ଶେଷ ଆଶ୍ରା ପାଲଟିଯାଇଛି। ନିଜର ଛୋଟ ପରିବାରକୁ ଏକ ସମ୍ମାନଜନକ ଆର୍ଥିକ ସ୍ଥିତିରେ ପହଞ୍ଚାଇବା ପାଇଁ ଅନେକ କ୍ଷେତ୍ରରେ ଉଭୟ ସ୍ୱାମୀ, ସ୍ତ୍ରୀ ଚାକିରି କରିବାକୁ ବାଧ ହେଉଛନ୍ତି। ଏପରି କ୍ଷେତ୍ରରେ ଉଭୟଙ୍କ ପାଇଁ ସମୟ ନିଅଣ୍ଟ ପଡ଼ିଥାଏ। ଆଜି ବୈଷୟିକ ଜ୍ଞାନର ଅଗ୍ରଗତି ନଭଶ୍ଚୁମ୍ବୀ ପ୍ରଗତିର ସୂଚନା ଦିଏ। ସାରା ଦୁନିଆକୁ ଆମେ ସଂଯୁକ୍ତ କରିପାରୁଛୁ କିନ୍ତୁ ଗୁଣାତ୍ମକ ଦୃଷ୍ଟିରୁ ଦେଖିଲେ ପାରସ୍ପରିକ ପତିପତ୍ନୀ ସମ୍ପର୍କ ଅତି ଦୁର୍ବଳ ହୋଇପଡୁଛି। ପ୍ରତ୍ୟେକ ଦମ୍ପତିଙ୍କ ପାଖରେ ଏକ ସାଧାରଣ ବାକ୍ୟ 'ତୁମେ ମୋତେ ବୁଝିପାରୁନାହଁ'। ଦାମ୍ପତ୍ୟ କଳି ସମ୍ପର୍କରେ ଶାସ୍ତ୍ରରେ ଏକ ଶ୍ଳୋକ ଉଲ୍ଲେଖ ଅଛି :-

"ଅଜା ଯୁଦ୍ଧେ ଋଷି ଶ୍ରାଦ୍ଧେ ପ୍ରଭାତେ ମେଘାଡ଼ମ୍ବର,
ଦାମ୍ପତ୍ୟ କଳହଶ୍ଚୈବ ବହ୍ୱାରମ୍ଭେ ଲଘୁକ୍ରିୟାଃ।"

ଅର୍ଥାତ୍ ଦାମ୍ପତ୍ୟ କଳିକୁ ଅଜା ଯୁଦ୍ଧ, ଋଷି ଶ୍ରାଦ୍ଧ, ପ୍ରଭାତ ସମୟରେ ବର୍ଷା ହେବା ସହିତ ତୁଳନା କରାଯାଇଛି। ଏହା ଭୀଷଣ ରୂପ ନେଇ ଆରମ୍ଭ ହୁଏ। ମାତ୍ର 'ବହ୍ୱାରମ୍ଭେ ଲଘୁକ୍ରିୟା' ପରି ହଠାତ୍ ଥମିଯାଏ। ମାତ୍ର ବ୍ୟବହାରିକ ଦୃଷ୍ଟିକୋଣରୁ ଏହା ଏବେ ଛୋଟ କଥାକୁ କେନ୍ଦ୍ର କରି ଆରମ୍ଭ ହୋଇ ବିବାହ ବିଚ୍ଛେଦର ରୂପ ନେଉଛି।

ବର୍ତ୍ତମାନ ଅଧିକାଂଶ ବୈବାହିକ ଜୀବନ ଅସଫଳ। ଏହାର କାରଣ ଯଦି ଆମେ ଖୋଜିବା, ପ୍ରଥମତଃ ଦାମ୍ପତ୍ୟ ଜୀବନରେ ଧୈର୍ଯ୍ୟର ଅଭାବ। ଆଜିର ନାରୀ ଦୁଃଖକୁ ଶୋଷି ସମସ୍ତ ବିପଦର ମୁକାବିଲା କରି ସବୁ ବୁଝି ନିଜ ଅବୁଝାପଣର ଅଭିନୟ କରିପାରୁନି କି ନିଜ ମନକୁ ସାତଗଣ୍ଠି ଦେଇ ସାତ ସାଗରର ଅତଳ ଗଭୀର ଗୋପନ ନିବୁଜ ସ୍ମୃତି ସିନ୍ଧୁକରେ ଚାବି ଦେଇ ରଖିପାରୁନାହିଁ। ଆଧୁନିକ ନାରୀ ନିଜକୁ ଶକ୍ତିଶାଳୀ, ସ୍ୱାଧୀନଚେତା ଓ ସ୍ୱାବଲମ୍ବୀ କରି ଗଢ଼ିବା ପାଇଁ ପ୍ରୟାସରତ ମାତ୍ର ଜୀବନର ସୁଖଦୁଃଖ, ଆଲୋକ-ଅନ୍ଧାର, ଭଲ-ମନ୍ଦ ମଧ୍ୟରେ ସର୍ବଂସହା ବଧୂ ଭୂମିକା ନିଭାଇବାରେ ଅସମର୍ଥ। ଦ୍ୱିତୀୟତଃ ଦାମ୍ପତ୍ୟ କଳିରେ ତୃତୀୟ ବ୍ୟକ୍ତିର ପ୍ରବେଶ। ତୃତୀୟ ବ୍ୟକ୍ତି ପ୍ରବେଶର କାରଣ କେବଳ ମୋବାଇଲର ମାତ୍ରାଧିକ ବ୍ୟବହାର ଫଳରେ ଘଟିଥାଏ। ସାଧାରଣତଃ ଦାମ୍ପତ୍ୟ କଳି ଶୟନ ଗୃହର ଚାରିକାନ୍ଥରେ ଆରମ୍ଭ ହୋଇ ସେଇଠି ହିଁ ଶେଷ ହୋଇଥାଏ। ଏହି କଳିରେ ଉଭୟଙ୍କ ପରିବାରକୁ ସାମିଲ କରାଇଲେ, ଏହା ବିରାଟ ରୂପ ନେଇ କୋର୍ଟ, କଚେରୀ କାଗଜପତ୍ରରେ ଶେଷ ହୋଇଥାଏ।

ଅତୀତରେ ପତିପତ୍ନୀ କୌଣସି କାରଣରୁ କଳି ଲାଗିଲେ ଝିଅଟି ତା' ମନର କଥା ଆତ୍ମୀୟସ୍ୱଜନଙ୍କୁ ଚିଠି ଦ୍ୱାରା କୌଣସି ଚିହ୍ନାଲୋକ ଅବା ଡାକ ଯୋଗେ ଜଣାଉଥିଲା। ଚିଠି ପାଉ ପାଉ କିଛି ଦିନ ଲାଗିଯାଏ। ସେମାନେ ଖବର ପଢ଼ି ସମୟ ବାହାର କରି ଝିଅ ପାଖରେ ପହଞ୍ଚୁ ପହଞ୍ଚୁ ପତିପତ୍ନୀ କଳି ସମାଧାନ ହୋଇସାରିଥାଏ। ମାତ୍ର ଏବେ ଛୋଟ ମନୋମାଳିନ୍ୟ ମଧ ଫୋନ୍ ମାଧ୍ୟମରେ ବିଦ୍ୟୁତ ବେଗରେ ସଞ୍ଚରି ଯାଉଛି। ଫଳରେ ପୁଅ ଘର ପକ୍ଷ ଅବା ଝିଅ ଘର ପକ୍ଷ ସାମିଲ ହୋଇ ଗରମ ଜାଉକୁ ମଝିରୁ ହାତ ଭର୍ତ୍ତି କରି ଖାଇଲା ପରି ଅବସ୍ଥା ହେଉଛି। ତୃତୀୟତଃ ପୂରାକାଳରେ ପରିବାରରେ ସବୁ ବିଷୟ ବୁଝି ବଡ଼ମାନେ ବିବାହ ସ୍ଥିର କରୁଥିଲେ। ଅଥଚ ଏବେ ଏହାକୁ ଗୁରୁତ୍ୱ ଦିଆଯାଉନାହିଁ। ଉଭୟ ପୁଅଝିଅ ସୁନ୍ଦର ଚେହେରା ପ୍ରତିଷ୍ଠା, ପ୍ରତିପତ୍ତିରେ ଆସକ୍ତ ହୋଇ ବିବାହର ନିଷ୍ପତ୍ତି ନେଇସାରିବା ପରେ ଘରେ ଜଣାଉଛନ୍ତି। ଯେଉଁଥିପାଇଁ କି ବିବାହ ବିଚ୍ଛେଦ ଭଳି ଅନେକ ସମସ୍ୟା ବୈବାହିକ ଜୀବନରେ ଦେଖାଯାଉଛି। ତେଣୁ ଉଭୟ ପକ୍ଷର ଅଭିଭାବକ, ପୁତ୍ରକନ୍ୟା କାର୍ଯ୍ୟନିର୍ବାହର ପନ୍ଥାକୁ ଯେତିକି ଗୁରୁତ୍ୱ ଦେଉଛନ୍ତି, ତା'ଠୁ ଅଧିକ ସଠିକ୍ ଜୀବନସାଥି ଚୟନକୁ ଅଗ୍ରାଧିକାର ଦେବା ଆବଶ୍ୟକ। ହୁଏତ କାର୍ଯ୍ୟନିର୍ବାହର ବୃତ୍ତି ଆଶାନୁରୂପ ନ ହେଲେ ମଣିଷ ବଞ୍ଚିପାରିବ ମାତ୍ର ଅନୁପଯୁକ୍ତ ସାଥି ଚୟନ ବେଳେବେଳେ ପ୍ରାଣଘାତକ ପାଲଟିଯାଉଛି। ଚତୁର୍ଥତଃ ଅଧୁନା ସମାଜରେ ପରକୀୟା ପ୍ରିତି ଏକ ବ୍ୟାଧି ପରି ବ୍ୟାପିଚାଲିଛି। ରାମାୟଣ ଯୁଗରେ ବହୁ ପତ୍ନୀ ଗ୍ରହଣ ଏକ ସାଧାରଣ କଥା ଥିବା ସତ୍ତ୍ୱେ ମର୍ଯ୍ୟାଦା ପୁରୁଷ ଶ୍ରୀରାମ ଏକ ପତ୍ନୀବ୍ରତ ଗ୍ରହଣ କରି ବିଶ୍ୱକୁ ଏହି ଆଦର୍ଶର ବାର୍ତ୍ତା ପ୍ରଦାନ କରିଛନ୍ତି। ତେଣୁ ଭଗବାନ ଶ୍ରୀରାମ ଓ ମାତା ସୀତାଙ୍କର ଆଦର୍ଶରେ ଅନୁପ୍ରାଣୀତ ହୋଇ ଉଭୟ ପତିପତ୍ନୀ ନିଜର କର୍ତ୍ତବ୍ୟ ପାଳନ କରିବା ଉଚିତ୍। ଆକାଶରେ ଯେମିତି ଆଦି ଅନ୍ତ ନାହିଁ, ସମୁଦ୍ରରେ ଯେମିତି କ୍ଷୟ ବୃଦ୍ଧି ନାହିଁ, ସୂର୍ଯ୍ୟର ଯେମିତି ଉଦୟ ଅସ୍ତ ନାହିଁ, ମନୋକାମନାର ଯେମିତି ପୂର୍ଣ୍ଣତା, ଶୂନ୍ୟତା ନାହିଁ, ପତିପତ୍ନୀ ସମ୍ପର୍କରେ ବି ସେମିତି ସଂଜ୍ଞା ନ ଥାଏ। ଶରୀରରେ ଅନେକ ଅଙ୍ଗ ଥିଲେ ମଧ ସବୁକିଛି ହୃଦୟ ଦ୍ୱାରା ପରିଚାଳିତ ହୁଅନ୍ତି। ଠିକ୍ ସେହିପରି ପତି ପତ୍ନୀ ପାଇଁ ଏବଂ ପତ୍ନୀ ପତି ପାଇଁ ଏକ ଓ ଅଭିନ୍ନ। ସେମାନଙ୍କ ସମ୍ପର୍କ ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ଭଳି। ପତି ପତ୍ନୀ ପରସ୍ପର ସାଥୀ। ପୁରୁଷର ବାମ ଭାଗ ପତ୍ନୀ ଏବଂ ଦକ୍ଷିଣ ଅର୍ଦ୍ଧେକ ପତି। ତେଣୁ ପତିପତ୍ନୀ ଉଭୟେ ମିଶି ଦୁଇଜଣ ନୁହଁନ୍ତି। ସେମାନେ ସବୁବେଳେ ଯେ ଏକ ଏହା ଅନୁଭବ କରିବା ଆବଶ୍ୟକ। ଜୀବନ ହେଉଛି ଏକ ମୁଦ୍ରିକା। ମୁଦ୍ରିକା ହୃଦୟର ପରିଚୟକ ଏବଂ ମୁଦ୍ରିକା ଦେବା ଅର୍ଥ ହୃଦୟ ଅର୍ପଣ କରିବା ଏବଂ ଏହା ହିଁ ହେଉଛି ପବିତ୍ର ବନ୍ଧନ। ବିବାହ ମୁଖ୍ୟତଃ ୫ଟି ଗଣ୍ଠି ଉପରେ ପର୍ଯ୍ୟବସିତ। ପ୍ରଥମ ଗଣ୍ଠିରେ ଦମ୍ପତିଙ୍କ ମଧ୍ୟରେ ପାରସ୍ପରିକ ପ୍ରେମ ଓ ବିଶ୍ୱାସର ବାର୍ତ୍ତା ବହନ କରେ। ଦ୍ୱିତୀୟ ଗଣ୍ଠିରେ ଏକାନ୍ତରେ ସମର୍ପଣ ଓ ପାରିବାରିକ ଦାୟିତ୍ୱ ନେବାର ଅଙ୍ଗୀକାର ଦର୍ଶାଏ। ତୃତୀୟ ଗଣ୍ଠିରେ ଏକକାଳୀନ ସମ୍ମାନ ଓ ଜୀବନରେ ପରସ୍ପରକୁ ସହଯୋଗ କରିବାର ପ୍ରତିଶ୍ରୁତି ମିଳିଥାଏ। ଚତୁର୍ଥ ଗଣ୍ଠି ସୁଖ ଓ ଶାନ୍ତି, ସମୃଦ୍ଧି ଓ ସମ୍ପତ୍ତିର ପ୍ରତୀକ। ପଞ୍ଚମ ଗଣ୍ଠି ଆଧ୍ୟାତ୍ମିକ ସ୍ତରରେ ଦମ୍ପତିଙ୍କ ମଧ୍ୟରେ ଏକ ଅତୁଟ ବନ୍ଧନର ନିଦର୍ଶନ ଅଟେ। ତେଣୁ ସମ୍ପର୍କକୁ ମଧୁମୟ କରିବାକୁ ଭୁଲ ନ ଥାଇ ମଧ କେବେ କେବେ ନଇଁଯିବା ଆବଶ୍ୟକ। ଏହା ନୁହେଁ ଯେ, ଆପଣ ଭୁଲ୍ ଏବଂ ଅନ୍ୟ ବ୍ୟକ୍ତି ଠିକ୍। ଏହାର ଅର୍ଥ ହେଉଛି ଯେ, ଆପଣ ଆପଣଙ୍କର ଅହଂକାର ଅପେକ୍ଷା ସମ୍ପର୍କକୁ ଅଧିକ ପ୍ରାଧାନ୍ୟ ଦିଅନ୍ତି। ଦାମ୍ପତ୍ୟ କଳିରେ ଅତୀତର କୌଣସି ଘଟଣାକୁ ବାରମ୍ବାର ଦୋହରାଇଲେ ତିକ୍ତତା ବଢ଼ିଥାଏ। ପତି ପତ୍ନୀ ଯେତେ ଭୁଲ୍ କଲେ ମଧ ସେମାନେ ପରସ୍ପରକୁ ବ୍ୟକ୍ତିଗତ ଭାବରେ ଅନୁଭବ କରାଇବା ଉଚିତ୍ ଏବଂ ସମାଜ ସାମ୍ନାରେ ପରସ୍ପରକୁ ଲଜ୍ଜିତ ନ କରିବା, ବୁଝିବା ଏବଂ ସମ୍ମାନ କରିବା ହେଉଛି ବିବାହର ପ୍ରକୃତ ଅର୍ଥ। ବିବାହ ସପ୍ତମ ବଚନରେ ମାତା ପାର୍ବତୀ କହିଛନ୍ତି ଯେ, ଯଦି ନାରୀ ଜାଣିଶୁଣି କିମ୍ବା ଅଜାଣତରେ ଭୁଲ୍ କରେ, ତେବେ ତାଙ୍କୁ ସେହି ଦୋଷଟିକୁ ବ୍ୟକ୍ତିଗତ ଭାବରେ ବୁଝାଇବା ଉଚିତ୍ ଏବଂ ସମାଜ କିମ୍ବା ଲୋକଙ୍କ ସାମ୍ନାରେ ନୁହେଁ, ଉଚ୍ଚ କଠୋର କଥା କହି ଲଜ୍ଜିତ କରିବା ଉଚିତ୍ ନୁହେଁ, କାରଣ ତା'ର ସମ୍ମାନକୁ କ୍ଷତି ପହଞ୍ଚାଇବା ଅନୁରୂପ ଭାବରେ ସ୍ୱାମୀଙ୍କର କୌଣସି ଦୋଷତ୍ରୁଟି ପରିବର୍ତ୍ତନ ପାଇଁ ଅନ୍ୟର ସାହାରା ନୁହେଁ ବରଂ ସ୍ୱୟଂ ତାଙ୍କ ପ୍ରତି ନିବିଡ଼ ଭଲ ପାଇବା ପ୍ରଦର୍ଶନ ପୂର୍ବକ ମନୋଭାବକୁ ବୁଝିବା ଉଚିତ୍। ଜୀବନର ଅଙ୍କାବଙ୍କା ରାସ୍ତାରେ ଅନେକ ସମସ୍ୟା ଉପୁଜିପାରେ, ମାତ୍ର କୌଣସି ପରିସ୍ଥିତିରେ ସ୍ୱାମୀଙ୍କ ଠାରୁ ଅଲଗା ହୋଇ ତାଙ୍କୁ ସୁଧାରିବା ନିଷ୍ପତ୍ତି ଅତ୍ୟନ୍ତ ବୋକାମୀ। ଏହା ଦ୍ୱାରା ସମ୍ପର୍କରେ ଦୂରତା ସୃଷ୍ଟି ହେବା ସହିତ ଅପରପକ୍ଷ ପଶି ସମସ୍ୟାଟିକୁ ଅଧିକ ଜଟିଳ କରିଥାଏ। ବେଳେବେଳେ ଦେଖାଯାଏ ଶାଶୁଘର ସଦସ୍ୟଙ୍କ କୌଣସି କଥାକୁ ବାରମ୍ବାର ସ୍ୱାମୀଙ୍କ କାନରେ କହି ତାଙ୍କ ଆପଣାର ହେବାକୁ ଚେଷ୍ଟା କରିବା ଫଳ ଓଲଟା ମିଳିଥାଏ। ପରିବାରରେ କିଛି ସଦସ୍ୟଙ୍କ ସହିତ ସୁସମ୍ପର୍କ ନ ରହିଲେ ମଧ କୁ-ସମ୍ପର୍କରେ ପରିଣତ କରିବା ଆଦୌ ସମୀଚୀନ ନୁହେଁ। ସମ୍ପର୍କ ମଧୁର ହେଉ ଅବା ନ ହେଉ ସେମାନଙ୍କ ପ୍ରତି କର୍ତ୍ତବ୍ୟ ସୁଚାରୁରୂପେ ପାଳନ କରୁ କରୁ ଏହା ଅଜାଣତରେ କେବେ ମିଠା ପାଲଟି ଯାଇଥାଏ। ପତିପତ୍ନୀଙ୍କ ଶୃଙ୍ଖଳିତ ଏବଂ ଶାନ୍ତିପୂର୍ଣ୍ଣ ଯୁଗ୍ମ ଜୀବନ ପାଇଁ କୌଣସି ସର୍ତ୍ତର ଆବଶ୍ୟକତା ନ ଥାଏ, ସ୍ୱାଧୀନତା ଗୁରୁତ୍ୱ ଥାଏ। ସ୍ୱାଧୀନତା ସମ୍ପର୍କକୁ ଅଧିକ ଦୃଢ଼ କରିଥାଏ। ସମ୍ପର୍କର ଉଭୟ ପକ୍ଷ ସ୍ୱଚ୍ଛନ୍ଦ, ମୁକ୍ତ ଓ ଖୁସି ଅନୁଭବ କରିଥାଆନ୍ତି। ଯେଉଁଥିପାଇଁ ସେମାନେ ସମ୍ପର୍କରେ ସମ୍ପୂର୍ଣ୍ଣ ହୃଦୟକୁ ଢାଳିଦେବା ପାଇଁ ପ୍ରେରଣା ଅନୁଭବ କରିଥାଆନ୍ତି। ମାତ୍ର ଏହି ସ୍ୱାଧୀନତା ଉଚ୍ଛୃଙ୍ଖଳତାରେ ପରିଣତ ହେବା ଉଚିତ୍ ନୁହେଁ। ସମ୍ପର୍କରେ ସବୁଠୁ ବଡ଼ କଥା ହେଲା, ପରସ୍ପରଙ୍କ ଭାବନାକୁ ଉଚିତ୍ ସମ୍ମାନ ଦେବା। ଏକ ସୁସ୍ଥ ସମ୍ପର୍କ ସ୍ଥାପନ ପାଇଁ ଧୈର୍ଯ୍ୟ ଓ ବୁଝାମଣା ସବୁବେଳେ ଜରୁରୀ ହୋଇଥାଏ। ପରସ୍ପରଙ୍କ ଦୁର୍ବଳତାକୁ ବୁଝି ସହଜତାର ସହିତ ମତ ପ୍ରକାଶ କଲେ ଉଭୟ ଆଗକୁ ଅଗ୍ରସର ସହ ସମ୍ପର୍କ ମଧ ମଜବୁତ ହୋଇଥାଏ।

ଜନ୍ମ, ମୃତ୍ୟୁ ଓ ବିବାହ ଶରୀର ରଚନା ପୂର୍ବରୁ ଅଦୃଶ୍ୟ ହାତରେ ସ୍ଥିରୀକୃତ ହୋଇଥାଏ। ପୂର୍ଣ୍ଣତା କାହାଠୁ ଆଶା କରନ୍ତୁ ନାହିଁ। ପୂର୍ଣ୍ଣତା ଏ ସଂସାରରେ ସମ୍ଭବ ନୁହେଁ। କେହି ବି ନିଖୁଣ ନାହାନ୍ତି। ସେମିତି ଖୋଜିବା ଅର୍ଥ ହତାଶାକୁ ନିମନ୍ତ୍ରଣ କରିବା। ସମ୍ପର୍କ ପାଇଁ ବୁଝାମଣା, ଆତ୍ମତ୍ୟାଗ ଏବଂ ସ୍ନେହ ନିହାତି ଜରୁରୀ। ସମ୍ପର୍କକୁ ସହଜରେ ନୁହେଁ ଗାମ୍ଭୀରତାର ସହ, ସମ୍ମାନର ସହ ଗ୍ରହଣ କରିବା ଉଚିତ୍। ଥରେ ଗଢ଼ିବା ପରେ ନିୟମିତ ଯତ୍ନ ନେବା ଆବଶ୍ୟକ। ଠିକ୍ ପାଣିପାଗ ନ ରହିଲେ ସମ୍ପର୍କର ଗଛଟି ଉଧେଇବ ନାହିଁ। ତେଣୁ ବିଭିନ୍ନ ସମସ୍ୟା ଓ ଆହ୍ୱାନଗୁଡ଼ିକ ଭିତରେ ଚଳିବା ପାଇଁ ଚେଷ୍ଟା କରିବା। ଛାଡ଼ପତ୍ର ଶେଷ ପଦକ୍ଷେପ ନୁହେଁ। ଶ୍ରୀ ସତ୍ୟସାଇ ବାବା କହିଛନ୍ତି, "ଯେଉଁ ଘରେ ପତି ପତ୍ନୀଙ୍କ ପବିତ୍ର ପ୍ରେମ ବନ୍ଧନ ଅତି ସୁଦୃଢ଼, ଯେଉଁଠି ଦିବ୍ୟଶାସ୍ତ୍ର ପଠନରେ ଗୃହ ନିନାଦିତ ଏବଂ ସମୂହ ଭାବରେ ବିଭୁ ନାମ ସ୍ମରଣ ଓ ଗାନରେ ସମସ୍ତେ ମଗ୍ନ ସେହି ଗୃହ ଈଶ୍ୱରଙ୍କ ନିବାସ। ସ୍ୱାର୍ଥପରତାରେ ଉର୍ଦ୍ଧ୍ୱରେ ପରିବାର ତଥା ସମାଜ ମଙ୍ଗଳ କାର୍ଯ୍ୟରେ ପତିପତ୍ନୀ ନିୟୋଜିତ ରହିବା ସହିତ ନିଜ ନିଜ ଧର୍ମକୁ ଧରି ରଖିବା ଆବଶ୍ୟକ। ଜୀବନର ପରିଣତ ବୟସରେ ଜୀବନସାଥୀର ଆବଶ୍ୟକତା ବହୁତ ବେଶୀ ପଡ଼ିଥାଏ। ଉଭୟ ଉଭୟଙ୍କର ମାନସିକତା ଓ ପାରିବାରିକ ଆବଶ୍ୟକତାକୁ ହୃଦୟଙ୍ଗମ କରିବା ଜରୁରୀ। ଉଭୟ ସ୍ୱାମୀ ଓ ସ୍ତ୍ରୀ ପରସ୍ପର ପ୍ରତି ସମ୍ବେଦନଶୀଳ, ବିଚାରଶୀଳ ଓ ବିବେକୀ ହେବା ଦରକାର। ଉତ୍ତମ ବୁଝାମଣା ସହଯୋଗରେ ଏକ ଶାନ୍ତ, ସୁନ୍ଦର, ଆଦର୍ଶମୟ ପରିବାର ପ୍ରତିଷ୍ଠା ସମ୍ଭବ। ପରିବାରରେ ଐକ୍ୟ, ଶୃଙ୍ଖଳା ବଜାୟ ରଖିବାକୁ ସର୍ବୋପରି ପିଲାଙ୍କ ଉତ୍ତମ ଭବିଷ୍ୟତର ପରିକଳ୍ପନା ପାଇଁ ପତି ପତ୍ନୀଙ୍କ ସମ୍ପର୍କ ଦୃଢ଼, ସଶକ୍ତ ରହିବାକୁ ହେବ, ଠିକ୍ ସୁଦୃଢ଼ ରାଶି ଭଳି।



ବ୍ରହ୍ମପୁର(ଭାସ୍କର ନ୍ୟୁଜ): ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡ଼ ଶର୍ବଣ ବିବେକ ଏମ୍‌ଙ୍କ ଦ୍ୱାରା ବ୍ରହ୍ମପୁର ଉପଖଣ୍ଡ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଓ ବ୍ରହ୍ମପୁର ଉପଜିଲ୍ଲାପାଳ ଦାନା ଦସ୍ତଗିର ମଧ୍ୟ ଉପସ୍ଥିତ ଥିଲେ । ଆଜିର ଅଭିଯୋଗ ଶୁଣାଣି ରେ ସମୁଦାୟ ୧୧୧ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୯୨ଟି, ଗ୍ରାମ ଭିତ୍ତିକ ସମସ୍ୟା ୬ଟି ରହିଥିବା ବେଳେ ୧୧ଟି ଅଭିଯୋଗ ତୁରନ୍ତ ସମାଧାନ କରାଯାଇଥିଲା । ରେଡକ୍ରସ ତରଫରୁ ଦୁଇ ଜଣଙ୍କୁ ୧୦୦୦୦ ଓ ୩୦୦୦ ଟଙ୍କା ସହାୟତା ରାଶି ଚେକ୍ ଦ୍ୱାରା ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ ଅଭିଯୋଗ ଗୁଡ଼ିକୁ ତୁରନ୍ତ ସମାଧାନ କରିବା ପାଇଁ ଉପସ୍ଥିତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ଶୁଣାଣି ରେ ବ୍ରହ୍ମପୁର ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାର ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହିଥିଲେ ।

# ବେଆଇନ୍ ବାଲିଘାଟରେ ମାଇନ୍ସ ବିଭାଗର ଚଢ଼ଉ, ଟ୍ରାକ୍ଟର ଓ ଜେସିବି ଜବତ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ବାଲି ମାଫିଆମାନଙ୍କ ରାଜ୍ ଚାଲିଥିବା ବେଳେ କୁଶଭଦ୍ରା ନଦୀ ପାଲଟିଛି ବାଲି ଚୋରଙ୍କ ଆଡ୍ଡାସ୍ଥଳୀ । ବାରମ୍ବାର ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଖଣି ବିଭାଗ ଭାର୍ଗବୀ ନଦୀରେ ବାଲି ଖୋଳା ଚାଲିଥିବା ବେଳେ ସେଠାରେ ଚଢ଼ଉ କରିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ନିମାପଡ଼ା କୁଶଭଦ୍ରା ନଦୀରୁ ବାଲି ଚୋରି ହେଉଥିବା ବେଳେ ବଳଙ୍ଗା ଥାନା ଭାର୍ଗବୀ ନଦୀ ଗୋପିନାଥପୁର ଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ ହେଉଥିବା ଜାଣିପାରି ବାଲିଘାଟ ଉପରେ ଜିଲ୍ଲା ଖଣି ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି । ଟ୍ରାକ୍ଟର ଓ ଗୋଟିଏ ଜେସିବିକୁ ଖଣି ବିଭାଗ ଅଧିକାରୀ ଜବତ କରିଛନ୍ତି । ଭାର୍ଗବୀ ନଦୀର ପିପିଲି ତହସିଲ ଅଧିନ ରାଜତେଇ ମୌଜାର ବାଲି ମାଫିଆମାନେ ଗୋପିନାଥପୁରରେ ବେଆଇନ ଭାବେ ବାଲି ଉତ୍ତୋଳନ କରୁଥିବା ବେଳେ ଗତ ଦୁଇଦିନ ତଳେ ପୁନର୍ବାର ଅନ୍ୟ ଏକ ଗୋଷ୍ଠୀ ବାଲି ଉଠାଇବା ପାଇଁ ଉକ୍ତ ସ୍ଥାନରୁ ମାତ୍ର କେଇ ମିଟର ଦୂରରେ ମାଫିଆମାନେ ନଦୀବନ୍ଧ କାଟି ବାଲି ଉଠାଇବା ପାଇଁ ମଙ୍ଗଳବାର ରାସ୍ତା ନିର୍ମାଣ କରୁଥିବା ନେଇ ଜିଲ୍ଲା ଖଣି ବିଭାଗ ଅଧିକାରୀ ସମୀର ରଂଜନ ମିଶ୍ର ସୂଚନା ପାଇଥିଲେ । ସୂଚନା ଆଧାରରେ ଶ୍ରୀ ମିଶ୍ର ବଳଙ୍ଗା ଥାନାଧିକାରୀ ଦିବ୍ୟ ରଂଜନ ପଣ୍ଡାଙ୍କ ସହ ଘଟଣାସ୍ଥଳରେ ଚଢ଼ଉ କରି ଗୋଟିଏ ଜେସିବି, ଗୋଟିଏ ବାଲି ଟ୍ରାକ୍ଟରକୁ ଜବତ କରି ଥାନା ଜିମା ଦେଇଛନ୍ତି । ବର୍ତ୍ତମାନ ବର୍ଷା ଦିନ ଆରମ୍ଭ ହୋଇ ସାରିଥିବା ବେଳେ ବାଲି ମାଫିଆମାନେ ହରିପୁରରୁ ବଳଙ୍ଗା ମଧ୍ୟରେ ନଦୀବନ୍ଧକୁ କାଟି ବେଆଇନ ଭାବେ ବାଲି ଉଠାଉଛନ୍ତି । ଫଳରେ ଆଗକୁ ନଦୀରେ ବନ୍ୟା ଆସିଲେ ଏସବୁ ସ୍ଥାନରେ ଘାଇ ଭାଙ୍ଗିବା ସମ୍ଭାବନା ଦେଖାଦେଇଛି । ଗୋଟିଏ ପଟେ ଜଳ ସଂପଦ ବିଭାଗ ପକ୍ଷରୁ କୋଟି କୋଟି ଖର୍ଚ୍ଚ କରାଯାଇ ନଦୀବନ୍ଧ ସୁଦୃଢ଼ୀକରଣ କରାଯାଉଥିବା ବେଳେ ବାଲି ମାଫିଆମାନେ ସୁଦୃଢ଼ୀକରଣ ବନ୍ଧକୁ କାଟି ବାଲି ବୁହାଇବା ଦ୍ୱାରା ବନ୍ଧ ଦୁର୍ବଳ ହେଉଛି । ଅରିଶକ୍ଷ ପଂଚାୟତ ମୁରାରୀପୁର ଘାଟରୁ ଗୋଟିଏ ଟିମ୍ ଜେସିବି ଓ ୫୦ରୁ ଊର୍ଦ୍ଧ୍ୱ ଟ୍ରାକ୍ଟରର ସାହାଯ୍ୟରେ ନଦୀ ଗର୍ଭକୁ ଖୋଳି ବାଲି ମାଟି ଉତ୍ତୋଳନ କରୁଛନ୍ତି । ଏପରିକି, ଶ୍ମଶାନ ଜମିକୁ ମଧ୍ୟ ଛାଡ଼ୁନାହାନ୍ତି । ଖଣି ବିଭାଗ ନିକଟରେ ଚଢ଼ଉ କରିବେ ବୋଲି ସୂଚନା ଦେଇଛନ୍ତି ।

### ବାଙ୍କୀରେ ଚାଲିଛି ଖଣିଜ ପଦାର୍ଥ ଚୋରାଚାଲାଣ

# ପ୍ରଶାସନ ନିରବଦ୍ରଷ୍ଟା, ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱହାନି



ବାଙ୍କୀ(ଭାସ୍କର ନ୍ୟୁଜ): ବାଙ୍କୀରେ ଦିବାଲୋକରେ ଚାଲିଛି ବେଆଇନ ମୋରମ ଚାଲାଣ । ସବୁ ଜାଣିଶୁଣି ନୀରବଦ୍ରଷ୍ଟା ସାଜିଛି ବାଙ୍କୀ ପ୍ରଶାସନ । କୋଟି କୋଟି ଟଙ୍କା ରାଜସ୍ୱ ହାନି ହେଉଥିବା ଜଣାପଡ଼ିଛି । ସୂଚନାଥାଉ କି ବାଙ୍କୀ ତହସିଲ ଅଧୀନ ବଡ଼ପୁଟ ପଞ୍ଚାୟତ ଅନ୍ତର୍ଗତ ମହାବେନେଶ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରୁ ଚାଲିଛି ମାଟି ଚୋରି, କିନ୍ତୁ ନିରବଦ୍ରଷ୍ଟା ସାଜିଛନ୍ତି ବିଦ୍ୟାଳୟର ପ୍ରଧାନ ଶିକ୍ଷକ । ମାତ୍ର ଦୁଇଶହ ମିଟର ଦୂରରେ ରାଜସ୍ୱ ନିରିକ୍ଷକଙ୍କ କାର୍ଯ୍ୟାଳୟ ଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ କ୍ଷତି ହେଉଛି ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ । ବାରମ୍ବାର ଖବର ପ୍ରକାଶ ସତ୍ତ୍ୱେ କାହାର ସ୍ୱାର୍ଥ ନିମନ୍ତେ ଚୁପ୍ କାହିଁକି ନୀରବ ବସିଛନ୍ତି ଉପଜିଲ୍ଲାପାଳ ମହୋଦୟ । ଚୋରା ମାଫିଆଙ୍କଠାରୁ ମାସିକିଆ ଟଙ୍କା ନେଇ ଚୁପ୍ ବସିଛନ୍ତି ବାଙ୍କୀ ପ୍ରଶାସନ ବୋଲି ଜନସାଧାରଣରେ ଆଲୋଚନା ହେଉଛି । ବିଦ୍ୟାଳୟର କେତେକ ପୁରୁଣା କର୍ମଚାରୀ ଏହି ଚୋରା ବ୍ୟବସାୟରେ ସମ୍ପୃକ୍ତ ଥିବା ମଧ୍ୟ ନେଇ ଖବର ମିଳୁଛି । ତୁରନ୍ତ ଉକ୍ତ ମାଟି ମାଫିଆକୁ ଗିରଫ କରିବା ପାଇଁ ଜନସାଧାରଣରେ ଦାବି ଜୋର ଧରିଛି । ବାଙ୍କୀରେ ଏଭଳି ଚୋରା ମୋରମ ଚାଲାଣ ଘଟଣା ସମ୍ପର୍କରେ ବାଙ୍କୀ ତହସିଲଦାରଙ୍କୁ ପଚାରିବାରୁ ମିଟିଂରେ ଅଛି କହି ଫୋନ କାଟିଦେଇଥିବା ବେଳେ ବାଙ୍କୀ ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରାଙ୍କୁ ପଚାରିବାରୁ ସେଇଁ ଜାଗାରୁ ଏଭଳି ଚୋରାଚାଲାଣ ହେଉଛି ଠିକଣା ଦେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ପଚାରିବାର କିଛି ସମୟ ପରେ ବଡ଼ପୁଟ ରାଜସ୍ୱ ନିରୀକ୍ଷକ ଘଟଣା ସ୍ଥଳରେ ପହଞ୍ଚି ମୋରମ ମାଫିଆଙ୍କୁ ଚାଲିଯିବାକୁ କହିଥିବା ସ୍ଥାନୀୟ ଲୋକେ ଆଲୋଚନା କରୁଥିବା ଜଣାପଡ଼ିଛି । ଏଥିପ୍ରତି କଟକ ଜିଲ୍ଲାପାଳ ସ୍ୱତନ୍ତ୍ର ତଦନ୍ତ କଲେ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୋଇପାରିବ ବୋଲି ଜନସାଧାରଣ ମତପ୍ରକାଶ କରିଛନ୍ତି ।

## ମହିଳାଙ୍କ ସ୍ୱାବଲମ୍ବୀ ପାଇଁ ମୌଳିକ ବୟନ ତାଲିମ୍ ଶିବିର ଉଦ୍‌ଘାଟିତ



ଜଳେଶ୍ୱର(ଭାସ୍କର ନ୍ୟୁଜ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ମାକିଡ଼ିଆଠାରେ ମଙ୍ଗଳାବାର ଦିନ ୧୧ଟାରେ ଟସର ତନ୍ତୁବାୟ ସହଯୋଗ ସମିତି ଲିମିଟେଡ ଠାରେ ମୌଳିକ ବୟନ ତାଲିମ୍ ଶିବିର ଉଦଘାଟିତ ହୋଇଯାଇଛି । ଏହାକୁ ଫିତା କାଟି ଉଦ୍‌ଘାଟନ କରିଥିଲେ ଅତିରିକ୍ତ ବୟନ ଶିକ୍ଷ ନିର୍ଦ୍ଦେଶିକା ପଦ୍ମଶୀନି ସାହ । ଏହି ସରକାରୀ ବୟନ ଶିକ୍ଷ ନିର୍ଦ୍ଦେଶକ ବାଲେଶ୍ୱରଙ୍କ ଜରିଆରେ କାର୍ଯ୍ୟକୁ ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ମ ଜୁଲାଇ ୨୪ ରୁ ଡିସେମ୍ବର ୨୦ ଡିସେମ୍ବର ପର୍ଯ୍ୟନ୍ତ ୬ ମାସ ଧରି ଚାଲିବ ବୋଲି ସୂଚନା ମିଳିଛି । ତାଲିମ ନେଉଥିବା ପ୍ରତ୍ୟେକ ମହିଳା ମାସକୁ ୬ ହଜାର ଟଙ୍କା ଭତ୍ତା ପାଇବେ । ଏଥିରେ କୋଡିଏ ମହିଳା ଭାଗ ନେଇଛାନ୍ତି । ତାଲିମ ନେଉଥିବା ମହିଳାଙ୍କର ବୟସ ସୀମା ୧୮ ରୁ ୪୦ ବର୍ଷ ରହିଛି । ବୟନ ତତ୍ତ୍ୱାବଧାରକ ମମତା ଦାସ୍, ବୟନ ନିରୀକ୍ଷକ ମାଣିକ ହେମ୍ବ୍ରମ୍, ବୈଷୟିକ ସହାୟକ ବିଦ୍ୟୁତ୍ ଦାସ୍, ମୁଖ୍ୟ ଟ୍ରେନର ମାନସୀ ପାତ୍ରଙ୍କ ସହିତ ସଭାନେତ୍ରୀ କାଞ୍ଚନ ଲତା ଚାନ୍ଦ, ସଂପାଦକ ଶଶାଙ୍କ ଶେଖର ଦାସ୍ ସହିତ ସମାଜସେବୀ ସମୀର ଘଡ଼େଇ ଉପସ୍ଥିତ ଥିଲେ ।

## ନିମାପଡ଼ା ଏନ୍‌ଏସିରେ ଶୌଚାଳୟକୁ ନେଇ ବଢୁଛି ସମସ୍ୟା




ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଏନ୍‌ଏସି ବହୁ ପଛରେ ପଡ଼ିଥିବା ବେଳେ ଲୋକାଭିମୁଖୀ କାର୍ଯ୍ୟ ହୋଇପାରୁନାହିଁ । ଅନେକ ସମସ୍ୟା ଏହି ଅଂଚଳରେ ଲାଗି ରହିଥିଲେ ମଧ୍ୟ ତାହା ପ୍ରତିକାର ହେଉନାହିଁ । ଦୀର୍ଘବର୍ଷ ହେବ ପରିଷଦ ଅଂଚଳରେ ଶୌଚାଳୟ ନଥିବାରୁ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପର୍ଯ୍ୟଟକମାନେ ମଧ୍ୟ ହଇରାଣ ହରକତ ହେଉଥିବା ବେଳେ ଏ ଦିଗରେ ପରିଷଦ କୌଣସି ଦୃଷ୍ଟି ଦେଉନାହିଁ । ଲୋକଙ୍କ ପକ୍ଷରୁ ବହୁବାର ଅଭିଯୋଗ କରାଯାଇଛି । ମାତ୍ର ଅଭିଯୋଗ ଉପରେ ଅଧିକାରୀ କୌଣସି ପଦକ୍ଷେପ ନେଉନଥିବା ବେଳେ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ଶୌଚାଳୟରେ ଏକ ବର୍ଷ ହେବ ତାଲା ଝୁଲିଛି । ଯାହାକୁ ନେଇ ସରକାରଙ୍କ କେତେ ଯେ ବିକାଶ ତାହା ବାରି ହୋଇପଡୁଛି । ସୂଚନା ଅନୁଯାୟୀ, ନିମାପଡ଼ା ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଏକ ଶୌଚାଳୟ ରହିଥିଲା । ଶୌଚାଳୟକୁ କୋଣାର୍କ, କାକଟପୁର, ପୁରୀ, ଅସ୍ତରଙ୍ଗ ଯାତାୟତ କରୁଥିବା ପର୍ଯ୍ୟଟକମାନେ ବ୍ୟବହାର କରୁଥିବା ବେଳେ ଅନେକ ଯାତ୍ରୀ ଓ ବ୍ୟବସାୟୀ ବ୍ୟବହାର କରିଆସୁଥିଲେ । କୌଣସି କାରଣ ନଥାଇ ପରିଷଦ ତାଲା ପକାଇ ଦେଇଥିବା ବେଳେ ଲୋକମାନେ ଶୌଚ ହୋଇନପାରି ରାସ୍ତା କଡ଼ରେ ଶୌଚ ହେଉଛନ୍ତି । ଯାହାକୁ ନେଇ ଏହି ରାସ୍ତାଟି ନିମାପଡ଼ାରୁ କାକଟପୁର, ଅସ୍ତରଙ୍ଗ, ବଳଙ୍ଗା, ସାକ୍ଷୀଗୋପାଳ, କୋଣାର୍କ, ପୁରୀକୁ ସଂଯୋଗ ହୋଇଥିବା ବେଳେ ଯାତାୟତ ସମୟରେ ଦୁର୍ଗନ୍ଧରେ ନାକ ଫାଟି ପଡୁଛି । ଶୌଚାଳୟ ନଥିବାରୁ ଦିନ ଦ୍ୱିପ୍ରହରରେ ମଧ୍ୟ ଲୋକମାନେ ରୋକି ନପାରି ରାସ୍ତା କଡ଼ରେ ଶୌଚ ହେଉଛନ୍ତି । ସେହିପରି ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନିର୍ମାଣ ହୋଇଥିବା ଏକ ଶୌଚାଳୟ ଦିନ ୧୦ଟାରେ ଖୋଲୁଥିବା ବେଳେ ଅପରାହ୍ନରେ ବନ୍ଦ ହୋଇଯାଉଛି । ଜଇନାବାଦର ଏକ ମହିଳା ଗୋଷ୍ଠୀ ଏହାକୁ ପରିଚାଳନା କରୁଥିବା ବେଳେ ସେମାନେ ମନୋମୁଖୀ ଶୌଚାଳୟ ଖୋଲୁଛନ୍ତି ଓ ବନ୍ଦ କରୁଛନ୍ତି । ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ସଂପର୍କୀୟମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସବୁ ଜାଣି ମଧ୍ୟ ନିମାପଡ଼ା ଏନ୍‌ଏସି ଅଧ୍ୟକ୍ଷା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ନ ଜାଣିଲା ପରି କାର୍ଯ୍ୟ କରୁଥିବାରୁ ସାଧାରଣରେ ବେଳକୁ ବେଳ ଅସନ୍ତୋଷ ବଢ଼ି ଚାଲିଛି । ସରକାର ଗୋଟିକ ପରେ ଗୋଟିଏ ଯୋଜନା କରୁଥିବା ବେଳେ ଏହି ଯୋଜନା କ'ଣ ପାଇଁ କରୁନାହାନ୍ତି ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବା ପାଇଁ ଜନସାଧାରଣ ଦାବି କରିଛନ୍ତି ।

## ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୂତି



କଣ୍ଟାପଡ଼ା(ଭାସ୍କର ନ୍ୟୁଜ): ସାନମୁଳାଇସ୍ଥିତ ମହାପ୍ରଭୁ ମହାବୀର ତ୍ରିଦିବାସୀୟ ବିଶ୍ୱଶାନ୍ତି ମହାଜଜ୍ଞ ମଙ୍ଗଳବାର ପୂର୍ଣ୍ଣାହୁତି ସହ ସମାପିତ ହୋଇଛି । ଯଜ୍ଞର ଦ୍ୱିତୀୟ ଦିନରେ ମାଳିକା ପ୍ରବଚକ ଦିବାକର ଦାସ ଯୋଗ ଦେଇ ଶହ ଦର୍ଶକଙ୍କୁ ନିଜର ଯାଦୁଗରୀ ଶବ୍ଦରେ ବିମୋହିତ କରିଥିଲେ । ଯଜ୍ଞର ତୃତୀୟ ସନ୍ଧ୍ୟାରେ ମହାଯଜ୍ଞ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିବା ବେଳେ ସଫଳ ସମାପନ ପାଇଁ ମହାବୀର ଟେମ୍ପଲ ଟ୍ରଷ୍ଟ ସାନମୁଳାଇ ତରଫରୁ ଅଗଣିତ ଭକ୍ତ ବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

## ଶ୍ରମିକ ସଂଘ ଭଙ୍ଗାରୁଜା ଘଟଣା, ୨ କୋର୍ଟଚାଲାଣ




କାଳିଆପାଣି (ଭାସ୍କର ନ୍ୟୁଜ): କାଳିଆପାଣି ଖଣି ନିଗମ ଟାଉନସିପଠାରେ ଥିବା ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୂର ସଙ୍ଘ ଘଟଣାରେ ପୋଲିସ ୨ ଜଣକୁ ଗିରଫ କରି ମଙ୍ଗଳବାର କାଳିଆପାଣି ପୋଲିସ କୋର୍ଟଚାଲାଣ କରିଥିବା ଜଣାପଡିଛି । ଶ୍ରମିକ ସଙ୍ଘ ସମ୍ପାଦକ ଭରତ ମହାନ୍ତଙ୍କ ଏତଲା ଆଧାରରେ ଆଜି ଲକ୍ଷ୍ମୀଧର ମୁଣ୍ଡା ଓ ବିଶାଲ ମୁର୍ମୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଘଟଣାରୁ ପ୍ରକାଶ ସୋମବାର ଦିନ ୧. ୩୦ରେ ବିଜେପି ଦଳର ୮ରୁ ୧୦ ଜଣ କର୍ମି ଟାଉନସିପ ସ୍ଥିତ ଶ୍ରମିକ ସଙ୍ଘ କାର୍ଯ୍ୟାଳୟ କବାଟ, ଟେବୁଲ, ଚେୟାର, ଟିଭି ଭଙ୍ଗା ରୁଜା କରିବା ସହ ଦେଢ଼ ଲକ୍ଷ ଟଙ୍କା ଲୁଟ କରି ନେଇଥିଲେ । ମଙ୍ଗଳବାର ଦିନ ଅପରାହ୍ନରେ ଶ୍ରମିକ ସଙ୍ଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଘରଭଙ୍ଗା ଘଟଣାର ଅନ୍ୟ ଅଭିଯୁକ୍ତ ମାନଙ୍କୁ କାଳିଆପାଣି ପୋଲିସ ଧରିବାରେ ଆଜି ପର୍ଯ୍ୟନ୍ତ ବିଫଳ ହୋଇଛି । ଜାଣିଶୁଣି କାଳିଆପାଣି ପୋଲିସ ସେମାନଙ୍କୁ ଧରୁନି ବୋଲି କହିଛନ୍ତି । ପୋଲିସ ଠିକ୍‌ରେ ତଦନ୍ତ କରି ଆସାମୀକୁ ତୁରନ୍ତ ଗିରଫ କରିବା ସହ ଖଣି ଅଞ୍ଚଳରେ ଚାଲିଥିବା ଗୁଣ୍ଡାରାଜ, ଅରାଜକତା ଓ ଆତଙ୍କରାଜକୁ ବନ୍ଦ କରନଗଲେ ଶ୍ରମିକ ସଙ୍ଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ପୂର୍ବତନ ମନ୍ତ୍ରୀ ତଥା ଶ୍ରମିକ ସଙ୍ଘ ସଭାପତି ଇଂ ପ୍ରୀତିରଞ୍ଜନ ଘଡ଼ାଇ କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରମିକ ସଙ୍ଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଟ୍ରକ୍‌କୁ ଧକ୍କା ଦେଲା ବରଯାତ୍ରୀ ବସ୍, ଜଣେ ମୃତ



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ବିଲେଇପଦା କାରଣସାହି ନିକଟରେ ଗତକାଲି ବିଳମ୍ବିତ ରାତ୍ରିରେ ଏକ ଟ୍ରକ ପଛପଟୁ ଧକ୍କା ଦେଇଥିଲା ବରଯାତ୍ରୀ ବସ୍ । ଫଳରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୩ ଜଣ ଗୁରୁତର ହୋଇଛନ୍ତି । ବିଳମ୍ବିତ ରାତିରେ ଓଡି-୦ ୯ଏବି - ୭୬୨୮ ସୁବାସିନୀ ନାମକ ଘରୋଇ ବସ ବରଯାତ୍ରୀ ନେଇ ଫେରୁଥିବା ବେଳେ ଘଟିଛି ଏହି ଦୁର୍ଘଟଣା । କାରଣସାହି ନିକଟରେ ବସଟି ନିୟନ୍ତ୍ରଣ ହରାଇବାରୁ ଟ୍ରକ୍ ପଛରେ ଧକ୍କା ଦେଇଥିଲା । ଫଳରେ ଅନେକ ଯାତ୍ରୀ ଗୁରୁତର ଆହତ ହୋଇଥିବା ବେଳେ ଜଣକର ମୃତ୍ୟୁ ଘଟିଛି । ଗୁରୁତରଙ୍କୁ ପ୍ରଥମେ ବାସୁଦେବପୁର ମେଡିକାଲକୁ ନିଆଯାଇଥିଲା । ସେଠାରେ ଡାକ୍ତର ବସର ହେଲପର ଅଭିନୟ ଲୁଗୁନ୍ (୨୫)ଙ୍କୁ ମୃତ ଘୋଷଣା କରିଥିଲେ । ମୃତକଙ୍କ ଘର ବଲାଣୀ ଥାନା କିରିବୁରୁ ହିଲଟପ ବୋଲି ଜଣାପଡିଛି । ଖବର ପାଇ ଯୋଡ଼ା ଥାନା ଓ ବିଲେଇପଦା ଫାଣ୍ଡି ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ । ଗୁରୁତରଙ୍କୁ ପ୍ରଥମେ ବାସୁଦେବପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା । ୧୩ ଜଣ ବରଯାତ୍ରୀ ଏଥିରେ ଆହତ ହୋଇଥିଲେ । ଏମାନଙ୍କ ମଧ୍ୟରୁ ଆର୍ତ୍ତି ନାଏକଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ୫ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସୁସ୍ଥ ଥିବାବେଳେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ତ୍ତମାନ ୭ ଚିକିତ୍ସାଧୀନ ରହିଛନ୍ତି । ଘଟଣାସ୍ଥଳରେ ପୁଲିସ ତଦନ୍ତ ଆରମ୍ଭ କରିଛି ।

## ବ୍ୟାସ୍ ଫାଉଣ୍ଡେସନ୍‌ର ସହାୟତା: ବନିତା ଆଖିରୁ ଲୁହ ପୋଛିଲେ ସ୍ନେହମୟୀ



ପାରାଦୀପ(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲାରେ ବ୍ୟାସ ଫାଉଣ୍ଡେସନର ସେବଧର୍ମୀ କାର୍ଯ୍ୟ ସାଧାରଣରେ ଉଚ୍ଚ ପ୍ରଶଂସିତ ହୋଇଥିବା ବେଳେ କୁଜଙ୍ଗ ବ୍ଲକର ବୋରିଖି ଗ୍ରାମର ସ୍ୱର୍ଗତଃ ବନବିହାରୀ ଜେନାଙ୍କ ବିଧବା ପତ୍ନୀ ବନିତା ଜେନାଙ୍କୁ ସହାୟତାର ହାତ ବଢ଼ାଇ ସର୍ବାଦୃତ ହୋଇଛି ବ୍ୟାସ ଫାଉଣ୍ଡେସନ । ସ୍ୱାମୀଙ୍କ ମୃତ୍ୟୁ ପରେ ନିକଟ ସମ୍ପର୍କୀୟମାନଙ୍କ ହତାଦର ଓ ନିର୍ଯ୍ୟାତନା ମଧ୍ୟରେ ଅତିଷ୍ଠ ହୋଇ ପୁଅଝିଅଙ୍କ ପାଠପଢା, ଭବିଷ୍ୟତ ଓ ଅଧିକାର ପାଇଁ ବ୍ୟାସ ଫାଉଣ୍ଡେସନ ମାଧ୍ୟମରେ ନିଜର ସଂଗ୍ରାମ ଜାରି ରଖିଥିଲେ । କୁଜଙ୍ଗ ପୋଲିସର ସହାୟତା ଓ ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ ଓ ଉପସଭାପତି ରଶ୍ମିତା ନାୟକଙ୍କ ସଯତ୍ନ ପ୍ରୟାସରେ ଗତ ଅପ୍ରେଲ ୧ରେ ବନିତା ଶାଶୁଘରେ ରହିବା ପାଇଁ ସୁଯୋଗ ପାଇପାରିଥିଲେ । ବନିତାଙ୍କର ଏକ ମାତ୍ର ଝିଅ ଅଷ୍ଟମ ଶ୍ରେଣୀରେ ଓ ପୁଅ ପଞ୍ଚମ ଶ୍ରେଣୀରେ ଅଧ୍ୟୟନରତ । ବଞ୍ଚିବା, ପଢ଼ିବା ଓ ଅତ୍ୟାବଶ୍ୟକୀୟ ଭରଣ ପୋଷଣ ନିମନ୍ତେ ବନିତାଙ୍କର ସମ୍ବଳ କେବଳ ରାସନ୍ ଚାଉଳ । ୨ପିଲାଙ୍କ ପାଠପଢା ପାଇଁ ଅତ୍ୟାବଶ୍ୟକ ସହଯୋଗ ଯୋଗାଇ ଦେବା ପାଇଁ ବନିତା ଅସମର୍ଥ ଥିଲେ । ଶ୍ରୀମତୀ ଆଚାର୍ଯ୍ୟ ପିଲାଙ୍କ ସମ୍ପର୍କରେ ଅନେକ ଚିନ୍ତା କରି ପ୍ରଥମେ ବନିତାଙ୍କ ବିଧବା ଭତ୍ତା କରାଇବା ସହ ଜିଲ୍ଲା ସିଡବ୍ଲୁସି ବିଭାଗକୁ ଯୋଗାଯୋଗ କରି ଯୁଭେନାଇଲ ଜଷ୍ଟିସ ବା କିଶୋର ନ୍ୟାୟ ଯୋଜନା ମାଧ୍ୟମରେ ପିଲମାନଙ୍କ ପାଇଁ ମାସିକ ଆର୍ଥିକ ପ୍ରୋତ୍ସାହନ ସ୍ଥିରୀକୃତ କରିଛନ୍ତି । ଆଗାମୀ ଦିନରେ ଏହି ଯୋଜନାରୁ ମିଳିବାକୁ ଥିବା ଆର୍ଥିକ ପ୍ରୋତ୍ସାହନ ବନିତା ଓ ତାଙ୍କ ପିଲାଙ୍କ ମୁହଁରେ ନିଶ୍ଚିତ ହସ ଫୁଟାଇ ପାରିବ । ଏହାପରେ ବନିତାଙ୍କୁ ଗଜଲକ୍ଷ୍ମୀ କ୍ଲଥଷ୍ଟୋର ଦ୍ୱାରା ଏକ ସିଲେଇ ମେସିନ୍ ମଧ୍ୟ ପ୍ରଦାନ କରାଯିବ । ଏହା ଦ୍ୱାରା ବନିତା ସ୍ୱାବଲମ୍ବୀ ହେବା ସହ ବଞ୍ଚିଥିବା ପର୍ଯ୍ୟନ୍ତ ପିଲା ଦୁଇଜଣଙ୍କ ଭବିଷ୍ୟତକୁ ସୁଗମ କରିପାରିବେ । ବନିତାଙ୍କୁ ସରକାରୀ ସହଯୋଗ ଯୋଗାଇଦେବାକୁ ପ୍ରୟାସ କରିଥିବା ସିଡବ୍ଲୁସିର ସମସ୍ତ କର୍ମକର୍ତ୍ତାଙ୍କୁ ଏବଂ ବ୍ୟାସ ଫାଉଣ୍ଡେସନର ବରିଷ୍ଠ ସଦସ୍ୟ ଉଦୟନାଥ ସ୍ୱାଇଁଙ୍କୁ ଅଧ୍ୟକ୍ଷା ଶ୍ରୀମତୀ ଆଚାର୍ଯ୍ୟ କୃତଜ୍ଞତା ଜଣାଇଛନ୍ତି । ତେବେ ବନିତାଙ୍କ ସହଯୋଗ କରି ତାଙ୍କ ଆଖିରୁ ସ୍ନେହମୟୀ ଲୁହ ପୋଛିଲେ ବୋଲି ସାଧାରଣରେ ଆଲୋଚନା ଓ ପ୍ରଶଂସା କରାଯାଇଛି ।

## ବିବାହ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୁଷ୍କର୍ମ, ଯୁବକ କୋର୍ଟଚାଲାଣ



କୋଷାଗୁମୁଡା(ଭାସ୍କର ନ୍ୟୁଜ): ବିଗତ ଦୁଇ ବର୍ଷରୁ ଦୁହେଁ ପ୍ରେମ ସଂପର୍କରେ ଥିଲା । ବିବାହ ପ୍ରଲୋଭନ ଦେଖାଇ ଯୁବକ ଯୁବତୀକୁ ବର୍ଷ ବର୍ଷ ଧରି ଧର୍ଷଣ କରିଆସୁଥିଲେ । ବର୍ତ୍ତମାନ ଯୁବତୀ ୨ମାସର ଗର୍ଭବତୀ ହୋଇଛି ବୋଲି ସୋମବାର ଯୁବତୀ ନିଜେ କୋଷାଗୁମୁଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଯୁବକ ରାଣୀଗୁଡା ବଡ଼ ଆମ୍ବଡାର ଅରୁଣ କୁମାର ଗଣ୍ଡା(୨୦) ଥିବାବେଳେ ଅଭିଯୋଗ କରିଥିଲେ ଗଜାଗାଁର ଅଞ୍ଜୁ ଶିଆଳି(୨୦) ନାମକ ଯୁବତୀ । ତେବେ ଯୁବତୀର ଲିଖିତ ଅଭିଯୋଗକୁ ଭିତ୍ତି କରି କୋଷାଗୁମୁଡା ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ କେସ ନମ୍ବର ୧୧୮/୨୫ରେ ଧାରା ୬୪(୨)(ଏମ୍)/୩୫୧(୩)ବିଏନେସରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଯୁବକକୁ ନିଜ ଗାଁରୁ ଗିରଫ କରି କୋଷାଗୁମୁଡା ମେଡ଼ିକାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରି ନବରଙ୍ଗପୁର କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ଶ୍ରୀ ନାୟକ କହିଛନ୍ତି ।

## ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର




ଢେଙ୍କାନାଳ(ଭାସ୍କର ନ୍ୟୁଜ): ବିଶ୍ୱ ରକ୍ତଦାନ ଦିବସ ଉପଲକ୍ଷେ ଢେଙ୍କାନାଳ ଜିଲ୍ଲା ନରେନ୍ଦ୍ରପୁରସ୍ଥିତ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା । ଏହି ଶିବିରରେ କମ୍ପାନୀ କମର୍ଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ଉତ୍ସାହଜନକ ଭାବେ ଅଂଶଗ୍ରହଣ କରିବା ସହ ୩୭୬ ୟୁନିଟ୍ ରକ୍ତଦାନ କରିଥିଲେ । ଉତ୍ତମ ସିଂହ, ଭାଇସ ପ୍ରେସିଡେଣ୍ଟ ଅପରେସନ୍ସ, ଟାଟାଷ୍ଟିଲ ମେରାମଣ୍ଡଳୀ ମୁଖ୍ୟ ଅତିଥି ଭାବେ ଯୋଗେଦଇ ଶିବିର ଉଦ୍‌ଘାଟନ କରିଥିଲେ । ସେ ନିଜେ ମଧ୍ୟ ରକ୍ତଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିଲେ । ତାଙ୍କ ବକ୍ତବ୍ୟରେ ସେ ରକ୍ତଦାତାଙ୍କୁ କୃତଜ୍ଞତା ଜଣାଇବା ସହ ଏଭଳି ଜୀବନରକ୍ଷାକାରୀ ପ୍ରୟାସରେ ସଭିଏଁ ସାମିଲ ହେବାକୁ ଆହ୍ୱାନ କରିଥିଲେ । ଶିବିରରେ ଟିଏସ୍‌ଏମ୍‌ର ଆଇରନ୍‌ମେକିଂ ମୁଖ୍ୟ ଅମିତ ସିଂହ, ପାୱାର ସିଷ୍ଟମ ମୁଖ୍ୟ ରାଜେଶ କୁମାର ଅଗ୍ରୱାଲ୍, ଏଚ୍‌ଆରବିପି ମୁଖ୍ୟ ଅମିତାଭ ଝା ଓ ସୁରକ୍ଷା ମୁଖ୍ୟ ବିଳାସ ଏନ୍ ଗାଏକ୍‌ୱାଡ଼, ଡିଆରଆଇ ଆଣ୍ଡ ସିର ପ୍ଲାଣ୍ଟ ମୁଖ୍ୟ ରମେଶ କନନ ମନିଙ୍କ ସମେତ କମ୍ପାନୀର ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଟିଏସ୍‌ଏମ୍‌ର ମେଡିକାଲ୍ ସେବା ବିଭାଗ ଦ୍ୱାରା ସୁଚାରୁ ରୂପେ ଶିବିର ସଂଚାଳନ ହୋଇଥିଲା । ଏଥିରେ ଡାକ୍ତର ଆଶିଷ ମହାପାତ୍ର, ଡାକ୍ତର ଅବିନାଶ ଦାଶ, ଡାକ୍ତର ନାରାୟଣ ପଣ୍ଡା, ଡାକ୍ତର ରଶ୍ମିତା ଭି, ରୋଜଶ ଶାହା ଓ ନର୍ସ ଏବଂ ପାରାମେଡିକାଲ୍ ଷ୍ଟାଫ୍‌ମାନେ ସହଯୋଗ କରିବା ସହ ସକ୍ରିୟ ଯୋଗଦାନ ଦେଇଥିଲେ । ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ବ୍ଲଡ୍ ବ୍ୟାଙ୍କ ଏବଂ ସମ୍ବାଦ ଗ୍ରୁପ୍‌ର 'ଆମ ଓଡ଼ିଶା' ସଦସ୍ୟମାନଙ୍କ ସହଯୋଗରେ ରକ୍ତ ସଂଗୃହିତ ହୋଇଥିଲା । ବ୍ଲଡ୍ ବ୍ୟାଙ୍କ ଡାକ୍ତର ସ୍ୱରୂପ ରଞ୍ଜନ ସାହୁ, ରକ୍ତ କେନ୍ଦ୍ର ଅଧିକାରୀ, ଢେଙ୍କାନାଳ, ବିନୋଦିନୀ ଜୋଗାନିଆ, ନର୍ସିଂ ଅଧିକାରୀ ଏବଂ ଲ୍ୟାବ ଟେକ୍ନିସିଆନ୍‌ଙ୍କ ଏକ ଟିମ୍ ରକ୍ତ ସଂଗ୍ରହରେ ସକ୍ରିୟ ଯୋଗଦାନ କରିଥିଲେ ।

## ଅଟୋ ଓଲଟି ୨ ଗୁରୁତର, ୪ ଆହତ

ଆଳି,(ଭାସ୍କର ନ୍ୟୁଜ): ଆଳି ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତାର ଏଚପି ତେଲ ଟାଙ୍କି ଛକ ନିକଟରେ ଅପରାହ୍ନ ପ୍ରାୟ ୩ଟା ସମୟରେ ଏକ ଅଟୋ ଭାରସାମ୍ୟ ହରାଇ ପଲଟିଯିବା ଫଳରେ ଅଟୋରେ ଥିବା ୪ ଜଣ ଆହତ ହୋଇଥିବା ବେଳେ ଜଣେ ବୃଦ୍ଧା ଓ ଜଣେ ଶିଶୁ ଗୁରୁତର ଆହତ ହୋଇଛନ୍ତି । ଆହତ ବୃଦ୍ଧା ଓ ଶିଶୁ ହେଉଛନ୍ତି ମେଂଢପୁର ପଞ୍ଚାୟତର ଆଳକଣା ଗ୍ରାମର ଲକ୍ଷ୍ମୀ ମଲିକ(୪୪) ଏବଂ ଶ୍ରାବଣୀ ମଲିକ (୮) । ସେ ଏକ ଅଟୋ ଯୋଗେ ରାଜକନିକାରୁ କାର୍ଯ୍ୟ ସାରି ନିଜ ଘର ଆଳିକୁ ଫେରୁଥିବା ସମୟରେ ଏଚପି ତେଲ ଟାଙ୍କି ନିକଟରେ ଅଟୋଟି ଭାରସାମ୍ୟ ହରାଇ ପଲଟିଯିବା ଫଳରେ ଲକ୍ଷ୍ମୀଙ୍କ ହାତ, ଆଣ୍ଠୁ, ମୁହଁ ଓ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ଶ୍ରାବଣୀଙ୍କ ଆଣ୍ଠୁ, ଛାତି, ମୁହଁ ଓ ହାତରେ ଗଭୀର ଆଘାତ ଲାଗିଛି । ଉଭୟଙ୍କୁ ପ୍ରଥମେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ତାଙ୍କର ଆଶୁ ଚିକିତ୍ସା କରାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛନ୍ତି । ଖବର ସୂତ୍ରରୁ ପ୍ରକାଶ ଅପରାହ୍ନ ସମୟରେ କଟକ-ଚାନ୍ଦବାଲି ରାସ୍ତାର ଦୁର୍ଘଟଣା ବହୁଳ ଏଚପି ତେଲ ଟାଙ୍କି ଛକ ନିକଟରେ ଏକ ବାଇକ ହଠାତ ଅଟୋ ସାମ୍ନାକୁ ଏକ ବାଇକ ଆସିଯିବା ଫଳରେ ବାଇକକୁ ଦୁର୍ଘଟଣାରୁ ବଞ୍ଚେଇବା ଯାଇ ଭାରସାମ୍ୟ ହରାଇ ଅଟୋଟି ଲେଉଟି ପଡିଥିଲା । ଅଟୋଟି ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଅଟୋ ଡ୍ରାଇଭର ପ୍ରଶାନ୍ତ ମଲିକଙ୍କ ସହ ଲକ୍ଷ୍ମୀ, ଶ୍ରାବଣୀ ଓ ରୀନା ସମସ୍ତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥି ।ଲ ପରେ ସେଠାରେ ସ୍ୱାସ୍ଥ୍ୟବସ୍ଥା ଅତି ଗୁରୁତର ଥିବାରୁ ଲକ୍ଷ୍ମୀ ଓ ଶ୍ରାବଣୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା ।

## ଓଡ଼ିଶାରେ ଅନଲାଇନ୍ ଠକାମି ବିରୋଧରେ ଏୟାରଟେଲ୍‌ର କାର୍ଯ୍ୟାନୁଷ୍ଠାନ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତୀ ଏୟାରଟେଲ ଓଡିଶାର ଗ୍ରାହକଙ୍କୁ ବୃଦ୍ଧି ପାଉଥିବା ଅନଲାଇନ୍ ଠକାମିରୁ ସୁରକ୍ଷିତ ରଖିବା ମିସନରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହାସଲ କରିଛି । ଏହାର ଏଆଇ-ଚାଳିତ ଠକାମି ଚିହ୍ନଟ ପ୍ରଣାଳୀକୁ ସାରା ଦେଶରେ ପ୍ରୟୋଗ କରିବା ଅଂଶ ଭାବେ ଏୟାରଟେଲ ଉନ୍ନତ ଠକାମି ଚିହ୍ନଟ ପ୍ରଣାଳୀ କାର୍ଯ୍ୟକାରୀ କରିବାର ମାତ୍ର ୪୦ ଦିନ ଭିତରେ ରାଜ୍ୟର ୩.୧ ନିୟୁତରୁ ଅଧିକ ଗ୍ରାହକଙ୍କୁ ସୁରକ୍ଷା ପ୍ରଦାନ କରିଛି । ଏହି ଉଦ୍ୟମ ଉପରେ ମତଦେଇ ଭାରତୀ ଏୟାରଟେଲର ସିଓଓ-ଓଡିଶା ଆର.ବାଲାଜୀ ସିଂହ କହିଛନ୍ତି ଯେ, ଏକ ଯୁଗ ଯେଉଁଠାରେ ଡିଜିଟାଲ୍ ବିପଦଗୁଡିକ ଅଧିକ ଉନ୍ନତ ଏବଂ ବ୍ୟାପକ ହେଉଛି, ସେଠାରେ ଏକ ଶକ୍ତିଶାଳୀ ଏବଂ ନିର୍ଭରଯୋଗ୍ୟ ସୁରକ୍ଷିତ ମୋବାଇଲ୍ ନେଟୱର୍କର ଆବଶ୍ୟକତା ପୂର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ଏଆଇ-ଚାଳିତ ପ୍ଲାଟଫର୍ମଟି ଗ୍ରାହକଙ୍କ ପସନ୍ଦର ଭାଷା ଓଡିଆ ସହିତ ଠକାମି ସତର୍କତା ବାର୍ତ୍ତା ପ୍ରଦାନ କରୁଛି ଯାହା ରାଜ୍ୟର ବିବିଧ ଜନସଂଖ୍ୟା ପାଇଁ ଅତ୍ୟନ୍ତ ପ୍ରଭାବଶାଳୀ ହୋଇପାରିଛି । ଏହି ବହୁଭାଷୀ ସମର୍ଥନ ଡିଜିଟାଲ୍ ସାକ୍ଷରତା କମ୍ ଥିବା ଜିଲ୍ଲା ବା ଯେଉଁଠାରେ ଇଂରାଜୀ ବ୍ୟାପକ ଭାବରେ ବ୍ୟବହୃତ ହୁଏ ନାହିଁ, ସେଠାରେ ବିଶେଷ ଭାବରେ ପ୍ରଭାବଶାଳୀ ହୋଇପାରିଛି । ଏହି ସମାଧାନ ପ୍ରଚ୍ଛଦରେ ନୀରବରେ କାର୍ଯ୍ୟ କରେ । ଏହାକୁ ଇନଷ୍ଟଲ୍ କରିବାର ଆବଶ୍ୟକତା ନାହିଁ ଏବଂ ଏହା ମାଗଣାରେ ପ୍ରଦାନ କରାଯାଉଛି । ଅନଲାଇନ୍ ବ୍ୟାଙ୍କିଂରୁ ସରକାରୀ ଇ-ସେବା ପର୍ଯ୍ୟନ୍ତ ଡିଜିଟାଲ୍ ଗ୍ରହଣରେ ଓଡିଶା ଆଗରେ ରହିଛି ଏବଂ ଏୟାରଟେଲର ଉଦ୍ୟମ ରାଜ୍ୟବ୍ୟାପୀ ଏକ ସୁରକ୍ଷିତ ଡିଜିଟାଲ୍ ବ୍ୟବସ୍ଥା ସୃଷ୍ଟି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଭୁବନେଶ୍ୱରର ଜଣେ କାର୍ଯ୍ୟରତ ପେସାଦାର ହୋଇଥାନ୍ତୁ, ସମ୍ବଲପୁର ର ଜଣେ ଗୃହିଣୀ ହୋଇଥାନ୍ତୁ, କିମ୍ବା କଟକର ଜଣେ ଛାତ୍ର ହୋଇଥାନ୍ତୁ, ଏୟାରଟେଲ ପ୍ରତ୍ୟେକ ଡିଜିଟାଲ୍ ଭାବ ବିନିମୟକୁ ଅଧିକ ସୁରକ୍ଷିତ କରିବାରେ ସହାୟକ ହୋଇଛି ।

## ପାରାଦୀପ ଟ୍ରକ୍ ବ୍ୟବସାୟୀ ପବିତ୍ର ପରିଡାଙ୍କ ବିୟୋଗରେ ଶୋକସଭା

ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପର ଟ୍ରକ ମାଲିକ ପବିତ୍ର ପରିଡା (୫୪)ଙ୍କ ଗତ ସୋମବାର ସନ୍ଧ୍ୟାରେ ହୃଦଘାତରେ ପରଲୋକ ହୋଇଯାଇଛି । ବୃନ୍ଦାବନ କଲୋନୀରେ ରହୁଥିବା ଶ୍ରୀ ପରିଡା ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ତୁରନ୍ତ ଅଠରବାଙ୍କି ସ୍ଥିତ ସରକାରୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ତେବେ ସ୍ୱାସ୍ଥ୍ୟ ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ତାଙ୍କ ବିୟୋଗରେ ସେ ସଭ୍ୟ ଥିବା ଜଗନ୍ନାଥ ଟ୍ରକ ମାଲିକ ସଙ୍ଘ ପକ୍ଷରୁ ସଙ୍ଘ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ସକାଳେ ସଙ୍ଘ ସମ୍ପାଦକ ବିଶ୍ୱରଞ୍ଜନ ପଲ୍ଲାଇଙ୍କ ଆବାହକତ୍ୱରେ ଏକ ଶୋକ ସଭା ଆୟୋଜିତ ହୋଇଯାଇଛି । ସଂଘର ବହୁ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ସ୍ୱର୍ଗତ ପରିଡାଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ରାଜ୍ୟ ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚଳିତ ମାସ ୨୨ତାରିଖରେ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର ୫୧ତମ ବାର୍ଷିକ ସାଧାରଣ ସଭା ସହ ସଙ୍ଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ସଂଘର ସଭାପତି ସଞ୍ଜୀବ ପତି ଅଧକ୍ଷତା କରିଥିଲେ । ସଂଘର ସାଧାରଣ ସମ୍ପାଦକ ପ୍ରବୋଧ କୁମାର ମିଶ୍ର ୨୦୨୩-୨୦୨୪ ଅର୍ଥିକ ବର୍ଷର ରିପୋର୍ଟ ପ୍ରଦାନ କରିଥଲେ ଓ ସମୀକ୍ଷା ଫର୍ଦ୍ଦ ମଧ୍ୟ ଉପସ୍ଥାପନ କରାଯାଇଥିଲା । ତାହା ସଭାରେ କରତାଳି ସହ ଗୃହୀତ ହୋଇଥିଲା ବୋଲି ଜଣାପଡ଼ିଛି । ଆଗାମୀ ଦୁଇବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏଥିରେ ମୁଖ୍ୟ ଉପଦେଷ୍ଟା ଭବେ ନିରଞ୍ଜନ ମିଶ୍ର, ସଭାପତି ସଞ୍ଜୀବ ପତି, ଉପସଭାପତି ରବିନ ସେଠୀ, କାର୍ଯ୍ୟକାରୀ ସଭାପତି ରବିନ୍ଦ୍ର ନାଥ କଲୁଣ୍ଡିଆ, ସଧାରଣ ସମ୍ପାଦକ ଭାବେ ପୁର୍ନବାର ପ୍ରବୋଧ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ବିଜୟ କୁମାର ଜେନା, କୋଷାଧକ୍ଷ ବନଲତା ଧଳ ଓ ଅନ୍ୟାନ୍ୟ ସଦସ୍ୟମାନଙ୍କ ଭିତରେ ମନୋରୋମା ମହାନ୍ତି, ବୈଜୟନ୍ତବଳା ସାମଲ, ସୁନୀଲ ପ୍ରଧାନ, କଞ୍ଚନପ୍ରଭା କୁଅଁର, କୌସିକ ନାୟକ, ରମେଶ ଚନ୍ଦ୍ର ଗୌଡ, ସୁଚିତ୍ରା ନାୟକ, ରତ୍ନାକର ଓଝା ଓ ପ୍ରଭାତ ମିହିର ମହାନ୍ତି କମିଟି ସଦସ୍ୟ ଭାବେ ନିର୍ବାଚିତ ହେଲେ ବୋଲି ଘୋଷଣା କରାଯାଇଥିଲା । ଜାତୀୟ ସଂଗଠନରେ ଜଣେ ବରିଷ୍ଠ କର୍ମକର୍ତ୍ତା ଭାବରେ ରାଜ୍ୟ ତଥା ଦେଶର ସଂଗଠନ ଏବଂ ଏହାକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟଧାରା, ବିଶେଷ କରି ସମବାୟ ବ୍ୟାଙ୍କର ଅଗ୍ରଗତି ପାଇଁ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକୁ ତ୍ୱରାନିତ କରାଯିବ ବୋଲି ସଂଘର ନବ ନିର୍ବାଚିତ ସାଧାରଣ ସଂପାଦକ ପ୍ରବୋଧ କୁମାର ମିଶ୍ର ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି । ସଭାରେ କାର୍ଯ୍ୟକାରୀ ସଭାପତି ବନଶ୍ରୀ ମଲ୍ଲିକ ଓ ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ମୁଖ୍ୟ ଉପଦେଷ୍ଟା ନିରଞ୍ଜନ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥଲେ ।



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ମାଇନିଂ ରୋଡସ୍ଥିତ ଶ୍ରୀରାମ ମଣ୍ଡପ ଠାରେ ବିଶିଷ୍ଟ ଜନଜାତି ଗବେଷକ ଡଃ ନିଳାଦ୍ରୀ ବିହାରୀ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ପୂର୍ଣ୍ୟତିଥିରେ ଏକ ନିରାଡମ୍ବର ଶ୍ରଦ୍ଧାଞ୍ଜଳୀ ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମିଳନୀ ସାହିତ୍ୟ ସଂସଦର ସଭାପତି କବି ଦେବାଶିଷ ଚକ୍ରବର୍ତ୍ତୀ ସଭାପତିତ୍ୱ କରିଥିଲେ । ଡକ୍ଟର ନିଳାଦ୍ରୀ ବିହାରୀ ମିଶ୍ରଙ୍କ ଦ୍ୱାରା ସଂକଳିତ 'କ୍ଷେତ୍ରମୋହନ ଗ୍ରନ୍ଥାବଳୀ' ଅତିଥିମାନେ ଉନ୍ମୋଚନ କରିଥିଲେ । ସମସ୍ତ ଉପସ୍ଥିତ ବ୍ୟକ୍ତିବିଶେଷମାନେ ନିଳାଦ୍ରୀ ମିଶ୍ରଙ୍କ ତୈଳଚିତ୍ରରେ ଶ୍ରଦ୍ଧାସୁମନ ପୁଷ୍ପ ପ୍ରଦାନ କରିଥିଲେ। ଅତିଥିମାନଙ୍କ ମଧ୍ୟରେ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, ଡକ୍ଟର ବିମ୍ବାଧର ବେହେରା, ଗାନ୍ଧୀ ତତ୍ତ୍ୱବିତ ଭକ୍ତବତ୍ସଳ ମହାନ୍ତି, ଅବସର ପ୍ରାପ୍ତ ପ୍ରାଧ୍ୟାପକ ବନବିହାରୀ ମିଶ୍ର, ଡକ୍ଟର ଚିତ୍ତରଞ୍ଜନ ମିଶ୍ର, କବି ପିନାକୀ ମିଶ୍ର, କବୟତ୍ରୀ ଇନ୍ଦୁମତୀ ପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ସୁଧା ଦାସ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ଗଙ୍ଗାଧର ଦାଶ, ବରିଷ୍ଠ ଆଇନଜୀବି ଗୋପାଳ ମିଶ୍ର, ପ୍ରଧାନଶିକ୍ଷୟତ୍ରୀ ମହାସରସ୍ୱତୀ ମିଶ୍ର, କବି ନିରଞ୍ଜନ ବାରିକ, ବରିଷ୍ଠ ସାମ୍ବାଦିକ ଦେବାଶିଷ ମିଶ୍ର,ଶିକ୍ଷୟିତ୍ରୀ ଯାତିରୀ ଜୁଆଙ୍ଗ, ସ୍ୱାସ୍ଥ୍ୟସେବିକା ସାବିତ୍ରୀ ଜୁଆଙ୍ଗ, କନ୍ୟା ଅଙ୍କିତା ମିଶ୍ର, ପୁତ୍ର ଓଁକାର ମିଶ୍ର, କ୍ୱାଇଁ ଦୁର୍ଗା ମିଶ୍ର, ମିଳନ ମିଶ୍ର,ଦେବୀଶଙ୍କର ଦାଶ ପ୍ରମୁଖ ଏହି ଅବସରରେ ନିଳାଦ୍ରୀ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ ଏବଂ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ସାମ୍ବାଦିକ ସତ୍ୟଜିତ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ପଙ୍କ୍ତିଭୋଜନ ଅନୁଷ୍ଠିତ ହୋଇଥିଲା । ସାମ୍ବାଦିକ ସତ୍ୟଜିତ ସାମନ୍ତରାୟ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ମାଣ କାର୍ଯ୍ୟରେ ବ୍ୟବହାର ହେଉଛି ଚୋରା ମୋରମ

### ପ୍ରଶାସନର ଅଣଦେଖା ଫଳରେ ଲକ୍ଷାଧିକ ରାଜସ୍ୱ ହାନି



ବଡ଼ଚଣା, (ଭାସ୍କର ନ୍ୟୁଜ୍) : ବଡଚଣା ପଞ୍ଚାୟତ ଅନ୍ତର୍ଗତ ଥିବା ରେଳବାଇ ନିର୍ମାଣ କାର୍ଯ୍ୟରେ ବେଆଇନ ଭାବେ ଚୋରା ମୋରମ ବ୍ୟବହୃତ ହେଉଥିବା ନେଇ ବିଭିନ୍ନ ମହଲରୁ ଅଭିଯୋଗ ହୋଇଛି । ତେବେ ଏଭଳି ଏକ ଅନିୟମିତତା ଘଟଣା ପ୍ରଶାସନର ଦୃଷ୍ଟି ଆଢୁଆଳ ରହିଥିବା କୁହାଯାଉଛି । ସୂଚନା ମୁତାବକ ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ନିକଟବର୍ତ୍ତୀ ଅଞ୍ଚଳରେ ଥିବା ଦକ୍ଷିଣ-ପୂର୍ବ ରେଳପଥର ନଟିଆ ଗେଟ ନିକଟରେ ଏବେ ବହୁ ପରିମାଣର ବେଆଇନ୍ ଚୋରା ମୋରମ ପଡି ରହିଥିବା ଦେଖିବାକୁ ମିଳୁଛି । ତେବେ ଅଞ୍ଚଳର ବିଭିନ୍ନ ସ୍ଥାନରୁ ବେଆଇନ ଚୋରା ଭାବେ ଖନନ କରାଯାଇ ବାହାର ଅଞ୍ଚଳକୁ ଚାଲାଣ କରାଯାଉଥିବା ମାଙ୍କଡ଼ା ପଥର, ବାଲି ଓ ମୋରମ ଭର୍ତ୍ତି ଗାଡିକୁ ବଡ଼ଚଣା ପୋଲିସ ଜବତ କରୁଛି । ହେଲେ ଏହି ନଟିଆ ଗେଟ ନିକଟରେ ବହୁଳ ପରିମାଣର ମୋରମ ପଡି ରହିଥିବା ବେଳେ ଏହା କେଉଁଠୁ ଓ କିଏ ଆଣି ଏଠାରେ ପକାଇଛି, ଏଥିପାଇଁ ଅନୁମତି ଦିଆଯାଇଛି କି ନାହିଁ ଏନେଇ ପୋଲିସ କିମ୍ବା ରାଜସ୍ୱ ଓ ବନ ବିଭାଗ କାହିଁକି ତତ୍ପରତା ପ୍ରକାଶ କରୁ ନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନ୍ୟ ପକ୍ଷରେ ରେଳବାଇ ନିର୍ମାଣ କାର୍ଯ୍ୟରେ ଠିକାଦାର ଜଣକ ଏଠାକୁ କେଉଁ ରାସ୍ତା ଦେଇ ବେଆଇନ୍ ଚୋରା ମୋରମ ଆଣୁଛନ୍ତି ଏବଂ ଏଠାରେ ପଡ଼ିଥିବା ମୋରମ କେଉଁ ଲିଜପ୍ରାପ୍ତ ଖାଦାନରୁ ଆସୁଛି ତାହା ସ୍ଥାନୀୟ ଲୋକଙ୍କୁ ରେଳ ବିଭାଗ ଅଧିକାରୀ ଜବାବ ଦେଇ ପାରିବେକି ବୋଲି ସ୍ଥାନୀୟ ଅଞ୍ଚଳ ଲୋକେ ପ୍ରଶ୍ନ ଉଠାଇଛନ୍ତି ।ତା ସଙ୍ଗେ ଠିକାଦାର ରାସ୍ତା କଡ଼ରେ ବେଆଇନ୍ ଭାବରେ ମାଟି ମୋରମ ପକାଇ ଥିବାରୁ ଅଳ୍ପ ବର୍ଷା ହେଲେ ରାସ୍ତାରେ ଜମା ହୋଇ ପଡ଼ି ରହିଛି ଯାହା ସୁଙ୍ଗୁଡା ଗ୍ରାମ କୁମ୍ଭାର ସାହିର ପାଖରେ ଯାହା ମୁଖ୍ୟ ରାସ୍ତାଟି ପୂର୍ତ୍ତ ବିଭାଗର ଅଟେ ସେହି ରାସ୍ତାଟି ବ୍ଲକ ତହସିଲ, ଥାନା ରେଳ ଷ୍ଟେସନ ସ୍କୁଲ କଲେଜ ପ୍ରାୟ ସବୁଦିନ ଦଶହଜାରରୁ ଉର୍ଦ୍ଧ ଲୋକଙ୍କ ଯାତାୟାତ କରୁଥିବା ବେଳେ ଏହି ଯମା ହୋଇଥିବା ବେଆଇନ ଚୋରା ମାଟି, ମୋରମ୍ ପାହାଡ଼ର ପଥର ପାଇଁ ସବୁବେଳେ ଲୋକେ ଦୁର୍ଘଟଣା ସ୍ୱିକାର ହେଉଛନ୍ତି । ପ୍ରଶାସନ ଏହି ବେଆଇନ୍ ଚୋରା ଭାବରେ ପକାଉଥିବା ଲୁଣ୍ଠନକାରି ଠିକାଦାର ମାଫିଆଙ୍କ ବିରୁଦ୍ଧରେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜନସାଧାରଣ ତରଫରୁ ଦାବି ହେଉଛି ।

## ମଣ୍ଡିରୁ ଉଠିପାରୁନି ଚିନାବାଦାମ

# ସ୍ୱଳ୍ପ ମୂଲ୍ୟରେ କିଣୁଛନ୍ତି ବାହାର ବ୍ୟବସାୟୀ



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ୍‌ଭି ୭୯ ଅଞ୍ଚଳର ଚାଷୀମାନେ ଚାରିମାସ ଅକ୍ଳାନ୍ତ ପରିଶ୍ରମ କରି ଅମଳ କରିବା ପରେ ଚିନାବାଦାମ ମଣ୍ଡିକୁ ଆଣିଛନ୍ତି, କିନ୍ତୁ ସେମାନଙ୍କୁ ସେଠାରେ ଉପଯୁକ୍ତ ଶ୍ରମର ମୂଲ୍ୟ ମିଳୁନଥିବା ଅଭିଯୋଗ ହୋଇଛି । ଗତ ତିନି ସପ୍ତାହରୁ ଅଧୀକ ସମୟ ଧରି ଏମ୍.ପି.ଭି-୮୧ ମଣ୍ଡିରେ ଚାଷୀଙ୍କ ଚିନାବାଦାମ ପଡ଼ି ରହିଛି ନିରାଶ ହୋଇ ଅନେକ ଚାଷୀ ଶେଷରେ ବ୍ୟବସାୟୀଙ୍କୁ କୁଇଣ୍ଟାଲ ପ୍ରତି ୪୪୦୦ ଟଙ୍କା ନାମମାତ୍ର ମୂଲ୍ୟରେ ବାଦାମ ବିକ୍ରି କରିବାକୁ ବାଧ ହେଉଛନ୍ତି । ଚଳିତ ବର୍ଷ ଏଫଏକ୍ୟୁ ମାନର ଚିନାବାଦାମ ପାଇଁ ସରକାର ପ୍ରତି କ୍ୱିଣ୍ଟାଲ ପିଛା ୬୭୨୪ ଟଙ୍କା ନିର୍ଦ୍ଧାରଣ କରିଛନ୍ତି । ମଣ୍ଡିରେ ଗୁଣବତ୍ତା ଯାଞ୍ଚ ନାଁରେ ମଣ୍ଡି ଅଧିକାରୀ ମାନେ ୧ ରୁ ୨ କିଲୋଗ୍ରାମ ବାଦାମ ନେଇ ଯାଉଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଏପରିକି ଶତକଡା ୬୫ ପ୍ରତିଶତ ରୁ ଅଧିକ ଗ୍ରେଡ୍ ଥାଇ ମଧ ଚାଷୀଙ୍କ ବାଦାମ ମଣ୍ଡିରୁ ଉଠୁନାହିଁ। ଦିନରାତି ମଣ୍ଡିରେ ବାଦାମ ଜଗି ରହି ଚାଷୀମାନେ ଅସହାୟ ହୋଇପଡ଼ିଛନ୍ତି । ବର୍ଷା ହେଉଥିବା ନେଇ କିଛି ଚାଷୀ ବାଦାମ ବସ୍ତାକୁ ପଲିଥିନ ଢାଙ୍କି ରଖୁଛନ୍ତି ମଣ୍ଡିରେ ଉପସ୍ଥିତ ଚାଷୀ ଶୈଳନ ମଣ୍ଡଳ, ଅଶୋକ ମଣ୍ଡଳ, ପ୍ରତାପ ସରକାର, ସୁବ୍ରତ ମିସ୍ତ୍ରୀ, ରତନ ହାଲଦାର, ସୁବତ ମଣ୍ଡଳ, କଳ୍ପନା ବେପାରୀ, ପୂର୍ଣ୍ଣ ଢାଲି ପ୍ରମୁଖ ମଣ୍ଡି ଅବ୍ୟବସ୍ଥାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ସେମାନେ ମଣ୍ଡି ଦାୟିତ୍ୱରେ ଥିବା ଅଜିତ କୁମାର ମହାନ୍ତି, ରାଜନୀକାନ୍ତ ଦାସ, ରାଜୁ ସୋଡି, ତପନ ବାରୋଇ ଓ କୋମଳ ହଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆମେ ଚେଷ୍ଟା କରୁଛୁ ବୋଲି ଅଧିକାରୀମାନେ ଜବାବ ଦେଇ ଦାୟିତ୍ୱ ଏଡ଼ାଇ ଦେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଜିଲା ପ୍ରଶାସନ ଓ ମଣ୍ଡି କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରିବାକୁ ଚାଷୀମାନେ ଦାବି କରିଛନ୍ତି ଚାଷୀଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରାନଗଲେ ଆଗାମୀ ଦିନରେ ବଡ଼ ଆନ୍ଦୋଳନର ରୂପ ନେବାର ସମ୍ଭାବନାକୁ ଏଡାଇ ହେବନି ବୋଲି ଚେତାବନୀ ଦେଇଥିବା ଜଣାପଡ଼ିଛି ।

# ମାଥୁଲିରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଖଇରପୁଟ, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନେତୃତ୍ୱରେ ମାଥିଲି ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ହୋଇଥିଲା। ଏଥିରେ ବ୍ଲକ ଅଞ୍ଚଳର ୬୧ ଅଭିଯୋଗ ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ, ବନ, କୃଷି ବିଭାଗ, ହର୍ଟିକଲଚର, କେନ୍ଦୁଲଫ୍ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତ ଲୋକମାନେ ନିଜ ଅଞ୍ଚଳର ସମସ୍ୟା ନେଇ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଜିଲାପାଳ ଅଭିଯୋଗ ଶୁଣି ବିଭିନ୍ନ ବିଭାଗ ଅଧିକାରୀଙ୍କୁ ସମସ୍ୟା ସମାଧାନ ପାଇଁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି, 'ଲୋକଙ୍କ ଦୁଃଖ ଶୁଣିବା ଏବଂ ସମାଧାନ କରିବା ହେଉଛି ପ୍ରଶାସନର ପ୍ରଥମ ଦାୟିତ୍ୱ। କାର୍ଯ୍ୟକ୍ରମରେ ଜିଲାପାଳ ପାଟିଲ, ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ ବିଡିଓ ପ୍ରମୋଦ କୁମାର ବେହେରା, ଏବିଡିଓ ସରୋଜ କୁମାର ପ୍ରଧାନ, ଯନ୍ତ୍ରୀ ହୃଦୟ ରଞ୍ଜନ ବାଘ, ବିଏସ୍‌ଏସ୍ ସଞ୍ଜୀୟ କୁମାର ସାମଲ, ବିଆସିସି ଦିଲୀପ କୁମାର ଡାକୁଆ ଓ ଅନ୍ୟାନ୍ୟ ବିଭାଗର ଅଧୁକାରୀ ଉପସ୍ଥିତ ଥିଲେ। ଅଭିଯୋଗକାରୀମାନେ ବହୁ ସଂଖ୍ୟାରେ ଯୋଗଦେଇ ଥିଲେ। ଏହି ଅଭିଯୋଗ ଶୁଣାଣି ଦ୍ୱାରା ସମସ୍ୟାଗୁଡ଼ିକର ସମାଧାନ ହୋଇପରିବ ବୋଲି ଲୋକେ ଆଶା ବ୍ୟକ୍ତ କରିଛନ୍ତି। ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

# କାଳିମେଲା ଅଞ୍ଚଳରୁ ୫ ଶିଶୁ ଶ୍ରମିକ ଉଦ୍ଧାର



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକର ବିଭିନ୍ନ ସ୍ଥାନରେ ଜିଲ୍ଲା ଶ୍ରମ ବିଭାଗର ଏକ ଟାସ୍କଫୋର୍ସ ଟିମ୍ ପକ୍ଷରୁ ଚଢାଉ କରାଯାଇ ୫ ଜଣ ଶିଶୁ ଶ୍ରମିକଙ୍କୁ ସୋମବାର ଦିନ ଉଦ୍ଧାର କରାଯାଇଛି। ଏମାନଙ୍କୁ ଜିଲା ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଥିବା ବେଳେ ସେମାନଙ୍କୁ କାଉନସେଲିଂ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଶ୍ରମ ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ମାଲକାନଗିରି ଏବଂ କାଲିମେଲା ଶ୍ରମ ବିଭାଗର ଏକ ଟିମ୍ ସୋମବାର କାଲିମେଲାର ବିଭିନ୍ନ ହୋଟେଲ, ଗ୍ୟାରେଜ, ନିର୍ମାଣାଧୀନ କୋଠା ଏବଂ ଅନ୍ୟାନ୍ୟ ସ୍ଥାନରେ ଚଢାଉ କରିଥିଲେ। କେଉଁଠି ଶିଶୁ ଶ୍ରମିକମାନେ କାମ କରୁଛନ୍ତି କିମ୍ବା ନିର୍ଯାତନାର ଶିକାର ହେଉଛନ୍ତି ସେ ନେଇ ଯାଞ୍ଚ କରିଥିଲେ। ଚଢାଉ ପରେ କାଲିମେଲା ଅନ୍ତର୍ଗତ ବଡିଗୁଡା ଅଞ୍ଚଳରୁ ୨ ଜଣ, ଏମଭି ୯୦ ଗ୍ରାମରୁ ଜଣେ ଏବଂ କାଲିମେଲା ମୁଖ୍ୟ ଛକରୁ ଦୁଇଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା । ଏହି ଚଢାଉରେ କାଲିମେଲା ଶ୍ରମ ଅଧିକାରିଣୀ ପ୍ରିୟଙ୍କା ନାୟକ, ଜିଲା ଶ୍ରମ କାର୍ଯ୍ୟାଳୟର ବିଜୟ କୁମାର ପଣ୍ଡା ଚାଇଲ୍ଡ କାଉନ୍‌ସିଲର ଅଜୟ ହାଲଦାର, ସଦସ୍ୟ ମନୀଷା ମାଡକାମି, ସୌମ୍ୟ ରଞ୍ଜନ ସ୍ୱାଇଁ, କେ. ଯତମ ରାଜୁ ଓ ପଦ୍ମନାଭ ମାଢ଼ି ସହଯୋଗ କରିଥିଲେ। ଶ୍ରମ ବିଭାଗ ପକ୍ଷରୁ ଏ ନେଇ କାଲିମେଲା ଥାନାରେ ଲିଖିତ ଭାବେ ସୂଚନା ଦିଆଯାଇଥିବା ଜଣାପଡିଛି ।

# ୪୨ ଅଭିଯୋଗର ଶୁଣାଣି

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍) : ଲକ୍ଷ୍ମୀପୁର ବ୍ଲକରେ ସୋମବାର ଦିନ ଜିଲ୍ଲାପାଳଙ୍କ ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟ ପରିଶରରେ ଥିବା ସଭା ଗୃହ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସବୁ ବିଭାଗର ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିବା ବେଳେ କୋରାପୁଟ ଜିଲ୍ଲାପାଳ ଭି.କୀର୍ତିଭାସନ ଯୋଗ ଦେଇ ସମୁଦାୟ ୪୨ ଅଭିଯୋଗର ଶୁଣାଣି କରି ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଷ ଦେଇଥିଲେ। ଏଥିରେ ୧୭ଟି ନିଜସ୍ୱ ଓ ୨୫ଟି ସାମୁହିକ ଅଭିଯୋଗ ହୋଇଥିଲା। ଲକ୍ଷ୍ମୀପୁର ଭାର ପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମିଳନ ଝାଙ୍କରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସମେତ ଏସ୍‌ପି ରୋହିତ ବର୍ମା, ପ୍ରଭେସନାର ଆଇଏସ୍ ସନ୍ତୋଷ କୁମାର ପାତ୍ର, ଉପ ଜିଲ୍ଲାପାଳ ପ୍ରେମ ଲାଲ୍ ହିଆଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରବି ନାରାୟଣ ମିଶ୍ର, ଲକ୍ଷ୍ମୀପୁର ପଞ୍ଚାୟତ ସମିତି ଅଧକ୍ଷା ସୁଆଇ କୁଲେଶିକା ଓ ଉପାଧକ୍ଷା ଆରତୀ କୁଲଦୀପ,ତହସିଲଦାର ନୈବେଦ୍ୟ ଭୋଇ, ସହାୟକ ନିର୍ବାହୀ ଯନ୍ତ୍ରୀ ମୁବାଲା ପବନ କୁମାର୍ ପ୍ରମୁଖ ମଞ୍ଚାସିନ ଥିଲେ। ପିପଲପଦର ପଞ୍ଚାୟତର ବାରିଗାଁ ଓ କେନ୍ଦୁପାଇ ଠାରେ ନୂତନ ଆଡିବନ୍ଧ ନିର୍ମାଣ, ନିଶାର ଡ୍ୟାମରୁ ଲମ୍ବିଥିବା କେନାଲର ମରାମତି, ଓଡ଼ିଆ ପେଣ୍ଠ ପଞ୍ଚାୟତର ପର୍ଡି ଗୁଡା ଆଦିବାସୀ ସାହିରୁ କୁମ୍ଭାର ସାହି ପର୍ଯ୍ୟନ୍ତ ସିସି ରାସ୍ତା ନିର୍ମାଣ, ଖାଲ କଣା ଗ୍ରାମରେ ଥିବା ଆଦିବାସୀ, ଦଳିତ ଓ ଶୁଣ୍ଢୀ ସାହି ମଶାଣିରେ ମଶାଣି ଗୃହ ନିର୍ମାଣ, କେନ୍ଦୁଆଡା ଓ ଖାଲକଣା ଗ୍ରାମ ଠାରେ କଲ୍ୟାଣ ମଣ୍ଡପ ନିର୍ମାଣ, ପଞ୍ଚାୟତ ସଦର ଠାରେ ଓଏମସି ଜରିଆରେ ଇଂରାଜୀ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ ସମେତ ବ୍ଲକରେ ଲାଗି ରହିଥିବା ଆବାସ ଗୃହ, ଭତ୍ତା, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା, ବିଜୁଳି ଓ ପାନୀୟ ଜଳ ଭଳି ଅନେକ ସମସ୍ୟା କୁ ନେଇ ଅଭିଯୋଗ ହୋଇଥିଲା। ଲକ୍ଷ୍ମୀପୁର ଜିପିଓ ସୁଧୀର ବେହେରା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ଲକ୍ଷ୍ମୀପୁର ଥାନା ତରଫରୁ ବ୍ୟାପକ ପୋଲିସ କର୍ମୀ ନିୟୋଜିତ ହୋଇଥିଲେ। ଶିବିର ଶେଷରେ ପାଞ୍ଚଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପଞ୍ଚାୟତ ସଙ୍ଘ ତରଫରୁ ପାଞ୍ଚ ଲକ୍ଷ୍ୟ ଟଙ୍କାର ସିଆଇଏଫ ଋଣ ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳଙ୍କ ସହ ସମସ୍ତ ଅଧିକାରୀ ଫେରିବା ବେଳେ ଅଣ ଓସାରିଆ ବ୍ଲକ ରାସ୍ତାରେ ଟ୍ରାଫିକ ସମସ୍ୟା ଉପୁଜିଥିଲା। ଜିଲ୍ଲା ଅଧିକାରୀଙ୍କ ଗାଡ଼ି ଟ୍ରାଫିକ ସମସ୍ୟା ଯୋଗୁଁ କିଛି ସମୟ ଧରି ଉକ୍ତ ରାସ୍ତାରେ ଅଟକି ରହି ଥିବା ଦେଖିବାକୁ ମିଳିଥିଲା।

# ରଥଯାତ୍ରା ପାଇଁ ଜିଲ୍ଲାପାଳଙ୍କ ସମୀକ୍ଷା



କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ରଥଯାତ୍ରା ପାଇଁ ୩ରଥ ପ୍ରସ୍ତୁତି କାର୍ଯ୍ୟ ଚାଲିଥିବା ବେଳେ ଜିଲ୍ଲାପାଳ ଏହାର ସମୀକ୍ଷା କରିଛନ୍ତି । ମନ୍ଦିର ପରିଚାଳନା କମିଟିର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଭି କୀର୍ତି ଭାସନ, ଏସ୍‌ପି ରୋହିତ ବର୍ମା, ବିଭିନ୍ନ ପଦସ୍ଥ ଅଧିକାରୀ ଏହି କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ । ରଥଖଳାରୁ ଗୁଣ୍ଡିଚା ମନ୍ଦିର ଯାଏ ବୁଲି ଦେଖିଥିଲେ । ମନ୍ଦିର ପରିଚାଳନା କମିଟି ସମ୍ପାଦକ ଓ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି । ବଡଦାଣ୍ଡର ଉଭୟ ପାର୍ଶ୍ୱର ନାଳ ଓ ରାସ୍ତା ମରାମତି ନେଇ ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀ ସୋମର୍ଜନୀ ସେଠୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଭକ୍ତମାନେ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବା ନେଇ ସମସ୍ତ ବ୍ୟବସ୍ଥା କରାଯାଇଥିବା ଜିଲ୍ଲାପାଳ କହିଛନ୍ତି । ବିଦ୍ୟୁତ ବ୍ୟବସ୍ଥା, ଜରୁରୀ ଚିକିତ୍ସା ସେବା ପାଇଁ ଆମ୍ବୁଲାନ୍ସ ଓ ବଡଦାଣ୍ଡରେ ୨ଟି ଫାଷ୍ଟଏଡ଼ ସେଣ୍ଟର ସ୍ଥାପନ କରି ପାନୀୟ ଜଳ ବ୍ୟବସ୍ଥା ନିର୍ଦ୍ଦେଶ ରହିଛି । ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ ଫୋର୍ସ ମୃତୟନ କରାଯିବା ନେଇ ଏସ୍‌ପି ବର୍ମା ସୂଚନା ଦେଇଛନ୍ତି । ନେତ୍ର ଉତ୍ସବରେ ରଥ ପ୍ରତିଷ୍ଠା ଓ ଚତୁପାର୍ଶ୍ୱରେ ଦେବୀଦେବଙ୍କ ମୂର୍ତି ଲଗାଇବା ଆଦି କାର୍ଯ୍ୟ ଠିକ୍ ସମୟରେ କରାଯିବ ବୋଲି ମନ୍ଦିର କମିଟି ସମ୍ପାଦକ ଭବାନୀ ଆଚାର୍ଯ୍ୟ କହିଛନ୍ତି । ଏଥିରେ କୋରାପୁଟ ମ୍ୟୁନିସିପାଲଟି ଅଧ୍ୟକ୍ଷ ଲଲାଟ ରନ ସେଠୀ, ପୋର୍ବେସନର ଆଇଏଏସ ସନ୍ତୋଷ କୁମାର ପାତ୍ର, ଅତିରିକ୍ତ ଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତି, ସିଡିଓ ବେଣୁଧର ଶବର, ପୌର ପରିଷଦ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠି ଓ ସହକାରୀ ଯନ୍ତ୍ରୀ ମନୋଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଏସଟି ନାଁରେ ଠକେଇ, ଏସପିଙ୍କୁ ଭେଟିଲେ ଗାଡି ମାଲିକ

କୋରାପୁଟ, (ଭାସ୍କର ନ୍ୟୁଜ) : ଜିଏସଟି ନାଁରେ ଲକ୍ଷ୍ମୀପୁର ବ୍ଲକର ଅଗ୍ନି ଗାଙ୍ଗାମା ଏଜେନ୍ସି ଗାଡି ମାଲିକଙ୍କ ଠାରୁ ପ୍ରାୟ ୯ଲକ୍ଷ ଟଙ୍କା ଠକି ନେଇଛି । ୭ଟି ବ୍ଲକର ଗାଡି ମାଲିକ କୋରାପୁଟ ଏସପିଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି । ୨୦୨୧ରେ କୋରାପୁଟ ଜିଲ୍ଲା ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ୧୧ଟି ବ୍ଲକରେ ଭ୍ରାମ୍ୟମାଣ ପ୍ରାଣୀ ସ୍ୱାସ୍ଥ୍ୟସେବା ପାଇଁ ଚାରି ଚକିଆ ଗାଡି ଲଗାଇବାକୁ ଲକ୍ଷ୍ମୀପୁର ବ୍ଲକ ଅଗ୍ନି ଗାଙ୍ଗାମା ଏଜେନ୍ସି ଟେଣ୍ଡର ହାତେଇଥିଲା । ଏଜେନ୍ସି ଜରିଆରେ ସମସ୍ତ ବ୍ଲକରେ ମାସିକ ୨୧ହଜାର ୯୯୯ଟଙ୍କାରେ ଗାଡି ଲାଗିଥିଲା । ଗାଡି ମାଲିକ ପ୍ରତି ବ୍ଲକର ପ୍ରାଣୀ ଚିକିତ୍ସା ବିଭାଗରେ ବ୍ୟାଙ୍କରୁ ଋଣ ସୂତ୍ରରେ ଆଣି ଗାଡି ଲଗାଇଥିଲେ । ଗାଡି ଭାଡା ବାବଦକୁ କୋରାପୁଟ ସିଡିଭିଓ କାର୍ଯ୍ୟାଳୟ ୫ ପ୍ରତିଶତ ଜିଏସଟି ପୈଠ କରୁଥିବା ବେଳେ ଅଗ୍ନି ଗାଙ୍ଗାମା ଏଜେନ୍ସିର ମାଲିକ ସଂଜୟ କନ୍ଦପାନ ମିଛରେ ଗାଡି ମାଲିକଙ୍କୁ ୧୮ ପ୍ରତିଶତ ଜିଏସଟି ବାନ୍ଧୁ ଥିବା କହି ୨୦୨୧ ରୁ ୨୦୨୩ ମଧ୍ୟରେ ୯ଲକ୍ଷ ଟଙ୍କା ଠକି ନେଇଛି । ଠକେଇ ସମ୍ପର୍କିତ ସମସ୍ତ ନଥିପତ୍ର ଗାଡି ମାଲିକ ଏସପିଙ୍କୁ ପ୍ରଦାନ କରିଛନ୍ତି । ଅଭିଯୋଗର ତଦନ୍ତ କରାଯିବ ବୋଲି ଏସପି ପ୍ରତିଶୃତି ଦେଇଛନ୍ତି ।

# ଦୁବାଇରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ



ଟାଙ୍ଗୀ, (ଭାସ୍କର ନ୍ୟୁଜ୍) : ଦୁବାଇରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ମୃତ୍ୟୁ କିପରି ହୋଇଛି ତାହା ସ୍ପଷ୍ଟ ହୋଇନଥିବା ବେଳେ, ମୃତ ଦେହକୁ ଗାଁକୁ ଆଣିବା ପାଇଁ ପରିବାର ଲୋକେ ଆକୁଳ ନିବେଦନ କରୁଛନ୍ତି । ଖୋର୍ଦ୍ଧା ଜିଲ୍ଲାର କୁଞ୍ଜୁରୀ ପଞ୍ଚାୟତ ଅଧିନସ୍ଥ ଦୀକ୍ଷିତପଡ଼ା ଗ୍ରାମର ଯୁବକ ଗଜେନ୍ଦ୍ର ବେହେରା ଆଜକୁ ପ୍ରାୟ ଦେଢ଼ ବର୍ଷ ପୂର୍ବେ ସୁଦୂର ଦୁବାଇରେ ଶ୍ରମିକ ଭାବେ କାମ କରୁଥିଲେ । ଆଜି ସକାଳୁ ହଠାତ୍ ତାଙ୍କର ମୃତ୍ୟୁ ହୋଇଥିବା ଖବର ତାଙ୍କ ସାଙ୍ଗସାଥି ମାନେ ଫୋନ ମାଧ୍ୟମରେ ପରିବାର ଲୋକଙ୍କୁ ଜଣାଇଥିଲେ । ଏଭଳି ଦୁଃଖଦ ଖବର ପାଇବା ପରେ ପରିବାର ଲୋକେ ହତବାକ୍ ହୋଇଗଲେ । ମୃତ ଗଜେନ୍ଦ୍ର ବେହେରାଙ୍କର ମୃତ ଦେହକୁ ଭିଟାମାଟିକୁ ଫେରାଇ ଆଣିବାକୁ ପରିବାର ଲୋକେ ଆକୁଳ ନିବେଦନ କରିଛନ୍ତି । ଏନେଇ ସ୍ଥାନୀୟ ପ୍ରଶାସନକୁ ଲିଖିତ ଭାବେ ଜଣାଇଛନ୍ତି । ଏଥିରେ ଜିଲ୍ଲା ପ୍ରଶାସନ ଏକ ରାଜ୍ୟ ଓ କେନ୍ଦ୍ର ସରକାର ହସ୍ତକ୍ଷେପ କରି ମୃତ ଗଜେନ୍ଦ୍ର ବେହେରାଙ୍କର ମୃତଦେହ କିପରି ନିଜ ଜନ୍ମମାଟି ଓ ପରିବାର ଲୋକଙ୍କ ପାଖରେ ପହଞ୍ଚି ପାରିବ ତାହାର ସୁବନ୍ଦୋବସ୍ତ କରିବା ପାଇଁ ଗ୍ରାମବାସୀ ମାନେ ନିବେଦନ କରିଛନ୍ତି ।

## କୋରାପୁଟରେ ୩୦୬ମିମି ବର୍ଷା ରେକର୍ଡ

କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲାରେ ୩୦୬ମିମି ବର୍ଷା ହୋଇଥିବା ବେଳେ ବୈପାରିଗୁଡା ବ୍ଲକରେ ସର୍ବାଧିକ ୮୬ମିମି ବର୍ଷା ହୋଇଥିବା ଜିଲ୍ଲା ଜରୁରୀ ବିଭାଗ ପକ୍ଷରୁ ସୂଚନା ମିଳିଛି । କୋରାପୁଟରେ ୩୦.୪ମିମି, ଲମତାପୁଟ ବ୍ଲକରେ ୪୫.୪ମିମି, ପଟାଙ୍ଗିରେ ୨୮.୨ମିମି, ନନ୍ଦପୁରରେ ୩୧ମିମି, ଦଶମନ୍ତପୁରରେ ୨ମିମି, ନାରାୟଣ ପାଟଣାରେ୪.୬ମିମି, ଲକ୍ଷ୍ମୀପୁରରେ ୨.୬ମିମି, ସେମିଳିଗୁଡାରେ ୩୨.୩ମିମି, ଜୟପୁରରେ ୬ମିମି, କୋଟପାଡରେ ୪ମିମି, କୁନ୍ଦୁରାରେ ୨୯.୪ମିମିଓ ବୋରିଗୁମ୍ମାରେ ୪.୮ମିମି ବର୍ଷା ହୋଇଥିବା ସୂଚନା ରହିଛି । ଲଘୁଚାପ ଯୋଗୁଁ ଜିଲ୍ଲାରେ ବର୍ଷା ଲାଗି ରହିଛି । ୨୭ ତାରିଖ ଯାଏ ବର୍ଷା ଲାଗି ରହିବ ବୋଲି ଜିଲ୍ଲା ଜରୁରୀ ଅଧିକାରୀ ସୁବ୍ରତ ସାହୁ ପ୍ରକାଶ କରିଛନ୍ତି ।

## ପାରାଦୀପରେ ଡେଙ୍ଗୁ ଓ ଡାଏରିଆ ସଚେତନତା କାର୍ଯ୍ୟକ୍ରମ

ପାରାଦୀପ, (ଭାସ୍କର ନ୍ୟୁଜ୍) : ପାରାଦୀପ ପୌରାଞ୍ଚଳର ୧୫ ନମ୍ବର ୱାର୍ଡ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ଦିନ ନ୍ୟାସନାଲ ମେଡିକସ ଅର୍ଗାନାଇଜେସନ ପକ୍ଷରୁ ଡେଙ୍ଗୁ ଏବଂ ଡାଏଇରିଆ ବିଷୟରେ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ସହ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ଓ ଆଖି ପରୀକ୍ଷା କରାଯାଇ ବସ୍ତି ବାସିନ୍ଦାଙ୍କୁ ଔଷଧ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ୧୫ ୱାର୍ଡ ପାରିଷଦ ଶ୍ରୀମତୀ ସୌଦାମିନୀ ସାହୁ ଉଦଘାଟନ କରିଥିଲେ। ଏଥିରେ ଶିକ୍ଷମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ୮ ନମ୍ବର ୱାର୍ଡ ପାରିଷଦ ସୁବ୍ରତ ପ୍ରଧାନ, ସମାଜସେବୀ ଗୋଲେଖ ଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ପ୍ରତି ସମୟରେ ଏହି ସଚେତନତା କାର୍ଯ୍ୟକ୍ରମ ର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଏପରି ଶିବିର ଆୟୋଜନ କୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ୱାର୍ଡ ମହିଳା ସଂଘର ସଦସ୍ୟା,ଅଙ୍ଗନବାଡି କର୍ମୀ, ଆଶା ଦିଦି, ସ୍ୱଚ୍ଛ କର୍ମୀ ପ୍ରମୁଖ ସହଯୋଗ କରିଥିଲେ.୮ ନମ୍ବର ପାରିଷଦ ସୁବ୍ରତ ପ୍ରଧାନ ଓ ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ ଶିବିରରେ ପହଂଚି, କାର୍ଯ୍ୟକୁ ଉଚ ପ୍ରଶଂସା କରିଥିଲେ।

# ଭଙ୍ଗା ଦଦରା ଘରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର

- ଅସୁରକ୍ଷିତ କୋମଳମତୀ ଶିଶୁଙ୍କ ଜୀବନ
- ଅନୁଦାନ ଥାଇ ମଧ ନିର୍ମାଣ ହୋଇପାରୁନି ସ୍ଥାୟୀଗୃହ

ରଘୁନାଥପୁର, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଜଗନ୍ନାଥପୁର ଗ୍ରାମପଞ୍ଚାୟତର ଦୁଇଟି ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ୧୯୧୬ ମସିହାରୁ ଅନୁଦାନ ଥିଲେ ମଧ ଏପର୍ଯ୍ୟନ୍ତ ସ୍ଥାୟୀ ଅଙ୍ଗନବାଡ଼ି ଗୃହ ନିର୍ମାଣ ହୋଇପାରୁ ନାହିଁ। ଏହି ଦୁଇ ପଡା ଗ୍ରାମ ଯଥା ଗୋଠିଣା ଏବଂ ବାଗ ସାହି ଗ୍ରାମର ବାସିନ୍ଦା ବାରମ୍ବାର ଜିଲ୍ଲା ପାଳ, ବିଭାଗୀୟ ମନ୍ତ୍ରୀ, ବିଡ଼ିଓ ଓ ଉଚ୍ଚପଦସ୍ତ ଅଧିକାରୀ ମାନଙ୍କ ଦୃଷ୍ଟି ଗୋଚରକୁ ଆଣୁଥିବା ମଧ ଗୃହ କାର୍ଯ୍ୟ ଆଜିପର୍ଯ୍ୟନ୍ତ ହୋଇପାରି ନାହିଁ। ଯାହାଫଳରେ ଏହି ଦୁଇଟି ଅଙ୍ଗନବାଡ଼ି କେନ୍ଦ୍ର ଯଥା ଗୋଠିଣା ଶଙ୍କର ଉ.ପ୍ରା ବିଦ୍ୟାଳୟର ଭଙ୍ଗା ଆଜବେଷ୍ଟସ ଗୃହରେ ଏବଂ ବାଗ ସାହିର କ୍ଲବ ଘରେ ଦୀର୍ଘ ଦିନ ହେବ ଚାଲିଆସୁଛି। ଏବେ ବର୍ଷା ଦିନ ଆରମ୍ଭ ହୋଇଛି ଫଳରେ କୋମଳ ମତୀ ପିଲା ମାନଙ୍କ ପାଇଁ ସମସ୍ୟା ବଢିବା ସହିତ ଅଭିଭାବକ ମାନେ ଏହାକୁନେଇ ଚିନ୍ତାରେ ପଡିଛନ୍ତି। ସେତିକି ନୁହେଁ ଅଙ୍ଗନୱାଡ଼ି ଦ୍ୱାରା ସରକାରଙ୍କ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଯଥା କିଶୋରୀ ବାଳିକା, ଗର୍ଭବତୀ ମହିଳାଙ୍କ ପୋଷଣ, ସ୍ୱାସ୍ଥ୍ୟ ପରୀକ୍ଷା ଓ ଯାଞ୍ଚ କାର୍ଯ୍ୟ ମାନ ମାନହେଉଥିବାରୁ ଅସ୍ଥାୟୀ ଦଦରା ଗୃହପାଇଁ ସମସ୍ୟା ସୃଷ୍ଟି ହେଉଛି। ତୁରନ୍ତ ଏଥି ପ୍ରତି ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ,ଜିଲ୍ଲା ପାଳ ଦୃଷ୍ଟି ଦେଇ, ଖୁବଶିଘ୍ର ଉକ୍ତ ଦୁଇଟି ଅଙ୍ଗନବାଡ଼ି କେନ୍ଦ୍ରର କାର୍ଯ୍ୟ ଆରମ୍ଭ କରିବା ପାଇଁ ଏହି ଦୁଇ ଅଞ୍ଚଳର ଗ୍ରାମବାସୀ ଦାବି କରିଛନ୍ତି।

# ବନ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ: ଡିଏଫଓ



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ଜିଲ୍ଲାରେ ବନସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯିବ। ସେହି ପରି ପୋଡୁ ଚାଷକୁ ମଧ୍ୟ ରୋକାଯିବ। ପର୍ଯ୍ୟଟନସ୍ଥଳୀ ବିକାଶ, ଚାରାରୋପଣ, ବନାଗ୍ନି ଓ ଚୋରା କାଠ ବ୍ୟବସାୟୀଙ୍କୁ ରୋକାଯିବ। ଆଜି କାର୍ଯ୍ୟଭାର ଗ୍ରହଣ ଅବସରରେ ଗଣମାଧ୍ୟମକୁ ଏଭଳି କହିଛନ୍ତି ନୂତନ ଡିଏଫଓ ସାଇକିରଣ ଡି.ଏନ। ଜିଲ୍ଲା ବନବିଭାଗ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି, ବନସୁରକ୍ଷା ପ୍ରତି ବିଭାଗ ବିଶେଷ ଗୁରୁତ୍ୱ ଦେବ। ସବୁଜ ସୁନ୍ଦର ମାଲକାନଗିରି ଜିଲ୍ଲାରେ ଅନେକ ପ୍ରକୃତିକ ସମ୍ପଦ ଓ ପର୍ଯ୍ୟଟନସ୍ଥଳୀ ଭାରି ରହିଛି। ଏଗୁଡିକର ସୁରକ୍ଷା ଓ ବିକାଶ ଦିଗରେ ସେ ପଦକ୍ଷେପ ନେବେ ବୋଲି କହିଛନ୍ତି। ଏହି ଅବସରରେ ସହକାରୀ ବନସଂରକ୍ଷକ ମନସୁନ ଖେମୁଣ୍ଡୁ, ଏସିଏଫ ପ୍ରିୟଙ୍କା ମହୁକା, ମାଲକାନଗିରି ରେଞ୍ଜର ରମେଶଚନ୍ଦ୍ର ରାଉତ ପ୍ରମୁଖଙ୍କ ସହ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନା ଥାଉକି ସାଇ କିରଣ ଏଥି ପୂର୍ବରୁ ମୟୂରଭଞ୍ଜ ସିମିଳିପାଳରେ କାର୍ଯ୍ୟରତ ଥିଲେ ।

# ଅବଧି ଶେଷ ପରେ ବି ହେଉନି ନିଯୁକ୍ତି :ଅପେକ୍ଷାରେ ଆବେଦନକାରୀ




ରଘୁନାଥପୁର, (ଭାସ୍କର ନ୍ୟୁଜ୍) : ରଘୁନାଥପୁର ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ କ୍ଲଷ୍ଟରରେ କାର୍ଯ୍ୟରତ ୫ ଜଣ ସିଆରସିସିଙ୍କ କାର୍ଯ୍ୟକାଳ ଅବଧି ଶେଷ ହୋଇଥିବାବେଳେ ପୁନ ନିଯୁକ୍ତି ପ୍ରକ୍ରିୟାକୁ ନେଇ ଶିକ୍ଷାବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଉନି। ଗତ ୬ ମାସ ତଳୁ ଅନେକ ଶିକ୍ଷକ ଆବେଦନ କରିଥିଲେ ସୁଧା ସେମାନଙ୍କ ନିଯୁକ୍ତି ଭିତ୍ତିକ ଭିଜନିଂ ଟେଷ୍ଟ କରାଜାଉନି। ଯାହାକୁ ନେଇ ଶିକ୍ଷା ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖବରଦାତାଙ୍କୁ ଜିଲ୍ଲା ଶିକ୍ଷାବିଭାଗ ପକ୍ଷରୁ ଭିଜନିଂ ଟେଷ୍ଟ ପାଇଁ ବିଭିନ୍ନ ସମୟରେ ସୁଚନା ଦିଆଯାଉଥିଲେ ସୁଧା ଅଦ୍ୟାବଧି ତାହା ହୋଇପାରିନାହିଁ।ଯାହାକୁ ନେଇ ଅଞ୍ଚଳର ଶିକ୍ଷାବିତଙ୍କ ପକ୍ଷରୁ ଉଦବେଗ ପ୍ରକାଶ ପାଇଛି।ଏହି ବ୍ଲକ ଅନ୍ତର୍ଗତ ରଘୁନାଥପୁର କ୍ଲଷ୍ଟର ଦାଇତ୍ୱରେ ଥିବା ଦିଲୀପ କୁମାର ସ୍ୱାଇଁ, ଗୋପାଳପୁର କ୍ଲଷ୍ଟରର ସୁକାନ୍ତ କୁମାର ଦ୍ୱିବେଦୀ, ମହେଶ୍ୱର ଉପ୍ରା ଜଇପୁର କ୍ଲଷ୍ଟରର ବିରୁପାକ୍ଷ ସେଠି, ଗୁଆଳିପୁର କ୍ଲଷ୍ଟରର ସୋନା ମହାନ୍ତି ଓ ଅଢେଇକୂଳ କ୍ଲଷ୍ଟରର ପ୍ରଶାନ୍ତ ରାଉତଙ୍କ ସିଆରସିସି କାର୍ଯ୍ୟକାଳ ଗତ ୬ ମାସ ତଳୁ ଶେଷ ହୋଇଛି । ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଲିଖିତ ଅବଗତ କରାଯାଇଥିବାର ଏବିଇଓ ଆଶୁତୋଷ ବାନାର୍ଜୀ ପ୍ରକାଶ କରିଛନ୍ତି । ତେବେ ସିଆରସିସି ନିଯୁକ୍ତି ପ୍ରକ୍ରିୟାକୁ ଜାଣିଶୁଣି ବିଳମ୍ବ କରାଯାଉଛି ନା ପ୍ରଶାସନିକ ସ୍ତରରେ ବିଳମ୍ବ ଘଟୁଛି ଏ ନେଇ ଲୋକେ ସନ୍ଦେହରେ ରହିଛନ୍ତି । ଆବେଦନକାରୀଙ୍କ ଭିଜନିଂ ଟେଷ୍ଟ କରାଯାଇ ତୁରନ୍ତ ସିଆରସିସି ପଦବୀ ପୁରଣ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି । ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ନିଯୁକ୍ତି ପ୍ରକ୍ରିୟା ଦାଇତ୍ୱରେ ଥିବା ଅଧିକାରୀ ତପନ ନନ୍ଦ କୁହନ୍ତି ଯେ ସ୍କୁଲ ଛୁଟି ଥିବାରୁ ଆବେଦନକାରୀଙ୍କ ଭିଜନିଂ ଟେଷ୍ଟ ହୋଇପାରିନଥିଲା। ଏହାଛଡା କେତେକ ବ୍ଲକରୁ ରିପୋର୍ଟ ଆସିବାରେ ବିଳମ୍ବ ହୋଇଥିଲା। ତେବେ ଜୁଲାଇ ମାସ ଶେଷ ସୁଧା ଭିଜନିଂ ଟେଷ୍ଟ କରାଯାଇ ସିଆରସିସି ପଦବୀ ପୁରଣ କରାଯିବ ବୋଲି ଅଧିକାରୀ ନନ୍ଦ ପ୍ରକାଶ କରିଛନ୍ତି।



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ କଳାଙ୍ଗ ପଞ୍ଚାୟତ ପରିସରରେ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଧାୟକ ପ୍ରଦୀପ ସାହୁଙ୍କ ଉପସ୍ଥିତିରେ ଏଡିଏମ୍ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା,ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଓ ଏସପି ସାଗରିକା ନାଥ ପ୍ରମୁଖ ସ୍ଥାନୀୟ ଜନସାଧାରଣ ମାନଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ସମୁଦାୟ ୧୬୪ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ସେଥିମଧ୍ୟରୁ ୧୩୮ଟି ବ୍ୟକ୍ତିଗତ ଏବଂ ୨୬ଟି ସାମୂହିକ ଅଭିଯୋଗ ରହିଥିଲା।ଅଭିଯୋଗ ଗୁଡ଼ିକୁ ଗ୍ରହଣ କରିବା ପରେ ତର୍ଜମା କରି ଅଧିକାରୀମାନେ ସମାଧାନ ପାଇଁ ସଂପୃକ୍ତ ବିଭାଗକୁ ପଠାଇ ଦେଇଥିଲେ। ଏହି ଅବସରରେ ବ୍ଲକ ଅଧକ୍ଷା ହୁଲାସ ପ୍ରଧାନ, ବିଡ଼ିଓ ସୁମନସୁଧା କୁଣ୍ଡୁ, ତହସିଲଦାର ବିଜୟ ସେଠୀ ଏବିଡ଼ିଓ ରତିକାନ୍ତ ମିଶ୍ରଙ୍କ ସମେତ ଜିଲ୍ଲା ଓ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ବ୍ଲକର ୧୯ ଟି ପଞ୍ଚାୟତ ଅଞ୍ଚଳର ଲୋକମାନଙ୍କ ଅଭିଯୋଗ ପଞ୍ଜିକରଣ ଓ ଶୁଣାଣି କରିବାରେ ବ୍ଲକ ଉପାଧ୍ୟକ୍ଷ, ଜିଲ୍ଲାପରିଷଦ ସଦସ୍ୟ, ସରପଞ୍ଚ ଓ ସମିତି ମେମ୍ବରମାନେ ଯୋଗ ଦେଇଥିଲେ। ଏହି ଶିବିରରେ ବିଭିନ୍ନ ବିଭାଗ ପକ୍ଷରୁ ଜନ ସଚେତନତା ଷ୍ଟଲ ଖୋଲିଥିବା ବେଳେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପିଠା ପ୍ରସ୍ତୁତି ଓ ମିଶନ ଶକ୍ତି ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସରଞ୍ଜାମ ପ୍ରଦର୍ଶନ ଓ ବିକ୍ରିବଟା କରାଯାଇଥିଲା। ଆଇଆଇସି ସ୍ନିଗ୍ଧାମୟୀ ବରାଳଙ୍କ ନେତୃତ୍ୱରେ ପୋଲିସ ମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

# ମେଡିକାଲ ଲିଫ୍ଟର ଅଧାରୁ ଫେରିଲେ ରୋଗୀ




ନିଆଳି (।ସ୍କର ନ୍ୟୁଜ୍); ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ କୋଠାରେ ଲାଗିଥିବା ଲିଫ୍ଟ ଅଧାରୁ ଅଟକି ଯିବାରୁ ରୋଗୀ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ବୋଲି ରୋଗୀ ଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି ।ପରେ ବିଦ୍ୟୁତ ଆସିବାରୁ ରୋଗୀ ତଳକୁ ଆସିଥିଲେ ।ଏଠାରେ ସୂଚନା ଯୋଗ୍ୟ ପୋଖରୀ ଗାଁ ର ଦୈନିକ ମହିଳା ଓ ତାଙ୍କ ସାନ ପୁଅ ନିଆଳି ସ୍ୱାସ୍ଥ୍ୟ କେନ୍ଦ୍ର କୁ ଚିକିତ୍ସା ଲାଗି ଆସିଥିବା ବେଳେ ଲିଫ୍ଟ ରେ କୋଠା ଉପରକୁ ଯାଇଥିଲେ। ଓହ୍ଲାଉଥିବା ବେଳେ ବିଦ୍ୟୁତ କଟି ଯିବାରୁ ଅଧାରେ ଲିଫ୍ଟ ଅଟକି ଯାଇଥିଲା। ଫଳରେ ରୋଗୀ ନିଶ୍ୱାସ ପ୍ରଶ୍ୱାସ ନେବାକୁ ଅସୁବିଧା ଅନୁଭବ କରିଥିଲେ। ପରେ ବିଦ୍ୟୁତ ଆସିବାରୁ ତଳକୁ ଓହ୍ଲାଇ ଥିଲେ ।ଏ ନେଇ ମହିଳାଙ୍କ ପୁତ୍ର ସମାଜସେବୀ ଆଦେଶ ବସ୍ତିଆ ଅଭିଯୋଗ କରିଛନ୍ତି। ଜରୁରୀ କାଳୀନ ପାଇଁ ଲିଫ୍ଟ ର ବ୍ୟବସ୍ଥା ହୋଇଥିବା ବେଳେ ବିଦ୍ୟୁତ କଟିଲେ ଲିଫ୍ଟ ବନ୍ଦ ହୋଇଯାଉଛି। ଜେନେରେଟର ବ୍ୟବସ୍ଥା ନାହିଁ। କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ବହୁ ତଳ ବିଶିଷ୍ଟ ପ୍ରସାଦ ନିର୍ମାଣ ହୋଇଥିଲେ ମଧ ଜରୁରୀକାଳୀନ ପରିସ୍ଥିତି ପାଇଁ କିଛି ସୁବିଧା ନାହିଁ ।ଏ ସମ୍ପର୍କରେ ସ୍ୱାସ୍ଥ୍ୟ କେନ୍ଦ୍ର ର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଏସ ନବୀନଙ୍କୁ ପଚାରି ବାରୁ କୁହନ୍ତି, ଆଜି ଏ ପ୍ରଥମ ଘଟଣା ଜାଣିବାକୁ ପାଇଲି। ବିଦ୍ୟୁତ କଟିଲେ ଲିଫ୍ଟ କିପରି ତଳକୁ ଆସିବ ଏ ସମ୍ପର୍କରେ ଆମେ ଟେକନିସିଆନଙ୍କ ସାଙ୍ଗରେ କଥା ହେଉଛୁ। ଆସନ୍ତାକାଲି ମେକାନିକ ଆସି ଆମ କର୍ମଚାରୀଙ୍କୁ ଟ୍ରେନିଂ ଦେବେ। ତେବେ ବଡ଼ ଜେନେରେଟର ଆସିଲେ ସମସ୍ୟାର ସମାଧାନ ହେବ ବୋଲି କହିଥିଲେ। ତେଣୁ ଏ ସବୁ ମଧ ଉଚ୍ଚ କର୍ତ୍ତୃପକ୍ଷ ପାଖକୁ ଚିଠି ଲେଖିଛୁ।

# ଜାଲକୁ ଆସୁନାହାଁନ୍ତି ଇଲିସି



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍):୬୫ଦିନ କାଳ ସମୁଦ୍ରକୁ ମାଛ ମାରିବା ପାଇଁ କଟକଣା ଜାରୀ ପରେ ଜୁନ ୧୪ରୁ କଟକଣା ଉଠିଯାଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ଶତାଧିକ ମତ୍ସ୍ୟଜୀବି ସମୁଦ୍ରକୁ ମାଛ ମାରିବାକୁ ଯାଇଛନ୍ତି। ଏବେ ଇଲିସି ମାଛ ଉପରେ ଚାହିଦା ଓ ଦର ଭଲ ଥିବାରୁ ଧୀବର ଚାହିଁଛନ୍ତି ଜାଲରେ ଇଲିସି ପଡୁ। କେବଳ ଧୀବର ଚାହୁଁନି ଗାଁ ଠୁ ସହର ଯାଏ ସବୁ ଲୋକେ ଇଲିସି ମାଛ ଟିକେ ମୁହଁରେ ମାରିବାକୁ ଅନାଇ ବସିଛନ୍ତି। କିନ୍ତୁ ଇଲିସି ମାଛର ବାସ୍ନା ନ ମିଳିଲେ ଗଲା। ଜୁନରେ ଆସିଯାଏ ଦେବୀ ନଦୀ ଇଲିସି ଖାଇବାର ସ୍ୱାଦ। ବିଡ଼ମ୍ବନା ଏହି ଯେ ଚଳିତ ବର୍ଷ ଇଲିସି ମାଛ ଖାଇବା ଅସ୍ତରଙ୍ଗ ଅଞ୍ଚଳବାସୀ ଭାଗ୍ୟରେ ପଡୁନାହିଁ। କୌତୁହଳ କଥା ଅନ୍ୟ ଜାଗା ଦୂରର କଥା ଖୋଦ କଥା ଅସ୍ତରଙ୍ଗ ଦେବୀ ନଦୀ ଅଞ୍ଚଳରେ ଇଲିସି ମାଛ ଖାଇବା ଧୀବରଙ୍କ ଭାଗ୍ୟରେ ବି ଜୁଟୁନି। ୨୦୨୫ଜୁନ ୧୦ରୁ ନିଜ ଟ୍ରଲର ଓ ଗିଲେଟିନିକୁ ପ୍ରସ୍ତୁତ କରିବା ସହ ଜୁନ ୧୩ ରାତିରୁ ଓ ଜୁନ ୧୪ସକାଳୁ ବରଫ କଳରୁ ଟନ୍ ଟନ୍ ବରଫ ଆଣି ନିଜ ନାବରେ ଲୋଡ଼ କରିଥିଲେ ମତ୍ସ୍ୟଜୀବି। ୭ଦିନ ପାଇଁ ରାସନ, ଡିଜେଲ, ବରଫ, ରୋଷେଇ ପାଇଁ ଗ୍ୟାସ ଆଦି ପାଖାପାଖି ୩ଲକ୍ଷ ଟଙ୍କାର ସରଞ୍ଜାମ ଧରି ଦରିଆକୁ ଯାଇଥିଲେ ଅସ୍ତରଙ୍ଗ ଅଞ୍ଚଳ ଧୀବର। ହେଲେ ଦରିଆରେ ଏଥର ମାଛ ନାହିଁ। ସମୁଦ୍ରକୁ ଯାଉ ଯାଉ ଦରିଆ ଅଶାନ୍ତ ହୋଇ ଯାଇଥିଲା। ତଥାପି ୭ଦିନ ରହିବା ପରେ ଜଣକା ୨ରୁ ୩ଲକ୍ଷ ଟଙ୍କାର ମାଛ ଧରି କୂଳକୁ ଫେରିଛନ୍ତି। ଯାହାକି କେବଳ ମୂଳ ଉଠିଛି ଲାଭ ନାହିଁ। ତେଣୁ ଚଳିତ ବର୍ଷ ଝଡି ବର୍ଷାକୁ ଅପେକ୍ଷା କରିଛନ୍ତି ଧୀବର। ଜଣାଯାଏ ୨୦୧୦ରେ ଇଲିସି କିଲୋ ୧୫୦ରୁ ୨୦୦ଟଙ୍କା ଥିବା ବେଳେ ୨୦୧୧ରେ ୩୦୦କୁ ଧରିଲା। ୨୦୧୨ବର୍ଷରେ ବଡ଼ ଇଲିସି କିଲୋ ୮ଶହ ଟଙ୍କା ଧରିଥିଲା ବେଳେ ୨୦୧୩ରେ ୧ହଜାର ଟଙ୍କା ଛୁଇଁଥିଲା। ୨୦୧୪ରେ ୧୨ଶହ, ୨୦୧୫ରେ ୧୩ଶହ ଏହି ଭଳି ଭାବେ ୨୦୨୦ମସିହାରେ ୧୨ଶହ ଧରିଥିଲା ତେବେ ୨୦୨୧ରେ ଏହା ସ୍ୱପ୍ନ ହୋଇଥିଲା। ଧୀବର ମାନେ କହୁଛନ୍ତି ଇଲିସି ମାଛ ଜାଲରେ ପଡିଲେ ସିନା ଆମେ କୂଳକୁ ଆଣିବୁ। ଯେଉଁ ମାଛ ଧରା ପଡୁଛି ତାହା ତେଲ ଖର୍ଚ୍ଚକୁ ଅଣ୍ଟୁନି। ଝଡ଼ ବର୍ଷା ହେଲେ ଇଲିସି ମାଛ ସମୁଦ୍ର ପାଣିରେ ଭେଳା ଭେଳା ହୋଇ ପଇଁତରା ମାରନ୍ତି। ସ୍ଥାନୀୟ ଧୀବର ଓ ଟ୍ରଲର ମାଲିକ ମାନେ ସମୁଦ୍ରରେ ଝଡ଼ବର୍ଷାକୁ ଅନାଇ ବସିଛନ୍ତି। କାରଣ ଥରକେ ଇଲିସି ପଡିଲେ ଲକ୍ଷାଧିକ ଟଙ୍କା ବେପାର ହୁଏ ଟ୍ରଲର ମାଲିକଙ୍କର। ତେଣୁ ଇଲିସି ପଡୁନଥିବାରୁ ଅସ୍ତରଙ୍ଗ ମତ୍ସ୍ୟଜୀବି ସଂଘର ଟ୍ରଲର ମାଲିକ ମାନେ ମୁଣ୍ଡରେ ହାତଦେଇ ବସିଛନ୍ତି।

# ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି

କୋଇଡା (ଭାସ୍କର ନ୍ୟୁଜ୍): କୋଇଡା ବ୍ଲକ ଅନ୍ତର୍ଗତ ପାଟମୁଣ୍ଡା ମଣ୍ଡପ ଠାରେ ସୁନ୍ଦରଗଡ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ସ୍ଥାନୀୟ ଜନ ସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଯୁଗ୍ମ ଜନଶୁଣାଣି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୋଟ ୬୦ ଗୋଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଭାବେ ୧୪ ଗୋଟି ଅଭିଯୋଗ ଆସିଥିବା ବେଳେ ଦଳଗତ ଭାବେ ୪୬ ଗୋଟି ଅଭିଯୋଗ ଆସିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଜମିବାଡ଼ି ସଂପର୍କିତ ସମସ୍ୟା, ଆବାସ ଗୃହ, ଅନ୍ୟସ୍ତ ବଦଳି ପ୍ରଭୃତି ସମସ୍ୟା ରହିଥିବା ବେଳେ ଦଳଗତ ସମସ୍ୟାରେ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ, ରାସ୍ତା ମରାମତି ଓ ନିର୍ମାଣ, ପାନୀୟ ଜଳ, ବିଦ୍ୟୁତ, ଟ୍ରାଫିକ ସମସ୍ୟା, ଆଇରନ୍ ପରିବହନ ସମସ୍ୟା ପ୍ରଭୃତି ଅଭିଯୋଗ ମାନ ଆସିଥିଲା। ଜଣକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଚିକିତ୍ସା ସହାୟତା ପାଇଁ ୫୦୦୦ ଟଙ୍କା ଜିଲ୍ଲାପାଳ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ କୁମାର ସାହୁ, ବଣାଇ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ବଣାଇ ବନ ବିଭାଗ ଅଧିକାରୀ ଲଳିତ କୁମାର ପାତ୍ର, ରାଉରକେଲା ଆରକ୍ଷୀ ଅଧିକ୍ଷକ ନୀତେଶ ୱାଦାନି, କୋଇଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରସ୍ମିରେଖା ପାତ୍ର, କୋଇଡା ତହସିଲଦାର ନିର୍ମଳ ବିଶ୍ୱାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ, ଲୋକ ପ୍ରତିନିଧି ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।

# ସାରସକଣା ହାଇସ୍କୁଲରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ପାଦ ପଡ଼ିବ କେବେ !



ସାରସକଣା (ଭାସ୍କର ନ୍ୟୁଜ୍): ସାରସକଣା ବ୍ଲକ ଅଧୀନ ରେ ଥିବା କୌଣସି ଗୋଟିଏ ହେଲେ ହାଇସ୍କୁଲରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ପାଦ ପଡ଼ିନାହିଁ। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଥା ପାଠର ସମୀକ୍ଷା କରିବା, ଶିକ୍ଷକମାନେ ପିଲାମାନଙ୍କୁ ଠିକ୍ ପାଠ ପଢ଼ାଉଛନ୍ତି ନା ନାହିଁ, ଯାହା ଅନୁଦାନ ଆସୁଛି ତାହା ଠିକ୍ ଭାବରେ ବିନିଯୋଗ ହେଉଛି କି ନାହିଁ ତାର ତଦାରଖ କରିବା ନିହାତି ଜରୁରୀ। ଏଠାରେ ବ୍ଲକ୍ ଶିକ୍ଷାଧିକାରୀ ଙ୍କ କଥା ନ କହିବା ଭଲ। ଗରିବ ପିତାମାତାମାନେ ଶିକ୍ଷକ ଙ୍କ ଭରସାରେ ପିଲାମାନଙ୍କୁ ସ୍କୁଲ୍‌କୁ ଛାଡୁଛନ୍ତି । ସେମାନଙ୍କର ଆଶା ନିଶ୍ଚିତ ଭାବରେ ପୂରଣ ହେବା ଦରକାର । ପାଠ ପଢା ଉନ୍ନତ ମାନର ହେବା ନିଶ୍ଚିତ ଦରକାର । ଆଗରୁ ଶିକ୍ଷାଧିକାରୀମାନେ ସ୍କୁଲକୁ ହଠାତ୍ ପରିଦର୍ଶନ କରିବା ପାଇଁ ଆସୁଥିଲେ । ବର୍ତ୍ତମାନ୍ ସ୍ମାର୍ଟ ଯୁଗରେ ଅଧିକ ସ୍ମାର୍ଟ ହୋଇ ଫଳ ଶୂନ ହୋଇଯାଉଛି। ତା ଛଡା ଇକୋ କ୍ଲବର ପଇସା କୋଉଠି ବିନିଯୋଗ ହେଉଛି ତାହା ଜଣାପଡୁନାହିଁ । ଜନସାଧାରଣ ତଥା ଅଭିଭାବକ ବର୍ତ୍ତମାନ୍ ସୁଦ୍ଧା ଅନ୍ଧାରରେ ରହିଛନ୍ତି। ତେଣୁ ସେମାନଙ୍କ ମନରେ ସବୁବେଳେ ଅଶାନ୍ତିର ପ୍ରତିଫଳନ ଦେଖିବାକୁ ମିଳିଛି। ଏସ୍‌ଏମ୍ ସି/ ଏସ୍ ଏମଡିସି, ବୈଠକ ବସୁଛି କି ନାହିଁ, ଲେସନ ପ୍ଲାନ୍ ଅପଡେଟ ଅଛି କି ନାହିଁ। ଏହା ସମୀକ୍ଷା ପରେ ଜଣାପଡ଼ିବ । ତେଣୁ ଏହାର ବିଧିବଦ୍ଧ ସମୀକ୍ଷା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ହେବା ଉଚିତ୍ ବୋଲି ଅଭିଭାବକ ମାନେ ଦାବି କରୁଛନ୍ତି। ତେଣୁ ମୁଁ ଦେବାଶିଷ ଶତପଥୀ ଓଡ଼ିଶା ଭାସ୍କର ତରଫରୁ ଅନୁରୋଧ କରୁଛିକି ଏହାର ବିଧିବଦ୍ଧ ସମୀକ୍ଷା କଲେ ଅଭିଭାବକ ମାନେ ଆତ୍ମସନ୍ତୋଷ ଲାଭ କରିବେ। ଅନ୍ୟଥା ଆମେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବୁ ।

# ଡା. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବାଳିଦାନ ଦିବସ ପାଳିତ




ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ହିନ୍ଦୁ ମାନଙ୍କ ସୁରକ୍ଷା ଲାଗି ଜନସଂଘ ପ୍ରତିଷ୍ଠାତା ସ୍ୱର୍ଗତ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ କେତେକ ପଦକ୍ଷେପ ନେଇଥିବାରୁ ଆଜି ତାଙ୍କ ଅବର୍ତ୍ତମାନରେ ବିଜେପି ପକ୍ଷରୁ ବିଭିନ୍ନ ସ୍ଥାନରେ ତାଙ୍କର ପୂର୍ଣ୍ଣ ତିଥିକୁ ବଳିଦାନ ଦିବସ ଭାବେ ପାଳନ କରାଯାଇଛି। ଜଳେଶ୍ୱରର ମଞ୍ଜୁ ପ୍ଲାଜାଠାରେ ମଧ୍ୟ ଅନୁରୂପ ଭାବେ ପାଳନ କରାଯାଇଛି । ସ୍ୱର୍ଗତ ମୁଖାର୍ଜୀ ଏକାଧାରରେ ମନ୍ତ୍ରୀ, ବିଚକ୍ଷଣ ରାଷ୍ଟ୍ରନୈତିଜ୍ଞ, ସାମାଜିକ କର୍ମୀ, ଶିକ୍ଷାବିତ୍, ବାରିଷ୍ଟର ଭାବେ ସୁଖ୍ୟାତି ଅର୍ଜନ କରିଥିଲେ । ତାଙ୍କ ନିତି, ଆଦର୍ଶକୁ ଏବେ ଭାରତୀୟ ଜନତା ପାର୍ଟି ଗୁରୁତ୍ୱ ଦେଉଥିବାରୁ ତାଙ୍କର ୭୩ତମ ଶ୍ରାଦ୍ଧବାର୍ଷିକୀରେ ଉତ୍ତର ବାଲେଶ୍ୱର ସାଂଗଠନିକ ଜିଲ୍ଲା ପକ୍ଷରୁ ବଳିଦାନ ଦିବସ ପାଳନ କରାଯାଇଛି । ବିଜେପି ଉତ୍ତର ବାଲେଶ୍ୱର ସାଂଗଠନିକ ଜିଲ୍ଲା ସଭାପତି ଡା. ପ୍ରଦୀପ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗଦେଇ ବିଜେପି ଦେଶର ମାତୃକାର ସୁରକ୍ଷା ଓ ହିନ୍ଦୁ ମାନଙ୍କ ସୁରକ୍ଷା ସଂପର୍କରେ କାର୍ଯ୍ୟ କରିଥାଏ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତ୍ରୀ ସିପ୍ରା ବାଜପେୟୀ, ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ଜଳେଶ୍ୱରର ବରିଷ୍ଠ ନେତା ବ୍ରଜମୋହନ ପ୍ରଧାନ, ଭୋଗରାଇ ନେତା ଆଶିଷ ପାତ୍ର, ବସ୍ତାର ନେତା ରବିନ୍ଦ୍ର ଅଣ୍ଡିଆ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସମାଜରେ ଦେଶର ସୁରକ୍ଷା ସ୍ୱର୍ଗତ ମୁଖାର୍ଜୀଙ୍କ ଚିନ୍ତା ଚେତନା ଓ କାର୍ଯ୍ୟଧାରାକୁ ପାଥେୟ କରିବାକୁ ସମସ୍ତ କର୍ମୀ ଓ ନେତାମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅଂଶୁମାନ ମହାନ୍ତି, ପ୍ରଫେସର ରତ୍ନାକର ରାୟ, ନବିନ ସାମଲ, କାଳିଚରଣ ଦାସ, ଫାଲଗୁନି ପାଣିଗ୍ରାହୀ, ଚନ୍ଦନ ଦାସ, ଶିବନାରାୟଣ ମହାପାତ୍ର, ଇଂ ପରମାନନ୍ଦ ମହାପାତ୍ର, ସାବିତ୍ରୀ ଜେନା, ବିଶ୍ୱରୂପ ଦାସ, ସୁମତି ଦେ, ପରିତୋଷ କାମିଳା, ଆଦିତ୍ୟ ନାରାୟଣ ପାତ୍ର, ଶାନ୍ତନୁ ପଟ୍ଟନାୟକ, ଅରୂପ ପ୍ରଧାନ, ରାଜେଶ ଖଟୁଆ, ହାସିରୁଦ୍ଦିନ ବକ୍ସ, ସଂଜିବ ସେନାପତି ପ୍ରମୁଖ ବହୁ ମଣ୍ଡ, ସମାପତି, ପଞ୍ଚାୟତ ସଭାପତି, କର୍ମୀମାନେ ଯୋଗଦେଇଥିଲେ ।

# ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ହେଲେ କରଞ୍ଜିଆର ଝିଅ ଅର୍ପୀତା ମାନ୍ନା




କରଞ୍ଜିଆ, (ଭାସ୍କର ନ୍ୟୁଜ୍) : ଜଗନ୍ନାଥ ଧାମ ପୁରୀ ସ୍ଥିତ ଅନ୍ୟତମ ସାମାଜିକ ଅନୁଷ୍ଠାନ ପ୍ରଗତି ପ୍ରତିଷ୍ଠାନ ପରିବାର ପକ୍ଷରୁ ସ୍ୱର୍ଗତ କାର୍ତ୍ତିକ ଚନ୍ଦ୍ର ସାହୁ ସ୍ମୃତି କମିଟି ମିଳିତ ଆନୁକୂଲ୍ୟରେ ବାର୍ଷିକ ଉତ୍ସବ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ପ୍ରତିଷ୍ଠାନର ସଭାନେତ୍ରୀ ବର୍ଷୀଆନ ସାହିତ୍ୟିକା ତଥା ବିଶିଷ୍ଟ ସମାଜସେବୀ ଶ୍ରୀମତୀ ପ୍ରତୀମା ମିଶ୍ର, ଉପସଭାପତି ପୂର୍ବତନ ବ୍ୟାଙ୍କ ଅଧିକାରୀ ଚକ୍ରଧର ମହାପାତ୍ର, ସମ୍ପାଦକ ଶିକ୍ଷକ ଅମର ମହାପାତ୍ରଙ୍କ ତତ୍ତ୍ୱାବଧାନ ତଥା ଶ୍ରୀଯୁକ୍ତ ଅଜୟ କୁମାର ମହାପାତ୍ରଙ୍କ ଆବାହକତ୍ୱରେ ପୁରୀ ସ୍ଥିତ ୟୁଥ୍ ହୋଷ୍ଟେଲ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ଉତ୍ସବରେ ବିଶେଷ ଅତିଥି ଭାବେ ପୁରୀ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ଶ୍ରୀମନ୍ଦିର ବରିଷ୍ଠ ସେବାୟତ ମନୋଜ ମହାପାତ୍ର, ଭଗବାନ ସୁଆର, ଶ୍ରୀମନ୍ଦିର ପରିଚାଳନା କମିଟିର ପୂର୍ବତନ ସଦସ୍ୟ ତଥା ଶ୍ରୀଅଙ୍ଗଲାଗି ସେବକ ମାଧବ ପୂଜାପଣ୍ଡା ଯୋଗଦାନ କରି ଉତ୍ସବକୁ ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଅବସରରେ ଏକ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିବା ବେଳେ ବିଭିନ୍ନ ସ୍ଥାନରୁ କଳାକାର ମାନେ ଅଂଶଗ୍ରହଣ କରି ନୃତ୍ୟ ପରିବେଷଣ କରିଥିଲେ। ଏ ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ନିବାସୀ ବିଶିଷ୍ଟ ବ୍ୟବସାୟୀ ଅଜିତ କୁମାର ମାନ୍ନା ଏବଂ ଗୌରୀ ମାନ୍ନାଙ୍କ କନ୍ୟା ତଥା କରଞ୍ଜିଆ ବିବେକାନନ୍ଦ ପବ୍ଲିକ ସ୍କୁଲରେ ଅଧ୍ୟୟନରତ ସୁଶ୍ରୀ ଅର୍ପିତା ମାନ୍ନା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଉଚ୍ଚକୋଟୀର ଓଡିଶୀ ନୃତ୍ୟ ପ୍ରଦର୍ଶନ କରି ବରେଣ୍ୟ ଅତିଥିଗଣଙ୍କ ଦ୍ୱାରା ପ୍ରଥମ ପୁରସ୍କାର ଏବଂ ନଗଦ ରାଶିରେ ପୁରସ୍କୃତ ହୋଇ ଅଞ୍ଚଳରେ ସୁନାମ ଅର୍ଜନ କରିଛନ୍ତି। ତାଙ୍କର ଉକ୍ତ ସଫଳତାରେ କରଞ୍ଜିଆ କଳାପ୍ରେମୀ, ଅଭିଭାବକ ଏବଂ ବିବେକାନନ୍ଦ ସ୍କୁଲ ପ୍ରତିଷ୍ଠାତା ଶ୍ରୀଯୁକ୍ତ ବିଷ୍ଣୁ କୁମାର ଅଗ୍ରୱାଲ ପ୍ରଶଂସାର ସହ ସୁଭେଚ୍ଛା ଜଣାଇଛନ୍ତି। କାର୍ଯ୍ୟକ୍ରମକୁ ପ୍ରଗତି ପ୍ରତିଷ୍ଠାନର ସମସ୍ତ କାର୍ଯ୍ୟକର୍ତ୍ତା, ସଦସ୍ୟ ଏବଂ ସହଯୋଗୀ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ।

# 'ଆମ ସଂକଳ୍ପ ନିଶା ନୁହେଁ, ଜୀବନ' କାର୍ଯ୍ୟକ୍ରମ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ବାଣିଜ୍ୟ ଏବଂ ପରିବହନ ଓ ଅବକାରୀ ବିଭାଗ ମିଳିତ ଆନୁକୂଲ୍ୟରେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଦରବାର ହଲଠାରେ ସଡକ ସଚେତନତା ଓ ଟ୍ରାଫିକ ନିୟମାବଳୀ ଉପରେ ଆମ ସଂକଳ୍ପ ନିଶା ନୁହେଁ ଜୀବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ନିଶାମୁକ୍ତ ଭାରତ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ମଦ ପଇ ଗାଡି ଚାଳନା ଯୋଗୁଁ ରାଜ୍ୟରେ ସଡକ ଦୁର୍ଘଟଣା ବୃଦ୍ଧି ପାଉଛି। ଏହାକୁ ରୋକିବା ପାଇଁ ଜାତୀୟ ରାଜପଥରେ ନିୟମିତ ଚେକିଂ କରିବାକୁ କହିଥିଲେ। ବିଶେଷ କରି ରାସ୍ତା କଡ ଢାବା ଏବଂ ହୋଟେଲରେ ଅବକାରୀ ବିଭାଗ ନିୟମିତ ଯାଞ୍ଚ କରିବାକୁ କହିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଡ୍ରାଇଭରମାନଙ୍କୁ ନିଶା ଠାରୁ ଦୂରରେ ରହିବା ଏବଂ ସଡକ ନିୟମ ପାଳନ କରିବା ପାଇଁ ସଚେତନ କରାଯାଇଥିଲା। ଏଥିରେ ଆଂଚଳିକ ପରିବହନ ଅଧିକାରୀ ଇଂ ଗୋପାଳ କୃଷ୍ଣ ଦାସ, ଅବକାରୀ ଅଧିକ୍ଷକ ଦିବ୍ୟରଞ୍ଜନ ଦୀପ, ସହ ସହାୟକ ଜିଲ୍ଲାପାଳ ସନ୍ତୋଷ କୁମାର ସାହୁ, ଅବକାରୀ ନିରୀକ୍ଷକ ବେଣୁଧର ସାମଲ ଓ ଟ୍ରାଫିକ ନିରୀକ୍ଷକ ସୁକୁମାର ସୋରେନ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ୬ ଜଣ କୃତୀ ପ୍ରତିଯୋଗୀମାନଙ୍କୁ ମନୋନୀତ କରାଯାଇଥିଲା ଏବଂ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ସେମାନଙ୍କୁ ହେଲମେଟ ପ୍ରଦାନ କରାଯାଇଥିଲା।

# ଯାତ୍ରାପାର୍ଟି ମାଇକ୍ ଚାଳକଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ



ଜଳେଶ୍ୱର, (ଭାସ୍କର ନ୍ୟୁଜ୍) : ଗଡ଼ସାହି ବାଲିଆପାଳ ଗାଁର ସୁରେନ୍ଦ୍ର କାମିଳାଙ୍କ ଏକମାତ୍ର ପୁତ୍ର ବଳରାମ କାମିଳା(୨୭) ଗତକାଲି ପଶ୍ଚିମବଙ୍ଗର ଦାନ୍ତୁନ ଥାନା ଅନ୍ତର୍ଗତ ଜାନକାପୁର ଅଂଚଳରେ ମନସାଯାତ୍ରାପାଟିରେ ମାଇକ୍ ଚଳାଇବାକୁ ଯାଇଥିଲେ । ରାତ୍ରିରେ ଯାତ୍ରା ସରିବାପରେ ଆଜି ସକାଳେ ବିଦ୍ୟୁତ୍‌ତାର ଗୋଟାଉଥିବା ବେଳେ ବିଦ୍ୟୁତ୍ ଆଘାତ ପାଇଥିଲେ । ସେଠାରେ ଥିବା ସହଯୋଗୀ ଓ କଳାକାରମାନେ ଗୁରୁତର ଅବସ୍ଥାରେ ନିକଟସ୍ଥ ନର୍ସିହୋମକୁ ନେଇଥିଲେ । ସେଠାରେ ତାଙ୍କର ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ଜଳେଶ୍ୱରସ୍ଥିତ ଜିକେ ଭଟ୍ଟର ହସ୍‌ପିଟାଲକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ସୂଚନାଯୋଗ୍ୟ ମୃତ ବଳରାମ ବାପାଙ୍କ ସହିତ କାଠକାମ କରିଆସୁଥିବା ବେଳେ ବାଲିଆପାଳ ବ୍ଲକର ନାରାୟଣପୁର ପଞ୍ଚାୟତର ରେମୁ ଗାଁର ଯାତ୍ରାପାର୍ଟି ମାଲିକ ପିଣ୍ଟୁ ବିଶ୍ୱାଳ ତାଙ୍କୁ ମାଇକ୍ ଚଳାଇବାକୁ ଡାକି ନେଇଯାଇଥିଲେ ।

# ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲା କଂଗ୍ରେସର ଦାବିପତ୍ର




ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ରାଜ୍ୟରେ ବ୍ୟାପୁଥିବା କଲେରା ଆଜି ଜିଲ୍ଲାରେ ପ୍ରଭାବ ବିସ୍ତାର କରିବାରେ ଲାଗିଥିବା ବେଳେ ପ୍ରଶାସନର ସ୍ଥାଣୁତା ଓ ସଚେତନତା ଅଭିଯାନ କାଗଜ କଲମରେ ସୀମିତ ରହିଛି। ଜଗତସିଂହପୁର ଜିଲ୍ଲାରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା, ବିଶୁଦ୍ଧ ପାନୀୟ ଜଳ ସଙ୍କଟ, ଡ୍ରେନେଜ ସମସ୍ୟାର ସ୍ଥାୟୀ ସମାଧାନ, ଉଠା ଓ ସ୍ଥାୟୀ ଖାଦ୍ୟ ଦୋକନାର ସଠିକ୍ ମାନ ନିରୁପଣ ଆଦି ଆଦି ଦାବିରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ନେତୃତ୍ୱରେ କଂଗ୍ରେସ ଦଳର ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ ଓ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡ଼ ସରୋଜ କୁମାର ଜେନାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ଜିଲ୍ଲାର ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟକଳାପକୁ ନେଇ କଂଗ୍ରେସ ପକ୍ଷରୁ ଉଦବେଗ ପ୍ରକାଶ ପାଇଛି। ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ତାଙ୍କ ଦାୟିତ୍ୱକୁ ସଠିକ୍ ଭାବରେ ନିର୍ବାହ କରିବାରେ ବିଫଳ ହୋଇଛନ୍ତି ବୋଲି ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ ମତବ୍ୟକ୍ତ କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଜିଲ୍ଲା କଂଗ୍ରେସ ଉପ ସଭାପତି ମହନୀ ଚରଣ ରାଉତ, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ଯୁବ କଂଗ୍ରେସ ନେତା ଇଂ ଜ୍ଞାନ ରଞ୍ଜନ ଜେନା, ଆର୍ଶୀବାଦ ତ୍ରିପାଠୀ, ସରୋଜ ମହାପାତ୍ର, ସୁକାନ୍ତ କୁମାର ମହାପାତ୍ର, ମିର୍ଜା ସାମସୁଦ୍ଦିନ୍ ବେଗ, ଅ୍ୱନୀକାନ୍ତ ମହାରଣା, ଦୀପକ୍ କୁମାର ପାଲ ପ୍ରମୁଖ ସାମିଲ ହୋଇଥିଲେ।

# ରାଶିଫଳ


**ବୁଧବାର, ୨୫ ଜୁନ୍ ୨୦୨୫**



**ମେଷ:** ପରିଶ୍ରମର ଫଳ ମିଠା ହେବ। ସାମାଜିକ କାର୍ଯ୍ୟରେ ଆଗ୍ରହୀ ହେବେ। ଆପଣଙ୍କପ ସମ୍ମାନ ମିଳିବ। ବ୍ୟବସାୟ ଇଚ୍ଛାକୃତ ଲାଭ ପ୍ରଦାନ କରିବ। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପରିଚୟ ବୃଦ୍ଧି ପାଇବ। ଶାରୀରିକ କଷ୍ଟ ସମ୍ଭାବନା। ଅଜ୍ଞାତ ଭୟ ହନ୍ତସନ୍ତ କରିବ। ଚିନ୍ତା ଏବଂ ଟେନସନ ରହିବ।



**ବୃଷ:** ଆପଣ ଦୂରରୁ ସୁଖଦ ସୂଚନା ପାଇପାରିବେ। ଅତିଥିମାନେ ଘରେ ପହଞ୍ଚିବେ। ଖର୍ଚ୍ଚ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ପରିବାର ସହାୟତା ଯୋଗାଇ ଦିଆଯିବ। ଖୁସି ହେବେ।



**ମିଥୁନ:** ନୂତନ ପୋଷାକ କିଣିବା ଉପରେ ଖର୍ଚ୍ଚ ହେବ। ଯାତ୍ରା ଚିତ୍ତାକର୍ଷକ ହେବ। ଆପଣଙ୍କର ଭାଇମାନଙ୍କ ସମର୍ଥନ ପାଇବେ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଘର ବାହାରେ ଖୁସିର ପରିବେଶ ରହିବ। ନୂତନ ବନ୍ଧୁ ସୃଷ୍ଟି ହେବ। ଏକ ନୂତନ ଉଦ୍ୟମ ଆରମ୍ଭ କରିବାକୁ ଯୋଜନା ହୋଇପାରେ।




**କର୍କଟ:** ପାରିବାରିକ ଚିନ୍ତାଧାରା ରହିବ। କାରବାରରେ ତତ୍ପର ହୁଅନ୍ତୁ ନାହିଁ। ଆବଶ୍ୟକ ଦ୍ରବ୍ୟ ହଜିଯାଇ ପାରେ । ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ ନାହିଁ। ବୁଦ୍ଧିର ବ୍ୟବହାର ଲାଭ ବୃଦ୍ଧି କରିବ। ଆୟ ରହିବ। କ୍ଲାନ୍ତ ଅନୁଭବ କରିବେ।



**ସିଂହ:** ପରିବାର ଏବଂ ସାଙ୍ଗମାନଙ୍କ ସହିତ ଏକ ମନୋରମ ଯାତ୍ରା ଆୟୋଜିତ ହୋଇ ପାରିବ। ବନ୍ଦ ହୋଇଥିବା ଅର୍ଥ ହେଉଛି ପ୍ରାପ୍ତିର ପରିମାଣ। ସାଙ୍ଗମାନଙ୍କ ସାହାଯ୍ୟରେ କାର୍ଯ୍ୟ ସମାପ୍ତ ହେବ। ଏକ ନୂତନ କାର୍ଯ୍ୟ ଆରମ୍ଭ କରିବାକୁ ଯୋଜନା ହେବ। ଏହି କାର୍ଯ୍ୟ ଉଚ୍ଚ ପଦାଧିକାରୀଙ୍କ ପ୍ରଶଂସା ପାଇବେ। ସମୟ ଅନୁକୂଳ ଅଟେ।




**କନ୍ୟା:** କର୍ମକ୍ଷେତ୍ରରେ ପରିବର୍ତ୍ତନ ସମ୍ଭବ। ଆଜିର ଯୋଜନା ସଫଳ ହେବ। ବ୍ୟବସାୟ ଅଭିବୃଦ୍ଧିକୁ ବିଚାର କରାଯାଇପାରେ। ଅଧିକାରୀମାନେ ଚାକିରିରେ ଖୁସି ହେବେ। ଅଧସ୍ତନମାନଙ୍କ ସହଯୋଗ ଯୋଗାଇ ଦିଆଯିବ। ପାରିବାରିକ ଚିନ୍ତାଧାରା ରହିବ। ବ୍ୟବସାୟରେ ଅନୁକୂଳ ଲାଭ ହେବ। ଉତ୍ସାହ ଏବଂ ସୁଖ ରହିବ।




**ତୁଳା:** ଏକ ଧାର୍ମିକ ସ୍ଥାନକୁ ଯାତ୍ରା ଯୋଜନା କରାଯାଇପାରେ। ସତସଙ୍ଗର ଲାଭ ହେବ। ପରିବାର ସହାୟତା ଉପଲବ୍ଧ ହେବ। ଘର ବାହାରେ ଶାନ୍ତି ଏବଂ ସୁଖ ରହିବ। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ସହାୟକ ହେବ। ଟଙ୍କା ପାଇବାରେ ବାଧା ଦୂର ହେବ।



**ବିଛା:** ଆଘାତ ଏବଂ ଦୁର୍ଘଟଣାରୁ କ୍ଷତି ସମ୍ଭବ। ବେପରୁଆ ହୁଅନ୍ତୁ ନାହିଁ। ଜଣେ ବ୍ୟକ୍ତିଙ୍କ ସହିତ ଏକ ଅର୍ଥହୀନ ବିବାଦ ହୋଇପାରେ। ମାନସିକ ଦୁଃଖ ଆସିବ। ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଚିନ୍ତା ଏବଂ ଟେନସନ ରହିବ। ଆୟ ହ୍ରାସ ହୋଇପାରେ। ବ୍ୟବସାୟ ଭଲ କରିବ।




**ଧନୁ:** ଶୀଘ୍ର କାର୍ଯ୍ୟ କଲେ ତାହା ଖରାପ ହେବ ଏବଂ ସମସ୍ୟା ବଢିପାରେ । ବିଭିନ୍ନ କ୍ଷେତ୍ରରେ ବିରୋଧ ହେବ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ବାହାରକୁ ଯିବାକୁ ଯୋଜନା ହେବ। ଜଣେ ବୟସ୍କ ବ୍ୟକ୍ତିଙ୍କ ସହଯୋଗ କାର୍ଯ୍ୟକୁ ସହଜ କରିବ। ଘର ବାହାରେ ଶାନ୍ତି ରହିବ। ଚାକିରିରେ ଶାନ୍ତି ରହିବ। ବ୍ୟବସାୟ ଲାଭଦାୟକ ହେବ।



**ମକର:** ଜମି, ବିଲଡିଂ, ଦୋକାନ, ଶୋ'ରୁମ୍ ଏବଂ କାରଖାନା ଇତ୍ୟାଦି କିଣାବିକାରେ ଲାଭବୃଦ୍ଧି ହେବ। ବଡ କାରବାର ବଡ ଲାଭ ଦେଇପାରେ। ଭାଗ୍ୟର ପଦୋନ୍ନତି ପ୍ରୟାସ ସଫଳ ହେବ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଦୁର୍ନିତିରୁ ଦୂରେଇ ରୁହନ୍ତୁ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଟଙ୍କା ମିଳିବା ସହଜ ହେବ। ସାଙ୍ଗମାନଙ୍କଠାରୁ ସମର୍ଥନ ପାଇବେ।



**କୁମ୍ଭ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ। ଏକ ପାର୍ଟୀ ଏବଂ ପିକନିକ୍ ପାଇଁ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇପାରିବ। ଶୁଭ କାର୍ଯ୍ୟରେ ଭାଗ ନେବାକୁ ଆପଣ ଏକ ସୁଯୋଗ ପାଇବେ । ସୁସ୍ୱାଦୁ ଖାଦ୍ୟଗୁଡ଼ିକ ଉପଭୋଗ ହେବ। ସାଙ୍ଗମାନଙ୍କଠାରୁ ସମର୍ଥନ ପାଇବେ। ପରିବାରରେ ସୁଖ ରହିବ। ଶରୀର ସମସ୍ୟାରୁ ଦୂରେଇ ରୁହନ୍ତୁ।



**ମୀନ:** ଅନ୍ୟମାନଙ୍କଠାରୁ ଅଧିକ ଆଶା କରନ୍ତୁ ନାହିଁ। ଶୀଘ୍ର କାର୍ଯ୍ୟରେ ବାଧା ସୃଷ୍ଟି କରିବ। ଦୈଡ଼ଧାପଡ ଅଧିକ ହେବ। ଆପଣ ଚିନ୍ତାଜନକ ସୂଚନା ପାଇପାରିବେ, ଧର୍ଯ୍ୟବାନ ହୁଅନ୍ତୁ। ନିର୍ମାଣ କାର୍ଯ୍ୟ ବିଳମ୍ବ ହେବ। ଚିନ୍ତା ଏବଂ ଟେନସନ ରହିବ। ସାଙ୍ଗମାନଙ୍କ ସହିତ ସମୟ ଭଲ ହେବ। ଚାକିରିରେ ରହିବେ। ଆୟରେ ନିଶ୍ଚିତତା ରହିବ।



ଶ୍ରୀପତି ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ/ରାଇଘର(ଭାସ୍କର ନ୍ୟୁଜ):ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ୫-ଟି ବିଦ୍ୟାଳୟରେ କାର୍ଯ୍ୟରତ ରାତ୍ର ଜଗୁଆଳି ଓ ଝାଡୁଦାରମାନେ ଏକତ୍ରିତ ହୋଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ବାସ ଭବନରେ ପହଞ୍ଚି ତାଙ୍କୁ ଏକ ଛଅଦଫା ବିଶିଷ୍ଟ ଦାବିପତ୍ର ପ୍ରଦାନ କରିଥିବା ସୂଚନା ମିଳିଛି । ଓଡିଶା ସରକାରଙ୍କ ପଞ୍ଚସଖା ଶିକ୍ଷା ଅଭିଯାନ ତରଫରୁ ପ୍ରତି ୫-ଟି ବିଦ୍ୟାଳୟମାନଙ୍କରେ ରାତ୍ର ଜଗୁଆଳି ଓ ଝାଡୁଦାରମାନଙ୍କୁ ନିଯୋଜିତ କରାଯାଇଥିଲା । ରାତ୍ର ଜଗୁଆଳି ଓ ଝାଡୁଦାରମାନେ ନିଜ ନିଜ କାର୍ଯ୍ୟ ସୂଚାରୁରୂପେ ତୁଲେଇ ବିଦ୍ୟାଳୟ ପରିସରକୁ ସଫା ସୁତରା ରଖିବା ସହିତ ବିଦ୍ୟାଳୟ ପରିସର ମଧ୍ୟରେ ଥିବା ଫୁଲ ବଗିଚା, ଗଛଲତା ଓ ଘାସ ଗାଲିଚାର ଠିକ ଯତ୍ନ ନେଉଛନ୍ତି । ବିଦ୍ୟାଳୟ ଗୁଡିକୁ ଆକର୍ଷଣୀୟ କରିବାରେ ସେମାନଙ୍କ ମୁଖ୍ୟ ଭୂମିକା ରହିଛି । ତାଛଡା ବିଦ୍ୟାଳୟର ଅନ୍ୟାନ୍ୟ କାର୍ଯ୍ୟ ଗୁଡିକରେ ମଧ ସହଯୋଗ କରି ଆସୁଛନ୍ତି ।ଏତେ ସବୁ କାର୍ଯ୍ୟ କରୁଥିବା ସତ୍ୱେ ସେମାନେ ଅନେକ ସମସ୍ୟା ଦେଇ ଗତି କରୁଛନ୍ତି । ସେ ସମସ୍ୟା ଗୁଡିକର ସମାଧାନ ପାଇଁ ଆଜି ଝରିଗାଁ, ଉମରକୋଟ ଓ ରାଇଘର ବ୍ଲକର ୩୦ରୁ ଉର୍ଦ୍ଧ୍ୱ ରାତ୍ରି ଜଗୁଆଳି ଓ ଝାଡୁଦାର ଗଣଶିକ୍ଷା ମନ୍ତ୍ରୀଙ୍କ ଉମରକୋଟ ସ୍ଥିତ ବାସଭବନରେ ପହଞ୍ଚି ଏକ ଛଅଦଫା ବିଶିଷ୍ଟ ଦାବିପତ୍ର ପ୍ରଦାନ କରିଛନ୍ତି ।ଯେଉଁଥିରେ ନିୟମିତ ଦରମା ପ୍ରଦାନ କରିବା,ଦରମା ନିଜସ୍ୱ ପାସ୍‌ବହିକୁ ପଠେଇବା,ଜୀବନ ବୀମା ପ୍ରଦାନ କରିବା,ପାରିଶ୍ରମିକ ରାଶି ଦୁଇଗୁଣା କରିବା,ସ୍ଥାୟୀ ଚାକିରୀର ମାନ୍ୟତା ଦେବା ଓ ବକେୟା ରାଶି ପ୍ରଦାନ କରିବା ଆଦି ଉଲ୍ଲେଖ ରହିଛି ।ଏହି ଦାବିପତ୍ର ପ୍ରଦାନ ସମୟରେ ହେମନ୍ତ ପୂଜାରୀ, ଅରୁଣ ମାଝୀ, ଭୁବନ ସାନ୍ତା,ଦୁର୍ଯ୍ୟୋଧନ ଗୌଡ଼, ଭରତ ଗଣ୍ଡ, ବଳରାମ ପୂଜାରୀଙ୍କ ସମେତ ତିରିଶ ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଉପସ୍ଥିତ ରହିଥିଲେ ।

## ବର୍ଷାରେ ଭିଜି ଚାରାରୋପଣ କଲେ ଜିଲ୍ଲାପାଳ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): ବର୍ଷାରେ ଭିଜି ଭିଜି ଚାରାରୋପଣ କରିଛନ୍ତି କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ। ଏଇଭଳି ଖବର କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରୁ ଆସିଛି। ଆଜି ଲକ୍ଷ୍ମୀପୁର ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଯୋଗ ଦେଇ କୋରାପୁଟ ଫେରିବା ବେଳେ ଡ଼ିଏଫଓ କେଭି ଭାସ୍କର ରାଓ ଜିଲ୍ଲାପାଳଙ୍କୁ ପଞ୍ଚଡ଼ା ପଞ୍ଚାୟତ ଅନ୍ତର୍ଗତ ନୂଆଗୁଡା କିସ୍ ପ୍ଲାଣ୍ଟେସନରେ ଆୟୋଜିତ ଗୋଟିଏ ବୃକ୍ଷ ମାତାଙ୍କ ନାମରେ କାର୍ଯ୍ୟକ୍ରମକୁ ନିମନ୍ତ୍ରିତ କରିଥିଲେ। ଏନେଇ ଜିଲ୍ଲାପାଳ ଉକ୍ତ ପ୍ଲାଣ୍ଟେସନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ବର୍ଷାରେ ଭିଜି ଭିଜି ନିମ୍ବ, ବାହାଡ଼ା, ପଣସ, ଅଁଳା ଭଳି ଅନେକ ଚାରାରୋପଣ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜି ଛନ୍ତି। ଜିଲ୍ଲାପାଳଙ୍କ ଏହି ଚାରା ରୋପଣ ସମୟରେ ପ୍ରଭେସନର ଆଇଏସ୍ ସନ୍ତୋଷ କୁମାର ପାତ୍ର, କାକିରିଗୁମା ଫରେଷ୍ଟର ନିମାଲା ଆନନ୍ଦଙ୍କ ସମେତ ବନ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

# ପ୍ରବାସୀ ଶ୍ରମିକ ସଚେତନତା ଶିବିର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ



ନୂଆପଡ଼ା(ଭାସ୍କର ନ୍ୟୁଜ): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ୍‌ର କର୍ଲାକୋଟ ପଞ୍ଚାୟତର ସେହି ଗାଁରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର, ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ ଓ ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ଜିଲ୍ଲାପାଳ ମଧୁସୂଦନ ଦାଶ ଏବଂ ଅନ୍ୟାନ୍ୟ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଗାଁରେ ପହଞ୍ଚିଥିଲେ । ମୁଖ୍ୟ ଅତିଥି ଜିଲ୍ଲାପାଳଙ୍କ ସହିତ ଡିଏଫ୍‌ଓ ଅଜିଜ ଖାନ, ଜିଲ୍ଲା ଉନ୍ନୟନ ଅଧିକାରୀ ଲମ୍ୱୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବିଡ଼ିଓ ସୁଶାନ୍ତ କୁମାର ରଣା, ତହସିଲଦାର ଅନସୁୟା ବାଗ୍‌ଦେବୀ, କର୍ଲାକୋଟ ସରପଞ୍ଚ ମଙ୍ଗଲ୍ ସିଂଦଲ ଓ ସମିତି ସଭ୍ୟା ମିନାକ୍ଷୀ ମାଝୀ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । ଆଜିର ଏହି ନିଆରା କାର୍ଯ୍ୟକ୍ରମ ପାଇଁ କର୍ଲାକୋଟ ଗାଁ ଆନନ୍ଦ ମୁଖର ହୋଇ ଉଠିଥିଲା । ନୃତ୍ୟ ଗୀତ ମାଧ୍ୟମରେ ଗ୍ରାମବାସୀ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ଡିଏଫ୍‌ଓଙ୍କ ଉଦ୍ୟମରେ ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ସ୍ଥାନୀୟ ହାଇସ୍କୁଲରେ ପକ୍ଷୀମାନଙ୍କ ପାଇଁ ଜଳ, ଖାଦ୍ୟ ଏବଂ ବସା ଯୋଗାଇ ଦିଆଯାଇଥିଲା। ଝିଅ ପାଇଁ ଗଛଟିଏ ଓ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ନବଜାତକ ଶିଶୁ କନ୍ୟା ମେଘା ବାଘ ଓ ତାର ପିତାମାତାଙ୍କୁ ସମାରୋହରେ ଜିଲ୍ଲାପାଳ ଉପହାର ଓ ବୃକ୍ଷରୋପଣ ପାଇଁ ଚାରା ପ୍ରଦାନ କରିଥିଲେ। ନବ ଜାତକକୁ କୋଳରେ ଧରି ତାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ଦୁଇ ଜଣ ଗର୍ଭବତୀ ମହିଳାଙ୍କୁ ଏହି ସମାରୋହରେ ଅତିଥିମାନେ ଫଳମୂଳ, ପନିପରିବା, ପୃଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଭେଟି ଦେଇଥିଲେ। ଜିଲ୍ଲାପାଳ ଏମାନଙ୍କ ପରିବାର ଲୋକଙ୍କୁ ଗର୍ଭବତୀ ମାନଙ୍କ ସମୁଚିତ ଯତ୍ନ ନେବା ପାଇଁ ପରାମର୍ଶ ଦେଇଥିଲେ । ଏହାପରେ ଶ୍ରମିକ ସଚେତନତା ଶିବିରରେ ଅତିଥି ମାନେ ଗାଁ ବାସୀମାନଙ୍କୁ ମନରେଗା ଯୋଜନାରେ କାମ କରିବା ସହିତ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ଲାଭ ଉଠାଇବା ପାଇଁ ଆହ୍ୱାନ ଦେଇଥିଲେ । ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଯୋଗଦେଇ ନିଜ ନିଜ ବିଭାଗର କଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ଜନସାଧାରଣଙ୍କୁ ବୁଝାଇଥିଲେ। ସମସ୍ତଙ୍କୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେଯେ ଗାଁର କୌଣସି ବି ପୁରୁଷ କିମ୍ବା ମହିଳା ଭୁଲ୍ ରେ ବି ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ଯାଆନ୍ତୁ ନାହିଁ । ନିଜ ଗାଁ ମାଟିରେ ରହି ମନରେଗା ଯୋଜନାରେ କାମ କରି ସବୁ ଶ୍ରମିକ ପରିବାର ଲକ୍ଷପତି ହୁଅନ୍ତୁ । ଚାଷୀ ଭାଇ ଭଉଣୀ ମାନେ ଉନ୍ନତ ପ୍ରଣାଳୀରେ ଚାଷ କରନ୍ତୁ । ଜାଗା ନାହିଁ ଯାହାର, ଛତୁ ଚାଷ ତାହାର। ଏସବୁ କରିବା ପାଇଁ ଜିଲ୍ଲା ପ୍ରଶାସନ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦେବେ । ଯେଉଁମାନେ ଏ ବର୍ଷ ଦାଦନ ଯାଇଛନ୍ତି, ସେମାନେ ଆଉଥରେ ନ ଯିବା ପାଇଁ ସଂକଳ୍ପ ନିଅନ୍ତୁ । ଏହି ପଞ୍ଚାୟତରୁ ୬୮ ଜଣ ଲକ୍ଷପତି ଦିଦି ବାହାରି ଥିବାରୁ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ। ଆମେ ସମସ୍ତେ ମିଶି କର୍ଲାକୋଟ ପଞ୍ଚାୟତକୁ ପ୍ରବାସୀ ଶ୍ରମିକ ଓ ପ୍ଲାଷ୍ଟିକ୍ ମୁକ୍ତ କରି ପାରିବା ବୋଲି କହିଥିଲେ । ମନରେଗା ଯୋଜନାରେ ୨୦୦ ଦିନରୁ ଅଧିକ ଦିନ ଶ୍ରମ ଦାନ କରିଥିବାରୁ ଦୁଇ ଜଣ ଶ୍ରମିକଙ୍କୁ ସଭାରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ପରିଚାଳନା କରିଥିଲେ। ଶେଷରେ ସ୍ଥାନୀୟ ସରପଞ୍ଚ ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହକୁ ବୋଡ଼େନ ବିଡ଼ିଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନମିତା ପାଢୀ, ବୋଡ଼େନ ସିଡିପିଓ ଅର୍ଚ୍ଚନା ରାଉତ, ସରପଞ୍ଚ, ବ୍ଲକ ଏବଂ ପଞ୍ଚାୟତ କର୍ମଚାରୀ ପ୍ରମୁଖ ଆୟୋଜନ କରିଥିଲେ।

## ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଲକ୍ଷ୍ମୀପୁର ଗସ୍ତ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲକ୍ଷ୍ମୀପୁର ବ୍ଲକ ଗସ୍ତ କରି ବୁର୍ଜା ସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଏବଂ ତୟାପୁଟ ଗ୍ରାମପଞ୍ଚାୟତ ଠାରେ ନିର୍ମାଣଧୀନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଓ କ୍ଷେତ ପୋଖରୀ ପରିଦର୍ଶନ କରି



କାର୍ଯ୍ୟର ସମୀକ୍ଷା କରିଛନ୍ତି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର। ଏନେଇ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ତରଫରୁ ସୂଚନା ମିଳିଛି। ଶ୍ରୀଯୁକ୍ତ ଶବରଙ୍କ ଗସ୍ତ ସମୟରେ ଲକ୍ଷ୍ମୀପୁର ବରପ୍ରାପ୍ତ ବିଡିଓ ମିଳନ କୁମାର ଝାଙ୍କର, ପୂର୍ବତନ ସାଂସଦ ଝିନ୍ନ ହିକକା,ଏଇଏମ୍,ପବନ କୁମାର୍ ପ୍ରମୁଖ ଉପସ୍ଥିତ ଥିଲେ।

# ପବ୍ଲିକ ସ୍କୁଲରେ ମାତୃ-ପିତୃ ବନ୍ଦନା ଉତ୍ସବ

କନ୍ଧମାଳ(ଭାସ୍କର ନ୍ୟୁଜ): ରୋଟାରୀ କ୍ଲବ ର ସଭାପତି ଓ ସମ୍ପାଦକଙ୍କ ଚେଷ୍ଟା, ଡିଷ୍ଟ୍ରିକ୍ଟ ଗଭର୍ନର ଯଜ୍ଞାଶିଷ ମହାପାତ୍ରଙ୍କ ପରାମର୍ଶକ୍ରମେ ପବ୍ଲିକ ସ୍କୁଲରେ ମାତୃପିତୃ ବନ୍ଦନା ଉତ୍ସବସୋମବାର ପାଳିତ ହୋଇଯାଇଛି। ରୋଟାରୀ କ୍ଲବ ସଭାପତି ବିପ୍ର ଚରଣ ପାତ୍ର ଓ ସମ୍ପାଦକ ବିଜୟକୃଷ୍ଣ ପଟ୍ଟନାୟକଙ୍କ ନେତୃତ୍ୱରେ ପବ୍ଲିକ ସ୍କୁଲ ପରିସରରେ ୧୪୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ପିତା, ମାତା, ଗୁରୁଜନ, ବରିଷ୍ଠ ନାଗରିକମାନଙ୍କର ହିନ୍ଦୁ ରୀତିନୀତି ଅନୁସାରେ ପ୍ରଥମେ ନିଜର ପିତା,ମାତା ମାନଙ୍କ ପାଦଧୋଇ ଫୁଲ,ଚନ୍ଦନ, ଧୂପ ଦୀପ ଦେଇ ପୂଜାର୍ଚ୍ଚନା କରିବା ସହ ମିଠା ଖୁଆଇଥିଲେ। ଏଥିରୁ ପିଲାମାନେ ବହୁତ ଅନୁଭୂତି ହେବା ସହିତ ଖୁସି ମଧ ହୋଇଥିବାର ଦେଖିବାକୁ ମିଳିଥିଲା।ଏହି ଉତ୍ସବରେ ଉପସ୍ଥିତ ଥିବା୧୫୦୦ ଜଣଙ୍କୁ ଫୁଲବାଣୀ ରୋଟାରି କ୍ଲବ ପକ୍ଷରୁ ଉପଢୌକନ ପ୍ରଦାନ କରାଯାଇଥିଲା। ଯାହାକି ରାଜ୍ୟର ସବୁଠୁ ବଡ଼ ଓ ଅଧିକା ସଂଖ୍ୟକ ମାତୃ ପିତୃ ଉପସ୍ଥିତିରେ ବନ୍ଦନା ଉତ୍ସବ । ଏହା ଏସିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇବା ଆଶା କରାଯାଉଛି। ମୁଖ୍ୟ ଅତିଥି ଭାବେ ରୋଟାରୀ କ୍ଲବର ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଯଜ୍ଞାଶିଷ ମହାପାତ୍ର ଯୋଗଦେଇ ଦିନକୁ ଦିନ ପିଲାମାନଙ୍କ ଗୁରୁଜନ, ପିତା ମାତା ଓ ବୟସ୍କଙ୍କ ପ୍ରତି ଭକ୍ତି ଭାବ କମି ଯାଉଥିବା ଦେଖାଯାଉଛି। ଏଣୁ ସମସ୍ତଙ୍କୁ ଏ ଦିଗରେ ସଚେତନ କରିବା ପାଇଁ ଏଭଳି କାର୍ଯ୍ୟକ୍ରମ ଅୟୋଜନ କରାଯାଇଥିବା କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ସେକ୍ରେଟାରୀ ଜେନେରାଲ ରସାନନ୍ଦ



ରାଉତ, ପୂର୍ବତନ ସଭାପତି ରବି ସୁବୁଦ୍ଧି, ପ୍ରଶାନ୍ତ ପାଣିଗ୍ରାହୀ, ପଦ୍ମ ଚରଣ ସ୍ୱାଇଁ, ମନୋରଞ୍ଜନ ପଟ୍ଟନାୟକ, ରାଜେଶ ପାତ୍ର, ପ୍ରକାଶ ପଣ୍ଡା, ପ୍ରସନ୍ନ ପଣ୍ଡା, ସୁନୀଲ ପଟ୍ଟନାୟକ,ଶୁଭ୍ରା ପଟ୍ଟନାୟକ, କେ ଜ୍ଞାନ ଦୋରା, ହରିଶ ଚନ୍ଦ୍ର ମହାରଣା, ବିରଜା ନାହାକ, ଶିବାନନ୍ଦ ପାତ୍ର, ବସନ୍ତ ପାଣିଗ୍ରାହୀ, କୁନ୍ଦନ ସିଂହ, ବି.ଦେବେନ୍ଦ୍ର ପାତ୍ର,ଉପେନ୍ଦ୍ର ମହାପାତ୍ର, ସନ୍ତୋଷ ପଣ୍ଡା, ସନ୍ତୋଷ ମିଶ୍ର, ନୀଳମାଧବ ମିଶ୍ର, ପ୍ରମୁଖ ସହଯୋଗ କରିଥିଲେ । ପବ୍ଲିକ ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ ଓ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମକୁ ସୂଚାରୁରୂପେ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ପବ୍ଲିକ ସ୍କୁଲ ସମେତ ଅନ୍ୟ ସ୍କୁଲ ଛାତ୍ରଛାତ୍ରୀ ଅବିଭାବକମାନେ ଉପସ୍ଥିତ ଥିଲେ। ଫୁଲବାଣୀ ରୋଟାରୀ କ୍ଲବ ପକ୍ଷରୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

## କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ପାରଳାଖେମୁଣ୍ଡିର ବୁଦ୍ଧିଜୀବୀଙ୍କ ତରଫରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସୂଚନାଯୋଗ୍ୟଯେ ପାରଳା ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତିଙ୍କ ଐତିହ୍ୟ ସ୍ମାରକୀ ସମ୍ପର୍କରେ ଏକ ଆଲୋଚନାଚକ୍ର ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପାରଳଖେମୁଣ୍ଡିର ବହୁ ବିଶିଷ୍ଟ ବ୍ୟକ୍ତିଗଣ ଯୋଗଦାନ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବଦାନ୍ୟତା ଓ ପଦକ୍ଷେପ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ଆଗାମୀ ୨୮ତାରିଖ ଦିନ ଗଜପତି ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତି ନିମନ୍ତେ କ୍ରିୟାନୁଷ୍ଠାନ କମିଟି ଗଠନ ସକାଶେ ପୌରପାଳିକା ସଂଲଗ୍ନ ଅଞ୍ଚଳର ବ୍ୟକ୍ତିବିଶେଷମାନଙ୍କୁ ଉକ୍ତ ସଭା ରେ ଉପସ୍ଥିତ ରହି ନିଜର ମତାମତ ପ୍ରଦାନ କରିବାକୁ ନିବେଦନ କରାଗଲା। ଭାରତ ଭୂଷଣ ମହାନ୍ତି, ଅଶ୍ୱିନୀ ପାଢୀ, ବିଚିତ୍ରାନନ୍ଦ ବେବର୍ତ୍ତା, ବିନୋଦ ଚନ୍ଦ୍ର ଜେନା, ଡ.କଲ୍ୟାଣୀ ମିଶ୍ର, ଅରୁପାଞ୍ଜଳି ମହାନ୍ତି, ଶୁଭ୍ରା ପଟ୍ଟନାୟକ, ଅଧ୍ୟାପିକା ଅଞ୍ଜନା ପଟ୍ଟନାୟକ,ସ୍ନିଗ୍ଧା ମିଶ୍ର, ପ୍ରମୋଦ ପାଢୀ,ରାମଚନ୍ଦ୍ର ପାଢୀ, ଶ୍ୟାସୁନ୍ଦର ଗନ୍ତାୟତ,ଅରକ୍ଷିତ ଜେନା, ସଚି ସାମଲ, ତ୍ରିପତି ପଣ୍ଡା ପ୍ରଭୃତି ୬୦ରୁ ଉର୍ଦ୍ଧ୍ୱ ଯୋଗ ଦେଇଥିଲେ।

## ଡା.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ସଦରମହକୁମା ସ୍ଥିତ ଜିଲ୍ଲା ବିଜେପି କାର୍ଯ୍ୟାଳୟ ଠାରେ ଡା.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୭୩ ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ କେଶବ ଚନ୍ଦ୍ର ନାୟକ, ସମ୍ମାନିତ ବକ୍ତାଭାବେ ମାଣିକ ଲାଲ ଚାକ୍ରବର୍ତ୍ତୀ, ମଣ୍ଡଳ ସଭାପତି ଦିଲ୍ଲୀପ ଦଣ୍ଡପାଟ, ପୂର୍ବତନ ମଣ୍ଡଳ ସଭାପତି ବାଲାଜୀ ପଡାଲ, ପୂର୍ବତନ ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ଦୁଲି ମାଡ଼ି ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା କେଶବ ଚନ୍ଦ୍ର ନାୟକ କହିଲେ କି ଶ୍ୟାମା ପ୍ରସାଦ ମୁଖାର୍ଜୀ ସଦାସର୍ବଦା ଅଖଣ୍ଡ ଭାରତର ପକ୍ଷଧାର ଥିଲେ। ସେ ଖଣ୍ଡିତ ଭାରତକୁ ବିରୋଧ କରୁଥିଲେ । ଏଣୁ ତାଙ୍କର ଜାତୀୟ କଂଗ୍ରେସ ଦଳର ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ସହ ମତପାର୍ଥକ୍ୟ କରି ଆସୁଥିଲା ଏବଂ ସେ କଂଗ୍ରେସ ଦଳର ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଏହା ବ୍ୟତିତ ୩୭୦ ଧାରାକୁ ବିରୋଧ କରି ଆନ୍ଦୋଳନ ଜାରୀ ରଖିଥିଲେ। ଜାମ୍ମୁ ଏବଂ କାଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ। ଗୋଟିଏ ଦେଶରେ ଦୁଇଟା ପ୍ରଧାନମନ୍ତ୍ରୀ, ଦୁଇଟା ଜାତୀୟ ପତାକା ଏବଂ ଜାମ୍ମୁ ଏବଂ କାଶ୍ମୀରକୁ ଯିବା ପାଇଁ ଭିସାର ଆବଶ୍ୟକତା କୁ ଘୋର ବିରୋଧ କରୁଥିଲେ। ଡା.ମୁଖାର୍ଜୀ ଜୁଲାଇ ୬ ତାରିଖ ୧୯୦୧ ରେ କଳିକତାରେ ଜନ୍ମଗ୍ରହଣ କରିଥିଲେ। ୧୯୨୩ରେ ଏମ୍ ଏ,୧୯୨୪ରେ ବାରିଷ୍ଟର ପାଶ କରିଥିଲେ।୧୯୪୩ରେ ମାତ୍ର ୪୨ ବର୍ଷ ବୟସରେ ସର୍ବକନିଷ୍ଠ କଳିକତା ବିଶ୍ୱବିଦ୍ୟାଳୟ କୁଳପତି ହୋଇଥିଲେ। ସେ ଶିକ୍ଷା କ୍ଷେତ୍ରରେ ବହୁ ସଂସ୍କାର ଆଣିବା ସହ ହିନ୍ଦୁ ବିଚାର ଧାରାକୁ ବିଶେଷ ପ୍ରାଧାନ୍ୟ ଦେଉଥିଲେ। ୧୯୫୧, ଅକ୍ଟୋବର ୨୧ରେ ଭାରତୀୟ ଜନ ସଂଘ ପାର୍ଟି ସ୍ଥାପନ କରିଥିଲେ। ୧୯୮୦ ମସିହାରେ ଏହା



ଭାରତୀୟ ଜନତା ପାର୍ଟି ଭାବେ ଆତ୍ମ ପ୍ରକାଶ କରିଥିଲା। ଯାହା କି ପରବର୍ତ୍ତୀ ସମୟରେ ଭାରତର ବଡ ରାଜନୈତିକ ଦଳ ଭାବେ ବିଶ୍ୱ ପ୍ରସିଦ୍ଧି ଲାଭ କରିଛି ଏବଂ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଚେଷ୍ଟାରେ ଜାମ୍ମୁ କାଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ହୋଇଛି। ଯାହାକି ଡ଼ା. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ସ୍ୱରୂପ ଏହା ତାଙ୍କ ସ୍ୱପ୍ନକୁ ସାକାର କରିଛି ବୋଲି ମୁଖ୍ୟବକ୍ତା ଶ୍ରୀ ନାୟକ ମତବ୍ୟକ୍ତ କରିଥିଲେ। ଅନ୍ୟାନ୍ୟ ବକ୍ତାମାନେ ମଧ ଡା ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୀବନ ଦର୍ଶନ ଓ ରାଜନୈତିକ ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ। ଶେଷରେ ଦିଲ୍ଲୀପ ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ।

## ଚାଷୀଙ୍କ ସହ ଆଲୋଚନା କଲା ବିଧାନସଭା ଗୃହ କମିଟି



ବୌଦ୍ଧ (ଭାସ୍କର ନ୍ୟୁଜ): ବୌଦ୍ଧ ଜିଲ୍ଲା ଗସ୍ତରେ ଆସିଥିବା ଓଡ଼ିଶା ବିଧାନସଭା ଗୃହ କମିଟି ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ମାର୍କେଟ ୟାର୍ଡ ପରିଦର୍ଶନ କରିଛନ୍ତି। ବରିଷ୍ଠ ବିଧାୟକ ଲକ୍ଷ୍ମଣ ବାଗଙ୍କ ଅଧକ୍ଷତାରେ ଗଠିତ ଗୃହ କମିଟିର ସଦସ୍ୟମାନେ ମାର୍କେଟ ୟାର୍ଡରେ ପହଞ୍ଚି ଧାନ ବିକ୍ରୟ ପାଇଁ ଆଣିଥିବା ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ଯଥାଶୀଘ୍ର ଚାଷୀ ମାନଙ୍କ ଧାନ ଉଠାଇବା ପାଇଁ ସଦସ୍ୟ ମାନେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ଗୃହ କମିଟି ପରିଦର୍ଶନ ସମୟରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା ଓ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ବିଜେଡି ପକ୍ଷରୁ ନବୀନଙ୍କ ଆଶୁ ଆରୋଗ୍ୟ କାମନା

ବ୍ରଜରାଜନଗର (ଭାସ୍କର ନ୍ୟୁଜ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ମୁମ୍ବାଇରେ ସର୍ଭାଇକାଲ ଆର୍ଥରାଇଟିସର ସଫଳ ଅସ୍ତ୍ରୋପଚାର ହୋଇଛି। ତେବେ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ବ୍ରଜରାଜନଗର ବିଜୁ ଜନତା ଦଳ ପକ୍ଷରୁ ସୋମବାର ସନ୍ଧ୍ୟାରେ ମୁଖ୍ୟ ସହର ସ୍ଥିତ ବ୍ରଜେଶ୍ୱରୀ ମନ୍ଦିରରେ ସମୂହ ଦୀପଦାନ ଓ ପ୍ରାର୍ଥନା କରାଯାଇଛି। ବ୍ରଜରାଜନଗର ବିଜେଡ଼ି ନଗର ସଭାପତି ରାଧାକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି



କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ଅଳକା ମହାନ୍ତି, ହରିଶ ଗଣତ୍ରା, ତାପସ ରାୟ ଚୌଧୁରୀ, ସନ୍ଦୀପ ଅବସ୍ଥି, ମନୋରଞ୍ଜନ ମହାପାତ୍ର, ଶମ୍ଭୁ ମହାନ୍ତି, ବାବୁଲାଲ ରୁଙ୍ଗଟା, ନୃପ ତାଣ୍ଡି, ଗୋବିନ୍ଦ ସାହୁ, ସୁରେନ୍ଦ୍ର ଜୟସ୍ୱାଲ, ପ୍ରମୋଦ ଗଡ଼ତିଆ, ସନତ ସିଂହ, ନଳିନୀ ପ୍ରଧାନ, ପ୍ରମିଳା ରାୟ ଚୌଧୁରୀ, ଯାଜ୍ଞସେନୀ ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

# ଯାତାୟତରେ ଯନ୍ତ୍ରଣା ଦେଉଛି କାଦୁଅ କଚ୍ଚା ରାସ୍ତା

ଉମରକୋଟ(ଭାସ୍କର ନ୍ୟୁଜ୍): ଅଦିନିଆ ବର୍ଷାରେ ରାସ୍ତାର ଅବସ୍ଥା ଶୋଚନୀୟ। ପ୍ରାୟ ଏକ କିମିରୁ ଉର୍ଦ୍ଧ୍ୱ ହେବ ରାସ୍ତା ସାରା ଛୋଟ ବଡ ଖାଲ। ସେଥିରେ ଜମା ହୋଇ ରହୁଛି ବର୍ଷା ପାଣି। କାଦୁଅ ମାଟି ରାସ୍ତା। ପାଦରେ ଚାଲୁ ଚାଲୁ ଗୋଡ଼ ଖସୁଛି। ଯାନବାହାନ ଓ ଆମ୍ବୁଲାନ୍ସ ଯାତାୟାତରେ ସମସ୍ୟା ଦେଖାଯାଉଛି। ସାଇକେଲ ମୋଟର ସାଇକେଲ ଅଟୋ ଆଦି ରାତ୍ରିରେ ଯାତାୟାତ କରୁଥିବା ବେଳେ ଖସି ପଡୁଥିବାବେଳେ ଗୁରୁତର ରୋଗୀ ଗର୍ଭବତୀ ମହିଳା,ସ୍କୁଲ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯିବାରେ ଅସୁବିଧା ହେଉଥିବା ଗ୍ରାମବାସୀ କହୁଛନ୍ତି। ବର୍ଷା ଋତୁ ଜାରି ରହିଥିବାବେଳେ ପାଞ୍ଚ ଖଣ୍ଡ ଗାଁ ଲୋକେ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ରାସ୍ତାର ଦୁର୍ଗତି ଲାଗି ଲୋକଙ୍କ ଗମନାଗମନରେ ସମସ୍ୟା ହେଉଛି। ଏପରି ଚିତ୍ର ଦେଖିବାକୁ ମିଳୁଛି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଚିତାବେଡା ପଞ୍ଚାୟତର ସଣ୍ଡଶା ଗ୍ରାମରେ। ୮ ନଂ ୱାର୍ଡ ଏବଂ ୯ ନଂ ୱାର୍ଡ ବାସିନ୍ଦାଙ୍କ ଦୈନନ୍ଦିନ ଯିବା ଆସିବା ଏହି ରାସ୍ତା ଉପରେ ନିର୍ଭର କରିବାକୁ ପଡୁଛି। ବନ୍ଧ ସାହିଠାରୁ ଆରମ୍ଭ କରି ପ୍ରାୟ ଏକ କିମି ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ଯାତାୟତରେ ଯମଯନ୍ତ୍ରଣା



ଭୋଗୁଥିବା କହିଛନ୍ତି ଗ୍ରାମବାସୀ। ଏହି ରାସ୍ତା ଦେଇ ହାଟପଦାକୁ ଆସିବାକୁ ପଡୁଛି ଏବଂ ଏହି ରାସ୍ତା ଦେଇ ଭେଲୁଆ ଗୁଡ଼ା, ଡେବେରା ଗୁଡ଼ା,ପିପଲ୍ ଗୁଡ଼ା,ଜାମ ଢ଼ଡା, ପୁଜାରିଗୁଡ଼ା ଗ୍ରାମର ଲୋକେ ନିର୍ଭର କରୁଛନ୍ତି। ୮ ନଂ ଏବଂ ୯ ନଂ ୱାର୍ଡ ବାସିନ୍ଦାଙ୍କ ଯାତାୟାତ ଏହି ରାସ୍ତାରେ କରିବାକୁ ପଡୁଛି। ତେଣୁ ତୁରନ୍ତ ରାସ୍ତା ମରାମତି କରିବାକୁ ଏବଂ ଆଗାମୀ ଦିନରେ ଏହି ରାସ୍ତାକୁ ପକ୍କା ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ମଧ୍ୟରେ ଜୁକ୍ ସାଏ ଭତରା, ଇନ୍ଦ୍ର ଭତରା, ପୂର୍ଣ୍ଣ ଭତରା, ନୈରୁ ମାଝୀ, ସନ୍ୟାସୀ ଭତରା, ଗଙ୍ଗାଧର ମାଝୀ, ଦୁରୁ ସାଏ ଭତରା,ନୀଳାମ୍ବର ମାଝୀ, ପର୍ଶୁରାମ ଭତରା, ରୁକଧର ମାଝୀ,ଲାଇବାନ ଭତରା,ରାମ ଭତରା,ପ୍ରମୁଖ ଦାବି କରିଛନ୍ତି। କାଦୁଆ ମାଟି ରାସ୍ତା ସ୍ଥାନରେ ମେଟାଲ ମୁରୁମ୍ ପକାଇ ମରାମତି କରିବାକୁ ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରୁଛନ୍ତି। ଦୀର୍ଘ ଦିନରୁ ଏହି ରାସ୍ତା ପକ୍କା ରାସ୍ତା କରିବାକୁ ଦାବି କରି ଆସୁଥିବା ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ବର୍ଷା ଋତୁ ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ପରିପ୍ରେକ୍ଷୀରେ ପକ୍କା ରାସ୍ତା ନିର୍ମାଣ କରିବା କଷ୍ଟସାଧ। ତେଣୁ ମେଟାଲ ମୁରୁମ୍ ପକାଇ ମରାମତି କଲେ ବର୍ଷାଦିନେ ଯାତାୟାତ ସୁଗମ ହେବ ବୋଲି ଗ୍ରାମବାସୀ ଦାବି କରୁଛନ୍ତି।

## ଉପୁଡ଼ିଲା ବହୁ ପୁରାତନ ତେନ୍ତୁଳି ଗଛ




କୋରୁକୋଣ୍ଡା(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ଟିଣ ସାହି ତିନି ଛକ ଠାରେ ଏକ ବହୁ ପୁରାତନ ତେନ୍ତୁଳି ଗଛ ଉପୁଡି ଯାଇ ନିକଟରେ ଥିବା ଏକ ଘରର ଅଳ୍ପ କିଛି ଅଂଶରେ ପଡିବା ସହିତ ଗୋଟିଏ ବିଦ୍ୟୁତ ଖୁଣ୍ଟ ଉପରେ ପଡିବାରୁ ବିଦ୍ୟୁତ ତାର ଛିଣ୍ଡି ଯାଇଥିବା ସହିତ ରାସ୍ତା ଉପରେ ଗଛଟି ପଡିଯାଇଥିଲା । ଯାହାଫଳରେ ଉକ୍ତ ସାହିକୁ ଯିବା ଆସିବା ଏକ ପ୍ରକାର ଠପ ହୋଇଯାଇଥିଲା । ଏହାକୁ ନେଇ ସାହି ବାସିନ୍ଦା ତୁରନ୍ତ କୋରୁକୋଣ୍ଡା ଦମକଳ ବାହିନୀ କାର୍ଯ୍ୟାଳୟକୁ ଯୋଗାଯୋଗ କରିଥିଲେ । ଖବର ପାଇ ତୁରନ୍ତ ଦମକଳ ବାହିନୀ ଷ୍ଟେସନ ଅଫିସର ସୁନୀଲ ନାୟକଙ୍କ ତତ୍ତ୍ୱାବଧାନରେ ଏଲଏଫଏମ ବାସୁଦେବ ବିଶ୍ୱାଳ,ଫାୟାରମ୍ୟାନ ଭଗବାନ ଭୂୟାଁଙ୍କ ସମେତ ଅନ୍ୟ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଗଛକୁ କାଟି ବାହାର କରିବା ପରେ ଯାଇ ଉକ୍ତ ରାସ୍ତାରେ ଯିବା ଆସିବା ସମ୍ଭବ ହୋଇପାରିଥିଲା । ଗଛ କାଟି ବାହାର କରିବା ପରେ ତୁରନ୍ତ ବିଦ୍ୟୁତ ବିଭାଗ କର୍ମଚାରୀମାନେ ଆସି ବିଦ୍ୟୁତ ସଂଯୋଗ କରିଥିଲେ, ହେଲେ ଏହିଘଟଣାରେ କାହାର କିଛି କ୍ଷତି ହୋଇନଥିବା ଜଣାପଡିଛି ।

# ଅସରାଏ ବର୍ଷାରେ କୃତ୍ରିମ ବନ୍ୟା

ମାଲକାନଗିରି(ଭାସ୍କର ନ୍ୟୁଜ୍): ଅସରାଏ ବର୍ଷାରେ ରାଜପଥରେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି । ରାସ୍ତା ମଝିରେ ବଡ଼ ବଡ ଖାଲ ଥିବାରୁ ବର୍ଷାଜଳ ଜମି ରହି ଲୋକେ ଯାତାୟାତରେ ନାନା ହଇରାଣ ହେଉଛନ୍ତି। ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି ମାଲକାନଗିରି-ମୋଟୁ ୩୨୬ନଂ ଜାତୀୟ ରାଜପଥର ବସ୍ ଷ୍ଟାଣ୍ଡ ନିକଟରେ। କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ପ୍ରତିବର୍ଷ ଏହି ରାସ୍ତା ମରାମତି କରାଯାଉଛି। ନିମ୍ନମାନର କାମ



ହେଉଥିବାରୁ ମରାମତିର ମାତ୍ର ୨-୩ ମାସ ମଧ୍ୟରେ ରାସ୍ତା ମଝିରେ ଖାଲ ହୋଇଯାଉଛି। ଏବେ ବର୍ଷା ପାଣି ଜମି ରାଜପଥ ମରଣଯନ୍ତାରେ ପରିଣତ ହୋଇଛି। ଅନେକ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଛି। ବିଶେଷକରି ବସଷ୍ଟାଣ୍ଡ ନିକଟ ସୁକୁମା ଛକ ନିକଟ ରାଜପଥରେ ବଡ଼ବଡ଼ ଖାଲ ହୋଇଛି। ଠିକ ସେହିପରି କାଲିମେଳା-ମୋଟୁ ଜାତୀୟ ରାଜପଥ ମଧ ଖାଲଖମାରେ ପୁରି ରହିଛି । ଯାନବାହାନ ଚଳାଚଳରେ ଲୋକେ ବହୁତ ଅସୁବିଧା ଭୋଗୁଥିବା ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଡ଼ ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ

ରାଇଘର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ସମସ୍ତ ବ୍ଲକରେ ଡ. ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକର ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ। ସେହିପରି ଝରିଗାଁ ନିର୍ବାଚନ ମଣ୍ଡଳୀର ବିଭିନ୍ନ ବିଜେପି କାର୍ଯ୍ୟାଳୟରେ ଡ଼. ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ୧୨୩ତମ ବଳିଦାନ ଦିବସ ପାଳନ କରିଥିବା ଦେଖିବାକୁ ମିଳିଛି ।ବିଶେଷ କରି ଝରିଗାଁ ନିକଟସ୍ଥ କର୍ଣ୍ଣାହାଣ୍ଡି ଗ୍ରାମ ସ୍ଥିତ ବିଜେପି କାର୍ଯ୍ୟାଳୟ, ଚିତାବେଡା ପଞ୍ଚାୟତ ଅନ୍ତର୍ଗତ ଷଣ୍ଡସା ଗ୍ରାମ ସ୍ଥିତ ବିଜେପି କାର୍ଯ୍ୟାଳୟ ଏବଂ ପୁର୍ଲା ସ୍ଥିତ ବିଜେପି କାର୍ଯ୍ୟାଳୟରେ ଡ଼ ମୁଖାର୍ଜୀଙ୍କ ୧୨୩ତମ ବଳିଦାନ ଦିବସକୁ ବେଶ ଉତ୍ସାହର ସହିତ ପାଳନ କରାଯାଇଛି । ବିଧାୟକ ନରସିଂହ ଭତରା ନିଜ ବାସ ଭବନରେ ଦଳୀୟ କର୍ମୀ ଓ ସମର୍ଥକଙ୍କ ସହାୟତାରେ ବଳିଦାନ ଦିବସ ପାଳନ କରିଥିବାବେଳେ ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକଙ୍କ ତତ୍ତ୍ୱାବଧାନରେ କର୍ଣ୍ଣାହାଣ୍ଡି ବିଜେପି କାର୍ଯ୍ୟାଳୟରେ ଓ ଝରିଗାଁ ବ୍ଲକ ସଭାପତି ସୁକାଲୁ ଗଣ୍ଡଙ୍କ ତତ୍ତ୍ୱାବଧାନରେ ଷଣ୍ଡସା ଗ୍ରାମ ସ୍ଥିତ ବିଜେପି କାର୍ଯ୍ୟାଳୟରେ ଡ଼ ମୁଖାର୍ଜୀଙ୍କ ୧୨୩ତମ ବଳିଦାନ ଦିବସ ପାଳିତ ହୋଇଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଧୋଡ୍ରାଜୋନ ସଭାପତି ଭୁଜବଳ ଗୌଡ଼, ଗଜେନ୍ଦ୍ର ପାଣ୍ଡେ, ମନୁରାଜ ଭତରା, ପଞ୍ଚାନନ ବାବାଲି, ଶ୍ୟାମଲାଲ ବିଶ୍ୱାସ, ପବିତ୍ର ଦେହୁରୀ,ରଥ ଗୌଡ଼, ବିଶ୍ୱଜିତ ଙ୍କ ସମେତ ଶତାଧିକ ବିଜେପି ବରିଷ୍ଠ କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର

ପୃଷ୍ଠା-୫
Page-5
ଭୁବନେଶ୍ୱର
Bhubaneswar
୨୫.୦୬.୨୦୨୫
25.06.2025



ପୁରୀ (ଭାସ୍କର ନ୍ୟୁଜ) : ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ଅଫିସ ସମ୍ମୁଖ ରଥଖଳାରେ,ରଥ ନିର୍ମାଣ ରେ ନିୟୋଜିତ ଥିବା ସେବାୟତ ମାନଙ୍କୁ ଭୁବନେଶ୍ୱର ସୁନ୍ଦରପଦା ଗ୍ରାମର ବ୍ରାହ୍ମଣ ନିଯୋଗ ଓ ନନ୍ଦ ନିଯୋଗ ତରଫରୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ଭୁବନେଶ୍ୱର ଏକାମ୍ର ର ମାନ୍ୟବର ବିଧାୟକ ବାବୁ ସିଂ ଓ ତାଙ୍କ ଧର୍ମପତ୍ନୀ ଶୋଭା ପରିଡ଼ା ଉପସ୍ଥିତ ରହି ଉତ୍ତରୀୟ ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଭୁବନେଶ୍ୱର ସୁନ୍ଦରପଦା ଗ୍ରାମର ବ୍ରାହ୍ମଣ ନିଯୋଗ ତରଫରୁ ସମ୍ପାଦକ ବିଷ୍ଣୁ ପ୍ରସାଦ ନନ୍ଦ, ନନ୍ଦ ନିଯୋଗ ର ସମ୍ପାଦକ ପ୍ରଦୀପ ନନ୍ଦ ,ସଭାପତି ବିଷ୍ଣୁ ପ୍ରସାଦ ନନ୍ଦ (ଚକରା), ସଭ୍ୟ -ପ୍ରଦୀପ ନନ୍ଦ, ସଭ୍ୟ - ବାବୁଲି ନନ୍ଦ, ସଭ୍ୟ -ଫିଲୁ ନନ୍ଦ, ସଭ୍ୟ - ଦେବୀ ପ୍ରସାଦ ନନ୍ଦ (ମଣ୍ଟୁ), ସଭ୍ୟ - ବସନ୍ତ ନନ୍ଦ, ସଭ୍ୟ - କ୍ଷୀରୁ ନନ୍ଦ, ପୂର୍ବତନ ପୌର ସଦସ୍ୟା ମିଳନ ନନ୍ଦ, ଟୁନୁ ନନ୍ଦ, ସତ୍ୟ ନାରାୟଣ ପାଢ଼ୀ ଉପସ୍ଥିତ ରହି ବିଶ୍ୱକର୍ମା ସେବାୟତ ମାନଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ଶ୍ରୀ ମନ୍ଦିର ପ୍ରଶାସନ ଅଫିସ ତରଫରୁ ରଥ ନିର୍ମାଣ କାର୍ଯ୍ୟ ର ତତ୍ତ୍ୱାବଧାରକ ସୁଦର୍ଶନ ମେକାପ ମହୋଦୟ ପରିଚାଳନା କରିଥିଲେ।

# ଶୂନ ଦୁର୍ଘଟଣା ଦିବସ ପାଇଁ ବିଏମ୍‌ସିର ମୋଟର ସାଇକେଲ ଶୋଭାଯାତ୍ରା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ (ବିଏମସି) ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ମିଳିତ ଉଦ୍ୟମରେ ଶୂନ ଦୁର୍ଘଟଣା ଦିବସ ପାଇଁ ଗତ ୧୦ ତାରିଖରୁ ବ୍ୟାପକ କାର୍ଯ୍ୟକ୍ରମ ଜାରି ରହିଛି। ମଙ୍ଗଳବାର ଜିରୋ ଆକ୍ସିଡେଣ୍ଟ ଡେ ଅବସରରେ ଏକ ମୋଟର ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବିଏମ୍‌ସି ମୁଖ୍ୟାଳୟ ପରିସରରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରାରେ ୩୦୦ ଶହରୁ ଅଧିକ ବାଇକ ଆରୋହୀ ସାମିଲ ହୋଇଥିଲେ । ଶୋଭାଯାତ୍ରା ବିଏମ୍ ସି ମୁଖ୍ୟାଳୟରୁ ବାହାରି ବାଣି ବିହାର ଦେଇ ମାଷ୍ଟର କ୍ୟାଂଟିନଠାରୁ ୟୁ ଟର୍ଣ୍ଣ କରି ପୁଣି ବିଏମ୍ ସି କାର୍ଯ୍ୟାଳୟରେ ପହଞ୍ଚିଥିଲା । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ମଞ୍ଜୁଲତା କହଁର, ବାଣିଜ୍ୟ ଓ ପରିବହନ ବିଭାଗ ଅତିରିକ୍ତ କମିଶନର ଦୀପ୍ତି ପାତ୍ର, ବିଏମ୍ ସିର ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ, ଷ୍ଟାଣ୍ଡିଂ କମିଟିର ସମସ୍ତ ଅଧ୍ୟକ୍ଷ ଓ ଅଧ୍ୟକ୍ଷା, କର୍ପୋରେଟର, ପିଆର ଆଣ୍ଡ କମ୍ୟୁନିକେଶନ ଡେପୁଟି କମିଶନର ଏନ୍. ଗଣେଶ ବାବୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ମାଡ୍ରାସ ଆଇଆଇଟିର ସେଣ୍ଟର ଅଫ୍ ଏକ୍ସିଲେନ୍ସ ଫର୍ ରୋଡସେଫ୍ଟିର ପ୍ରମୁଖ ପ୍ରକଳ୍ପ ଅଧିକାରୀ ତଥା ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ଗଙ୍ଗାଧର ସାହୁ, ଶୂନ ଦୁର୍ଘଟଣା ଦିବସର ଶପଥପାଠ କରାଇଥିଲେ । ଏହି ଶୋଭାଯାତ୍ରାରେ ବିଏମ୍ ସିର ବହୁ କର୍ମଚାରୀ, ସାନିଟାରୀ ଇନ୍ସପେକ୍ଟର, ଟ୍ରାଫିକ ପୋଲିସ, ବାଣିଜ୍ୟ ଓ ପରିବହନ ବିଭାଗ, ଭୁବନେଶ୍ୱର ମାର୍କେଟ ଆସୋସିଏନର ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ ।

# ନିଶା ନୁହେଁ, ଜୀବନ ସଚେତନତା ଏଲ୍‌ଇଡି ରଥର ଶୁଭାରମ୍ଭ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ (ବିଏମସି)ପକ୍ଷରୁ ନିଶା ନୁହେଁ, ଜୀବନ ଏଲଇଡ଼ି ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଭୁବନେଶ୍ୱର ମହାନଗର ନିଗମ ଓ ଅବକାରୀ ବିଭାଗର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଏଲଇଡି ଖଚିତ ସଚେତନତା ଗାଡିର ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ମଞ୍ଜୁଲତା କହଁର, ସମସ୍ତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ, ଅଧ୍ୟକ୍ଷା, କର୍ପୋରେଟର, ଅବକାରୀ ବିଭାଗର ଅବକାରୀ ସୁପରିଟେଣ୍ଡେଣ୍ଟ ଦେବାଶୀଷ ପଟେଲ, ଡେପୁଟି ସୁପରିଟେଣ୍ଡେଣ୍ଟ ରାଜଶେଖର ସ୍ୱାଇଁ, ଡେପୁଟି ସୁପରିଟେଣ୍ଡେଣ୍ଟ ବିଭୁତି ଭୂଷଣ ଦ୍ୱାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଗାଡି ସମଗ୍ର ଭୁବନେଶ୍ୱର ମହାନଗର ନିଗମ ଅଂଚଳର ବିଭିନ୍ନ ସ୍ଥାନରେ ନିଶା ନିବାରଣ ବାର୍ତ୍ତା ପ୍ରଚାର କରିବା ସହ ନିଶା ଖାଇ ଲୋକେ କିପରି ଦୁରାରୋଗରେ ପଡୁଛନ୍ତି, ସେ ସଂପର୍କିତ ଭିଡିଓ ମଧ୍ୟ ଦେଖାଉଛି । ଆଜି ବରଗଡ, ମାଷ୍ଟର କ୍ୟାଣ୍ଟିନ, ବାପୁଜୀ ନଗର, ମାର୍କେଟ ବିଲଡିଂ, ଆଚାର୍ଯ୍ୟ ବିହାର, ନୟାପଲ୍ଲୀ ଆଦି ଅଞ୍ଚଳରେ ନିଶା ନିବାରଣ ସଂପର୍କିତ ଭିଡିଓ ପ୍ରଦର୍ଶିତ କରିବା ସହ ଲୋକମାନଙ୍କୁ ସଚେତନ କରାଉଛି । ସରକାରଙ୍କର 'ନିଶା ନୁହେଁ, ଜୀବନ' ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ସହ ଚୋରା ମଦ ତଥା ନିଶା କାରବାର ବନ୍ଦ କରିବା, ନିଶା ସେବନ ନ କରିବା ଆଦି ସଂପର୍କରେ ଏହି ରଥ ସଚେନତ କରାଉଛି ।

# ଚାରୋଟି ବାଲି ବୋଝେଇ ହାଇଓ୍ୱାରୁ ଜରିମାନା ଆଦାୟ

ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲା ରୁ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକକୁ ବାଲି ଚୋରା ଚାଲାଣ ହେଉଥିବା ଖବର ପାଇ ଗତ ତିନି ଦିନ ତଳେ ଜିଲ୍ଲା ଖଣି ବିଭାଗ ଲକ୍ଷ୍ମୀପୁର ପୋଲିସ ସହାୟତାରେ ଓଡି୧୮-୯୬୩୪,ଓଡି ୧୮କ୍ୟୁ-୪୫୧୦,ଓଡି ୧୮କେ-୬୯୫୮,ଓଡି ୩୨ଡି-୩୨୧୧ନମ୍ବର ଥିବା ଚାରୋଟି ବାଲି ବୋଝେଇ ହାଇଓ୍ୱା ଗାଡିକୁ ଜବତ କରି ପୋଲିସର ଜିମା ଦେଇଥିଲା ।ଯାଞ୍ଚ ସମୟରେ ବାଲିର ରୟାଲଟି ନଥିବା ଖଣି ବିଭାଗ ଜାଣିବାକୁ ପାଇବା ପରେ ଚାରୋଟି ଯାକ ଗାଡି ଉପରେ ୧୨ ଲକ୍ଷ ୧୬ ହଜାର ଟଙ୍କା ଜରିମାନା ପକାଇଥିଲା ।ଆଜି ରାତିରେ ଗାଡି ମାଲିକ ମାନେ ଜରିମାନା ବାବଦକୁ ସମସ୍ତ ଟଙ୍କା ପୈଠ କରି ଥାନାରୁ ଗାଡି ଗୁଡିକ ମୁକୁଳାଇ କରି ନେଇଥିବା ଜିଲ୍ଲା ଖଣି ଅଧିକାରୀ କୃଷ୍ଣ ଚନ୍ଦ୍ର ଖୁଣ୍ଟିଆ ପ୍ରକାଶ କରିଛନ୍ତି ।ସମସ୍ତ ବାଲି ବୋଝେଇ ଗାଡ଼ି ଗୁଡିକ ପୁରୁଣା ରୟାଲଟି ରସିଦ ରେ ରାୟଗଡା ରୁ ଲକ୍ଷ୍ମୀପୁର କୁ ବାଲି ଆଣୁଥିଲେ । ବିଶେଷ ସୂତ୍ରରୁ ଏହାର ଖବର ଆମକୁ ମିଳିବା ପରେ ଚଢ଼ାଉ କରାଯାଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଇସ୍ରାଏଲକୁ...

ଅସ୍ୱୀକାର କରିଥିଲା। ସୂଚନାଯୋଗ୍ୟ ଯେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ କତାରର ଅମୀରଙ୍କ ସହ ଫୋନଯୋଗେ କଥା ହୋଇଥିଲେ ଏବଂ ଇରାନକୁ ଆମେରିକା ସମର୍ଥିତ ଯୁଦ୍ଧବିରତି ପ୍ରସ୍ତାବ ଗ୍ରହଣ କରିବାକୁ ରାଜି କରାଇବାକୁ ଅନୁରୋଧ କରିଥିଲେ। କତାର ପ୍ରଧାନମନ୍ତ୍ରୀ ଏ ନେଇ ପଦକ୍ଷେପ ଗ୍ରହଣ କରିଥିଲେ ଏବଂ ଇରାନକୁ ରାଜି କରାଇଥିଲେ। ସୂଚନାଯୋଗ୍ୟ ଯେ ଗତ କିଛିଦିନ ହେବ ଇରାନ ଓ ଇସ୍ରାଏଲ ମଧ୍ୟରେ ତୀବ୍ର ଆକ୍ରମଣ ଚାଲୁ ରହିଥିଲା, ଯେଉଁଥିରେ ଉଭୟପକ୍ଷ ପରସ୍ପରର ସାମରିକ ଓ ରଣନୈତିକ ଘାଟିଗୁଡ଼ିକୁ ଟାର୍ଗେଟ କରୁଥିଲେ। ତେବେ ଆମେରିକା ପକ୍ଷରୁ ବୋମାମାଡ଼ ହେବାପରେ ଉତ୍ତେଜନା ବୃଦ୍ଧି ପାଇଥିଲା। ବର୍ତ୍ତମାନ ଯୁଦ୍ଧବିରତି କାର୍ଯ୍ୟକାରୀ ହେବାପରେ ଉଭୟ ରାଷ୍ଟ୍ର ମଧ୍ୟରେ ମଧ୍ୟ ଉତ୍ତେଜନା ଲାଗି ରହିଛି।

## ବାଡ଼ଗ୍ରାହୀଙ୍କ...

ନାହିଁ । ହେଲେ ପ୍ରଭୁ ବଳଭଦ୍ରଙ୍କ ବାଡ଼ଗ୍ରାହୀ ଏଭଳି ଅଭିଯୋଗ ଆଣିଛନ୍ତି। ଏହାକୁ ଗୁରୁତ୍ୱ ଦିଆଯାଇ ଆହୁରି ତଦନ୍ତ କରାଯିବ। ସିସିଟିଭି କ୍ୟାମେରା ଯାଞ୍ଚ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ତେବେ ପ୍ରଶ୍ନ ଉଠୁଛି ମୋଦକ ଚୋରିକୁ ନେଇ ଏଠି କିଏ ସତ କହୁଛି ? ବଡ଼ ଠାକୁରଙ୍କ ବାଡ଼ଗ୍ରାହୀ ନା ମୁଖ୍ୟ ପ୍ରଶାସକ ? ସୂଚନାଯୋଗ୍ୟ ଯେ ଅଣସର ନୀତିରେ ଶ୍ରୀଜିଉଙ୍କ ସୁସ୍ଥ ହେବା ଲାଗି ଏକାଦଶୀ ତିଥିରେ ଦଶମୂଳ ମୋଦକ ଲାଗି ହୋଇଥାଏ। ଏହା ମହାପ୍ରଭୁଙ୍କ ଏକ ଗୁପ୍ତ ସେବା । ଗତ ୨୧ ତାରିଖ ରାତିରେ ମହାପ୍ରଭୁଙ୍କ ସର୍ବାଙ୍ଗ ପରେ ଦଶମୂଳ ମୋଦକ ଲାଗି ହେବା ନେଇ ଶ୍ରୀମନ୍ଦିର ଗାରଦରେ ୩୧୩ ମୋଦକ ରଖାଯାଇଥିଲା। ମାତ୍ର ସେଥିରୁ ୭୦ଟି ମୋଦକ କମ୍ ରହିଥିଲା। ତେବେ ମାରା ହୋଇଥିବା ମୋଦକକୁ କିଭଳି ଶ୍ରୀଜିଉଙ୍କୁ ଅର୍ପଣ କରାଗଲା। ଏହା ଅପରାଧ ନୁହେଁ କି ? ଏଭଳି କିଛି ପ୍ରଶ୍ନ କରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଚିଠି ଲେଖିଥିଲେ ବଡ଼ଠାକୁରଙ୍କ ବାଡ଼ଗ୍ରାହୀ ହଳଧରଦାସ ମହାପାତ୍ର।

## ଭାରତୀୟଙ୍କ ରକ୍ତ...

ନାରାୟଣ ଗୁରୁ ସେମାନଙ୍କ ପାଇଁ ପ୍ରକାଶସ୍ତମ୍ଭ ପରି ଅଟନ୍ତି। ମୋଦୀ କହିଥିଲେ, ଭାରତର ବିଶେଷତ୍ୱ ହେଉଛି ଯେବେ ବି ଆମ ଦେଶ କୌଣସି ଅସୁବିଧାରେ ପଡ଼ିଛି ସେତେବେଳେ ମହାନ ବିଭୂତିମାନେ ଦେଶରେ ଜନ୍ମ ନେଇ ସମାଜକୁ ନୂଆ ମାର୍ଗ ଦେଖାଇଛନ୍ତି। କିଏ ସମାଜରେ ଆଧ୍ୟାତ୍ମିକ ଉତ୍‌ଥାନ ପାଇଁ କାମ କରିଛନ୍ତି ତ କିଏ ସାମାଜିକ କ୍ଷେତ୍ରରେ ସମାଜ ସଂସ୍କାରକୁ ଗତି ଦେଇଛନ୍ତି।

## ୧୫ ଦିନରେ...

ଅଭିଯୁକ୍ତମାନଙ୍କ ଘଟଣା ଘଟିବା ପୂର୍ବର ଓ ଘଟଣା ପରର ଫୁଟେଜ୍ ସଂଗ୍ରହ କରାଯାଇଛି। ଏହାଛଡ଼ା ଘଟଣା ଘଟିବା ପୂର୍ବରୁ ଓ ଘଟଣା ଘଟିବା ଭିତରେ ଦେଢଘଣ୍ଟାର ବ୍ୟବଧାନ ରହିଥିବାବେଳେ ଘଟଣାସ୍ଥଳରେ ଅଭିଯୁକ୍ତଙ୍କ ଉପସ୍ଥିତି ନେଇ ଡିଜିଟାଲ ପ୍ରମାଣ ମିଳିଛି। ଏହି ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତକୁ ଅଧିକ ତ୍ୱରାନ୍ୱିତ କରିବା ସହ ଅଭିଯୁକ୍ତମାନେ କିପରି କଠୋର ଦଣ୍ଡ ପାଇବେ ତାହା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଶ୍ରୀ ମିଶ୍ର କହିଥିଲେ। ୧୫ ଦିନ ଭିତରେ ଚାର୍ଜସିଟ୍ ଦାଖଲ କରାଯାଇ ଶୁଣାଣି ଆରମ୍ଭ ହେବ ବୋଲି ସେ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ଏହି ଗଣଦୁଷ୍କର୍ମ ମାମଲାରେ ଜାତୀୟ ମାନବାଧିକାର କମିଶନ ନିଜଆଡୁ ମାମଲା ରୁଜୁ କରି ଦୁଇ ସପ୍ତାହ ମଧ୍ୟରେ ସଂପୂର୍ଣ୍ଣ ରିପୋର୍ଟ ଦାଖଲ କରିବାକୁ ମୁଖ୍ୟ ଶାସନସଚିବ ଓ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗଣଦୁଷ୍କର୍ମ ମାମଲାର ତଦନ୍ତ ରିପୋର୍ଟ, ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସହ ପୀଡ଼ିତାଙ୍କୁ କ୍ଷତିପୂରଣ କିମ୍ବା କାଉନସେଲିଂ ଯଦି ଦିଆଯାଇଛି ତେବେ ତାହାର ତଥ୍ୟ ଦେବାକୁ ମଧ୍ୟ କୁହାଯାଇଛି। ସୂଚନାଯୋଗ୍ୟ ଯେ ଗତ ୧୫ ତାରିଖ ରାତିରେ ଜଣେ ପୁରୁଷ ବନ୍ଧୁଙ୍କ ସହ ଜଣେ ଯୁବତୀ ଗୋପାଳପୁର ବେଳାଭୂମିକୁ ବୁଲିବାକୁ ଯାଇଥିବାବେଳେ ଗଣଦୁଷ୍କର୍ମର ଶିକାର ହୋଇଥିଲେ।

## ପୋଲିସ ପ୍ରଶାସନ...

ସୁବିଧା ନିମନ୍ତେ ଏକ ବିଶେଷ ମୋବାଇଲ ଆପ ପ୍ରସ୍ତୁତ କରାଯାଇଛି ଯାହା କି ଟ୍ରାଫିକ ଉପଦେଶ, ପାର୍କିଂ ସ୍ଥାନ, ଟ୍ରାଫିକ ଜାମ ଓ ବିକଳ୍ପ ରାସ୍ତା ସମ୍ବନ୍ଧରେ ତ୍ୱରିତ ସୂଚନା ପ୍ରଦାନ କରିବ ବୋଲି ଡିଜିପି କହିଛନ୍ତି। ଏହା ସହ ନିଜର ଦାୟିତ୍ୱକୁ ସଠିକ ଭାବେ ସମ୍ପାଦନ କରିବାକୁ ଉପସ୍ଥିତ ପୋଲିସ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପୋଲିସ ବାହିନୀକୁ ନିଜର ବାସସ୍ଥଳୀ, ଏବଂ ଆଖପାଖ ଅଞ୍ଚଳର ପରିବେଶକୁ ପରିଷ୍କାର, ପରିଚ୍ଛନ ତଥା ସ୍ୱଚ୍ଛ ରଖିବାକୁ ପରାମର୍ଶ ଦେବା ସହ ଖାଦ୍ୟ ଓ ପାନୀୟ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଗୁଇନ୍ଦା ନିର୍ଦ୍ଦେଶକ ଆର.ପି. କୋଚେ ରଥଯାତ୍ରା ସମୟରେ କର୍ତ୍ତବ୍ୟନିଷ୍ଠ ତଥା ଦାୟିତ୍ୱସମ୍ପନ୍ନ ହୋଇ କାର୍ଯ୍ୟ ତୁଲାଇବାକୁ ଉପସ୍ଥିତ ପୋଲିସ୍ ଅଧିକାରୀ/ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ । ଶ୍ରୀଜଗନ୍ନାଥ ମନ୍ଦିର ହାଇ ସିକ୍ୟୁରିଟି ଜୋନ୍‌ରେ ରହୁଥିବାରୁ ରଥଯାତ୍ରା ସମୟରେ ଏହାର ଗୁରୁତ୍ୱ ବହୁମାତ୍ରାରେ ବଢି ଯାଇଥାଏ। କୌଣସି ଅଘଟଣକୁ ଏଡାଇବା ପାଇଁ ବମ୍ ଡିସ୍ପୋଜାଲ୍ ସ୍କ୍ୱାର୍ଡ, ପୁରୀର ପ୍ରବେଶ ପଥରେ ଆଣ୍ଟିଟେରୋରିଷ୍ଟ ସ୍କ୍ୱାର୍ଡ, ସ୍ପେଶାଲ ଟାକ୍‌ଟିକାଲ ୟୁନିଟ୍ ଭଳି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ମତବ୍ୟକ୍ତ କରିଥିଲେ । କୌଣସି ସନ୍ଦେହଜନକ ବସ୍ତୁ କିମ୍ବା ବ୍ୟକ୍ତି ନଜରକୁ ଆସିଲେ ବିଳମ୍ବ ନ କରି ତୁରନ୍ତ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବାକୁ ଶ୍ରୀ କୋଚେ ପରାମର୍ଶ ଦେଇଥିଲେ । ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ରଥଟଣା ସମୟରେ ଭକ୍ତଙ୍କ ପ୍ରବଳ ସମାଗମକୁ ଲକ୍ଷ୍ୟ କରି ଭିଡ ନିୟନ୍ତ୍ରଣ କରିବାକୁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ମତବ୍ୟକ୍ତ କରିଥିଲେ । ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ( ଆଇନ୍ ଓ ଶୃଙ୍ଖଳା) ସଞ୍ଜୟ କୁମାର ଶୃଙ୍ଖଳିତ ରଥଯାତ୍ରା ସମାପ୍ତ କରିବା ନିମନ୍ତେ ପୋଲିସ୍ ପ୍ରଶାସନର ଅଧିକାରୀ/ କର୍ମଚାରୀଙ୍କ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । କୌଣସି ଅଘଟଣକୁ ପ୍ରତିହତ କରିବା ନିମନ୍ତେ ପୋଲିସ୍ ପ୍ରଶାସନ ସଜାଗ ରହିଥିବା ସମ୍ପର୍କରେ ସଞ୍ଜୟ କୁମାର ମତବ୍ୟକ୍ତ କରିଥିଲେ । ପ୍ରତିଟି ଭକ୍ତ ଯେମିତି ଭଲ ଅନୁଭୂତି ନେଇ ଫେରିବେ ସେ ଦିଗରେ ଯତ୍ନବାନ୍ ହେବାକୁ ସେ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଯୋଗଯୋଗ) ଦୟାଲ ଗଙ୍ଗୱାର, ଟ୍ରାନ୍ସପୋର୍ଟ କମିଶନର ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (କାରାଗାର) ଅମିତାଭ ଠାକୁର,ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ରାଜେଶ କୁମାର, ଆଇଜିପି (କ୍ରାଇମବ୍ରାଞ୍ଚ) ଡ଼. ସାର୍ଥକ ଷଡଙ୍ଗୀ, ଆଇଜିପି (ଅପରେସନ) ଡ଼. ଦୀପକ କୁମାର, ଆଇଜିପି (ଟ୍ରେନିଂ) ଅନୁପ କୁମାର ସାହୁ ସୁରକ୍ଷା ବ୍ୟବସ୍ଥା ନିମନ୍ତେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସଂକ୍ରାନ୍ତରେ ସୂଚନା ଦେଇଥିଲେ । ଏହି ସମୀକ୍ଷା ବୈଠକରେ ପ୍ରଥମେ ପୁରୀ ଏସ୍‌ପି ଭିନୀତ ଅଗ୍ରୱାଲ ଡିଜିପି ତଥା ଅନ୍ୟ ବରିଷ୍ଠ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ । ଆଇଜିପି (କେନ୍ଦ୍ରାଞ୍ଚଳ) ଏସ. ପ୍ରବୀଣ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ବୈଠକରେ ଆଇଜି ( ଉତ୍ତର କେନ୍ଦ୍ରାଞ୍ଚଳ) ସତ୍ୟବ୍ରତ ଭୋଇ, ଡି.ଆଇ.ଜି.ପି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡି.ଆଇ.ଜି.ପି (ଏସଆଇଡବ୍ଲୁ) କେ. ବିଶାଲ ସିଂହ, ଡି.ଆଇ.ଜି.ପି (ଏସଟିଏଫ) ପିନାକ ମିଶ୍ର, ଡି.ଆଇ.ଜି.ପି (କ୍ରାଇମବ୍ରାଞ୍ଚ) ବି. ଗଙ୍ଗାଧର, ଏସପି (ରେଲୱେ), କଟକ ବିବେକାନନ୍ଦ ଶର୍ମାଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ପହଣ୍ଡି ଶୃଙ୍ଖଳାକୁ ନେଇ ଶେଷ ହେଲା ଗୁରୁତ୍ୱପୂର୍ଣ୍ଣ ବୈଠକ



ପୁରୀ (ଭାସ୍କର ନ୍ୟୁଜ) : ପହଣ୍ଡି ଶୃଙ୍ଖଳା କୁ ନେଇ ଶେଷ ହେଲା ଚୂଡାନ୍ତ ତଥା ଗୁରୁତ୍ୱପୂର୍ଣ୍ଣ ବୈଠକ ।ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଥିଲା ବୈଠକ। ପୂଜାପଣ୍ଡା ନିଯୋଗ, ଦଇତାପତି ନିଯୋଗ, ସିଂହାରୀ ନିଯୋଗ, ସୁଆର ମହାସୁଆର ନିଯୋଗ କୁ ନେଇ ହୋଇଛି ବୈଠକ। ପହଣ୍ଡି ଶୃଙ୍ଖଳା ପାଇଁ ଦାୟିତ୍ୱ ନେଇଛନ୍ତି ସମସ୍ତ ନିଯୋଗ ।ଗତବର୍ଷ ର ପହଣ୍ଡି ଅଘଟଣ ଏଡାଇବାକୁ ହୋଇଛି ସ୍ୱତନ୍ତ୍ର ଷ୍ଟ୍ରାଟେଜିଫ। କେବଳ ଅନଧିକୃତ ସେବକ ହିଁ ପହଣ୍ଡି କାର୍ଯ୍ୟରେ ନିୟୋଜିତ ରହିପାରିବେ ।ସମସ୍ତ ନିଯୋଗ ର ସଭାପତି ସମ୍ପାଦକ ଉପସ୍ଥିତ ରହି ପହଣ୍ଡି ପରିଚାଳନା କରିବା ସହ ସ୍ୱତ୍ୱଲିପି ଅନୁସାରେ ଆବଶ୍ୟକ ସେବକଙ୍କୁ ଚିହ୍ନଟ କରିବେ । ନିର୍ଦ୍ଦିଷ୍ଟ ଏବଂ ସ୍ୱତ୍ୱଲିପି ରେ ନଥିବା କୌଣସି ସେବକ ପହଣ୍ଡି କର୍ଡନ ମଧ୍ୟକୁ ପ୍ରବେଶ କରିବା ବାରଣ ରହିବ ।ପ୍ରତି ବିଗ୍ରହ ଙ୍କ ପାଇଁ ଉଦ୍ଦିଷ୍ଟ ବରିଷ୍ଠ ଅଧିକାରୀ ପହଣ୍ଡି ପରିଚାଳନା କୁ ସଙ୍ଗଠିତ କରିବେ ।ତେବେ ରଥ ଶୋଧ ,ରଥ ଟଣା,ପହଣ୍ଡି ଶୃଙ୍ଖଳା ପାଇଁ ସମସ୍ତେ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଶୃଙ୍ଖଳିତ ପହଣ୍ଡି ଚଳିତ ଥରର ମୁଖ୍ୟ ଫୋକସ୍ ରହିବ ।ମୋବାଇଲ୍ ବାରଣ,ଶୋଧ ,ସହାୟକ ସେବକଙ୍କୁ କେବଳ ସହାୟତା ବେଳେ ପ୍ରବେଶ ଅନୁମତି ଉପରେ ସକାରାତ୍ମକ ମତ ରଖିଛନ୍ତି ସମସ୍ତ ସେବକ ନିଯୋଗ । ଏନେଇ ଶୃଙ୍ଖଳିତ ନୀତି କାନ୍ତି ,ମହାପ୍ରଭୁଙ୍କ ପହଣ୍ଡି ,ରଥ ଟଣା ନେଇ ଆଲୋଚନା ହୋଇଛି। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରତିକ୍ରିୟା ଦେଇ କହିଛନ୍ତି ରଥ ଶୋଧ ଓ ଟଣା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। କୌଣସି ଛଦ୍ମ ବେଶୀ କିମ୍ବା ଅନଧିକୃତ ସେବାୟତ ରଥ ଉପରେ ରହିବେ ନାହିଁ।ରଥ ଉପରକୁ କିମ୍ବା ପହଣ୍ଡି ସମୟରେ କେହି ମୋବାଇଲ ବ୍ୟବହାର କରିପାରିବେ ନାହିଁ।କେହି ଏହାର ଉଲ୍ଲଘଂନ କଲେ ଶ୍ରୀମନ୍ଦିର ପ୍ରଶାସନ ଆଇନ ଓ ପୋଲିସ ପକ୍ଷରୁ ଦୃଢ଼ ପଦକ୍ଷେପ ନିଆଯିବ ।ଦେବସ୍ନାନ ପୂର୍ଣ୍ଣମୀରେ ନିୟମ ଉଲ୍ଲଘଂନ କରିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି। ରଥଯାତ୍ରା ପରେ କାରଣ ଦର୍ଶାଅ ନୋଟିସ ଜାରୀ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ଶୃଙ୍ଖଳିତ ପହଣ୍ଡି ପାଇଁ ଟିମ୍ ଗଠନ କରାଯାଇଛି। ରଥ ଶୋଧ ଓ ରଥ ଟଣା ପାଇଁ ବୈଷୟିକ ଟିମ୍ ସହ ତଦାରଖ ଦଳ,ଶୋଧ ଦଳ ମୁତୟନ ରହିବେ। ଏହି ବୈଠକରେ ବାଡଗ୍ରାହୀ ଦଇତାପତି, ମହାରଣାଙ୍କ ସହ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଉପସ୍ଥିତ ଥିଲେ।

# କଲମ୍ବିଆରେ ବିଶ୍ୱଶାନ୍ତି ଓ ପ୍ରୀତିର ବାର୍ତ୍ତା ଦେଲେ ଶ୍ରୀ ଶ୍ରୀ ରବିଶଙ୍କର

କଟକ (ଭାସ୍କର ନ୍ୟୁଜ): ଗତ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଦେଶ ତଥା ଦେଶ ବାହାରେ ଶାନ୍ତି ଓ ପ୍ରୀତିର ବାର୍ତ୍ତା ଦେଇ ଆସୁଥିବା ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର ନିକଟରେ କଲମ୍ବିଆ ଗସ୍ତ କରିଛନ୍ତି । ଏହି ଅବସରରେ ସେଠାକାର ବୋଗୋଟା ସହର ଅନ୍ତର୍ଗତ ପ୍ରସିଦ୍ଧ 'ପ୍ଲାଜା ଲା ସାଣ୍ଟା ମାରିଆ'ଠାରେ ଏକାଦଶ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିବାକୁ ତାଙ୍କ ସହ ଏକତ୍ରିତ ହୋଇଥିଲେ ହଜାର ହଜାର ସ୍ଥାନୀୟ ଲୋକ । ଗୁରୁଦେବଙ୍କୁ ସେଠାକାର ସରକାର ମଧ୍ୟ ବିଶେଷ ଗୁରୁତ୍ୱ ଦେବାର କାରଣ ହେଉଛି, ଗତ ଏକ ଦଶନ୍ଧି ପୂର୍ବରୁ ୨୦୧୫ ମସିହାରେ କଲମ୍ବିଆ ସରକାର ଓ ଏଫଏଆରସି ଗରିଲା ଗୋଷ୍ଠୀ ମଧ୍ୟରେ ଦୀର୍ଘ ପ୍ରାୟ ୫୦ ବର୍ଷ ଧରି ସଂଘର୍ଷ ଲାଗି ରହିଥିଲା । ସେହି ସମୟରେ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ହସ୍ତକ୍ଷେପ ଫଳରେ ସେଠାରେ ଚାଲିଥିବା ଦଶନ୍ଧି ଦଶନ୍ଧି ବ୍ୟାପୀ ସଂଘର୍ଷର ପରିସମାପ୍ତି ଘଟିଥିଲା । ଏହି ଶାନ୍ତି ପ୍ରକ୍ରିୟାରେ ଗୁରୁଦେବ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ । ଗୁରୁଦେବ କଲମ୍ବିଆ ପାର୍ଲାମେଣ୍ଟକୁ ମଧ୍ୟ ସମ୍ବୋଧିତ କରିଥିଲେ । ଏହି ଅବସରରେ ସମସ୍ତଙ୍କୁ ଏକ ପ୍ରେମମୟ ଏବଂ ଶାନ୍ତିପୂର୍ଣ୍ଣ ବିଶ୍ୱର ସ୍ୱପ୍ନ ଦେଖିବାକୁ ଅନୁପ୍ରାଣିତ କରିଥିଲେ ।କଲମ୍ବିଆ ସରକାରଙ୍କ ପକ୍ଷରୁ ଶ୍ରୀ ଶ୍ରୀ ରବିଶଙ୍କରଙ୍କୁ ତାଙ୍କର ଅନୁଶାସନ ଓ ବିଶ୍ୱଶାନ୍ତି ନିମନ୍ତେ ନିରନ୍ତର କାର୍ଯ୍ୟ ନିମନ୍ତେ ଗତ ୨୦ ତାରିଖ 'କାର୍ଟାଜେନା-ଡି-ଇଣ୍ଡିଆସ୍'ର ମେୟର ଡୁମେକ ଟର୍ବେ ପାଜ୍'ବଲିଭର ଗଭର୍ଣ୍ଣରେଟ୍ ମେଡାଲ୍' ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ । ଦୀର୍ଘ ପ୍ରାୟ ଦଶବର୍ଷ ପରେ ଗୁରୁଦେବ କଲମ୍ବିଆ ଗସ୍ତରେ ଯାଇଥିବା ବେଳେ ତାଙ୍କୁ ପ୍ରଦାନ କରାଯାଇଥିବା ଉଚ୍ଛ୍ୱସିତ ସମ୍ବର୍ଦ୍ଧନାର ପ୍ରତ୍ୟୁତ୍ତରରେ ସେ ଦକ୍ଷିଣ ଆମେରିକାର ବୋଗୋଟା, ମେଡେଲିନ୍ ଓ କାର୍ଟାଜେନାର ଅଧିବାସୀମାନଙ୍କୁ, ସେଠାକାର ସାଂସଦ, ବ୍ୟବସାୟୀ ଏବଂ ଶିକ୍ଷାବିତ୍ ମାନଙ୍କୁ ଧ୍ୟାନ ଓ ଯୋଗର ଗଭୀର ଅନୁଭବ ଓ ଏହାର ସୁଦୂରପ୍ରସାରୀ ପ୍ରଭାବ ସମ୍ପର୍କରେ ଅବଗତ କରାଇଥିଲେ । ଏଥିସହ କଲମ୍ବିଆ ସଂସଦକୁ ସମ୍ବୋଧିତ କରି କହିଥିଲେ, "ଏଭଳି ଏକ ସଂସାର ଗଢ଼ିବା ନିମନ୍ତେ ଆମେ ସମସ୍ତେ ଆଗେଇ ଆସିବା ଦରକାର, ଯାହା ଥିବ ଯନ୍ତ୍ରଣାବିହୀନ, ପ୍ରେମପୂର୍ଣ୍ଣ, ସୁଖରେ ଭରପୂର ଓ ଶାନ୍ତିପୂର୍ଣ୍ଣ । ଏହା ଶୁଣିବାକୁ 'ୟୁଟୋପିଆ' ଭଳି ଲାଗୁଥାଇପାରେ । କିନ୍ତୁ ଯେ କୌଣସି ଉଦ୍ୟମର ଆରମ୍ଭ ତ ଏକ ସ୍ୱପ୍ନରୁ ହିଁ ହୋଇଥାଏ।" ତାଙ୍କର ଏହି ଉକ୍ତି ଏସବୁ ସହରର ବାସିନ୍ଦାଙ୍କୁ ଖୁବ୍ ପ୍ରଭାବିତ କରିଥିଲା ।

## AFFIDAVIT

By virtue of an affidavit No-1734 sworn before the Executive Magistrate, Sukinda, dated: 12.06.2025, I Sribasta Nayak, S/o- Keshaba Chandra Nayak, resident of village- Kaduabandi, Po- Kankadapal, Ps- Kaliapani, Dist- Jajpur, declares that my son's actual name is S.Subhrakant Nayak which recorded in Aadhar Card, but wrongly mentioned as Sourava Subhrakanta Nayak in LIC Policy No- 599881928. S Subhrakanta Nayak & Sourava Subhrakanta Nayak is same and one person. This affidavit is to be produced before concerned authority of LIC for necessary action.
**Sd/- Sribasta Nayak**

## AFFIDAVIT

By virtue of an affidavit No.14 sworn before the Executive Magistrate, Nimapara, dated: 13.05.2025, I Mir Aftab, S/o- Mir Altab, resident of At- Raid Bazar, Post- Sunugoradi, Ps- Nimapara, Dist- Puri, declares that I have changed my name from Mir Altab to Mir Aftab. Henceforth he shall be known as Mir Aftab for all purposes.
**Sd/- Mir Aftab**

## AFFIDAVIT

By virtue of an affidavit sworn before the Executive Magistrate, Bhubaneswar, dated: 06.06.2025, I Binny Das, Address: At- Nuapur, Po- Kalyani, Gopalpur, Ps- Khantapada, Dist- Baleswar, Odisha, PIN-756044, declare that I have changed my name from Binodini Mahalik to Binny Das. Henceforth, I shall be known as Binny Das for all purposes.
**Sd/- Binny Das**

## AFFIDAVIT

By virtue of an affidavit sworn before the Executive Magistrate, Sukinda, Jajpur, dated: 19.06.2025, I Tuni Mahanta, Address: village- Rangamatia, Chingudipal, Po- Chingudipal, Ps- Kaliapani, Dist- Jajpur, Odisha, PIN-755028, declare that I have changed my son's name from Narayan Mahanta to Anil Kumar Mahanta. Henceforth, he shall be known as Anil Kumar Mohanta for all purposes.
**Sd/- Tuni Mahanta**






## ଖଡ଼ଗପୁର ଡିଭିଜନରେ ପାର୍କିଂ ଚୁକ୍ତିପାଇଁ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମ ନୋଟିସ ନଂ: ସିଓଏମ୍/ଜି-୩୦/୨/ପାର୍କିଂ/ସିପିଆରଓ/୨୫/୦୮, ତାରିଖ: ୨୩.୦୬.୨୦୨୫

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ପକ୍ଷରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ-ପୂର୍ବ ରେଳପଥ, ସାନ୍ତ୍ରାଗାଛିରେ ଚାରିଚକିଆ, ବାରଗାଛିଆ ଏବଂ କଲାଇକୁଣ୍ଡରେ ଦୁଇଚକିଆ ପାର୍କିଂ ପାଇଁ ଇ-ନିଲାମ ଆହ୍ୱାନ କରୁଛନ୍ତି। ନିଲାମ କାଟଲଗ୍ ନଂ: ପାର୍କିଂ କେଜିପି ୨୫-୦୮ । ନିଲାମ ତାରିଖ: ୦୯.୦୭.୨୦୨୫। ନିଲାମ ଆରମ୍ଭ ସମୟ: ପୂର୍ବାହ୍ନ ୧୧.୦୦। ବନ୍ଦ ସମୟ: ପୂର୍ବାହ୍ନ ୧୧.୫୦। ଯାହାକି ଆମର ୱେବସାଇଟ୍ **http://www.ireps.gov.in** ରେ ଉପଲବ୍ଧ। ଆଗ୍ରହୀ ଠିକାଦାର ଏବଂ ବିଡରମାନେ ୱେବସାଇଟ୍‌କୁ ଯାଇ ଇ-ନିଲାମ ସଂପର୍କିତ ସମସ୍ତ ସୂଚନା ପାଇପାରିବେ। ଯଦି କୌଣସି ସ୍ପଷ୍ଟୀକରଣ କିମ୍ବା ଅନୁସନ୍ଧାନ ଆବଶ୍ୟକ ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଯୋଗାଯୋଗ କରିବେ।

(ପିଆର-୩୧୦) **ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର**

ଦକ୍ଷିଣ ପୂର୍ବ ରେଳପଥ
ଖୁସିର ସହ ଆମେ ସେବା କରୁ

## NOTICE

By virtue of an affidavit No-18 sworn before the Executive Magistrate, Nimapara, dated: 31.05.2025, I Pratap Pradhan, S/o- Keshab Pradhan, resident of Patapur Po/Ps- Nimapara, Dist- Puri, declares that I have changed my minor daughter's name from Laxmi Pradhan to Laxmipriya Pradhan. Henceforth, she shall be known as Laxmipriya Pradhan for all purposes.
**Sd/- Pratap Pradhan**

## NOTICE

By virtue of an affidavit sworn before the Executive Magistrate, Raj Nagar on 24.06.2025, I Kabita Jena, W/o- Balaram Jena, resident of village- Pattaparia, Post- Rangani, Ps- Talachua Marine, Dist- Kendrapara, declares that I have changed my minor son's name from Soam Kumar Jena to Som Kumar Jena. Henceforth, he shall be known as Som Kumar Jena for all purposes.
**Sd/- Kabita Jena**

## AFFIDAVIT

By virtue of an affidavit No-1735 sworn before the Executive Magistrate, Sukinda, dated: 12.06.2025, I Sribasta Nayak, S/o- Keshaba Chandra Nayak, resident of village- Kaduabandi, Po- Kankadapal, Ps- Kaliapani, Dist- Jajpur, declares that my actual name is S Srinibash Nayak which is recorded in CBSE Certificate, Aadhar card, but wrongly mentioned as Srinibash Nayak in LIC Policy No. 583700761. S Srinibash Nayak & Srinibash Nayak, S/o- Srinibash Nayak is same and one person myself. This affidavit is to be produced before concerned authority of LIC for necessary action.
**Sd/- S Srinibash Nayak**

### OFFICE OF THE MORADA PANCHAYAT SAMITI: CHITRADA
At/P.O.- Chitrada, Dist.- Mayurbhanj, Odisha, Pin-757018
E-Mail: ori-morada@gramsat.nic.in

**i-177**

Advt. No. 03/PSM/2025 Dt: 24/06/2025

Tender Call Notice

Sealed tenders (Percentage rate) are invited from the interested "C & D" Class Contractors registered with the Govt. for execution of Civil work under Panchayat Samiti, Morada, Mayurbhanj. The eligible criteria and the details of the tender documents which can be downloaded from the website www.mayurbhanj.odisha.gov.in Interested bidders fulfilling the eligibility criteria may submit their proposals to the O/o: BDO Morada. Proposal(s) complete in all respect should reach the undersigned on or before 16.07.2025 up-to 05.00 PM through Regd. & Speed post and the same will be opened on 17.07.2025 at 11.00A.M.in the Conference Hall of the Panchayat Samiti, Morada. The undersigned reserves the right to reject any or all the tender(s) without assigning any reason thereof.

Sd/-
Block Development Officer, Morada
Mayurbhanj

**OIPR 19371/11/0004/2526**

### OFFICE OF THE DISTRICT MANAGER. OSCSC LTD.., NABARANGPUR

No: 1008 Date. 24.06.2025

**CAD-886**

CORRIGEDUM TO LEVEL-II TENDER DOCUMENTS
NO. 02,03,04,05,06,07,08,09,10,11,12 & 13 Dated: 20/06/2025

Clause No; 7.1.1 of Page No: 18 of Level-II Tender document Notice Inviting Tender No. 02,03,04,05,06,07,08,09,10,11,12 & 13 Dated: 20/06/2025 10% of estimated value of the contract may kindly be read as 5% and similarly, Clause no. 7.1.1 and 7.1.2 of page No.18 of Level-II Tender document of the above NITs may kindly be read as Appendix-III instead of Appendix-IV of Level-II Tender document.

Sd/-District Manager,
OSCSC Ltd., Nabarangpur

**OIPR 07045/11/0002/2526**

Mail ID: - sepwdbalangir@gmail.com

### GOVERNMENT OF ODISHA
### OFFICE OF THE CHIEF CONSTRUCTION ENGINEER, BALANGIR (R&B) CIRCLE: BALANGIR
e - Procurement Notice
BID IDENTIFICATION No: CCE(R&B) BGR/06/ 2025-26

**B-226**

Letter No- 1216 // Dtd. 19.06.2025

The **Chief Engineer, Balangir (R&B) Circle, Balangir** on behalf of Governor of Odisha invites percentage rate bid in double cover system in **ONLINE MODE** for the construction of works detailed in the table below from **"B" "A" & "Special" Class** Contractors registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil works. The proof of registration from the appropriate authority shall be enclosed along with the bid.

| | | |
|---|---|---|
| 1. Nature of Work | : | Building work |
| 2. No. of tender | : | Building work-9 Nos |
| 3. Tender Cost | : | Rs.10, 000/- |
| 4. Class of Contractor | : | "B" "A" & "Special" Class |
| 5. Date & Time of sale & Receipt of Bids | : | From Dt. 01.07.2025, 05.00 P.M. to Dt. 15.07.2025 up to 05.00 P.M. |
| 6. Date of opening Bid | : | Dt.16.07.2025 at 11.00 A.M. |

7. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.

Sd/-Chief Construction Engineer,
Balangir (R&B) Circle, Balangir.

**OIPR 34131/11/0016/2526**

E-Mail I.D.-eerbjspr@gmail.com

### OFFICE OF THE SUPERINTENDING ENGINEER
### JAGATSINGHPUR (R&B) DIVISION, JAGATSINGHPUR
GOVERNMENT OF ODISHA
('e' PROCUREMENT NOTICE)
Bid Identification No. S.E. JSP(R&B)-05 of 2025-26

**B-233**

TENDER CALL NOTICE

1. The Superintending Engineer, Jagatsinghpur (R&B) Division, Jagatsinghpur on behalf of Governor of Odisha invites on Percentage rate basis bid in **Double cover system** in ONLINE MODE from eligible contractor for Building works as mentioned below.

| | | |
|---|---|---|
| 2. No. of Work | :- | 03 No. |
| 3. Nature of work | :- | Civil,E.I & PH work |
| 4. Class of Contractor | :- | "B" |
| 5. Tender Paper Cost | :- | Rs. 10000/- (Online) |
| 6. Available of bid documents in the website | :- | From 30/06/2025 to 5PM of 15/07/2025 |
| 7. Date of Opening of Bid | :- | 11 AM of 16/07/2025 |

The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

Sd/-(Er Sarbendu Sutar)
Superintending Engineer,
Jagatsinghpur (R&B) Division

**OIPR 34093/11/0022/2526**



ନୂଆଦିଲ୍ଲୀ: ସ୍ୱାମୀ ରାଜା ରଘୁବଂଶୀ ହତ୍ୟା ମାମଲାରେ ସୋନମ୍ ରଘୁବଂଶୀ ମୁଖ୍ୟ ଅଭିଯୁକ୍ତ ବୋଲି ସ୍ପଷ୍ଟ ହେବାରେ ଲାଗିଛି। ଏହି ଘଟଣାରେ ସୋନମ୍ ରଘୁବଂଶୀ ଇନ୍ଦୋରରେ ରହୁଥିବା ଫ୍ଲାଟର ମାଲିକଙ୍କ ସମେତ ଆଠ ଜଣଙ୍କୁ ପୁଲିସ ଗିରଫ କରିଛି। ସୋନମ୍, ତାଙ୍କ ଅଭିଯୁକ୍ତ ପ୍ରେମିକ ରାଜ କୁଶୱାହା ଏବଂ କୁଶୱାହାଙ୍କ ତିନି ବନ୍ଧୁ – ବିଶାଳ ଚୌହାନ, ଆକାଶ ରାଜପୁତ ଏବଂ ଆନନ୍ଦ କୁର୍ମୀ – ମେଘାଳୟରେ ଦମ୍ପତିଙ୍କ ହନିମୁନ୍ ସମୟରେ ରାଜା ରଘୁବଂଶୀଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଗତ ମାସରେ ଅପରାଧ ପରେ ଉତ୍ତର-ପୂର୍ବ ରାଜ୍ୟରୁ ପଳାଇବା ପରେ ମେଘାଳୟ ପୋଲିସ ସୋମବାର ଇନ୍ଦୋରରେ ରହୁଥିବା ଏକ ଫ୍ଲାଟର ମାଲିକଙ୍କୁ ଗିରଫ କରିଛି ବୋଲି ସମ୍ବାଦ ସରବରାହ ସଂସ୍ଥା ପିଟିଆଇ ରିପୋର୍ଟ କରିଛି। ଏହା ସହିତ, ଗିରଫ ବ୍ୟକ୍ତିଙ୍କ ସଂଖ୍ୟା ସୋନମ୍, ତାଙ୍କ ପ୍ରେମିକ ରାଜ କୁଶୱାହା ଏବଂ ତିନି ଜଣ ହିଟମ୍ୟାନଙ୍କ ସମେତ ଆଠକୁ ବୃଦ୍ଧି ପାଇଛି।

# ଯୁଦ୍ଧବିରତି ପରେ ଇସ୍ରାଏଲକୁ ଟ୍ରମ୍ପଙ୍କ କଡ଼ା ନିର୍ଦ୍ଦେଶ



ନୂଆଦିଲ୍ଲୀ: ମଙ୍ଗଳବାର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲକୁ କଡ଼ା ଚେତାବନୀ ଦେଇ କହିଛନ୍ତି ଯେ ସେମାନେ 'ବୋମା ଫୋପାଡ଼ନ୍ତୁ ନାହିଁ' ଏବଂ ତୁରନ୍ତ ତାଙ୍କ ପାଇଲଟମାନଙ୍କୁ ଘରକୁ ଫେରାଇ ଆଣନ୍ତୁ। ଏହି ଚେତାବନୀ ଏକ ସମୟରେ ଆସିଛି ଯେତେବେଳେ ଇରାନ ପୁନର୍ବାର ମିସାଇଲ ଆକ୍ରମଣ କରିଥିବା ଇସ୍ରାଏଲୀ ସେନା ଦାବି କରିଛି ଏବଂ ପ୍ରତିଶୋଧ ନେବାକୁ ଧମକ ଦେଇଛି। ଏହା ପୂର୍ବରୁ ଆମେରିକା ଇରାନ ଓ ଇସ୍ରାଏଲ ମଧ୍ୟରେ ଏକ ଦ୍ୱିପାକ୍ଷିକ ଯୁଦ୍ଧବିରତି ବୁଝିକରାଇଥିଲା। ଟ୍ରମ୍ପ ତାଙ୍କ ଟ୍ରୁଥ ସୋସିଆଲ ପ୍ଲାଟଫର୍ମରେ ଲେଖିଛନ୍ତି, 'ଇସ୍ରାଏଲ, ସେହି ବୋମାଗୁଡ଼ିକୁ ଫୋପାଡ଼ନ୍ତୁ ନାହିଁ। ଯଦି ଆପଣ ତାହା କରନ୍ତି, ଏହା ଏକ ଗୁରୁତର ଉଲ୍ଲଂଘନ ହେବ। ତୁରନ୍ତ ଆପଣଙ୍କ ପାଇଲଟମାନଙ୍କୁ ଘରକୁ ଫେରାନ୍ତୁ। ଇସ୍ରାଏଲ ସରକାର ଦାବି କରିଛନ୍ତ ଯେ, ୧୨-ଦିନିଆ ଇରାନ ସହିତ ଯୁଦ୍ଧରେ ସେମାନେ ସମସ୍ତ ଲକ୍ଷ୍ୟ ହାସଲ କରିଛନ୍ତି ଏବଂ ତେହେରାନର ପରମାଣୁ କାର୍ଯ୍ୟକ୍ରମ ଓ ବାଲିଷ୍ଟିକ ମିସାଇଲର 'ଦ୍ୱୈତ ବିପଦ' ଦୂର କରିବା ପରେ ଆମେରିକାର ପ୍ରସ୍ତାବିତ ଯୁଦ୍ଧବିରତିରେ ରାଜି ହୋଇଛନ୍ତି। କିନ୍ତୁ, ଟ୍ରମ୍ପଙ୍କ ଯୁଦ୍ଧବିରତି ଘୋଷଣା ପରେ କିଛି ଘଣ୍ଟା ମଧ୍ୟରେ ଇସ୍ରାଏଲ ଦାବି କଲା ଯେ ସେମାନେ ଇରାନରୁ ଦୁଇଟି ମିସାଇଲକୁ ଅଟକାଇଛନ୍ତି। ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଟଜ କହିଛନ୍ତି ଯେ ସେନା କଡ଼ା ଜବାବ ଦେବ। ଅନ୍ୟପକ୍ଷରେ, ଇରାନ ଯୁଦ୍ଧବିରତି ଘୋଷଣା ପରେ ଇସ୍ରାଏଲ ଉପରେ ମିସାଇଲ ଆକ୍ରମଣ କରିଥିବା ଅଭିଯୋଗକୁ ଅସ୍ୱୀକାର କରିଛି। ଇରାନ ଦାବି କରିଛି ଯେ ସେମାନେ ଇସ୍ରାଏଲକୁ 'ଏକତରଫା ଆକ୍ରମଣ ବନ୍ଦ କରିବାକୁ ବାଧ୍ୟ' କରିଛନ୍ତି, ଯଦିଓ ସେମାନେ ଯୁଦ୍ଧବିରତି ଯୋଜନାକୁ ଆନୁଷ୍ଠାନିକ ଭାବେ ଗ୍ରହଣ କରିନାହାନ୍ତି। ଇରାନର ବୈଦେଶିକ ମନ୍ତ୍ରୀ ଅବବାସ ଆରାଘଚି ପୂର୍ବରୁ କହିଥିଲେ ଯେ ଯଦି ଇସ୍ରାଏଲ ଅବୈଧ ଆକ୍ରମଣ ବନ୍ଦ କରେ, ତେବେ ତେହେରାନର ଯୁଦ୍ଧ ଜାରି ରଖିବାର କୌଣସି ଉଦ୍ଦେଶ୍ୟ ନାହିଁ।

# ପ୍ରଶାନ୍ତ ମହାସାଗରରେ ବୁଡ଼ିଗଲା ମାଲବାହୀ ଜାହାଜ

ନୂଆଦିଲ୍ଲୀ: ପ୍ରଶାନ୍ତ ମହାସାଗରରେ ଜୁନ ମାସ ଆରମ୍ଭରେ ନିଆଁ ଲାଗିଥିବା ଏକ ମାଲବାହୀ ଜାହାଜ ବୁଡ଼ି ଯାଇଛି। ମର୍ଣ୍ଣିଂ ମିଡାସ୍ ନାମକ ଜାହାଜ ନିଆଁ ଲାଗିବା ପରେ ପରିତ୍ୟକ୍ତ ହୋଇଯାଇଥିଲା। ୨ ହଜାର ୧୦୦୦ଟି ଯାନବାହାନ ନେଇ ଯାଉଥିବା ଏହି ଜାହାଜରେ ୮୦୦ଟି ଇଲେକ୍ଟ୍ରିକ ଯାନ ମଧ୍ୟ ଥିଲା। ଜାହାଜ କମ୍ପାନୀ କହିଛି ଯେ ମାଲବାହୀ ଜାହାଜଟି ଜୁନ୍ ୨୩ ତାରିଖରେ ବୁଡ଼ି ଯାଇଥିଲା। ଜୋଡିଆକ୍ ମ୍ୟାରିଟାଇମ୍ ଏକ ବିବୃତିରେ ଆହୁରି କହିଛି ଯେ ଖରାପ ପାଣିପାଗ ଯୋଗୁ ଅଗ୍ନିକାଣ୍ଡ ଜନିତ କ୍ଷତି ବୃଦ୍ଧି ପାଇଥିଲା ଓ ପରବର୍ତ୍ତୀ ସମୟରେ ଜାହାଜ ଭିତରେ ପାଣି ପଶିଗଲା ଓ ଏହା ବୁଡ଼ି ଯାଇଥିଲା। ଏହି ମାସର ଆରମ୍ଭରେ ମର୍ଣ୍ଣିଂ ମିଡାସ୍ ନାମକ ମାଲବାହୀ ଜାହାଜରେ ନିଆଁ ଲାଗିଯାଇଥିଲା, ପ୍ରଥମେ ଇଲେକ୍ଟ୍ରିକ ଯାନବାହନ ପରିବହନ କରୁଥିବା ଏକ ଡେକରୁ ଧୂଆଁ ବାହାରୁଥିବା ଦେଖାଯାଇଥିଲା।



# ୨୫ରେ ମହାକାଶକୁ ଉଡ଼ାଣ ଭରିବେ ଶୁଭାଂଶୁ ଶୁକ୍ଳା



ନୂଆଦିଲ୍ଲୀ: ଖୁବଶୀଘ୍ର ଲଞ୍ଚ ହେବ ଆକ୍ସିଓମ୍-୪ ମିଶନ୍। ଏନେଇ ନାସା ପକ୍ଷରୁ ନୂଆ ତାରିଖ ଘୋଷଣା କରାଯାଇଛି। ମହାକାଶକୁ ଉଡ଼ାଣ ଭରିବେ ଶୁଭାଂଶୁ ଶୁକ୍ଳା। ୬ ଥର ପୁଞ୍ଜିଲା ପରେ ଆସିଲା ନାସାର ନୂଆ ତାରିଖ। ଜୁନ୍ ୨୫ରେ ମହାକାଶ ଯିବ ଆକ୍ସିଅମ୍-୪ ମିଶନ୍। ବୁଧବାର ଭାରତୀୟ ସମୟ ପୂର୍ବାହ୍ନ ୧୨ଟା ୧ରେ ଆକ୍ସିଓମ୍ ସ୍ପେସ୍ ଓ ସ୍ପେସେକ୍ସ ମିଶନ୍ ଲଞ୍ଚ ହେବ। ନାସାର କେନେଡ଼ି ସ୍ପେସ୍ ସେଣ୍ଟରରୁ ଫାଲକନ୍ ୩୯ଏରୁ ଲଞ୍ଚ ହେବ। ଇଣ୍ଟରନ୍ୟାସନାଲ ସ୍ପେସ ସେଣ୍ଟରକୁ ମିଶନ୍ ଲଞ୍ଚ ହେବାର ଥିଲା। ଜୁନ୍ ୧୯ ତାରିଖରେ ଲଞ୍ଚ ହେବାକୁ ଥିବା ଆକ୍ସିଓମ-୪ ମିଶନ୍ ଜୁନ୍ ୨୨ରେ ହେବାକୁ ଇସ୍ରୋ ତାରିଖ ଘୋଷଣା କରିଥିଲା। ହେଲେ ତ୍ରୁଟି ପାଇଁ ମିଶନ୍‌କୁ ବାତିଲ କରାଯାଇଥିଲା। ଆସନ୍ତାକାଲି ମିଶନ୍ ଲଞ୍ଚ ହେବା ପରେ ୨୬ ଜୁନ୍ ଭାରତୀୟ ସମୟ ଅପରାହ୍ନ ୪ଟା ୩୦ରେ ଡକିଂ ହେବ। ପ୍ରଥମେ ଆକ୍ସିଓମ-୪ ମିଶନ ଉତ୍କ୍ଷେପଣ ପାଇଁ ଗତ ମେ ୨୯ ତାରିଖ ଧାର୍ଯ୍ୟ ହୋଇଥିଲା। ଯାନ୍ତ୍ରିକ ଓ ପରିବେଶଗତ କାରଣରୁ ଅନେକ ଥର ବାତିଲ କରିବାକୁ ପଡ଼ିଥିଲା। ମୋଟ୍ ୬ ଥର ମିଶନ୍‌କୁ ସ୍ଥଗିତ କରାଯାଇଥିଲା। ନାସାର ଫ୍ଲୋରିଡା ସ୍ଥିତ କେନେଡି ସ୍ପେସ୍ ସେଣ୍ଟରରୁ ମିଶନ୍ ଲଞ୍ଚ ହେବ। ତେବେ ସଫଳତାପୂର୍ବକ ମିଶନ ଲଞ୍ଚ ହେଉ ବୋଲି ସମସ୍ତ ଭାରତୀୟଙ୍କ ଆଶା। ଭାରତ, ପୋଲାଣ୍ଡ ଓ ହଙ୍ଗେରୀ ପାଇଁ ଏହି ମିଶନ ଐତିହାସିକ କୁହାଯାଉଛି। କାରଣ ଏହି ଦେଶମାନଙ୍କର ମହାକାଶ ଯାତ୍ରୀଙ୍କୁ ପ୍ରଥମ ଥର ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ପଠାଯିବ। ମିଶନ୍‌ରେ ସାମିଲ ୪ ମହାକାଶଚାରୀ ବର୍ତ୍ତମାନ ଫ୍ଲୋରିଡାର ଅଛନ୍ତି। ଆକ୍ସିଓମ୍-୪ ଏକ ଘରୋଇ ମହାକାଶ ମିଶନ, ଯାହା ଆକ୍ସିଓମ୍ ସ୍ପେସ୍, ନାସା ଓ ସ୍ପେସ୍ ଏକ୍ସର ସହଯୋଗରେ ସଂଚାଳିତ ହେଉଛି।

# କେନ୍ଦ୍ରୀୟ କ୍ଷେତ୍ରୀୟ ପରିଷଦ ବୈଠକର ଅଧ୍ୟକ୍ଷତା କଲେ ଶାହା




ରାୟପୁର: କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ମଙ୍ଗଳବାର ଉତ୍ତର ପ୍ରଦେଶର ବାରାଣସୀଠାରେ କେନ୍ଦ୍ରୀୟ କ୍ଷେତ୍ରୀୟ ପରିଷଦର ୨୫ତମ ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଏହି ବୈଠକରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇ ଯୋଗ ଦେଇଥିଲେ। ସଦସ୍ୟ ରାଜ୍ୟଗୁଡ଼ିକର ବରିଷ୍ଠ ମନ୍ତ୍ରୀ, କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ, ଆନ୍ତଃରାଜ୍ୟ ପରିଷଦ ସଚିବାଳୟର ସଚିବ, ସଦସ୍ୟ ରାଜ୍ୟଗୁଡ଼ିକର ମୁଖ୍ୟ ସଚିବ ଏବଂ ରାଜ୍ୟ ତଥା କେନ୍ଦ୍ରୀୟ ମନ୍ତ୍ରଣାଳୟ ଏବଂ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ। ବୈଠକ ଆରମ୍ଭରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ଇଚ୍ଛାଶକ୍ତି ଏବଂ ଭାରତୀୟ ସଶସ୍ତ୍ର ବାହିନୀର ବୀରତ୍ୱକୁ ପ୍ରଶଂସା କରିବା ପାଇଁ ଏକ ସଂକଳ୍ପ ଆଗତ କରିଥିଲେ, ଯାହାକୁ କେନ୍ଦ୍ରୀୟ କ୍ଷେତ୍ରୀୟ ପରିଷଦ ସର୍ବସମ୍ମତିକ୍ରମେ ଅନୁମୋଦନ କରିଥିଲା। କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ ୨୦୪୭ ମସିହା ସୁଦ୍ଧା ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏକ ବିକଶିତ ଭାରତ ନିର୍ମାଣ ଲକ୍ଷ୍ୟ ହାସଲ କରିବାରେ କେନ୍ଦ୍ରୀୟ କ୍ଷେତ୍ରୀୟ ପରିଷଦର ସଦସ୍ୟ ରାଜ୍ୟଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆଜିର ବୈଠକରେ ଜାତୀୟ ଗୁରୁତ୍ୱ ବହନ କରୁଥିବା ଅନେକ ପ୍ରସଙ୍ଗ ସମେତ ମୋଟ ୧୯ଟି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା।

## ଭିସା ନିୟମ ବଦଳାଇଲା ଆମେରିକା

ନୂଆଦିଲ୍ଲୀ: ଆମେରିକା ଭିସା ଯାଞ୍ଚ ପ୍ରକ୍ରିୟାରେ ସୁରକ୍ଷା କଡ଼ାକଡ଼ି କରିବା ପାଇଁ ଏକ ବଡ଼ ପଦକ୍ଷେପ ନେଇଛି। ଏହା ଅଧୀନରେ, ଏବେ ଏଫ୍, ଏମ୍ ଏବଂ ଜେ କାଟେଗୋରୀର ଅଣ-ପ୍ରବାସୀ ଭିସା ପାଇଁ ଆବେଦନ କରୁଥିବା ସମସ୍ତ ଆବେଦନକାରୀଙ୍କୁ ସେମାନଙ୍କର ସମସ୍ତ ସୋସିଆଲ ମିଡିଆ ଆକାଉଣ୍ଟର ଗୋପନୀୟତା ସେଟିଂସ 'ସାର୍ବଜନୀନ' କରିବାକୁ ପଡିବ। ଏହାର ଉଦ୍ଦେଶ୍ୟ ହେଉଛି ଭିସା ଆବେଦନକାରୀଙ୍କ ପରିଚୟକୁ ଭଲ ଭାବରେ ଯାଞ୍ଚ କରିବା ଏବଂ ସୁରକ୍ଷା ସୁନିଶ୍ଚିତ କରିବା। ଏହି ନୂତନ ନିୟମ ତତ୍କାଳ ଲାଗୁ କରାଯାଇଛି। ଏନେଇ ଆମେରିକା ଦୂତାବାସ ପକ୍ଷରୁ ଢରେ ଏହି ସୂଚନା ଦିଆଯାଇଛି।

# ଆଞ୍ଚଳିକ ଶକ୍ତି ସମ୍ମିଳନୀରେ ଅଧ୍ୟକ୍ଷତା କଲେ କେନ୍ଦ୍ର ମନ୍ତ୍ରୀ

ନୂଆଦିଲ୍ଲୀ: : ପାଟନା ଠାରେ ଜୁନ୍ ୨୪ରେ କେନ୍ଦ୍ର ଶକ୍ତି ଏବଂ ଗୃହ ନିର୍ମାଣ ତଥା ନଗର ବ୍ୟାପାର ମନ୍ତ୍ରୀ ମନୋହର ଲାଲଙ୍କ ଅଧ୍ୟକ୍ଷତାରେ ପୂର୍ବାଞ୍ଚଳ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଆଞ୍ଚଳିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଶକ୍ତି ଏବଂ ଅକ୍ଷୟ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ୟେସୋ ନାୟକ, ଉପମୁଖ୍ୟମନ୍ତ୍ରୀ ଓଡିଶା କନକ ବର୍ଦ୍ଧନ ସିଂହ ଦେଓ, ଶକ୍ତି ମନ୍ତ୍ରୀ ବିହାର ବିଜେନ୍ଦ୍ର ପ୍ରସାଦ ଯାଦବ, ନଗର ବିକାଶ ଏବଂ ଗୃହ ନିର୍ମାଣ ମନ୍ତ୍ରୀ ଝାଡ଼ଖଣ୍ଡ ସୁଦିବ୍ୟ କୁମାର ଯୋଗ ଦେଇଥିଲେ। ବୈଠକରେ କେନ୍ଦ୍ର ଶକ୍ତି ସଚିବ, ଅଂଶଗ୍ରହଣକାରୀ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ସଚିବ (ଶକ୍ତି/ଏନର୍ଜି), କେନ୍ଦ୍ର ଏବଂ ରାଜ୍ୟ ବିଦ୍ୟୁତ୍ କ୍ଷେତ୍ର ସଂସ୍ଥାଗୁଡ଼ିକର ସିଏମଡି/ଏମଡି ଏବଂ ଶକ୍ତି ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ମଧ୍ୟ ଯୋଗ ଦେଇଥିଲେ। କେନ୍ଦ୍ର ମନ୍ତ୍ରୀ ମନୋହର ଲାଲ ତାଙ୍କ ଭାଷଣରେ ଉଲ୍ଲେଖ କରିଥିଲେ ଯେ ଭାରତର ବିଦ୍ୟୁତ୍ ବ୍ୟବସ୍ଥା ଏକ ଏକୀକୃତ ଜାତୀୟ ଗ୍ରୀଡରେ ପରିଣତ ହୋଇଛି, ଯାହା 'ଏକ ରାଷ୍ଟ୍ର-ଏକ ଗ୍ରୀଡ୍'ର ଦୃଷ୍ଟିକୋଣକୁ ପୂରଣ କରୁଛି ଏବଂ ଦେଶର ଅଭିବୃଦ୍ଧିକୁ ଇନ୍ଧନ ଦେବା ପାଇଁ ଭବିଷ୍ୟତ ନିମନ୍ତେ ପ୍ରସ୍ତୁତ। ମନ୍ତ୍ରୀ ସମ୍ବଳ ପର୍ଯ୍ୟାପ୍ତତା ଏବଂ ଆବଶ୍ୟକୀୟ ବିଦ୍ୟୁତ ଉତ୍ପାଦନ କ୍ଷମତା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଭାରତର ସର୍ବୋଚ୍ଚ ବିଦ୍ୟୁତ ଚାହିଦା ୨୦୩୪-୩୫ ସୁଦ୍ଧା ୪୪୬ ଜିଡବ୍ଲୁ ରେ ପହଞ୍ଚିବ ବୋଲି ଆକଳନ କରାଯାଇଛି ଏବଂ ଏହାକୁ ସ୍ଥାୟୀ ଭାବରେ ପୂରଣ କରିବା ପାଇଁ କେନ୍ଦ୍ର, ରାଜ୍ୟ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ମଧ୍ୟରେ ସକ୍ରିୟ ଯୋଜନା ଏବଂ ନିରନ୍ତର ସମନ୍ୱୟ ଆବଶ୍ୟକ। ମନ୍ତ୍ରୀ ସୂଚନା ଦେଇଥିଲେ ଯେ ୨୦୨୫-୨୬ କେନ୍ଦ୍ର ବଜେଟରେ ରାଜ୍ୟଗୁଡ଼ିକର ପୁଞ୍ଜି ଖର୍ଚ୍ଚକୁ ସମର୍ଥନ କରିବା ପାଇଁ ୫୦ ବର୍ଷ ପାଇଁ ସୁଧମୁକ୍ତ ଋଣରେ ଟ.୧.୫ ଲକ୍ଷ କୋଟି ଟଙ୍କାର ଆବଣ୍ଟନ କରାଯାଇଛି, ଯାହା ପରିବହନ ଭିତ୍ତିଭୂମିକୁ ମଜବୁତ କରିବାରେ ସାହାଯ୍ୟ କରିପାରିବ। ଭାରତ ସରକାରଙ୍କ ସଚିବ (ଶକ୍ତି) ସମ୍ମିଳନୀର ବିଶିଷ୍ଟ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିଥିଲେ ଏବଂ ଶକ୍ତି କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ନିର୍ଦ୍ଦିଷ୍ଟ ଚ୍ୟାଲେଞ୍ଜଗୁଡ଼ିକ ଉପରେ ସାମୂହିକ ଆଲୋଚନା ଏବଂ ସମ୍ଭାବ୍ୟ ସମାଧାନ ଅନୁସନ୍ଧାନ କରିବାକୁ ଅନୁରୋଧ କରିଥିଲେ।




# ବାଣିଜ୍ୟ




ନୂଆଦିଲ୍ଲୀ : ସୋନି ଇଣ୍ଡିଆ ପକ୍ଷରୁ ଦ୍ୱିତୀୟ ପିଢ଼ିର ପ୍ରମୁଖ ଆଲ୍‌ଫା ୧-୨ କ୍ୟାମେରା ଉନ୍ମୋଚନ କରାଯାଇଛି। ଯାହା ହେଉଛି ଏକ ଫୁଲ୍‌ଫ୍ରେମ୍ ମିରର୍ ବିହୀନ ବଦଳାଇ ହେଉଥିବା ଲେନ୍ସ କ୍ୟାମେରା। ଏଥିରେ ସୋନିର ସଦ୍ୟତମଏଆଇପ୍ରୋସେସିଂ ୟୁନିଟ୍ ରହିଛି। ଏହି କ୍ୟାମେରାରେ ୫୦.୧ମେଗା ପିକ୍‌ସେଲ୍ ରିଜଲ୍ୟୁସନ୍ ସେନ୍‌ସର, ୩୦ ସେକେଣ୍ଡ୍ ପିଛା ଫ୍ରେମ୍‌ର ବ୍ଲାକ୍‌ଆଉଟ୍ ମୁକ୍ତ ନିରନ୍ତର ସୁଟିଂ ସୁବିଧା ରହିଛି। ଏ ସମ୍ପର୍କରେ ସୋନି ଇଣ୍ଡିଆର ଇମେଜିଂ ବ୍ୟବସାୟ ମୁଖ୍ୟ ମୁକେଶ ଶ୍ରୀବାସ୍ତବ କହିଛନ୍ତି, 'ଆଲ୍‌ଫା ୧-୨ ହେଉଛି ଡିଜିଟାଲ୍ ଇମେଜିଂ ବର୍ଗରେ ପ୍ରଫେସନାଲ୍ କ୍ଷେତ୍ରରେ ସୋନିର ନେତୃତ୍ୱର ପ୍ରତିଫଳନ। ଆଲ୍‌ଫା ୧-୨ରେ ରହିଛି ଏକ୍ସମୋର୍ ଆର୍‌ଏସ୍‌ଷ୍ଟାକ୍‌ରସିଏମ୍‌ଓ ଏସ୍‌ସେନ୍‌ସର୍ ଏବଂ ଶକ୍ତିଶାଳୀ ବିଓ ଏକ୍ସଆର୍ ଇମେଜ୍ ପ୍ରୋସେସିଂଇନ ଯାହା ଉଚ୍ଚ ରିଜଲ୍ୟୁସନର ଛବି ପ୍ରଦାନ କରିବ। ଏଥିରେ ୮କେ ୩୦ ପି ଓ ୪କେ ୧୨୦ ପି ସିନେମା ରେକର୍ଡିଂ କରାଯାଇପାରିବ। କ୍ୟାମେରାରେ ୩.୨ ଟାଇପ୍ ଏଲ୍‌ସିଡି ମନିଟର ରହିଛି ଏବଂ ଏହାକୁ ବ୍ୟବହାର କରିବା ଅତ୍ୟନ୍ତ ସହଜ। ଏହାର ଏର୍ଗୋନୋମିକ୍ ଗ୍ରିପ୍ ଓ ବଟନ୍‌କାମକୁ ଅତ୍ୟନ୍ତ ସହଜ କରିପାରିବ। କ୍ୟାମେରା ସହିତ ବିସି-ଜେଡଡି୧ ଡୁଆଲ୍ ବ୍ୟାଟେରି ଚାର୍ଜର ପ୍ରଦାନ କରାଯାଉଛି।

# ମୁଖ ସ୍ୱାସ୍ଥ୍ୟ ଯତ୍ନକୁ ପ୍ରାଥମିକତାରେ ପରିଣତ କରିଛି କୋଲଗେଟ୍



ନୂଆଦିଲ୍ଲୀ: କୋଲ୍‌ଗେଟ-ପାମୋଲିଭ (ଇଣ୍ଡିଆ) ଲିମିଟେଡ ଦେଶର ମୁଖ ସ୍ୱାସ୍ଥ୍ୟକୁ ଉନ୍ନତ କରିବା ପ୍ରତି ଏକ ଗଭୀର ପ୍ରତିବଦ୍ଧତା ସହିତ ୮ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ହେବ ଭାରତର ମୁଖ ଯତ୍ନକୁ ବୈପ୍ଲବିକ କରିବା ମିଶନରେ ରହିଛି। ଏହି ସଚେତନତା ଅନ୍ତରକୁ ଦୂର କରିବା ପାଇଁ କୋଲଗେଟ ପକ୍ଷରୁ ନଭେମ୍ବର ୨୦୨୪ରେ ଓରାଲ ହେଲ୍‌ଥ ମୁଭମେଂଟ ବା ମୁଖ ସ୍ୱାସ୍ଥ୍ୟ ଆନ୍ଦୋଳନର ଶୁଭାରମ୍ଭ କରାଯାଇଥିଲା। ଏହା ଏକ ଅଭିଯାନ ଯାହା ଲକ୍ଷ ଲକ୍ଷ ଭାରତୀୟଙ୍କୁ ସଶକ୍ତ କରିବା, ସେମାନଙ୍କୁ ନିଜ ମୋବାଇଲ ଫୋନ ମାଧ୍ୟମରେ ନିଜ ମୁଖ ସ୍ୱାସ୍ଥ୍ୟର ସ୍କ୍ରିନିଂ କରିବା ପାଇଁ ସକ୍ଷମ କରିବା ଏବଂ ଇଣ୍ଡିଆ ଡେଂଟାଲ ଆସୋସିଏଶନ (ଆଇଡିଏ) ସହ ସହଭାଗିତାରେ ୫୦,୦୦୦ରୁ ଅଧିକ ଡେଂଟିଷ୍ଟଙ୍କ ଏକ ନେଟ୍‌ୱର୍କ ମାଧ୍ୟମରେ ମାଗଣା ଡେଂଟାଲ ଚେକଅପ ପାଇଁ ପହଂଚ ପ୍ରଦାନ କରିବା ଲାଗି ଅତ୍ୟାଧୁନିକ ଟେକ୍ନୋଲୋଜିର ବ୍ୟବହାର କରିଛି। ୭୦୦୦ରୁ ଅଧିକ ଜିଲ୍ଲାକୁ କଭର କରୁଥିବା ୧୮୦୦୦ରୁ ଅଧିକ ପିନକୋଡରୁ ଅଂଶଗ୍ରହଣ ସହିତ ଦେଶର କୋଣ ଅନୁକୋଣରୁ ୪.୫ ମିଲିୟନରୁ ଅଧିକ ଭାରତୀୟ ନିଜ ମୁଖ ସ୍ୱାସ୍ଥ୍ୟର ସ୍କ୍ରିନିଂ କରାଇଛନ୍ତି। ପ୍ରତି ୬ ଜଣଙ୍କ ମଧ୍ୟରୁ ଜଣେ ଏହି ସ୍କ୍ରିନିଂ ପରେ ଜଣେ ଡେଂଟିଷ୍ଟଙ୍କ ପରାମର୍ଶ ନେଇଛନ୍ତି (ଆଇଡିଏ ତଥ୍ୟ), ଯାହା ଏହି ଆନ୍ଦୋଳନ କିଭଳି ସଫଳତାର ସହ ଭାରତୀୟମାନଙ୍କୁ ପରବର୍ତ୍ତୀ କାର୍ଯ୍ୟ ଆଡକୁ ପ୍ରୋତ୍ସାହିତ କରିଥିଲା ତାହାକୁ ପ୍ରତିଫଳନ କରୁଛି। ସେହିଭଳି କୋଲ୍‌ଗେଟ ପକ୍ଷରୁ ନୂଆଦିଲ୍ଲୀଠାରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେପି ନଡ୍ଡା ଓ ଓରାଲ କେୟାର ଇକୋସିଷ୍ଟମର ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ 'ଓରାଲ ହେଲ୍‌ଥ ମୁଭମେଂଟ ସମିଟ୍'ର ଆୟୋଜନ କରାଯାଇଛି। ଏହି ସମ୍ମିଳନୀରେ କୋଲଗେଟ-ପାମୋଲିଭ (ଇଣ୍ଡିଆ) ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ପ୍ରଭା ନରସିଂହନ କହିଛନ୍ତି, 'କୋଲ୍‌ଗେଟ ବ୍ରାଇଟ ସ୍ମାଇଲ୍‌ସ, ବ୍ରାଇଟ ଫ୍ୟୁଚର୍ସ (ବିଏସ୍‌ବିଏଫ) ଭଳି କାର୍ଯ୍ୟକ୍ରମଗୁଡିକର ବିସ୍ତୃତ ପହଂଚ ଓ ପ୍ରଭାବ ଭାରତୀୟ ଘରଗୁଡିକରେ ଟୁଥପେଷ୍ଟର ବ୍ୟବହାରକୁ ପରିଚାଳନା କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ରହିଆସିଛି। ଓରାଲ ହେଲ୍‌ଥ ମୁଭମେଂଟ ଦ୍ୱାରା ସୃଷ୍ଟି ହୋଇଥିବା ସଫଳତାର ବେଗକୁ ବଜାୟ ରଖି ଆମେ ଆମର ମିଶନକୁ ଜାରି ରଖିବା ପାଇଁ ସଙ୍କଳ୍ପବଦ୍ଧ ରହିଛୁ।' ସମ୍ମିଳନୀରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଏବଂ କେନ୍ଦ୍ର ରସାୟନ ଓ ସାର ମନ୍ତ୍ରୀ ଜେପି ନଡ୍ଡା କହିଥିଲେ, କୋଲଗେଟ୍‌ର ଓରାଲ୍ ହେଲ୍ଥ ମୁଭମେଣ୍ଟ ଇଣ୍ଡିଆନ୍ ଡେଂଟାଲ୍ ଅସୋସିଏସନ୍ (ଆଇଡ଼ିଏ) ସହିତ ସହଯୋଗରେ, ଦାନ୍ତ ସ୍ୱାସ୍ଥ୍ୟକୁ ଏକ ଅବହେଳିତ ବିଷୟରୁ ଏକ ଜାତୀୟ ପ୍ରାଥମିକତାରେ ପରିଣତ କରିଛି।

# ହୋଣ୍ଡା ମୋଟରସାଇକଲ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପକ୍ଷରୁ ନୂତନ ଷ୍ଟୋର ଉଦ୍‌ଘାଟିତ



ବେଙ୍ଗାଲୁରୁ : ବିଦ୍ୟୁତ ଚାଳିତ ଗମନା ଗମନ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୂପ ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚଏମଏସଆଇ) ଭାରତରେ ତାହାର ପ୍ରଥମ ଇଭି କନସେପ୍ଟ ଷ୍ଟୋର ଉଦ୍‌ଘାଟନ କରିଛି। ଯାହା ବେଙ୍ଗାଲୁରୁର ମାଲେଶ୍ୱରମସ୍ଥିତ ମନ୍ତ୍ରୀ ସ୍କୋୟାର ମଲରେ ଅବସ୍ଥିତ। ଏଚଏମଏସଆଇ ମଧ୍ୟ ଆକ୍ଟିଭା ଇ: ନିମନ୍ତେ ଏକ ନୂତନ ବାସ ଲାଇଟ ପ୍ଲାନ ଘୋଷଣା କରିଛି। ହୋଣ୍ଡାର ନୂଆ ଇଭି କନସେପ୍ଟ ଷ୍ଟୋରକୁ କମ୍ପାନୀର ପ୍ରଯୁକ୍ତିଗତ ପ୍ରଗତିର ସମ୍ମୋହନକାରୀ ଅନୁଭୂତି ପ୍ରଦାନ କରିବାକୁ ଡିଜାଇନ କରାଯାଇଛି। ବିଦ୍ୟୁତ ଚାଳିତ ଗମନା ଗମନ ଠାରୁ ବ୍ୟକ୍ତିଗତ ଉଡାଣ ପର୍ଯ୍ୟନ୍ତ ଏହା ହୋଣ୍ଡାର ବୈଶ୍ୱିକ ନବସୃଜନର ଆତ୍ମାକୁ ଧରିରଖିଛି। ଷ୍ଟୋରର କେନ୍ଦ୍ର ସ୍ଥଳରେ ରହିଛି ଏମ ମୁଖ୍ୟ ଏଲଇଡି ଡିସପ୍ଲେ, ଯାହା ପରିଦର୍ଶକମାନଙ୍କୁ ଆନ୍ତଃକ୍ରିୟାଶୀଳ ବିଷୟବସ୍ତୁ, ବ୍ରାଣ୍ଡ ସମ୍ପର୍କରେ କଥନ ଏବଂ ଉତ୍ପାଦ ସମ୍ପର୍କରେ ଆଲୋକପାତ କରି ନିୟୋଜିତ ରଖିବାରେ ଏକ ଡିଜିଟାଲ ଆକର୍ଷଣ ବିନ୍ଦୁ ଭାବରେ ସେବା ଯୋଗାଉଛି। ଉତ୍ପାଦ ପ୍ରଦର୍ଶନ ଜୋନରେ ଭାରତରେ ବିକ୍ରି ହେଉଥିବା ହୋଣ୍ଡାର ସଦ୍ୟତମ ବିଦ୍ୟୁତ ଚାଳିତ ଯାନଗୁଡିକ ପ୍ରଦର୍ଶିତ ହୋଇଛି– ଯେଉଁଥିରେ ରହିଛି ଆକ୍ଟିଭା ଇ: ଏବଂ କ୍ୟୁସି୧। ସେଫ ଟେକ ଜୋନ (ନିରାପଦ ପ୍ରଯୁକ୍ତି ଜୋନ) ପିଏମଏସ ମୋଟର, ହବ ମୋଟର, ଚାର୍ଜର, ବ୍ୟାଟେରୀ ଏବଂ ମୋବାଇଲ ପାୱର ପ୍ୟାକ (ଏମପିପି) ସମେତ ଆକ୍ଟିଭା ଇ: ଏବଂ କ୍ୟୁସି୧ ପଛରେ ରହିଥିବା ମୂଳ ଉପକରଣଗୁଡିକ ସମ୍ପର୍କରେ ବିସ୍ତୃତ ଭାବରେ ଦେଖିବାର ସୁଯୋଗ ପ୍ରଦାନ କରୁଛି। ଏକ ଆନ୍ତର୍ଜାତିକ ଗୁରୁତ୍ୱ ଯୋଗକରିବାକୁ ଷ୍ଟୋରରେ ହୋଣ୍ଡା ଜେଟର ପୂର୍ଣ୍ଣାଙ୍ଗ ମଡେଲ ସ୍ଥାନ ପାଇଛି, ଯାହା ବ୍ୟକ୍ତିଗତ ଉଡାଣରେ ଉତ୍କର୍ଷର ପ୍ରତୀକ ହୋଇଛି। ଆକ୍ଟିଭା ଇ: ରେ ହୋଣ୍ଡା ମୋବାଇଲ ପାୱାର ପ୍ୟାକ ଇ: ରହିଛି ଯାହା ହୋଣ୍ଡା ମୋଟର କୋ. ଲିମିଟେଡ ଜାପାନ ଦ୍ୱାରା ବିକଶିତ ଏବଂ ହୋଣ୍ଡା ପାୱାର ପ୍ୟାକ ଏନର୍ଜି ଇଣ୍ଡିଆ ପ୍ରାଇଭେଟ ଲିମିଟେ (ଏଚଇଆଇଡି) ଦ୍ୱାରା ପରିଚାଳିତ ଏକ ପରିବର୍ତ୍ତନଯୋଗ୍ୟ ବ୍ୟାଟେରୀ ବ୍ୟବସ୍ଥା ଅଟେ।


# ଶିକ୍ଷା ସମ୍ବଳ ଯୋଜନାରେ ଛାତ୍ରଛାତ୍ରୀଙ୍କ ଅପୂର୍ବ ସଫଳତା

ALLEN CAREER INSTITUTE KOTA (RAJASTHAN) path to success



କୋଟା: କ୍ୟାରିଅର୍ ସିଟି କୋଟା ପୁଣି ଥରେ ନିଜର ସାମାଜିକ ଦାୟିତ୍ୱ ନିର୍ବାହ କରିଛି। ଏଠାରେ, ଏଲ୍‌ଏନ୍ ମାହେଶ୍ୱରୀ ପରମାର୍ଥ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଶିକ୍ଷା ସମ୍ବଳ ଯୋଜନାର ଛାତ୍ରଛାତ୍ରୀମାନେ ସଫଳତା ପାଇଛନ୍ତି। ଶିକ୍ଷା ସମ୍ବଳ ଅଧୀନରେ କୋଟାରେ ପଢୁଥିବା ୧୦୫ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୦୩ ଜଣ ଛାତ୍ରଛାତ୍ରୀ ନିଟ୍‌ରେ ଯୋଗ୍ୟତା ଅର୍ଜନ କରିଛନ୍ତି, ଯୋଜନାର ୯୮ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି। ଏଲ୍‌ଏନ୍ ମାହେଶ୍ୱରୀ ପରମାର୍ଥ ଟ୍ରଷ୍ଟର ଟ୍ରଷ୍ଟି ଡକ୍ଟର ନବୀନ ମାହେଶ୍ୱରୀ କହିଛନ୍ତି ଯେ ୨୦୨୪ ମସିହାରେ ଆରମ୍ଭ ହୋଇଥିବା ଶିକ୍ଷା ସମ୍ବଳ ଯୋଜନା ଅଧୀନରେ, ମଧ୍ୟ ଭାରତର ରାଜ୍ୟ ରାଜସ୍ଥାନ, ମଧ୍ୟ ପ୍ରଦେଶ, ଛତିଶଗଡ଼, ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ ଏବଂ ଉତ୍ତରାଖଣ୍ଡର ହିନ୍ଦୀ ମାଧ୍ୟମ ସରକାରୀ ସ୍କୁଲର ଛାତ୍ରଛାତ୍ରୀଙ୍କଠାରୁ ଆବେଦନ ଆମନ୍ତ୍ରଣ କରାଯାଇଥିଲା। ପରୀକ୍ଷାରେ ପ୍ରଦର୍ଶନର ଯୋଗ୍ୟତା ଆଧାରରେ, ୮୧ ଜଣ ଝିଅ ଏବଂ ୪୫ ଜଣ ପୁଅଙ୍କୁ ନିଟ୍ -୨୦୨୫ ପ୍ରସ୍ତୁତି ପାଇଁ ଚୟନ କରାଯାଇଥିଲା। ଆଲେନ୍ କୋଟାର ବାରନ୍ ରୋଡ୍ ନୟା ନୋହରା ସ୍ଥିତ ସୁପଥ କ୍ୟାମ୍ପସରେ ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟ୍ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ମାଗଣା ପ୍ରଶିକ୍ଷଣ ଦିଆଯାଇଥିଲା। ଏହା ସହିତ, ଏଲ୍‌ଏନ୍ ମାହେଶ୍ୱରୀ ପରମାର୍ଥ ଟ୍ରଷ୍ଟ ଦ୍ୱାରା ନିକଟସ୍ଥ ହଷ୍ଟେଲରେ ମାଗଣା ରହିବା ଏବଂ ଖାଇବାର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ପରୀକ୍ଷା ଦେଇଥିବା ୧୦୫ ଜଣ ଛାତ୍ରଙ୍କ ମଧ୍ୟରୁ ୧୦୩ ଜଣ ଛାତ୍ର ଘରରଞ୍ଜ ପରାମର୍ଶ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଡକ୍ଟର ମାହେଶ୍ୱରୀ କହିଛନ୍ତି ଯେ କୋଟାର ଏହି ସାମାଜିକ ଚିନ୍ତା ସରକାରୀ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ପ୍ରେରଣା। ଏବେ ନିଟ୍-୨୦୨୬ ପାଇଁ ପ୍ରବେଶ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ଏଥିପାଇଁ ପରୀକ୍ଷା ଜୁଲାଇ ୨୦ ରେ ଅନୁଷ୍ଠିତ ହେବ। ପରୀକ୍ଷା ପାଇଁ ଆବେଦନ କରିବାର ଶେଷ ତାରିଖ ଜୁଲାଇ ୧୦ ରଖାଯାଇଛି।

## ନିବେଶକଙ୍କ ପାଇଁ ଆକର୍ଷଣ ପାଲଟିଛି ମନି ମାର୍କେଟ୍ ଫଣ୍ଡ୍: ଟାଟା ଏଏମ୍‌ସି



ନୂଆଦିଲ୍ଲୀ: ସୁଧ ହାରହ୍ରାସ ପାଉଥିବାବେଳେ ରିଟର୍ଣ୍ଣ, ସୁରକ୍ଷା ଓ ନଗଦରେ ସନ୍ତୁଳନ ଚାହୁଥିବା ନିବେଶକମାନଙ୍କ ପସନ୍ଦ ପାଲଟିଛି ମନି ମାର୍କେଟ୍ ଫଣ୍ଡ୍। ଏହି ଫଣ୍ଡ୍ ଗୁଡ଼ିକ ଅଳ୍ପ ଅବଧିର ହୋଇଥିବାବେଳେ ଏଥିରେ ଉଚ୍ଚ ଗୁଣାତ୍ମକମାନର ନିବେଶ ରହିଥାଏ। ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଚଳିତ ମାସରେରେ ପୋହାରରେ ୦.୫୦ ପ୍ରତିଶତ ହ୍ରାସ ଘୋଷଣା କରି ତାହାକୁ ୫.୫ ପ୍ରତିଶତକୁ ହ୍ରାସ କରାଯାଇଥିଲା। ଏଥିସହିତ ଏହା ନଗଦ ଜମା ଅନୁପାତରେ ୧ ପ୍ରତିଶତ ହ୍ରାସ କରି ଋଣ ଅଭିବୃଦ୍ଧିକୁ ବଢ଼ାଇବା ଲାଗି ଆବଶ୍ୟକ ନଗଦ ପ୍ରଦାନର ବ୍ୟବସ୍ଥା କରିଥିଲା। ଜମାସୁଧ ହାର କମ୍ ହେଉଥିବାବେଳେ ପାରମ୍ପରିକ ଫିକ୍ସଡ୍ ଡିପୋଜିଟ୍ ତୁଳନାରେ ବଳକା ନଗଦ ରାଶିକୁ ସ୍ୱଳ୍ପ ସମୟ ପାଇଁ ନିବେଶ କରିବାରେ ମନିମାର୍କେଟ୍ ଫଣ୍ଡ୍ ଉପଯୁକ୍ତ ପସନ୍ଦ ପାଲଟିଛି। ଟାଟା ଆସେଟ୍‌ମ୍ୟାନେଜମେଂଟ୍‌ର ଉପ ମୁଖ୍ୟ-ଫିକ୍ସଡ୍ ଇନ୍‌କମ୍ ଅମିତ ସୋମାନି କହିଛନ୍ତି ଯେ, 'ବର୍ତ୍ତମାନ ମୁଦ୍ରା ନୀତି କୋହଳ ହେଉଥିବାବେଳେ ନିବେଶକମାନଙ୍କ ଲାଗି ମନି ମାର୍କେଟ୍ ଫଣ୍ଡ ବୁଦ୍ଧିମାନର ଆବଂଟନ ବିକଳ୍ପ ପ୍ରଦାନ କରୁଛି। ରେପୋ ହାର ଏବେ ୫.୫ ପ୍ରତିଶତ ରହିଥିବାରୁ ନିବେଶକମାନେ ନଗଦ ବଜାୟ ରଖି ଏବଂ ଅସ୍ଥିରତାକୁ ସୀମିତ କରି ମନି ମାର୍କେଟ୍ ଫଣ୍ଡରେ ରେପୋ ତୁଳନାରେ ୦.୫୦-୦.୭୦ ପ୍ରତିଶତ ପର୍ଯ୍ୟନ୍ତ ଅଧିକ ଆୟ କରିବାର ସମ୍ଭାବନା ରହିଛି।

# ଆର୍‌ଏସ୍‌ପି ପକ୍ଷରୁ ଉତ୍କର୍ଷତା ହାସଲ ପାଇଁ ଡିଜିଟାଲ୍ ଏବଂ ପ୍ରକ୍ରିୟାର ଉନ୍ନତିକରଣ



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା କାର୍ଯ୍ୟକ୍ଷମ ଉତ୍କର୍ଷତା ହାସଲ ପାଇଁ ନିରନ୍ତର ରୂପେ ଏହାର ପ୍ରୟାସରେ ନବସୃଜନ ଏବଂ ଡିଜିଟାଲ୍ ରୂପାନ୍ତରଣକୁ ଗ୍ରହଣ କରୁଛି। କମ୍ପ୍ୟୁଟର ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା (ସି ଆଣ୍ଡ ଆଇଟି) ବିଭାଗ ଦକ୍ଷତା ଏବଂ ଉତ୍ତରଦାୟିତ୍ୱ ପ୍ରତି ଏହାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରି ସ୍ୱଚ୍ଛତା ବୃଦ୍ଧି କରିବା, ସମ୍ବଳକୁ ଉନ୍ନତ କରିବା ଏବଂ ମାନୁଆଲ୍ ପ୍ରକ୍ରିୟାଗୁଡ଼ିକୁ ସ୍ୱୟଂଚାଳିତ କରିବା ପାଇଁ କାରଖାନାରେ ଅନେକ ପ୍ରମୁଖ ବ୍ୟବସ୍ଥା କାର୍ଯ୍ୟକାରୀ କରିଛି। ଏସବିଆଇ ସିଏମପି (କ୍ୟାସ ମେନେଜମେଣ୍ଟ ପ୍ରୋଟୋକଲ) ଗେଟୱେ ଭାବରେ କାର୍ଯ୍ୟ କରିବା ପାଇଁ ଇଆରପି ପ୍ରାଥମିକ ଡାଟା ସେଣ୍ଟରରେ ଏକ ପିସି-ଆଧାରିତ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ବିଭାଗର ପ୍ରମୁଖ ପଦକ୍ଷେପଗୁଡ଼ିକ ମଧ୍ୟରୁ ଗୋଟିଏ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏବଂ ଅର୍ଥ ବିଭାଗ ସହିତ ମିଳିତ ଭାବରେ ବିକଶିତ, ଏହି ବ୍ୟବସ୍ଥା ଏସଏପି ପ୍ଲାଟଫର୍ମ ମାଧ୍ୟମରେ ଦେୟ ପ୍ରକ୍ରିୟାର ସ୍ୱୟଂଚାଳିତକରଣକୁ ସକ୍ଷମ କରିଛି। କ୍ୟୁଆର କୋଡ୍-ଆଧାରିତ ସାମଗ୍ରୀ ଟ୍ୟାଗିଂ ସିଷ୍ଟମର ପ୍ରଚଳନ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରହିଥିଲା। ଏହି ନୂତନ ସିଷ୍ଟମ ଲେବଲ୍ କିମ୍ବା ଲେଜର ପ୍ରିଣ୍ଟର ବ୍ୟବହାର କରି ଏସଏପି ମାଧ୍ୟମରେ ସାମଗ୍ରୀ ଟ୍ୟାଗ୍ ସୃଷ୍ଟି କରେ ଏବଂ ସେଗୁଡ଼ିକୁ ସିଧାସଳଖ ଷ୍ଟୋରଗୁଡ଼ିକରେ ସାମଗ୍ରୀ ଉପରେ ଲଗାଯାଏ। ଏହି ଟ୍ୟାଗ୍ଗୁଡ଼ିକ ଏସଏପି ସିଷ୍ଟମରୁ ପ୍ରାପ୍ତ ସମସ୍ତ ଆବଶ୍ୟକୀୟ ସୂଚନା ବହନ କରେ ଏବଂ ତୁରନ୍ତ ପ୍ରବେଶ ପାଇଁ ସହଜରେ ସ୍କାନ କରାଯାଇପାରିବ। ଏହା ମାନୁଆଲ୍ ରେକର୍ଡ ରଖିବାର ଆବଶ୍ୟକତାକୁ ଯଥେଷ୍ଟ ହ୍ରାସ କରିଛି, ପ୍ରତିଦିନ ପ୍ରାୟ ୩୦ ଘଣ୍ଟା ଶ୍ରମ-ଘଣ୍ଟା ସଞ୍ଚୟ କରିଛି, ଏବଂ ବାର୍ଷିକ ୨୫ ରୁ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ସଞ୍ଚୟ କରିବାର ଆକଳନ ମଧ୍ୟ କରାଯାଇଛି। ଏହି ସିଷ୍ଟମ ସାମଗ୍ରୀ ଚିହ୍ନଟରେ ଅଧିକ ସ୍ୱଚ୍ଛତା ଆଣିବା ସହିତ ଏହାକୁ ଆରଏସପିର ସମସ୍ତ ଷ୍ଟୋରଗୁଡ଼ିକରେ ଭବିଷ୍ୟତରେ କାର୍ଯ୍ୟକାରୀ କରାଯାଇପାରିବ।

## ଆସସ୍ ଇଣ୍ଡିଆ ପକ୍ଷରୁ ଟିୟୁଏଫ୍ ଗେମିଂ ଏଫ୍୧୬ ଓ ରଗ୍ ଷ୍ଟ୍ରିକ୍ସ ଜି୧୬ର ଶୁଭାରମ୍ଭ

ନୂଆଦିଲ୍ଲୀ: ରିପବ୍ଲିକ ଅଫ ଗେମର୍ସ (ରଗ୍)ର ନିର୍ମାତା ଓ ଭାରତର ଏକ ନମ୍ବର ଗେମିଂ ବ୍ରାଣ୍ଡ, ଆସସ ଇଣ୍ଡିଆ ଏନଭିଡିଆ ଜିଫୋର୍ସ ଆରଟିଏକ୍ସଟିଏମ ୫୦୫୦ ଗ୍ରାଫିକ୍ସ ଦ୍ୱାରା ପରିଚାଳିତ ନୂଆ ଟିୟୁଭି ଗେମିଂ ଏଫ୧୬ ଓ ରଗ୍ ଷ୍ଟ୍ରିକ୍ସ ଜି୧୬ର ଶୁଭାରମ୍ଭ ସହିତ ଏହାର ଗେମିଂ ଶୃଙ୍ଖଳାକୁ ବିସ୍ତାର କରିଛି। ଏହା ବ୍ୟତୀତ ଆସସ ରଗ୍ ଏହାର ବିଦ୍ୟମାନ ୨୦୨୪ ରଗ୍ ଷ୍ଟ୍ରିକ୍ସ ଜି୧୬ (ଜି୬୧୪) ଶୃଙ୍ଖଳାକୁ ନୂଆ ଆରଟିଏକ୍ସଟିଏମ ୫୦୫୦ ଜିପିୟୁ ସହ ସୁସଜ୍ଜିତ କରି ଅପ୍‌ଗ୍ରେଡ କରିଛି। ରଗ୍ ଷ୍ଟ୍ରିକ୍ସ ଜି୧୬ (ଜି୬୧୫ଜେଏଚ୍‌ଆର-ଏସ୫୦୦୫ଡବ୍ଲ୍ୟୁଏସ୍)ର ମୂଲ୍ୟ ୧,୫୯,୯୯୦ ଟଙ୍କା, ରଗ୍ ଷ୍ଟ୍ରିକ୍ସ ଜି୧୬ (ଜି୬୧୪ପିଏଚ-ଆରଭି୦୩୩ଡବ୍ଲ୍ୟୁଏସ୍)ର ମୂଲ୍ୟ ୧୪୪,୯୯୦ ଟଙ୍କା ଏବଂ ଟିୟୁଏଫ ଏଫ୧୬ (ଏଫଏକ୍ସ୬୦୮ଜେଏଚ-ଆରଭି୦୫୭ଡବ୍ଲ୍ୟୁଏସ୍)ର ମୂଲ୍ୟ ୧୨୪,୯୯୦ ଟଙ୍କା ରହିଛି। ଏହି ନୂଆ ରେଞ୍ଜ ଗେମିଂ ଶୃଙ୍ଖଳା ସମ୍ପର୍କରେ ଆସସ ଇଣ୍ଡିଆର କ୍ୟୁମର ଆଣ୍ଡ ଗେମିଂ ପିସି ବିଭାଗର ଉପାଧ୍ୟକ୍ଷ ଆର୍ଣ୍ଣୋଲ୍ଡ ସୁ କହିଛନ୍ତି, 'ଆସସରେ ଆମେ ପ୍ରତିଯୋଗୀପୂର୍ଣ୍ଣ ଗେମରଙ୍କଠାରୁ ଆରମ୍ଭ କରି ସାଧାରଣ କ୍ରିଏଟରଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ଧରଣର ଉପଭୋକ୍ତାଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆମର ଗେମିଂ ଶୃଙ୍ଖଳାକୁ ସମ୍ପ୍ରସାରିତ ଓ ବିକଶିତ କରିବା ପାଇଁ ନିରନ୍ତର ଭାବେ କାର୍ଯ୍ୟ କରୁଛୁ।



ମୁମ୍ବାଇ: ରୋହିତ ଶର୍ମା ଓ ଶିଖର ଧାୱନଙ୍କ ବନ୍ଧୁତା ବିଷୟରେ ଊଣା ଅଧିକେ ସମସ୍ତେ ଜାଣନ୍ତି । ଉଭୟ ଭାରତ ପକ୍ଷରୁ ଖେଳି ଅନେକ ରେକର୍ଡ ସୃଷ୍ଟି କରିଛନ୍ତି । ହରଭଜନ ସିଂଙ୍କ ୟୁ ଟ୍ୟୁବ ଚ୍ୟାନେଲରେ ଶିଖରଙ୍କୁ ନେଇ ରୋହିତ ଏବଂ ଭଜି ଏକ ମଜାଦାର ଖୁଲାସା କରିଛନ୍ତି । ରୋହିତ ଏବଂ ତାଙ୍କ ପତ୍ନୀ ରିତିକା ଏହି ଶୋରେ କହିଥିଲେ, ବିନା ନିମନ୍ତ୍ରଣରେ ଶିଖର ଆମ ବାହାଘରକୁ ଆସିଥିଲେ । ଖାଇଲେ, ପିଇଲେ ଓ ମଉଜ ମସ୍ତି କରି ପରିବେଶକୁ ମଜାଦାର କରିଦେଲେ । ଗଲା ବେଳକୁ ସେ ରୋହିତଙ୍କୁ କିଛି ଗିଫ୍ଟ ଦେଇ ନ ଥିଲେ । ସେହିପରି ଭଜିଙ୍କ ବାହାଘରରେ ମଧ୍ୟ ମଜା କରିବା ପରେ ଗଲାବେଳକୁ ତାଙ୍କ ପକେଟରେ ଲଫାପା ରଖିଥିଲେ । ପରେ ଭଜି ଏହାକୁ ଖୋଲିବା ପରେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ଏଥିରେ ଟଙ୍କାଟିଏ ବି ନ ଥିଲା । ସମ୍ପୂର୍ଣ୍ଣ ଖାଲି ଲଫାପା ଦେଇ ସେ ଠକି ଦେଇଥିଲେ । ଉଭୟ ରୋହିତ ଏବଂ ଭଜି କିନ୍ତୁ କହିଥିଲେ ଶିଖର ଆମର ପ୍ରିୟ ବନ୍ଧୁ । ତାଙ୍କ ସ୍ଥାନ କେହି ନେଇପାରିବେ ନାହିଁ । ବନ୍ଧୁଙ୍କ ଖରାପ ପରିସ୍ଥିତିରେ ସେ ଠିଆ ହୋଇଥାନ୍ତି । ଏବେ ଶିଖର କ୍ରିକେଟରୁ ଅବସର ନେଇସାରିଛନ୍ତି । ପତ୍ନୀଙ୍କ ସହ ଛାଡପତ୍ର ହେବା ପରେ ଏବେ ସେ ଆୟର୍ଲାଣ୍ଡର ସୋଫି ସାଇନଙ୍କ ସହ ରିଲେଶନରେ ଅଛନ୍ତି । ଅପରପକ୍ଷରେ ରୋହିତ ଟେଷ୍ଟ ଏବଂ ଟି୨୦ରୁ ଅବସର ଘୋଷଣା କରି ସାରିଛନ୍ତି ।

## ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍

# ଇଂଲଣ୍ଡ ୫ୱିକେଟ୍‌ରେ ବିଜୟୀ

ଲିଡ୍ସ: ହେଡିଙ୍ଗଲେ ଟେଷ୍ଟରେ ଇଂଲଣ୍ଡ ଭାରତକୁ ୫ ୱିକେଟରେ ହରାଇ ଦେଇଛି । ଏହା ସହିତ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ୧-୦ରେ ଆଗୁଆ ହୋଇଯାଇଛି ଇଂଲଣ୍ଡ । ନିରାଶ କଲେ ବୋଲର । ୩୭୧ ରନକୁ ବି ବଞ୍ଚାଇ ପାରିଲାନି ଭାରତ । ଲିଡ୍ସର ହେଡିଂଲିରେ ଖେଳାଯାଇଥିବା ଏହି ଟେଷ୍ଟ ମ୍ୟାଚରେ ଇଂଲଣ୍ଡ ଦଳ ଇତିହାସ ସୃଷ୍ଟି କରିଛି । ୭୭ ବର୍ଷ ପରେ କୌଣସି ଦଳ ହେଡିଂଲି ଗ୍ରାଉଣ୍ଡରେ ଏତେ ବଡ଼ ରନ ପିଛା କରିଛି । ପୂର୍ବରୁ ୧୯୪୮ ମସିହାରେ ଏହି ଗ୍ରାଉଣ୍ଡରେ ୪୦୪ ରନର ଟାର୍ଗେଟ ପିଛା କରାଯାଇଥିଲା । ତା'ପରେ ଅଷ୍ଟ୍ରେଲିଆ ଇଂଲଣ୍ଡକୁ ପରାସ୍ତ କରିଥିଲା । ସେବେଠାରୁ ଏହି ଗ୍ରାଉଣ୍ଡରେ ଏତେ ବଡ଼ ଟାର୍ଗେଟ କେବେ ପିଛା କରାଯାଇ ନଥିଲା । ଏବେ ଇଂଲଣ୍ଡ ହେଡିଂଲିରେ ଦ୍ୱିତୀୟ ସର୍ବାଧିକ ରନ ପିଛା କରିଥିବା ଦଳ ପାଲଟିଛି । ଇଂଲଣ୍ଡ ପାଖରେ ୩୭୧ ରନ୍‌ର ଟାର୍ଗେଟ ସହଜରେ ହାସଲ କରିଥିଲେ । ଇଂଲଣ୍ଡ ପାଇଁ ବେନ୍ ଡକେଟ ୧୪୯, ଜ୍ୟାକ୍ କ୍ରାଉଲି ୬୫ ଏବଂ ଜୋ ରୁଟ୍ ଅପରାଜିତ



୫୩ ରନ୍ କରିଥିଲେ । ୱିକେଟ୍‌କିପର ବ୍ୟାଟ୍ସମ୍ୟାନ୍ ଜେମି ସ୍ମିଥ୍ ୪୪ ରନ୍‌ରେ ଅପରାଜିତ ରହିଥିଲେ । ଶେଷ ଦିନରେ ଇଂଲଣ୍ଡକୁ ଜିତିବା ପାଇଁ ଦରକାର ଥିଲା ୩୫୦ ରନ । ହେଲେ ଶେଷ ଦିନରେ ବେନ ଡକେଟ୍ ଦ୍ରୁତ ବ୍ୟାଟିଂ କରି ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ । ଜ୍ୟାକ କ୍ରାଉଲି ଓ ବେନ ଡକେଟ୍ ପ୍ରଥମ ୱିକେଟ୍‌ରେ ୧୮୮ ରନ ଯୋଡ଼ି ଦଳ ପାଇଁ ବିଜୟର ମୂଳଦୁଆ ପକାଇଥିଲେ । ଜ୍ୟାକ କ୍ରାଉଲି ୬୫ ରନ କରି ଆଉଟ୍ ହୋଇଥିଲେ । ଓଲି ପପ ୮ ରନ କରି ପାଭିଲିୟନ ଫେରିଥିଲେ । ଡକେଟ୍ ୧୭୦ ବଲରୁ ୨୧ ଚୌକା ଓ ୧ ଛକା ସହ ୧୪୯ ରନ କରି ଦଳର ବିଜୟ ନିଶ୍ଚିତ କରିଥିଲେ । ୫୫ମ ଓଭରରେ ଶାର୍ଦ୍ଦୁଳ ଠାକୁର ୨ଟି ୱିକେଟ୍ ନେଇ ଭାରତ ପାଇଁ ଆଶା ସଞ୍ଚାର କରିଥିଲେ ହେଁ ଜୋ ରୁଟ୍ ୫୩ ରନର ଅପରାଜିତ ଇନିଂସ ଖେଳିଥିଲେ । ତାଙ୍କ ବ୍ୟତୀତ ବେନ ଷ୍ଟୋକ୍ସ ୩୩ ରନ ଓ ଜେମି ସ୍ମିଥ ୪୪ ରନର ଦ୍ରୁତ ଇନିଂସ ଖେଳି ଦଳକୁ ସହଜ ବିଜୟ ଦେଇଛନ୍ତି । ଏହି ଟେଷ୍ଟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଭାରତୀୟ ଦଳ ୪୭୧ ରନ୍ କରିଥିଲା । ଭାରତ ପାଇଁ ପ୍ରଥମ ଇନିଂସରେ ଯଶସ୍ୱୀ ଜୟସ୍ୱାଲ ୧୦୧, ଶୁଭମନ ଗିଲ୍ ୧୪୭ ଏବଂ ରିଷଭ ପନ୍ତ ୧୩୪ ରନ୍ କରିଥିଲେ । ଏହା ପରେ ଇଂଲଣ୍ଡ ପ୍ରଥମ ଇନିଂସରେ ୪୬୫ ରନ୍ କରିଥିଲା । ଇଂଲଣ୍ଡ ପାଇଁ ଓଲି ପୋପ୍ ୧୦୬ ଏବଂ ହ୍ୟାରି ବ୍ରୁକ୍ ୯୯ ରନ୍ କରିଥିଲେ । ଏହା ପରେ ଦ୍ୱିତୀୟ ଇନିଂସରେ ଟିମ୍ ଇଣ୍ଡିଆ ୩୬୪ ରନ କରି ଇଂଲଣ୍ଡକୁ ୩୭୧ ରନ୍‌ର ଟାର୍ଗେଟ ଦେଇଥିଲା । ଭାରତ ପାଇଁ କେଏଲ୍ ରାହୁଲ ୧୩୭ ଏବଂ ରିଷଭ ପନ୍ତ ୧୧୮ ରନ୍ କରିଥିଲେ । ଉଭୟ ଇନିଂସ୍‌ରେ ପନ୍ତ ଶତକ କରିଥିଲେ ।

# ଦିଲ୍ଲୀପ ଦୋଶୀଙ୍କ ପରଲୋକ



ନୂଆଦିଲ୍ଲୀ : ଭାରତୀୟ ଦଳର ପୂର୍ବତନ ବାମହାତୀ ସ୍ପିନର ଦିଲ୍ଲୀପ ଦୋଶୀଙ୍କର ପରଲୋକ ଲଣ୍ଡନରେ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା । ସେ ଦୀର୍ଘ ବର୍ଷ ହେଲା ଲଣ୍ଡନରେ ରହୁଥିଲେ, ସେଠାରେ ସେ ସୋମବାର ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ହୃଦ୍‌ଘାତରେ ଦୋଶୀଙ୍କର ପରଲୋକ ଘଟିଥିବା ଜାତୀୟ ଗଣମାଧ୍ୟମ ରିପୋର୍ଟରୁ ଜଣା ପଡ଼ିଛି । ସେ ୩୨ ବର୍ଷ ବୟସରେ ଟେଷ୍ଟ କ୍ରିକେଟରେ ଡେବ୍ୟୁ କରିଥିଲେ ଏବଂ ମାତ୍ର ଚାରି ବର୍ଷର କ୍ୟାରିଅରରେ ଦିଲୀପ ଦୋଶୀ ୧୦୦ରୁ ଅଧିକ ୱିକେଟ୍ ନେଇଥିଲେ । ସେ ହଠାତ୍ କ୍ରିକେଟରୁ ଅବସର ନେଇଥିଲେ । ଦିଲୀପ ଦୋଶୀ ତାଙ୍କ କ୍ରିକେଟ କ୍ୟାରିଅର ଉପରେ ଏକ ଆତ୍ମଜୀବନୀ ମଧ୍ୟ ଲେଖିଛନ୍ତି, ଯାହାର ନାମ 'ସ୍ପିନ୍ ପଞ୍ଚ ।' ୧୯୭୯ରେ ଚେନ୍ନାଇରେ ଅଷ୍ଟ୍ରେଲିଆ ବିପକ୍ଷରେ ଦିଲ୍ଲୀପ ଟେଷ୍ଟ ପଦାର୍ପଣ କରିଥିଲେ । କ୍ୟାରିୟରରେ ସେ ୩୩ଟି ମ୍ୟାଚ୍ ଖେଳି ୧୧୪ଟି ୱିକେଟ୍ ନେଇଥିଲେ । ସେମିତି ୧୫ଟି ଦିନିକିଆ ଖେଳି ୨୨ଟି ୱିକେଟ୍ ଅକ୍ତିଆର କରିଥିଲେ । ଶେଷ ଟେଷ୍ଟ ସେ ୧୯୮୩ରେ ପାକିସ୍ତାନ ବିପକ୍ଷରେ ଖେଳିଥିଲେ । ବେଙ୍ଗଲ ଓ ସୌରାଷ୍ଟ୍ର ପକ୍ଷରୁ ଦିଲ୍ଲୀପ ଘରୋଇ କ୍ରିକେଟ୍ ଖେଳିଥିଲେ । ଏହା ବ୍ୟତୀତ ଦିଲୀପ ଦୋଶୀ ଫାଷ୍ଟ କ୍ଲାସ୍ କ୍ରିକେଟ ମଧ୍ୟ ଖେଳିଛନ୍ତି । ସେ ସୌରାଷ୍ଟ୍ର, ବେଙ୍ଗଲ, ବର୍କଶାୟାର ଏବଂ ନଟିଂହାମଶାୟାର ପାଇଁ ଫାଷ୍ଟ କ୍ଲାସ କ୍ରିକେଟ ମଧ୍ୟ ଖେଳିଛନ୍ତି । ଦୀର୍ଘବର୍ଷ ଧରି ସେ କାଉଣ୍ଟି କ୍ରିକେଟ୍ ଖେଳିବା ସହ ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ୨୩୮ଟି ମ୍ୟାଚ୍ ଖେଳି ୮୯୮ଟି ୱିକେଟ୍ ପାଇଥିଲେ । ଦିଲୀପ ଦୋଶୀଙ୍କ ପରିବାରରେ ତାଙ୍କ ପତ୍ନୀ କାଳିନ୍ଦୀ, ପୁଅ ନୟନ ଏବଂ ଝିଅ ବିଶାଖା ଅଛନ୍ତି । ଦିଲୀପ ଦୋଶୀଙ୍କ ପୁଅ ନୟନ ମଧ୍ୟ ସୌରାଷ୍ଟ୍ର ଏବଂ ସୁରେ ପାଇଁ ଫାଷ୍ଟ କ୍ଲାସ କ୍ରିକେଟ୍ ଖେଳିଛନ୍ତି । ଦିଲୀପ ଦୋଶୀ ତାଙ୍କ ପରିବାର ସହିତ ଏକ ଦଶନ୍ଧିରୁ ଅଧିକ ସମୟ ଧରି ଲଣ୍ଡନରେ ରହୁଥିଲେ । ବିସିସିଆଇ ସମେତ ଅନେକ କ୍ରୀଡ଼ା ବ୍ୟକ୍ତିତ୍ୱ ଦିଲୀପ ଦୋଷୀଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛନ୍ତି । ଦିଲୀପଙ୍କ ମୃତ୍ୟୁ ପରେ ଷ୍ଟାର ଖେଳାଳି ସଚିନ ତେନ୍ଦୁଲକର ଦୋଷୀଙ୍କୁ ମନେ ପକାଇ ତାଙ୍କ ସହ ସାକ୍ଷାତ ବିଷୟରେ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି ।

# ଟିମ୍ ଇଣ୍ଡିଆ ବିରୋଧରେ ବର୍ଷିଲେ ରାହୁଲ

ଲିଡ୍ସ: କେଏଲ ରାହୁଲ ଲିଡ୍ସରେ ଜବରଦସ୍ତ ଶତକ ହାସଲ କରିଛନ୍ତି । ଯାହାଫଳରେ ଇଂଲଣ୍ଡକୁ ଏକ ବଡ଼ ସ୍କୋରର ଲକ୍ଷ୍ୟ ଧାର୍ଯ୍ୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଲିଡ୍ସ ଟେଷ୍ଟରେ ଚତୁର୍ଥ ଦିନର ଖେଳ ପରେ, କେଏଲ ରାହୁଲ ଏକ ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି । କେଏଲ ରାହୁଲ ସାମ୍ବାଦିକ ସମ୍ମିଳନୀ କରିଥିଲେ, ଯେଉଁଥିରେ ସେ ଏକ ପ୍ରଶ୍ନର ଉତ୍ତରରେ କିଛି କହିଥିଲେ ଯାହା ମନେ ହେଉଥିଲା ଯେ ଟାର୍ଗେଟ ଟିମ ଇଣ୍ଡିଆ ଥିଲା । ରାହୁଲ କହିଥିଲେ ଯେ, ଗତ କିଛି ବର୍ଷ ମଧ୍ୟରେ ସେ ତାଙ୍କ ସ୍ଥାନ ଭୁଲିଯାଇଛନ୍ତି । କେତେବେଳେ ତାଙ୍କୁ ଓପନିଂ କରିବାକୁ ପଠାଯାଉଥିଲା, କେତେବେଳେ ନମ୍ବର ୩, କେତେବେଳେ ନମ୍ବର ୫ ଏବଂ



କେତେବେଳେ ଅନ୍ୟ କୌଣସି କ୍ରମରେ । କିନ୍ତୁ ତାଙ୍କୁ ଯେକୌଣସି ଦାୟିତ୍ୱ ଦିଆଯାଇଥିଲା ତାହା ସେ ଠିକ୍ ଭାବେ ତୁଲାଇଥିଲେ । ଏହା ତାଙ୍କୁ ନିଜକୁ ଚ୍ୟାଲେଞ୍ଜ କରିବାର ସୁଯୋଗ ମଧ୍ୟ ଦେଇଥିଲା । ସେ ସେହି ସୁଯୋଗଗୁଡ଼ିକୁ ପୂର୍ଣ୍ଣ ଭାବରେ ଉପଭୋଗ କରିଥିଲେ । କେଏଲ ରାହୁଲ ଲିଡ୍ସ ଟେଷ୍ଟର ଦ୍ୱିତୀୟ ଇନିଂସରେ ୨୪୭ ବଲ ସାମ୍ନା କରି ୧୩୭ ରନ କରିଛନ୍ତି । ତାଙ୍କର ଶତକ ଏକ ବଡ଼ ଭୂମିକା ଗ୍ରହଣ କରିଥିଲା । ଯାହା ଯୋଗୁ ଟିମ ଇଣ୍ଡିଆ ଇଂଲଣ୍ଡକୁ ୩୭୧ ରନ ଟାର୍ଗେଟ ଦେଇପାରିଥିଲା । ସେ କହିଥିଲେ, ମୋ ପାଇଁ ବହୁତ କିଛି ପରିବର୍ତ୍ତନ ହୋଇନାହିଁ, କେବଳ ଏବେ ମୁଁ ରନ କରୁଛି । ପୂର୍ବରୁ ମୁଁ ଆରମ୍ଭରେ ବଡ଼ ସ୍କୋର କରିପାରି ନ ଥିଲି । କିନ୍ତୁ ଏବେ ଅନେକ ଜିନିଷ ବଦଳି ଯାଇଛି । ଯେତେବେଳେ ବି ମୁଁ ଦେଶ ପାଇଁ ଖେଳିବାର ସୁଯୋଗ ପାଏ, ମୁଁ ମୋର ସର୍ବଶ୍ରେଷ୍ଠ ଦେବାକୁ ଚାହେଁ । ସାମ୍ବାଦିକ ସମ୍ମିଳନୀ ସମୟରେ ଶେଷ ଦିନର ଖେଳ ବିଷୟରେ ରାହୁଲ କହିଥିଲେ,ଫଳାଫଳ ବାହାରିବ, ଏହା ଏକ ଆକର୍ଷଣୀୟ ଦିନ ହେବ, ଠିକ ଏକ ବ୍ଲକବଷ୍ଟର ଫିଲ୍ମ ପରି । ଉଇକେଟ ପ୍ରଥମ ଇନିଂସ ପରି ସହଜ ନୁହେଁ । ଆମେ ଯଥାସମ୍ଭବ ଚାପ ସୃଷ୍ଟି କରିବାକୁ ଚେଷ୍ଟା କରିବୁ ।


**कार्यपालक अभियंता का कार्यालय**
**पथ निर्माण विभाग, पथ प्रमंडल, पाकुड़।**
email :- eercdpakur-jhr@nic.in, Phone & Fax No. 06435-220592

**ई0–प्रोक्यूरमेन्ट सूचना**
**निविदा सूचना सं0– RCD /PAKUR/425/2025-26 (1st Call)**
**दिनांक : 19.06.2025**

| | | |
|---|---|---|
| 1. | कार्य का नाम | पथ प्रमंडल, पाकुड अन्तर्गत पाकुड़–बड़हरवा मेन रोड (12 Km of NH-133A) से पाली गगन पहाड़ी पश्चिम बंगाल बॉर्डर भाया कुश्माफाटक रोड (लंबाई–6.63 कि०मी०) का चौड़ीकरण एवं मजबूतीकरण का कार्य। (योजना मद) वित्तीय वर्ष 2025–26 |
| 2. | प्राक्कलित राशि (रू0) | रू0 24,82,78,604/–(रू0 चौबीस करोड़ बिरासी लाख अठहत्तर हजार छः सौ चार मात्र) |
| 3. | कार्य पूर्ण करने की अवधि | 07 (सात) माह |
| 4. | ई0–निविदा प्राप्त करने की अंतिम तिथि एवं समय | 26.07.2025 के पूर्वाह्न 12.00 बजे तक |
| 5. | ई0–निविदा का बेबसाईट पर प्रकाशन की तिथि एवं समय | 04.07.2025 के पूर्वाह्न 10.30 बजे से |
| 6. | ई0–निविदा आमंत्रित करने वाले कार्यालय का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, पाकुड़। |
| 7. | ई–प्रोक्यूरमेन्ट अधिकारी का सम्पर्क नं0 | 06435–220592 |
| 8. | ई–प्रोक्यूरमेन्ट सेल का सम्पर्क सहायता नम्बर | 0651–2401010 |

नोट–प्राक्कलित राशि घट–बढ़ सकती हे।
विशेष जानकारी http://jharkhandtenders.gov.in पर देखी जा सकती है।
कार्यपालक अभियंता,
पथ प्रमण्डल, पाकुड़।
PR.NO.355874 Road(25-26):D



**Government of Jharkhand**
**Department of Mines & Geology,Directorate of Geology**
**Engineers' Hostel No-2, 2nd floor, Dhurwa, Ranchi-834004**

| S. No. | Particulars | Information |
|---|---|---|
| 1. | Nameofwork | Empanelment of Survey Agencies for carrying out DGPS as well as Total Station Survey. |
| 2. | ContactPersonand Address for Communication | Director, Geology; Directorate of Geology, Department of Mines & Geology, Government of Jharkhand; Engineers' Hostel No-2, 2nd Floor, Dhurwa, Ranchi-834004; E-mail id: dir-geology@jharkhandmail.gov.in |
| 3. | Date of issue of Bid Document and NIT | 25.06.2025 |
| 4. | Cost of Tender Documents | The Bid document can be downloaded from *www.jharkhand.gov.in* upon payment of the cost (*non-refundable*) of BidDocument/TenderDocument of Rs. 10000.00 (Ten Thousand) only. |
| 5. | Period of issue of Bid Documents | From date: 25.06.2025 todate: 17.07.2025. |
| 6. | Validity of Proposal submitted | At least 180 (one hundred and eighty) days from the last date of submission of Bid. |
| 7. | Security Deposit | The successful bidder will have to deposit a sum of Rs. 1,50,000/- (One Lakh Fifty Thousand only)as Security Deposit in the form of Bank Guarantee (Annexure-I) for complete 03 (Three) years issued by any Nationalized/Nationalized Scheduled bank in favour of "*Directorate of Geology, Department of Mines and Geology, Govt. of Jharkhand*" payable at *Ranchi*. |
| 8. | Tender publication date | 25.06.2025 |
| 9. | Last date of submission of pre-Bid queries | 03.07.2025 till 03:00 PM at dir-geology@jharkhandmail.gov.in |
| 10. | Pre-Bid Meeting | 10.07.2025 at 4:00 PM through online & offline modes. |
| 11. | Last Date/Time for submission of Bids | 17.07.2025 up to 03:00 PM. |
| 12. | Mode of Bid submission | The bid must be submitted through the Speed post/Registered post in a sealed envelope clearly mentioning the EOI reference number and the subject matter on the sealed envelope. |
| 13. | Address of Bid submission | Directorate of Geology, Engineers' Hostel No-2, 2nd Floor, Dhurwa, Ranchi, Jharkhand, PIN-834004 |
| 14. | Bid opening date | 21.07.2025 at 01:00 PM. |
| 15. | Helpline No. | 0651-3519388 |

Sd/-
Director, Geology
Directorate of Geology,
Department of Mines & Geology,
Government of Jharkhand

PR 355830 Mines and Geology(25-26).D


# ଇତିହାସ ରଚିଲେ ପନ୍ତ

ଲିଡ୍ସ: ଭାରତର ଷ୍ଟାର ୱିକେଟକିପର ବ୍ୟାଟର ରିଷଭ ପନ୍ତ ଜବରଦସ୍ତ ଫର୍ମ ବଜାୟ ରଖି ସୋମବାର ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ଚତୁର୍ଥ ଦିନରେ ବିସ୍ଫୋରକ ଶତକ ହାସଲ କରିଛନ୍ତି । ଏଥିସହିତ ପନ୍ତ ଇତିହାସ ରଚିଛନ୍ତି । ସେ ପ୍ରଥମ ଭାରତୀୟ ଉଇକେଟକିପର-ବ୍ୟାଟର ଭାବେ ଟେଷ୍ଟ ମ୍ୟାଚ୍‌ର ଉଭୟ ଇନିଂସରେ ଶତକ ହାସଲ କରିଛନ୍ତି । ପ୍ରଥମ ଇନିଂସରେ ସେ ୧୩୪ ରନର ଦର୍ଶନୀୟ ଇନିଂସ ଖେଳିଥିଲେ । ଏତଦ୍ ବ୍ୟତୀତ ପନ୍ତ ଇଂଲଣ୍ଡରେ ଲଗାତର ୫ ଥର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଏଲିଟ ଭ୍ରମଣକାରୀ ବ୍ୟାଟରଙ୍କ ତାଲିକାରେ ସ୍ଥାନ ପାଇଛନ୍ତି । ଏହି ସମ୍ମାନଜନକ ତାଲିକାରେ ଡନ ବ୍ରାଡ୍‌ମ୍ୟାନ, ହାନ୍ସି କ୍ରୋନି, ଶିବନାରାୟଣ ଚନ୍ଦ୍ରପାଲ, କୁମାର ସାଙ୍ଗକାରା ଓ ଡାର୍ଲି ମିଚେଲଙ୍କ ଭଳି ଖେଳାଳି ରହିଛନ୍ତି । ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ ଲଗାତର ୭ଟି ଇନିଂସରେ ୫୦ରୁ ଊର୍ଦ୍ଧ୍ୱ ସ୍କୋର ସହ ଏହି ତାଲିକା ଶୀର୍ଷରେ ରହିଛନ୍ତି ।


**OFFICE OF THE EXECUTIVE ENGINEER**
**SOIL INVESTIGATION DIVISION, ADVANCE PLANNING,**
**ROAD CONSTRUCTION DEPARTMENT,RANCHI**
**NirupanBhawan,3rd Floor,Room No. 401,56-Set,Doranda,Ranchi-834002**
**e-Procurement (Very Short Tender Notice)**
**Letter of Invitation (LOI) No.-11/2025-26**
**1stCall**
**e-Tender Ref No:–RCD/SID/AP/RAN/11/2025-26 Date:- 21.06.2025**

| | | |
|---|---|---|
| 1 | Name Of Work | **Consultancy Services for Preparation of Detailed Project Report for widening & Strengthening/Reconstruction of Road from Jageshwar Vihar (Lalpaniya More to Jageshwar V ihar Road) To Kander via Tirla, Baridari, Haradgada Road including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per lat est guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Bokaro District in the State of Jharkhand. (Tetative Length 17.0 K.m.)** *Empanelled consultant with RCD under category -I vide letter No. 3063(S) WE Dated 22.08.2022 are allowed to Bid. |
| 2 | Tentative Length | 17.00 K.m |
| 3 | Period of Completion of Work | 60 Days |
| 4 | Cost of Tender documents | Rs 5,000/- (Five Thousand) only.Non refundable Fee.Tender fee will be recived through online mode only. The quotationers have to deposit a fixed amount of Rs 30,000 as Earnest Money. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit be receiv ed in online mode only through e -procurement (http://jharkhandtenders.gov.in) by internet banking/NEFT/RTGS facility as per Standard Operating sistim Procedure (SOP) issued by Information Technology & e - Governance Department, Government of Jharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(http://jharkhandtenders.gov.in) |
| 6 | Date/Time of Publication of Tender on Website | 25.06.2025,10:30 AM |
| 7 | Last Date/Time of Bid Submission | 05.07.2025 12:00PM |
| 8 | Last Date/Time of Submission of Tender Fee & EMD | 05.07.2025 12:00PM |
| 9 | Date and Time of Bid opening | 07.07.2025 12:30 PM |
| 10 | Bid validity | 120 days |
| 11 | Bid Submission Address | Chief Engineer(Communication),Road Construction Department,1st Floor, Engineer Hostel No.-2, Dhurwa, Ranchi-834004 |
| 12 | Designation and Contact no. of Tender inviting Officer | Executive Engineer, Soil Investigation Division,Advance Planning,RCD, Ranchi Mob-9905660677. |

Note:-Only e-Tender shall be accepted.
Sd./-
(Ravi Shankar Pravakar) Executive Engineer,
Soil Investigation Division, Advance Planning,
Road Construction Department,Ranchi
PR 355836 Road(25-26)D






**01. ଗୁଣ୍ଡିଚା ଯାତ୍ରା ଦିନ ପୁରୀ ପହଞ୍ଚୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ଗୁଣପୁର-ପୁରୀ | 26.06.25 | 1830 | 27.06.25 | 0215 |
| 08533 | ଦଶପଲ୍ଲା-ପୁରୀ | 27.06.25 | 0015 | 27.06.25 | 0415 |
| 08503 | ଖୋର୍ଦ୍ଧା ରୋଡ୍-ପୁରୀ | 27.06.25 | 0245 | 27.06.25 | 0450 |
| 08413 | ପାରାଦ୍ୱୀପ-ପୁରୀ | 27.06.25 | 0230 | 27.06.25 | 0815 |
| 08415 | ତାଳଚେର-ପୁରୀ | 27.06.25 | 0345 | 27.06.25 | 1030 |
| 08317 | ଖୋର୍ଦ୍ଧାରୋଡ୍-ପୁରୀ | 27.06.25 | 0930 | 27.06.25 | 1135 |
| 08307 | କଟକ-ପୁରୀ | 27.06.25 | 0700 | 27.06.25 | 1150 |
| 08521 | ଦଶପଲ୍ଲା-ପୁରୀ | 27.06.25 | 0945 | 27.06.25 | 1305 |
| 08437 | ବ୍ରହ୍ମପୁର-ପୁରୀ | 27.06.25 | 0615 | 27.06.25 | 1320 |
| 08425 | ଢେଙ୍କାନାଳ-ପୁରୀ | 27.06.25 | 0900 | 27.06.25 | 1345 |
| 08275 | କଟକ-ପୁରୀ | 27.06.25 | 1015 | 27.06.25 | 1415 |
| 08421 | କେନ୍ଦୁଝରଗଡ଼-ପୁରୀ | 27.06.25 | 0730 | 27.06.25 | 1430 |

**02. ଗୁଣ୍ଡିଚା ଯାତ୍ରା ଦିନ ପୁରୀରୁ ଛାଡୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08318 | ପୁରୀ-ଖୋର୍ଦ୍ଧା ରୋଡ୍ | 27.06.25 | 1635 | 27.06.25 | 1815 |
| 08276 | ପୁରୀ-କଟକ | 27.06.25 | 1650 | 27.06.25 | 2030 |
| 08306 | ପୁରୀ-କଟକ | 27.06.25 | 1845 | 28.06.25 | 0015 |
| 08414 | ପୁରୀ-ପାରାଦ୍ୱୀପ | 27.06.25 | 1925 | 28.06.25 | 0130 |
| 08438 | ପୁରୀ-ବ୍ରହ୍ମପୁର | 27.06.25 | 1940 | 28.06.25 | 0045 |
| 08522 | ପୁରୀ-ଦଶପଲ୍ଲା | 27.06.25 | 2005 | 28.06.25 | 0030 |
| 08416 | ପୁରୀ-ତାଳଚେର | 27.06.25 | 2100 | 28.06.25 | 0245 |
| 08422 | ପୁରୀ-କେନ୍ଦୁଝରଗଡ଼ | 27.06.25 | 2115 | 28.06.25 | 0700 |
| 08504 | ପୁରୀ-ଖୋର୍ଦ୍ଧା ରୋଡ୍ | 27.06.25 | 2130 | 27.06.25 | 2255 |
| 08424 | ପୁରୀ-ଢେଙ୍କାନାଳ | 27.06.25 | 2215 | 28.06.25 | 0140 |
| 08534 | ପୁରୀ-ଦଶପଲ୍ଲା | 28.06.25 | 0020 | 28.06.25 | 0415 |
| 08428 | ପୁରୀ-ଗୁଣପୁର | 28.06.25 | 0245 | 28.06.25 | 1230 |

**03. ବାହୁଡ଼ା ଯାତ୍ରା ଦିନ ପୁରୀ ପହଞ୍ଚୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ଗୁଣପୁର-ପୁରୀ | 04.07.25 | 1830 | 05.07.25 | 0215 |
| 08533 | ଦଶପଲ୍ଲା-ପୁରୀ | 05.07.25 | 0015 | 05.07.25 | 0415 |
| 08503 | ଖୋର୍ଦ୍ଧା ରୋଡ୍-ପୁରୀ | 05.07.25 | 0245 | 05.07.25 | 0450 |
| 08413 | ପାରାଦ୍ୱୀପ-ପୁରୀ | 05.07.25 | 0230 | 05.07.25 | 0815 |
| 08415 | ତାଳଚେର-ପୁରୀ | 05.07.25 | 0345 | 05.07.25 | 1030 |
| 08317 | ଖୋର୍ଦ୍ଧାରୋଡ୍-ପୁରୀ | 05.07.25 | 0930 | 05.07.25 | 1135 |
| 08307 | କଟକ-ପୁରୀ | 05.07.25 | 0700 | 05.07.25 | 1150 |
| 08521 | ଦଶପଲ୍ଲା-ପୁରୀ | 05.07.25 | 0945 | 05.07.25 | 1305 |
| 08437 | ବ୍ରହ୍ମପୁର-ପୁରୀ | 05.07.25 | 0615 | 05.07.25 | 1320 |
| 08425 | ଢେଙ୍କାନାଳ-ପୁରୀ | 05.07.25 | 0900 | 05.07.25 | 1345 |
| 08275 | କଟକ-ପୁରୀ | 05.07.25 | 1015 | 05.07.25 | 1415 |
| 08421 | କେନ୍ଦୁଝରଗଡ଼-ପୁରୀ | 05.07.25 | 0730 | 05.07.25 | 1430 |

**04. ବାହୁଡ଼ା ଯାତ୍ରା ଦିନ ପୁରୀରୁ ଛାଡୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08318 | ପୁରୀ-ଖୋର୍ଦ୍ଧା ରୋଡ୍ | 05.07.25 | 1635 | 05.07.25 | 1815 |
| 08276 | ପୁରୀ-କଟକ | 05.07.25 | 1650 | 05.07.25 | 2030 |
| 08306 | ପୁରୀ-କଟକ | 05.07.25 | 1845 | 06.07.25 | 0015 |
| 08414 | ପୁରୀ-ପାରାଦ୍ୱୀପ | 05.07.25 | 1925 | 06.07.25 | 0130 |
| 08438 | ପୁରୀ-ବ୍ରହ୍ମପୁର | 05.07.25 | 1940 | 06.07.25 | 0045 |
| 08522 | ପୁରୀ-ଦଶପଲ୍ଲା | 05.07.25 | 2005 | 06.07.25 | 0030 |
| 08416 | ପୁରୀ-ତାଳଚେର | 05.07.25 | 2100 | 06.07.25 | 0245 |
| 08422 | ପୁରୀ-କେନ୍ଦୁଝରଗଡ଼ | 05.07.25 | 2115 | 06.07.25 | 0700 |
| 08504 | ପୁରୀ-ଖୋର୍ଦ୍ଧା ରୋଡ୍ | 05.07.25 | 2130 | 05.07.25 | 2255 |
| 08424 | ପୁରୀ-ଢେଙ୍କାନାଳ | 05.07.25 | 2215 | 06.07.25 | 0140 |
| 08534 | ପୁରୀ-ଦଶପଲ୍ଲା | 06.07.25 | 0020 | 06.07.25 | 0415 |
| 08428 | ପୁରୀ-ଗୁଣପୁର | 06.07.25 | 0245 | 06.07.25 | 1230 |

**05. ସୁନା ବେଶ ଦିନ ପୁରୀ ପହଞ୍ଚୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ଗୁଣପୁର-ପୁରୀ | 05.07.25 | 1830 | 06.07.25 | 0215 |
| 08533 | ଦଶପଲ୍ଲା-ପୁରୀ | 06.07.25 | 0015 | 06.07.25 | 0415 |
| 08503 | ଖୋର୍ଦ୍ଧା ରୋଡ୍-ପୁରୀ | 06.07.25 | 0245 | 06.07.25 | 0450 |
| 08413 | ପାରାଦ୍ୱୀପ-ପୁରୀ | 06.07.25 | 0230 | 06.07.25 | 0815 |
| 08415 | ତାଳଚେର-ପୁରୀ | 06.07.25 | 0345 | 06.07.25 | 1030 |
| 08317 | ଖୋର୍ଦ୍ଧାରୋଡ୍-ପୁରୀ | 06.07.25 | 0930 | 06.07.25 | 1135 |
| 08307 | କଟକ-ପୁରୀ | 06.07.25 | 0700 | 06.07.25 | 1150 |
| 08521 | ଦଶପଲ୍ଲା-ପୁରୀ | 06.07.25 | 0945 | 06.07.25 | 1305 |
| 08437 | ବ୍ରହ୍ମପୁର-ପୁରୀ | 06.07.25 | 0615 | 06.07.25 | 1320 |
| 08425 | ଢେଙ୍କାନାଳ-ପୁରୀ | 06.07.25 | 0900 | 06.07.25 | 1345 |
| 08275 | କଟକ-ପୁରୀ | 06.07.25 | 1015 | 06.07.25 | 1415 |
| 08421 | କେନ୍ଦୁଝରଗଡ଼-ପୁରୀ | 06.07.25 | 0730 | 06.07.25 | 1430 |

**06. ସୁନା ବେଶ ଦିନ ପୁରୀରୁ ଛାଡୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08318 | ପୁରୀ-ଖୋର୍ଦ୍ଧା ରୋଡ୍ | 06.07.25 | 1635 | 06.07.25 | 1815 |
| 08276 | ପୁରୀ-କଟକ | 06.07.25 | 1650 | 06.07.25 | 2030 |
| 08306 | ପୁରୀ-କଟକ | 06.07.25 | 1845 | 07.07.25 | 0015 |
| 08414 | ପୁରୀ-ପାରାଦ୍ୱୀପ | 06.07.25 | 1925 | 07.07.25 | 0130 |
| 08438 | ପୁରୀ-ବ୍ରହ୍ମପୁର | 06.07.25 | 1940 | 07.07.25 | 0045 |
| 08522 | ପୁରୀ-ଦଶପଲ୍ଲା | 06.07.25 | 2005 | 07.07.25 | 0030 |
| 08416 | ପୁରୀ-ତାଳଚେର | 06.07.25 | 2100 | 07.07.25 | 0245 |
| 08422 | ପୁରୀ-କେନ୍ଦୁଝରଗଡ଼ | 06.07.25 | 2115 | 07.07.25 | 0700 |
| 08504 | ପୁରୀ-ଖୋର୍ଦ୍ଧା ରୋଡ୍ | 06.07.25 | 2130 | 06.07.25 | 2255 |
| 08424 | ପୁରୀ-ଢେଙ୍କାନାଳ | 06.07.25 | 2215 | 07.07.25 | 0140 |
| 08534 | ପୁରୀ-ଦଶପଲ୍ଲା | 07.07.25 | 0020 | 07.07.25 | 0415 |
| 08428 | ପୁରୀ-ଗୁଣପୁର | 07.07.25 | 0245 | 07.07.25 | 1230 |

**07. ରଥଯାତ୍ରା ପାଇଁ ପୁରୀ ପହଞ୍ଚୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ଦିନ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08407 | ଅନୁଗୁଳ-ପୁରୀ | 26.06.2025 ଠାରୁ 07.07.2025 ପର୍ଯ୍ୟନ୍ତ | 2100 | ପରବର୍ତ୍ତୀ ଦିନ | 0145 |
| 08411 | ପାରାଦ୍ୱୀପ-ପୁରୀ | 26.06.2025 ଠାରୁ 07.07.2025 ପର୍ଯ୍ୟନ୍ତ | 2100 | ପରବର୍ତ୍ତୀ ଦିନ | 0245 |
| 08403 | ଭଦ୍ରକ-ପୁରୀ | 26.06.2025 ଠାରୁ 07.07.2025 ପର୍ଯ୍ୟନ୍ତ | 2000 | ପରବର୍ତ୍ତୀ ଦିନ | 0310 |
| 08427 | କେନ୍ଦୁଝରଗଡ଼-ପୁରୀ | 26.06.2025 ଠାରୁ 07.07.2025 ପର୍ଯ୍ୟନ୍ତ | 2030 | ପରବର୍ତ୍ତୀ ଦିନ | 0345 |
| 08429 | ପଲାସା-ପୁରୀ | 26.06.2025 ଠାରୁ 07.07.2025 ପର୍ଯ୍ୟନ୍ତ | 2130 | ପରବର୍ତ୍ତୀ ଦିନ | 0630 |
| 08431 | ଦଶପଲ୍ଲା-ପୁରୀ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 0200 | ସେହି ଦିନ | 0605 |
| 08405 | ଭଦ୍ରକ-ପୁରୀ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 0210 | ସେହି ଦିନ | 0855 |
| 08409 | ଅନୁଗୁଳ-ପୁରୀ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 0345 | ସେହି ଦିନ | 0935 |
| 08263 | ଖୋର୍ଦ୍ଧାରୋଡ୍-ପୁରୀ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 0600 | ସେହି ଦିନ | 0740 |

**08. ରଥଯାତ୍ରା ପାଇଁ ପୁରୀରୁ ଛାଡୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ଦିନ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08432 | ପୁରୀ-ଦଶପଲ୍ଲା | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 0700 | ସେହି ଦିନ | 1045 |
| 08404 | ପୁରୀ-ଭଦ୍ରକ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1415 | ସେହି ଦିନ | 2200 |
| 08430 | ପୁରୀ-ପଲାସା | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1430 | ସେହି ଦିନ | 2115 |
| 08408 | ପୁରୀ-ଅନୁଗୁଳ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1505 | ସେହି ଦିନ | 2000 |
| 08412 | ପୁରୀ-ପାରାଦୀପ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1530 | ସେହି ଦିନ | 2145 |
| 08426 | ପୁରୀ-କେନ୍ଦୁଝରଗଡ଼ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1600 | ସେହି ଦିନ | 2345 |
| 08406 | ପୁରୀ-ଭଦ୍ରକ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1745 | ପରବର୍ତ୍ତୀ ଦିନ | 0030 |
| 08410 | ପୁରୀ-ଅନୁଗୁଳ | 28.06.2025 ଠାରୁ 09.07.2025 ପର୍ଯ୍ୟନ୍ତ | 0005 | ସେହି ଦିନ | 0510 |
| 08264 | ପୁରୀ-ଖୋର୍ଦ୍ଧାରୋଡ୍ | 28.06.2025 ଠାରୁ 09.07.2025 ପର୍ଯ୍ୟନ୍ତ | 0330 | ସେହି ଦିନ | 0500 |

**09. ରଥଯାତ୍ରା ପାଇଁ ପୁରୀ ପହଞ୍ଚୁଥିବା ଅନ୍ୟ ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ଦିନ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08385 | ରାଉରକେଲା-ପୁରୀ | 25.06.25 ଏବଂ 04.07.25 | 1020 | ସେହି ଦିନ | 2315 |
| 08037 | ସାନ୍ତ୍ରାଗାଛି-ପୁରୀ | 25.06.25 ଏବଂ 03.07.25 | 1640 | ପରବର୍ତ୍ତୀ ଦିନ | 0500 |
| 08379 | ବାଦାମପାହାଡ଼-ପୁରୀ | 25.06.25 ଏବଂ 04.07.25 | 0600 | ସେହି ଦିନ | 2115 |
| 08376 | ବୀରମିତ୍ରପୁର-ପୁରୀ | 25.06.25 ଏବଂ 04.07.25 | 1800 | ପରବର୍ତ୍ତୀ ଦିନ | 0945 |
| 08389 | ବଡ଼ବିଲ-ପୁରୀ | 25.06.25 ଏବଂ 04.07.25 | 1700 | ପରବର୍ତ୍ତୀ ଦିନ | 0415 |
| 08441 | ଜୁନାଗଡ଼ ରୋଡ୍-ପୁରୀ | 26.06.25 ଏବଂ 04.07.25 | 0920 | ସେହି ଦିନ | 2215 |
| 08461 | ବୌଦ୍ଧ-ପୁରୀ | 26.06.25 ଏବଂ 04.07.25 | 1215 | ପରବର୍ତ୍ତୀ ଦିନ | 0030 |
| 08445 | ଜଗଦଲପୁର-ପୁରୀ | 26.06.25 ଏବଂ 04.07.25 | 0900 | ପରବର୍ତ୍ତୀ ଦିନ | 0115 |
| 08453 | ସମ୍ବଲପୁର-ପୁରୀ | 26.06.25 ଏବଂ 04.07.25 | 2350 | ପରବର୍ତ୍ତୀ ଦିନ | 0955 |
| 08381 | ବାଙ୍ଗିରପୋଷି-ପୁରୀ | 26.06.25 ଏବଂ 04.07.25 | 0835 | ସେହି ଦିନ | 1830 |
| 08387 | ବାଲେଶ୍ୱର-ପୁରୀ | 26.06.25 ଏବଂ 04.07.25 | 1825 | ପରବର୍ତ୍ତୀ ଦିନ | 0130 |
| 08313 | ବିଶାଖାପାଟଣା-ପୁରୀ | 27.06.25 ଏବଂ 05.07.25 | 0045 | ସେହି ଦିନ | 1200 |
| *08593 | ରାୟଗଡ଼ା-ଖୋର୍ଦ୍ଧା ରୋଡ୍ | 26.06.25 ଏବଂ 04.07.25 | 1100 | ସେହି ଦିନ | 2355 |
| *08893 | ଗୋନ୍ଦିୟା-ଖୋର୍ଦ୍ଧା ରୋଡ୍ | 26, 28 ଏବଂ 30.06.25 02 ଏବଂ 05.07.25 | 1330 | ପରବର୍ତ୍ତୀ ଦିନ | 0845 |

* ଟ୍ରେନ୍ ସଂଖ୍ୟା 08893 ଏବଂ 08593 ଖୋର୍ଦ୍ଧା ରୋଡ୍ ପର୍ଯ୍ୟନ୍ତ ଚଳାଚଳ କରିବ

**10. ରଥଯାତ୍ରା ପାଇଁ ପୁରୀରୁ ଛାଡୁଥିବା ଅନ୍ୟ ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ଦିନ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08380 | ପୁରୀ-ବାଦାମପାହାଡ଼ | 27.06.25 ଏବଂ 06.07.25 | 2340 | ପରବର୍ତ୍ତୀ ଦିନ | 1500 |
| 08377 | ପୁରୀ-ବୀରମିତ୍ରପୁର | 27.06.25 ଏବଂ 06.07.25 | 2225 | ପରବର୍ତ୍ତୀ ଦିନ | 1230 |
| 08390 | ପୁରୀ-ବଡ଼ବିଲ | 27.06.25 ଏବଂ 06.07.25 | 2140 | ପରବର୍ତ୍ତୀ ଦିନ | 1000 |
| 08442 | ପୁରୀ-ଜୁନାଗଡ଼ ରୋଡ୍ | 27.06.25 ଏବଂ 05.07.25 | 2325 | ପରବର୍ତ୍ତୀ ଦିନ | 1245 |
| 08386 | ପୁରୀ-ରାଉରକେଲା | 28.06.25 ଏବଂ 06.07.25 | 0300 | ସେହି ଦିନ | 1550 |
| 08038 | ପୁରୀ-ସାନ୍ତ୍ରାଗାଛି | 28.06.25 ଏବଂ 06.07.25 | 0015 | ସେହି ଦିନ | 1330 |
| 08462 | ପୁରୀ-ବୌଦ୍ଧ | 28.06.25 ଏବଂ 06.07.25 | 0230 | ସେହି ଦିନ | 1430 |
| 08446 | ପୁରୀ-ଜଗଦଲପୁର | 28.06.25 ଏବଂ 06.07.25 | 0045 | ସେହି ଦିନ | 1645 |
| 08454 | ପୁରୀ-ସମ୍ବଲପୁର | 28.06.25 ଏବଂ 06.07.25 | 0100 | ସେହି ଦିନ | 0930 |
| 08382 | ପୁରୀ-ବାଙ୍ଗିରପୋଷି | 28.06.25 ଏବଂ 06.07.25 | 1815 | ପରବର୍ତ୍ତୀ ଦିନ | 0600 |
| 08388 | ପୁରୀ-ବାଲେଶ୍ୱର | 28.06.25 ଏବଂ 06.07.25 | 0200 | ସେହି ଦିନ | 0800 |
| 08314 | ପୁରୀ-ବିଶାଖାପାଟଣା | 28.06.25 ଏବଂ 06.07.25 | 0215 | ସେହି ଦିନ | 1300 |
| *08594 | ଖୋର୍ଦ୍ଧା ରୋଡ୍-ରାୟଗଡ଼ା | 28.06.25 ଏବଂ 06.07.25 | 0100 | ସେହି ଦିନ | 1500 |
| *08894 | ଖୋର୍ଦ୍ଧା ରୋଡ୍-ଗୋନ୍ଦିୟା | 28 ଏବଂ 29.06.25 01, 03 ଏବଂ 07.07.25 | 1100 | ପରବର୍ତ୍ତୀ ଦିନ | 0415 |

* ଟ୍ରେନ୍ ସଂଖ୍ୟା 08894 ଏବଂ 08594 ଖୋର୍ଦ୍ଧା ରୋଡ୍ ଠାରୁ ଛାଡିବ

ରଥଯାତ୍ରା ସ୍ୱତନ୍ତ୍ର ଟ୍ରେନ ଗୁଡ଼ିକ ସ୍ୱତନ୍ତ୍ର ଭଡ଼ା ଟ୍ରେନ ଭାବରେ ପୁରୀ ଠାରୁ ଏବଂ ପୁରୀକୁ ଚଳାଚଳ କରିବ ।
ପଲାସା ମାର୍ଗ ଦେଇ ପୁରୀକୁ/ପୁରୀରୁ ଆସିବାକୁ କିମ୍ବା ଯିବାକୁ ଥିବା ସମସ୍ତ ଟ୍ରେନ୍ ଖୋର୍ଦ୍ଧା ରୋଡ୍ ନଯାଇ ଭାୟା-ଅନୁଗୁଳ ଏବଂ ହରିପୁରଗ୍ରାମ ମାର୍ଗ ଦେଇ ଯାତାୟାତ କରିବ ।

ECOR YATRA APP
UTS ON MOBILE
or DOWNLOAD from Play Store
UTS ON MOBILE ଅଣସଂରକ୍ଷିତ କାଗଜବିହୀନ ଟିକେଟ୍ ପାଇଁ

ରଥଯାତ୍ରା ମୋବାଇଲ୍ ଆପ୍
ସମସ୍ତ ସୂଚନା ପାଇଁ ECoR Rath Yatra ମୋବାଇଲ୍ ଆପ୍ ECOR YATRA ପରିଦର୍ଶନ କରନ୍ତୁ
Google Play Store ରୁ ଏହି ଆପ୍ ଡାଉନ୍‌ଲୋଡ୍ କରନ୍ତୁ



ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in
ଡାଏଲ୍ କରନ୍ତୁ 139 ଟ୍ରେନ୍ ସହିତ ଜଡ଼ିତ କୌଣସି ସହାୟତା ସୂଚନା ଏବଂ ଅଭିଯୋଗ ନିମନ୍ତେ ଏକିକୃତ ନମ୍ବର
D-4/25-26
www.facebook/@EASTCOASTRailway1 www.x.com/@EastCoastRail www.instagram.com/cproecor



ବର୍ତ୍ତମାନ ସମୟରେ ଅନେକଙ୍କ ପାଇଁ ଆଣ୍ଠୁଗଣ୍ଠି ଯନ୍ତ୍ରଣା ଏକ ମୁଖ୍ୟ ସମସ୍ୟା ପାଲଟିଛି। ଏହା ଅଧିକ ବୟସରେ ନୁହେଁ ବରଂ କମ୍ ବୟସରେ ମଧ୍ୟ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ତେବେ ହାଡକୁ ମଜଭୂତ ରଖିବା ପାଇଁ କିଛି ସ୍ୱତନ୍ତ୍ର ଜିନିଷକୁ ନିଜ ଖାଦ୍ୟରେ ସାମିଲ କରିବା ନିତାନ୍ତ ଆବଶ୍ୟକ। ଏହି ସମସ୍ତ ଖାଦ୍ୟରେ ଥିବା ପୋଷକ ତତ୍ତ୍ୱର ଅଭାବରେ ହାଡ ଉପରେ ଅନେକ କୁପ୍ରଭାବ ପଡିଥାଏ। ଏସବୁ ଜିନିଷକୁ ନିଜ ଖାଦ୍ୟରେ ସାମିଲ ନକରିବା ଦ୍ୱାରା ୩୦ ବର୍ଷ ପରେ ହାଡ ଜନିତ ସମସ୍ୟା ଭୋଗିବାକୁ ପଡିଥାଏ। ହାଡରୁ କଟ୍‌କଟ୍ ଶବ୍ଦ ମଧ୍ୟ ହୋଇଥାଏ। କ୍ଷୀରରେ ପ୍ରଚୁର ପରିମାଣରେ କ୍ୟାଲସିୟମ ରହିଛି। ଯାହା ହାଡକୁ ମଜଭୂତ କରିଥାଏ। ସମସ୍ତ ପ୍ରକାର ସବୁଜ ପନିପରିବାରେ ପ୍ରଚୁର କ୍ୟାଲସିୟମ ରହିଥାଏ। ତେଣୁ ନିଜର ଦୈନନ୍ଦିନ ଖାଦ୍ୟରେ ଏହାକୁ ସାମିଲ କରନ୍ତୁ। ହାଡକୁ ମଜଭୂତ ରଖିବା ପାଇଁ ନିଜ ଖାଦ୍ୟରେ ବାଦାମ,କାଜୁ ଓ କିସ୍‌ମିସ୍ ନିଶ୍ଚୟ ସାମିଲ କରନ୍ତୁ। ହାଡକୁ ମଜବୁତ ରଖିବା ପାଇଁ ନିଜ ଖାଦ୍ୟରେ ମାଛ ନିଶ୍ଚୟ ସାମିଲ କରନ୍ତୁ। ମାଛରେ ଓମେଗା ୩ ଫ୍ୟାଟି ଏସିଡ୍‌ଆଦି ଭରପୁର ମାତ୍ରାରେ ରହିଛି। ଏହା ମଧ୍ୟ ହାଡକୁ ମଜବୁତ କରିବାରେ ବେଶ ସହାୟକ ହୋଇଥାଏ। ଅଣ୍ଡା ପ୍ରୋଟିନ ଓ ଭିଟାମିନ୍‌ର ଏକ ଉତ୍ତମ ସ୍ରୋତ। ଏହା ହାଡକୁ ମଜଭୂତ କରିଥାଏ। ତେଣୁ ନିଜ ଖାଦ୍ୟରେ ଅଣ୍ଡା ନିଶ୍ଚୟ ସାମିଲ କରନ୍ତୁ। ନିଜ ଦୈନନ୍ଦିନ ଖାଦ୍ୟରେ ଫଳ ନିଶ୍ଚୟ ସାମିଲ କରନ୍ତୁ। ଋତୁ ଅନୁଯାୟୀ ମିଳୁଥିବା ଫଳ ଖାଇବା ଖୁବ ଉପକାରୀ।



# ‘ରାମାୟଣ’ରେ କାମ କରିବାକୁ ମନା କରିଥିଲେ ପ୍ରିୟଙ୍କା

ନୀତେଶ ତିୱାରୀଙ୍କ ‘ରାମାୟଣ’କୁ ନେଇ ପ୍ରତିଦିନ କିଛି ନା କିଛି ଖବର ଆସୁଛି। ପୌରାଣିକ କାହାଣୀକୁ ନେଇ ଏଭଳି ଏକ ବିଗ୍ ବଜେଟର ଫିଲ୍ମ ନିର୍ମାଣ କରାଯାଉଥିବାରୁ ଉତ୍ତର ଠୁ ଆରମ୍ଭ କରି ଦକ୍ଷିଣ ଭାରତୀୟ ଦର୍ଶକ ଏହାର ରିଲିଜକୁ ଅପେକ୍ଷା କରିଛନ୍ତି। ଏଥିରେ ବଲିଉଡର ଏକାଧିକ କଳାକାର କାମ କରୁଛନ୍ତି। ‘ରାମାୟଣ’ରେ ରାମ ଭୂମିକାରେ ରଣବୀର କପୁର, ସୀତା ଭୂମିକାରେ ସାଇ ପଲ୍ଲବୀ ଓ ରାବଣ ଭୂମିକାରେ ଯଶ୍ ନଜର ଆସିବେ। ଏଥିରେ ରକୁଲ ପ୍ରୀତ ସିଂହ ସୂପର୍ଣ୍ଣଖା ଭୂମିକାରେ ଅଭିନୟ କରୁଛନ୍ତି। ରକୁଲଙ୍କ ପୂର୍ବରୁ ଏହି ଭୂମିକା ପ୍ରିୟଙ୍କା ଚୋପ୍ରାଙ୍କୁ ଅଫର୍ ହୋଇଥିଲା। କିନ୍ତୁ ପ୍ରିୟଙ୍କା ଅନେକ ଅନ୍ତର୍ଜାତୀୟ ସ୍ତରୀୟ ପ୍ରୋଜେକ୍ଟରେ ବ୍ୟସ୍ତ ଥିବାରୁ ସେ ଏହି ଫିଲ୍ମ ପାଇଁ ସମୟ ବାହାର କରିପାରି ନ ଥିଲେ। ଏହା ପରେ ରକୁଲଙ୍କୁ ଏହି ଅଫର୍ ମିଳିଥିଲା। ସେ ମଧ୍ୟ ଏହି ଭୂମିକାରେ ପୁରାପୁରି ଫିଟ୍ ହୋଇ ଯାଇଥିଲେ। ତେବେ ପ୍ରିୟଙ୍କାଙ୍କୁ ହିନ୍ଦୀ ଫିଲ୍ମରେ ଦେଖିବା ପାଇଁ ଭାରତୀୟ ଦର୍ଶକ ଅନେକ ଦିନରୁ ଅପେକ୍ଷା କରିଛନ୍ତି। ସେ ଶେଷ ଥର ପାଇଁ ‘ସ୍କାଏ ଇଜ୍ ପିଙ୍କ୍’ ଫିଲ୍ମରେ ନଜର ଆସିଥିଲେ।

# କଙ୍କଡ଼ା ବେସର



**ଆବଶ୍ୟକ ସାମଗ୍ରୀ**-କଙ୍କଡ଼ା, ସାରୁ, ଅଦା ବଟା, ରସୁଣ ବଟା, କଟା ପିଆଜ, ଗରମ ମସଲା, ହଳଦୀ ଗୁଣ୍ଡ, , ଧନିଆ ପତ୍ର, ତେଜ ପତ୍ର, ତେଲ ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କଙ୍କଡ଼ାକୁ ସିଝାଇ ଦିଅନ୍ତୁ।ଏହା ସିଝି ଗଲା ପରେ ଏହାକୁ ଭଲ ଭାବରେ ବନାଇ ଦିଅନ୍ତୁ। ପରେ ସେଥିରେ ଲୁଣ, ହଳଦୀ ପକାଇ ଭାଜି ଦିଅନ୍ତୁ। ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ କଟା ପିଆଜକୁ ସେଥିରେପକାଇ ଲାଲ ହେବା ପର୍ଯ୍ୟନ୍ତ ଭାଜନ୍ତୁ। କିଛି ସମୟ ପରେ ସେଥିରେ, ଅଦା,ରସୁଣ ପେଷ୍ଟ ପକାଇ କିଛି ସମୟ ପର୍ଯ୍ୟନ୍ତ କଷନ୍ତୁ। ମସଲା ଟିକେ କଷି ହେବା ପରେ ସେଥିରେ ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ ଓ ହଳଦୀ ଗୁଣ୍ଡ ପକାଇ କିଛି ସମୟ ପାଇଁ କଷନ୍ତୁ। ମସଲା ପ୍ରସ୍ତୁତ ହୋଇଯିବା ପରେ ପୂର୍ବରୁ ରହିଥିବା ସିଝା ସାରୁ, ଭଜା କଙ୍କଡ଼ା ପକାନ୍ତୁ।ଏହା ସହ ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ। ପରେ ସେଥିରେ ଆବଶ୍ୟକ ଅନୁସାରେ ପାଣି ଦେଇ କିଛି ସମୟ ପାଇଁ ଫୁଟି ବାକୁ ଛାଡ଼ି ଦିଅନ୍ତୁ। ପରେ ଧନିଆପତ୍ର ଓ ଗରମ ମସଲା ପକାଇ ଗ୍ୟାସରୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା କଙ୍କଡ଼ା ବେସର।

# ତ୍ୱଚାର ରଙ୍ଗ ସହ ଅଛି କର୍କଟର ସଂପର୍କ !

ମଣିଷ ଶରୀରର ରଙ୍ଗ କେବଳ ସୌନ୍ଦର୍ଯ୍ୟର ମାପକାଠି ନୁହେଁ, ବରଂ ସ୍ୱାସ୍ଥ୍ୟ ସହ ଜଡ଼ିତ ଏହି କ୍ରମରେ କିଛି କ୍ଷେତ୍ରରେ ତ୍ୱଚାର ରଙ୍ଗ ମଧ୍ୟ କର୍କଟର କାରଣ ହୋଇପାରେ ବୋଲି କୁହାଯାଉଛି। ଆମ ଶରୀରରେ ଥିବା ମେଲାନିନ୍ ହେଉଛି ଏକ ପିଗମେଣ୍ଟ ଯାହା ଚର୍ମକୁ ରଙ୍ଗ ଦିଏ। ମେଲାନିନ୍ ତ୍ୱଚାକୁ ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମିରୁ ରକ୍ଷା କରେ । ଯେଉଁ ଲୋକମାନଙ୍କର ଚର୍ମରେ ମେଲାନିନ୍ ଅଧିକ ପରିମାଣରେ ଥାଏ ସେମାନେ ସୂର୍ଯ୍ୟଙ୍କ ଅତି ବାଇଗଣୀ ରଶ୍ମିରୁ ପ୍ରାକୃତିକ ଭାବେ ସୁରକ୍ଷା ପାଇପାରିଥାନ୍ତି । ଏ ଦୃଷ୍ଟିରୁ ଗାଢ଼ ତ୍ୱଚା ରଙ୍ଗ ବ୍ୟକ୍ତି ବିଶେଷଙ୍କଠାରେ ଚର୍ମ କର୍କଟ ଆଶଙ୍କା କମ୍ ରହିଥାଏ। କିନ୍ତୁ ଯେଉଁମାନଙ୍କର ଚର୍ମ ବହୁତ ଗୋରା ସେମାନଙ୍କ କ୍ଷେତ୍ରରେ ଚର୍ମ କର୍କଟ ହେବାର ଆଶଙ୍କା ଅଧିକ ଥାଏ । ଗୋରା ରଙ୍ଗ ଥିବା ଲୋକମାନଙ୍କର କମ୍ ମେଲାନିନ୍ ଥାଏ, ଯାହାଦ୍ୱାରା ସୂର୍ଯ୍ୟଙ୍କ ଅତି ବାଇଗଣୀ ରଶ୍ମିରେ ଥିବା କ୍ଷତିକାରକ ଜିନିଷ ମଣିଷ ତ୍ୱଚା ଭିତରକୁ ସହଜରେ ପ୍ରବେଶ କରେ ଏବଂ ମଣିଷ ଡିଏନକୁ କ୍ଷତି ପହଞ୍ଚାଇଥାଏ । କେବଳ ସେତିକି ନୁହେଁ, ଏହାଦ୍ୱାରା ବାସାଲ ସେଲ୍ କାର୍ଡିନୋମା, ସ୍କେଓମସ୍ ସେଲ୍ କାର୍ସିନୋମା ଏବଂ ମେଲାନୋମା ହେବା ଆଶଙ୍କା ବୃଦ୍ଧି ପାଏ । କେବଳ ଚର୍ମର ରଙ୍ଗ ଦ୍ୱାରା କ୍ୟାନ୍ସର ରୋଗ ସୃଷ୍ଟି ହୁଏ ତା ନୁହେଁ ଏହା ଏକ ଜଟିଳ ରୋଗ ଯାହା ଅନେକ କାରଣରୁ ହୋଇଥାଏ । ଜେନେଟିକ୍ ସମସ୍ୟାରୁ ମଧ୍ୟ ଏହି ରୋଗ ହୋଇପାରେ । ଅନିୟନ୍ତ୍ରିତ ଜୀବନଶୈଳୀ, ଧୂମପାନ, ମଦ୍ୟପାନ, ଅତ୍ୟଧିକ ତେଲ ମସଲାଯୁକ୍ତ ଖାଦ୍ୟଗ୍ରହଣ ଏବଂ ପ୍ରଦୂଷଣ ମଧ୍ୟ କ୍ୟାନ୍ସର ରୋଗକୁ ବଢ଼ାଇବାର ମାଧ୍ୟମ ହୋଇପାରେ । ତେବେ ଚର୍ମ କର୍କଟର ସମ୍ବନ୍ଧ କିଛି ମାତ୍ରାରେ ରଙ୍ଗ ସହ ଜଡ଼ିତ ହୋଇପାରେ । ହେଲେ ଏହାର ମୁଖ୍ୟ କାରଣ ଜୀବନଶୈଳୀ ଓ ତେଣୁ ତ୍ୱଚା ରଙ୍ଗର ଆଧାରରେ ଏହାକୁ ନେଇ ଲୋକେ ଭୟଭୀତ ହେବା ଠିକ୍ ନୁହେଁ, ବରଂ ସତର୍କ ଓ ସଚେତନ ରହିବା ଦରକାର।

# ଚର୍ଚ୍ଚାରେ ‘ବବିତା ଜୀ’ ଅଭିନେତ୍ରୀ

ଚର୍ଚ୍ଚାରେ ଟିଭି ଶୋ’ ‘ତାରକ ମେହେଟା’ରେ ‘ବବିତା ଜୀ’ ଭୂମିକାରେ ଅଭିନୟ କରୁଥିବା ଅଭିନେତ୍ରୀ ମୁନ୍‌ମୁନ୍ ଦତ୍ତା । ସେ ସବୁବେଳେ ନିଜ ସୌନ୍ଦର୍ଯ୍ୟରେ ଲୋକଙ୍କ ହୃଦୟ ଜିତିଥାନ୍ତି। ଆଜିକାଲି ଅଭିନେତ୍ରୀ ବିଦେଶରେ ଛୁଟି ଉପଭୋଗ କରୁଛନ୍ତି। ସେ ଏବେ ତାଙ୍କ ପ୍ରଶଂସକଙ୍କ ସହ ଅନେକ ଫଟୋ ଶେୟାର କରିଛନ୍ତି। ଏହି ଫଟୋଗୁଡ଼ିକରେ ମୁନ୍‌ମୁନ୍ ଚମତ୍କାର ଦେଖାଯାଉଛନ୍ତି। ସେ ଏକ ମ୍ୟାଚ୍ କରୁଥିବା ବଡିଫିଟ୍ ସ୍କର୍ଟ ସହିତ ଏକ ବାଦାମୀ ସ୍ଲିଭ୍‌ଲେସ୍ ଟପ୍ ପିନ୍ଧିଛନ୍ତି। ଅଭିନେତ୍ରୀ ଚମତ୍କାର ମେକ୍‌ଅପ୍ ଏବଂ ଖୋଲା ଚୁଟି ସହିତ ତାଙ୍କର ଲୁକ୍ ସମାପ୍ତ କରିଛନ୍ତି। ତାଙ୍କର ଷ୍ଟାଇଲ୍ ପ୍ରଶଂସକମାନଙ୍କୁ ପାଗଳ କରୁଛି। ଫଟୋଗୁଡ଼ିକ ଶେୟାର କରିବା ସମୟରେ ମୁନ୍‌ମୁନ୍ କ୍ୟାପ୍‌ସନ୍‌ରେ ଲେଖିଛନ୍ତି, ‘ଦୌଗଭା ନଦୀର କୂଳ..’ ଫଟୋଗୁଡ଼ିକରେ, ଅଭିନେତ୍ରୀ କ୍ୟାମେରା ପାଇଁ ଭିନ୍ନ ଭିନ୍ନ ଷ୍ଟାଇଲ୍‌ରେ ପୋଜ୍ ଦେଉଛନ୍ତି। ଅଭିନେତ୍ରୀଙ୍କ ପ୍ରଶଂସକମାନେ ତାଙ୍କ ଫଟୋ ଉପରେ ପ୍ରେମ ବର୍ଷା କରୁଛନ୍ତି। କେତେକ ତାଙ୍କୁ ସୌନ୍ଦର୍ଯ୍ୟର ରାଣୀ ବୋଲି କହୁଥିବା ବେଳେ ଆଉ କେତେକ ତାଙ୍କୁ ଏକ ସୁନ୍ଦରୀ ଅପସରୀ ବୋଲି କହୁଛନ୍ତି। ମୁନ୍‌ମୁନ୍ ଦତ୍ତା ଗତ କିଛି ବର୍ଷ ଧରି ଲୋକପ୍ରିୟ ଟିଭି ଶୋ’ ‘ତାରକ ମେହେଟା କା ଉଲଟା ଚଷମା’ ସହିତ ଜଡିତ ଅଛନ୍ତି। ଏଥିରେ ସେ ବବିତା ଜୀ ଭୂମିକାରେ ଅଭିନୟ କରୁଛନ୍ତି।



# ମୀନା କୁମାରୀଙ୍କ ବାୟୋପିକରେ ଆସିପାରନ୍ତି କିଆରା !

ବଲିଉଡର ମହାନ ଅଭିନେତ୍ରୀ ତଥା ଟ୍ରାଜେଡି କୁଇନ ଭାବେ ପରିଚିତ ମୀନା କୁମାରୀଙ୍କ ବାୟୋପିକ ନେଇ ମେକର୍ସ ଉଦ୍ୟମ ଆରମ୍ଭ କରିଛନ୍ତି । ମୀନା କୁମାରୀଙ୍କ ଭୂମିକା କିଏ କରିବେ ସେ ନେଇ ଭିନ୍ନ ଭିନ୍ନ ହିରୋଇନଙ୍କ ନାମ ଆଲୋଚନାକୁ ଆସିଛି । ବଲିଉଡ ହଙ୍ଗାମାରେ ପ୍ରକାଶିତ ଖବର ଅନୁସାରେ ମୀନା କୁମାରୀଙ୍କ ଭୂମିକା ପାଇଁ କିୟାରା ଆଡଭାନୀଙ୍କ ସହ ଯୋଗଯୋଗ କରାଯାଇଛି । ଏପରିକି ଏଥିପାଇଁ ତାଙ୍କୁ ଚୟନ କରାଯାଇଥିବା ଖବର ମଧ୍ୟ ପ୍ରକାଶ ପାଇଛି । ସିଦ୍ଧାର୍ଥ ପି ମାଲହୋତ୍ରା, ସାରେଗାମା ଓ ଅମରୋହୀ ପରିବାରଙ୍କ ସହ ମିଶି ଏହି ଫିଲ୍ମ ପାଇଁ ରାଇଟ୍ସ ହାତେଇଛନ୍ତି । କିୟାରାଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ଏ ନେଇ କୌଣସି ସୂଚନା ଦିଆଯାଇ ନାହିଁ । କିୟାରାଙ୍କ କ୍ୟାରିୟରରେ ଏହି ଫିଲ୍ମ ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି । ମୀନା କୁମାରୀଙ୍କ ଭୂମିକା ଯଦି କିୟାରା କରିବେ ତେବେ କମଲ ଅମରୋହୀ କିଏ ହେବେ ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି । କମଲଙ୍କ ଚରିତ୍ର ବିନା ଏହି ବାୟୋପିକ ଅସମ୍ପୂର୍ଣ୍ଣ ରହିବ। କିୟାରା ଏବେ ୱାର ୨, ଟକ୍ସିକ ଫିଲ୍ମରେ ନଜର ଆସିବେ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
# ମହାନଗର




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗୋପାଳପୁର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଛାତ୍ରୀ, ଶିଶୁ, ମହିଳାମାନଙ୍କ ଉପରେ ହେଉଥିବା କ୍ରମବର୍ଦ୍ଧିତ ଦୁଷ୍କର୍ମ, ଗଣଦୁଷ୍କର୍ମ ବିରୁଦ୍ଧରେ, ଦୋଷୀମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ତଥା ଛାତ୍ରୀ, ମହିଳାମାନଙ୍କ ନିରାପତ୍ତା ଓ ଅସ୍ମିତା, ଅପସଂସ୍କୃତି, ମଦମାଦକ ଦ୍ରବ୍ୟର ପ୍ରଚାର ପ୍ରସାର ରୋକ କରିବା ଦାବିରେ ଆଜି ମାଷ୍ଟର କ୍ୟାଣ୍ଟିନରେ ଆଇଡିଏସ୍ଓ ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ବିକ୍ଷୋଭ ଅନୁଷ୍ଠିତ ହେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ମାଷ୍ଟର କ୍ୟାଣ୍ଟିନ ଛକରେ ଆଇଡିଏସ୍ଓ ରାଜ୍ୟ ପରିଷଦର ସମ୍ପାଦକ ସିଦ୍ଧାର୍ଥ ରଥଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଆଇଡିଏସ୍ଓ ରାଜ୍ୟ ଉପସଭାପତି ନିରୁପମା ବେହେରା, ସୁନିଲ ଭୋଇ, ରାଜ୍ୟ ଅଫିସ ସମ୍ପାଦକ ନସିମ ସରକାର, କୋଷାଧ୍ୟକ୍ଷ ସର୍ପୂର୍ଣ୍ଣାନୀ ରାଉତ ସମେତ ପରମାନନ୍ଦ ସାହୁ, ପ୍ରଶାନ୍ତ ଦାସ, ସଂଯୁକ୍ତା ସାହୁ, ତରୁଣସେନ ନାୟକ, ଇଶା ଧର, ପ୍ରୀତି ମଲ୍ଲିକ, ମଧୁସୂଦନ ବାଗ, ହରେକୃଷ୍ଣ ଦାସ, ନିମାଇଁ ଚରଣ ସାହୁ, ପୁଲକେଶ ଲେଙ୍କାର ଆଦି ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ପ୍ରତିବାଦ ସଭାରେ ବକ୍ତବ୍ୟ ରଖିଥିଲେ ।



### ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ଥାୟୀ କୁଳପତି ନିଯୁକ୍ତି ମାମଲା

## ହାଇକୋର୍ଟଙ୍କ ଜବାବ୍ ତଲବ



କଟକ(ଭାସ୍କର ନ୍ୟୁଜ): ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ଥାୟୀ କୁଳପତି ନିଯୁକ୍ତି ସମ୍ପର୍କିତ ଜନସ୍ୱାର୍ଥ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି । ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ର ଧାରା ୬(୧) ଅନୁସାରେ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ଥାୟୀ କୁଳପତି ଓ ଧାରା ୬ (୧୦) ଅନୁସାରେ ଭାରପ୍ରାପ୍ତ କୁଳପତି ନିଯୁକ୍ତି ପାଇଁ ଆଗତ ଜନସ୍ୱାର୍ଥ ମାମଲାର ପ୍ରାଥମିକ ଶୁଣାଣି କରି ମୁଖ୍ୟ ବିଚାରପତି ହରିଶ୍ ଟାଣ୍ଡନ ଓ ବିଚାରପତି ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ତଥା ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅଧିବକ୍ତା ପ୍ରବୀର କୁମାର ଦାସଙ୍କ ଦ୍ୱାରା ରୁଜୁ ହୋଇଥିବା ଏହି ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ସତ୍ୟପାଠ ଦାଖଲ କରିବାକୁ ଆଦେଶ ପ୍ରଦାନ କରିଛନ୍ତି । ମାମଲାରେ ଦର୍ଶାଯାଇଛି ଯେ ଉତ୍କଳ ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ପ୍ରଫେସର୍ ସବିତା ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ୨୩ ନଭେମ୍ବର ୨୦୨୪ରେ ସମ୍ପୂର୍ଣ୍ଣ ହେବା ପରେ କୁଳାଧିପତି (ଚାନସେଲର) ତାଙ୍କର କାର୍ଯ୍ୟକାଳ ଛଅମାସ ବୃଦ୍ଧି କରିଥିଲେ । ତାଙ୍କର ବର୍ଦ୍ଧିତ କାର୍ଯ୍ୟକାଳ ୨୩ ମେ ୨୦୨୫ରେ ସମାପ୍ତ ହେଲାପରେ କୁଳାଧିପତି ଉତ୍କଳ ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ବିଭାଗର ପ୍ରଫେସର୍ ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ଭାରପ୍ରାପ୍ତ କୁଳପତି ଭାବରେ ୨୭ ମେ ୨୦୨୫ରେ ନିଯୁକ୍ତି ଦେଇଥିଲେ । କିନ୍ତୁ କୌଣସି କାରଣ ବଶତଃ ସ୍ଥାୟୀ କୁଳପତି ନିଯୁକ୍ତି ସମ୍ଭବ ନ ହେଲେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ର ଧାରା ୬ (୧୦) ଅନୁସାରେ ଅନ୍ୟ ଯେକୌଣସି ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଭାରପ୍ରାପ୍ତ କୁଳପତି ରୂପେ ନିଯୁକ୍ତି ଦେବାର ପ୍ରାବଧାନ ରହିଛି । ତେଣୁ କୁଳାଧିପତିଙ୍କ ଦ୍ୱାରା ପ୍ରଫେସର୍ ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ଭାରପ୍ରାପ୍ତ କୁଳପତି ରୂପେ ନିଯୁକ୍ତି ଦେଇଥିବା ହୋଇଥିବାରୁ ଏହାକୁ ରଦ୍ଦ କରି ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ର ଧାରା ୬ (୧୦) ଅନୁସାରେ ଅନ୍ୟ ଯେକୌଣସି ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ରୂପେ ନିଯୁକ୍ତି ଦେବାକୁ କୁଳାଧିପତିଙ୍କୁ ଆଦେଶ ଦେବାକୁ ପ୍ରାର୍ଥନା କରାଯାଇଛି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ ୮ ତାରିଖରେ ହେବ । ଆବେଦନକାରୀ ଏହି ମାମଲାରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ସଚିବ, କୁଳାଧିପତିଙ୍କର ପ୍ରମୁଖ ସଚିବ, ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଓ କୁଳସଚିବଙ୍କୁ ପକ୍ଷଭୁକ୍ତ କରିଛନ୍ତି ।

## କଂଗ୍ରେସ ନିଜର ଅସ୍ତିତ୍ୱ ରକ୍ଷା ପାଇଁ ଚେଷ୍ଟା କରୁଛି: ବିଜେପି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମଙ୍ଗଳବାର ଦେଶରେ କଂଗ୍ରେସ ନିଜର ଅସ୍ତିତ୍ୱ ରକ୍ଷା ପାଇଁ ଚେଷ୍ଟା କରୁଛି । କଂଗ୍ରେସକୁ ଲୋକେ ପ୍ରତ୍ୟାଖ୍ୟାନ କରୁଥିବାବେଳେ ଏହାର ଭୋଟ ହାର ଦିନକୁ ଦିନ କମିକାଲିଛି । ଏଭଳିସ୍ଥିତିରେ ଦଳ ନିଜର ସ୍ଥିତି ବଂଚାଇବା ପାଇଁ ଓ ଗଣମାଧ୍ୟମରେ ରହିବା ପାଇଁ କଂଗ୍ରେସ ସାମ୍ବାଦିକ ସମ୍ମିଳନୀ କରୁଛି । କଂଗ୍ରେସ ବୋଧହୁଏ ଭୁଲିଯାଇଛି ଯେ, ଛବିରାଣୀ ହତ୍ୟାକାଣ୍ଡଠାରୁ ଆରମ୍ଭ କରି ଅଞ୍ଜନା ମିଶ୍ର ଘଟଣା ତାଙ୍କ ଦଳର ନେତୃତ୍ୱଙ୍କ ଦ୍ୱାରା ପ୍ରାୟୋଜିତ ଥିଲା । ଖାଲି ସେତିକି ନୁହେଁ, ନେନା ସାହାଣୀ ଘଟଣାରେ ଦିଲ୍ଲୀର କଂଗ୍ରେସ ନେତୃତ୍ୱଙ୍କ ସମ୍ପୃକ୍ତି ଥିଲା । ଏଥିଯୋଗୁ ଆଇନାରେ କଂଗ୍ରେସ ପ୍ରଥମେ ନିଜ ମୁହଁ ନିଜେ ଦେଖି ନେଲେ ଭଲ ହେବ ବୋଲି ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ ରାଜ୍ୟ କାର୍ଯ୍ୟାଳୟ ଠାରେ ଗଣମାଧ୍ୟମଙ୍କୁ କହିଛନ୍ତି । ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ଗୋପାଳପୁର ଗଣବଳାତ୍କାର ମାମଲା ଅତ୍ୟନ୍ତ ଦୁଃଖଦାୟକ । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ ପାଇଁ ତୁରନ୍ତ କ୍ରାଇମବ୍ରାଞ୍ଚକୁ ଦାୟିତ୍ୱ ଦେଇଥିଲେ । ସମସ୍ତ ଅଭିଯୁକ୍ତଙ୍କୁ ମାତ୍ର ୨୪ ଘଣ୍ଟା ମଧ୍ୟରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଓଡ଼ିଶାର ମାତ୍ର ଶକ୍ତି ତଥା ଝିଅଙ୍କ ସୁରକ୍ଷା ସର୍ବାଗ୍ରେ । ମା' ଓ ଭଉଣୀମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସହ ସେମାନଙ୍କ ଆର୍ଥିକ ଉନ୍ନତି ଓ ଶିକ୍ଷା ବିକାଶ ପାଇଁ ବିଜେପି ସରକାର ପ୍ରାଥମିକତା ଦେଉଛନ୍ତି । ଏନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି ।

## ମହାପ୍ରଭୁଙ୍କ ମୋଦକ ଚୋରି ଘଟଣାରେ ଆଇନମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମହାପ୍ରଭୁଙ୍କ ଚିକିତ୍ସା ଲାଗି ପ୍ରଯୁଜ୍ୟ ମୋଦକ ଚୋରି ହେବାର ଅଭିଯୋଗକୁ ଚପାଇଦେବା ପାଇଁ ରାଜ୍ୟ ଆଇନମନ୍ତ୍ରୀ ଓ ଶ୍ରୀମନ୍ଦିରର ପ୍ରଶାସନ ଉଦ୍ୟମ କରୁଛନ୍ତି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି । ମଙ୍ଗଳବାର ଶଙ୍ଖଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି ଯେ, ମହାପ୍ରଭୁଙ୍କ ଗୁପ୍ତ ସେବାର ଅଂଶ ଭାବେ କବିରାଜ ସେବକମାନେ ଦଶମୂଳ ମୋଦକ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଜମା ଦେଇଥାଆନ୍ତି କିନ୍ତୁ ଦୁଃଖର ବିଷୟ ଭୋଗ ନିମନ୍ତେ ମୋଦକ ନେବା ସମୟରେ ମୋଦକ ଚୋରି ହୋଇଥିବା ଜଣାପଡିଲା । ବଡଠାକୁରଙ୍କ ବାଡଗ୍ରାହୀ ଏ ବିଷୟ ଲିଖିତ ଆକାରରେ ଜଣାଇଲା ପରେ ମଧ, ଆଇନମନ୍ତ୍ରୀ ଓ ମୁଖ୍ୟ ପ୍ରଶାସକ ଏହାକୁ ଚପାଇଦେବା ଉଦ୍ଦେଶ୍ୟରେ ଚୋରି ହୋଇନାହିଁ କହିବା ସରକାରଙ୍କ ଅପାରଗତାକୁ ଦର୍ଶାଉଛି । ଶ୍ରୀଜଗନ୍ନାଥଙ୍କୁ ନେଇ ଅନେକ ମିଛ ପ୍ରଚାର କରି କ୍ଷମତାକୁ ଆସିଥିବା ବିଜେପି ସରକାରଙ୍କ ଆଇନମନ୍ତ୍ରୀ ନୈତିକ ଦାୟିତ୍ୱ ବହନ କରି ନିଜ ପଦରୁ ଇସ୍ତଫା ଦିଅନ୍ତୁ ।

## ବିପ୍ଳବୀ ନବକୃଷ୍ଣ ଚୌଧୁରୀଙ୍କ ୪୧ ତମ ଶ୍ରାଦ୍ଧବାର୍ଷିକୀ

କଟକ(ଭାସ୍କର ନ୍ୟୁଜ): ବିପ୍ଳବୀ ନବକୃଷ୍ଣ ଚୌଧୁରୀଙ୍କ ୪୧ତମ ଶ୍ରାଦ୍ଧବାର୍ଷିକୀ ଗାନ୍ଧୀଭବନରେ ପାଳିତ ହୋଇଯାଇଛି । ଗାନ୍ଧୀବାଦ ଓ ସର୍ବୋଦୟ ଚିନ୍ତନର ଦୃଢ ଅନୁଗାମୀ ଜଣେ ଜନନେତା ଭାବରେ ନବକୃଷ୍ଣ ଚୌଧୁରୀ ଓଡ଼ିଶାର ରାଜନୈତିକ ଇତିହାସରେ ତ୍ୟାଗ, ନୀତି ଓ ନୈତିକତାର ଦୀପସ୍ତମ୍ଭ ଥିଲେ ବୋଲି ନ୍ତନବକୃଷ୍ଣ ଓ ଆଜିର ରାଜନୀତିନ୍ତ ଶୀର୍ଷକ ଆୟୋଜିତ ଆଲୋଚନା ଚକ୍ରରେ ମତ ପ୍ରକାଶ ପାଇଛି । ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଭାପତି ମନୋରଜ ମହାନ୍ତିଙ୍କ ଅଧ୍ୟକ୍ଷତା ଓ ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନା ଚକ୍ରରେ ରାମଚନ୍ଦ୍ର ଶୁକ୍ଳ, ନିକୁ ଭୁଟିଆ, ଲକ୍ଷ୍ମୀପ୍ରକାଶ ମହାପାତ୍ର, ଯୁଗଳ କିଶୋର ନାୟକ, ଡ଼କ୍ଟର ସଂଯୁକ୍ତା ପଣ୍ଡା, ନରେନ୍ଦ୍ର କୁମାର ରଥ ପ୍ରମୁଖ ବିପ୍ଳବୀ ନବବାବୁଙ୍କୁ ଶ୍ରଦ୍ଧାଳି ଅର୍ପଣ କରିଥିଲେ । ଅନିମା ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ଲୋକଙ୍କ ସରକାର କଥାରେ ନୁହେଁ, କାମରେ ଦେଖାନ୍ତୁ: ଅରୁଣ ସାହୁ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଜେପି ସରକାରରେ ରାଜ୍ୟରେ ଅରାଜକତା ବଢିଯାଇଛି । ଦଳିତ ଓ ଆଦିବାସୀ ଉପରେ ଅତ୍ୟାଚାର ବଢି ଯାଇଛି । ବିଜେପିର ନେତାମାନେ ଗୋ ସୁରକ୍ଷା ନାଁରେ ତୃଣମୂଳସ୍ତରରେ ଲୋକଙ୍କ ଉପରେ ଅମାନୁଷିକ ଅତ୍ୟାଚାର କରୁଛନ୍ତି । ଗୋ ସୁରକ୍ଷା ଆମ ସମସ୍ତଙ୍କ କର୍ତ୍ତବ୍ୟ । ହେଲେ ବିଜେପି ନେତା ମାନେ ଗୋ ସୁରକ୍ଷା ଆଳରେ ଚାନ୍ଦା ଆଦାୟ କରୁଛନ୍ତି କହି ବର୍ଷିଛନ୍ତି ବିଜେଡି ବିଧାୟକ ଅରୁଣ ସାହୁ। ବିଜେପି ଯେବେଠୁ ସରକାରରେ ଆସିଲାଣି ସେବେ ଠାରୁ ଚାନ୍ଦା ମାଗିବା, ଲାଞ୍ଚ ମାଗିବାକୁ ପ୍ରାଥମିକତା ଦେଇଛନ୍ତି । ବିଜେପି ସରକାର ଦଳିତ, ଆଦିବାସୀ ଓ ପଛୁଆ ଜାତି ବିରୋଧୀ । ଯେଉଁମାନେ ବିଜେପି ପାଇଁ ତୃଣମୂଳ ସ୍ତରରେ କାମ କରୁଛନ୍ତି ସେମାନେ ଦଳିତ, ଆଦିବାସୀ ଓ ପଛୁଆଙ୍କ ଉପରେ ଅତ୍ୟାଚାର କରୁଛନ୍ତି । ଏ ସରକାର କେବଳ କଥା କୁହା ସରକାର । ଯାହା ଘଟଣା ଘଟିଛି ଧରାକୋଟରେ ତାହା ଭାରତ ବର୍ଷରେ ଲଜ୍ଜାଜନକ ଘଟଣା । ଟ୍ରମ୍ପ ସରକାର କହିଲେ ଓଡ଼ିଶାକୁ କେହି ଯାଅନା, ଏମାନେ ଲୋକଙ୍କ ଉପରେ ଅତ୍ୟାଚାର କରି ତାହା ପ୍ରମାଣିତ କରିଛନ୍ତି । ବିଜେପି ତାହାର ପଲିସି ପରିବର୍ତ୍ତନ କରୁ । ଲୋକଙ୍କ ସରକାର କେବଳ କଥା କହୁଛନ୍ତି, ଲୋକଙ୍କ ସରକାର, ହେଲେ କାମରେ କରି ଦେଖାଉନାହାନ୍ତି ବୋଲି ସେ କହିଛନ୍ତି।

## ୨୬ରେ ଜଗତସିଂହପୁରର ବିସ୍ଥାପିତ ଜନତାଙ୍କୁ ଭେଟିବ କଂଗ୍ରେସର ଅନୁଧ୍ୟାନ କମିଟି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ନିର୍ମାଣ ହେଉଥିବା ପ୍ରକଳ୍ପ ଅଞ୍ଚଳରେ ପରିବେଶ ନଷ୍ଟ ହେବା ସହ ଜନସାଧାରଣଙ୍କ ଜଳ, ଜଙ୍ଗଲ, ଜମି ଉପରୁ ଅଧିକାର ହରାଉଛନ୍ତି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ସ୍ଥାନୀୟ ଅଧିବାସୀ ସେମାନଙ୍କ ଜୀବନ ଜିବୀକା ହରାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ବିଧାୟକ ଅଶୋକ କୁମାର ଦାସଙ୍କ ଅଧ୍ୟକ୍ଷତାରେ ପରିବେଶ ପ୍ରଦୂଷଣ, ବିସ୍ଥାପନ ଓ ଜୀବିକା ଅନୁଧ୍ୟାନ କମିଟି ଗଠନ କରିଛନ୍ତି। ଏହି କମିଟି ଆସନ୍ତା ୨୬ ତାରିଖରେ ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ ଅନ୍ତର୍ଗତ ଢ଼ିଙ୍କିଆ, ନୂଆଗାଁ, ଗଡ଼କୁଜଙ୍ଗ ପଂଚାୟତ ସମେତ ୪ ନଂ ଜୋନର ଅନ୍ୟାନ୍ୟ ପଂଚାୟତ ଅଂଚଳରେ ବିସ୍ଥାପିତ ଜନତାଙ୍କୁ ଭେଟି ସେମାନଙ୍କର ସମସ୍ୟାକୁ ଅନୁଧ୍ୟାନ କରିବ ଓ ଜିଲ୍ଲା ପ୍ରଶାସକଙ୍କ ସହ ସମସ୍ୟା ସମାଧାନ ସମ୍ପର୍କରେ ଆଲୋଚନା କରି ସବିଶେଷ ତଥ୍ୟ ପିସିସି କାର୍ଯ୍ୟାଳୟରେ ଦାଖଲ କରିବେ। ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଏକ ପ୍ରେସ ବିଜ୍ଞପ୍ତିରେ ଏହା ଜଣାଇଛନ୍ତି। ପରିବେଶ ପ୍ରଦୂଷଣ, ବିସ୍ଥାପନ ଓ ଜୀବିକା ଅନୁଧ୍ୟାନ କମିଟିରେ ବିଧାୟକ ଅଶୋକ କୁମାର ଦାସ ଅଧ୍ୟକ୍ଷ ରହିଥିବା ବେଳେ ସୁଧାଂଶୁ ଶେଖର ଦେଓ ଆବାହକ, ବିଧାୟକ ସାଗର ଚରଣ ଦାସ ଓ ସତ୍ୟଜିତ ଗମାଙ୍ଗୋ, ପୂର୍ବତନ ସାଂସଦ ଯଶୋବନ୍ତ ସିଂ ଲାଗୁରୀ, ମାନସ ମଲ୍ଲିକ, ପିନାକୀ ନାରାୟଣ ଦାସ ଏବଂ ମାଗୁଣି ଜେନା ପ୍ରମୁଖ ସଦସ୍ୟ ରହିଛନ୍ତି।

## କଂଗ୍ରେସ ପକ୍ଷରୁ ନିରଞ୍ଜନ ରଥଙ୍କ ସ୍ମୃତିସଭା

କଟକ(ଭାସ୍କର ନ୍ୟୁଜ): ବିଶିଷ୍ଟ ସମାଜସେବୀ, ବରିଷ୍ଠ ସାମ୍ବାଦିକ, ସମାଜର ପ୍ରାକ୍ତନ ସମ୍ପାଦକ ତଥା ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ସ୍ୱର୍ଗତ ନିରଞ୍ଜନ ରଥଙ୍କ ସ୍ମୃତି ସଭା କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । କଟକ ଶକ୍ତି ନଗର କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା କଂଗ୍ରେସ୍ର ଉପସଭାପତି ଶିଶିର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସ୍ମୃତି ସଭାରେ ଜିଲ୍ଲା କଂଗ୍ରେସର ଉପସଭାପତି ରାଜେଶ୍ ସ୍ୱାଇଁ ଓ ମନୋଜ ବିଶ୍ୱାଳ, କଟକ ନଗର(ଜିଲ୍ଲା) କଂଗ୍ରେସର ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ଗୋଚ୍ଛାୟତ, ନଗର କଂଗ୍ରେସ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ ଓ ଜୟ ନାରାୟଣ ତ୍ରୀପାଠୀ, ବ୍ଲକ୍ କଂଗ୍ରେସ ସଭାପତି ବିପନ ପଶାୟତ, କଟକ ନଗର ଯୁବ କଂଗ୍ରେସ ସଭାପତି ଡ଼ ବିପ୍ଳବ ଶିଳାଦିତ୍ୟ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ରାଉତ୍, ଜିଲ୍ଲା କଂଗ୍ରେସ ପ୍ରାକ୍ତନ ସମ୍ପାଦକ ଦିଲ୍ଲୀପ ଦଳାଇ, ୱାର୍ଡ ସଭାପତି ରଜନୀକାନ୍ତ ବସ୍ତିଆ, ଟାଙ୍ଗୀ ବ୍ଲକ ସଭାପତି ଆଶୁତୋଷ ବରାଳ, ସଦର ବ୍ଲକ୍ କଂଗ୍ରେସର କାର୍ଯ୍ୟକାରୀ ସଭାପତି ସୀତାକାନ୍ତ ପଣ୍ଡା, ନେତା ଲକ୍ଷ୍ମୀଧର ଶରଣ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରଥଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

## ଲୋକଙ୍କ ଅଭିଯୋଗ ଶୁଣିଲେ ପ୍ରଭାତୀ ପରିଡା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଲୋକଙ୍କ ଅଭିଯୋଗ ଶୁଣିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା । ଏନେଇ ସୋସିଆଲ ମିଡିଆ ଏକ୍ସରେ ପ୍ରଭାତି ପରିଡା କହିଛନ୍ତି ଯେ, ଆଜି ସରକାରୀ ବାସଭବନରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଅଭିଯୋଗ ନେଇ ଆସିଥିବା ଜନସାଧାରଣଙ୍କ ଅଭିଯୋଗ ଶୁଣିଲି। ପ୍ରତ୍ୟେକଟି ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରିବା ଏବଂ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ଆମ ସରକାର ପ୍ରତିଶୃତିବଦ୍ଧ ।

## ଭୁବନେଶ୍ୱରରେ ଡେଙ୍ଗୁ ଓ ଜଳବାହିତ ରୋଗ ରୋକିବା ନେଇ ବିଏମ୍‌ସିର ସମୀକ୍ଷା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱରରେ ଡେଙ୍ଗୁ ଓ ଜଳବାହିତ ରୋଗ ରୋକିବା ନେଇ ବିଏମସିର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ମେୟରଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ୱାଟକୋ, ସ୍ୱାସ୍ଥ୍ୟ, ଡ୍ରେନେଜ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଓ ବିଭିନ୍ନ ସଫେଇ ଏଜେନ୍ସି ସହ ଏକାଧିକ ଲାଇନ ଡିପାର୍ଟମେଣ୍ଟ ଉପସ୍ଥିତ ଥିଲେ। ଝାଡାବାନ୍ତି ପରେ ବିଏମସିକୁ ଡେଙ୍ଗ ଟେନସନ ବଢାଇଛି । ଡେଙ୍ଗୁ ଓ ଜଳବାହିତ ରୋଗ ରୋକିବା ନେଇ ବିଏମସି କରିଛି ମାନସମନ୍ଥନ। ୱାଟକୋ, ସ୍ୱାସ୍ଥ୍ୟ, ଡ୍ରେନେଜ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଓ ବିଭିନ୍ନ ସଫେଇ ଏଜେନ୍ସି ଆଲୋଚନା କରି ରଣନିତୀ କରିଛି। ଲୋକଙ୍କୁ ସଚେତନ କରିବେ ସ୍ୱଚ୍ଛ ସାଥୀ ଓ କର୍ପୋରେଟର। ଏବେ ସୁଦ୍ଧା ୪୫ ଜଣ ଡେଙ୍ଗୁ ଆକ୍ରାନ୍ତ ହୋଇଛନ୍ତି । ପ୍ରତି ୱାର୍ଡରେ ପାଣି ସଂଗ୍ରହ କରାଯାଉଛି ଜଳ ନମୁନା। ସେପଟେ ହୋଟେଲେ ଓ ଷ୍ଟ୍ରିଟ ଫୁଡରେ ସ୍ୱାସ୍ଥ୍ୟକର ପରିବେଶ ଓ ଗୁଣବତ୍ତା ନେଇ ଯାଞ୍ଚ କରୁଛି ବିଏମସି ଫୁଡ ସ୍କ୍ୱାର୍ଡ। ଏହା ସହିତ ବ୍ୟବସାୟିକ ଅନୁଷ୍ଠାନ ଗୁଡିକରେ ଫ୍ରେସ ଜିନିଷ ବିକ୍ରି କରିବା ନେଇ ନିର୍ଦ୍ଦେଶ ହୋଇଛି ।

## ଦଳିତ ନିର୍ଯାତନା ପାଇଁ ବିଜେପି ସରକାର ଦାୟୀ: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗତ ରବିବାର ଦିନ ଧରାକୋଟ ବ୍ଲକ ଅନ୍ତର୍ଗତ ଖାରିଗୁମ୍ମା ଗ୍ରାମରେ ସ୍ୱଷ୍ଟ ଦିବାଲୋକରେ ମିଥ୍ୟା ଗୋ-ଚାଲାଣ ଅଭିଯୋଗରେ ୨ ଜଣ ଦଳିତଙ୍କୁ ଅର୍ଦ୍ଧ ଉଲଗ୍ନ କରି ନାଳ ପାଣି ପିଆଇବା ସହ ରାସ୍ତାରେ ଆଣ୍ଠେଇ ଅକଥନୀୟ ନିର୍ଯାତନା ଭଳି ହୃଦୟ ବିଦାରକ ଘଟଣାକୁ ବିଜୁ ଜନତା ଦଳ ଦୃଢ଼ ନିନ୍ଦା କରିଛି । ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି ଯେ, ଏହି ବର୍ବରକାଣ୍ଡ ଓଡ଼ିଶାକୁ ଦେଶରେ ବଦନାମ କରିଛି । ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ି ପଡ଼ିଥିବାର ଏହା ଏକ ନଗ୍ନ ନମୂନା । ରାଜ୍ୟର ସମ୍ବେଦନହୀନ ନେତୃତ୍ୱ ପ୍ରତ୍ୟେକ ଦିନ ଏଭଳି ଅଘଟଣକୁ ଅଣଦେଖା କରିବା ଦ୍ୱାରା ପ୍ରଶାସନିକ କଳ ସମ୍ପୂର୍ଣ୍ଣ ନିଷ୍କ୍ରିୟ ହୋଇପଡ଼ିଛି । ଖାରିଗୁମ୍ମା ଘଟଣାରେ ଦୋଷୀ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ସହ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ପୀଡ଼ିତଙ୍କୁ ନ୍ୟାୟ ଦେବାରେ ତୁରନ୍ତ ପଦକ୍ଷେପ ନେବାକୁ ଡ଼ ମହାନ୍ତି ଦାବି କରିଛନ୍ତି । ଏହିଭଳି ଘଟଣା ପାଇଁ ଦିନକୁ ଦିନ ଓଡ଼ିଶାର ମାନ ସମ୍ମାନ ନିମ୍ନଗାମୀ ହେବାରେ ଲାଗିଛି । ଓଡ଼ିଆ ଅସ୍ମିତା ପ୍ରତ୍ୟେକ ଦିନ ଭୂଲୁଣ୍ଠିତ ହେଉଛି । ସରକାର ଯଦି ସକ୍ରିୟ ଭାବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି, ତେବେ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳ ଭାବେ ବିଜୁ ଜନତା ଦଳ ଆଗାମୀ ଦିନରେ ଆନ୍ଦୋଳନ କରିବ ବୋଲି ଡ଼ ମହାନ୍ତି କହିଛନ୍ତି ।

### ନବନିଯୁକ୍ତ କନିଷ୍ଠ ଯନ୍ତ୍ରୀଙ୍କ ପ୍ରାରମ୍ଭିକ ପ୍ରଶିକ୍ଷଣ ସମାରୋହ

## ପକେଟ ବୁକ୍ ଫର ରୁରାଲ ରୋଡ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମଙ୍ଗଳବାର କିଟ୍ ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ନବନିଯୁକ୍ତ କନିଷ୍ଠ ଯନ୍ତ୍ରୀଙ୍କ ପ୍ରାରମ୍ଭିକ ପ୍ରଶିକ୍ଷଣ ସମାରୋହ ୨୦୨୫ ର ଉଦଘାଟନୀ କାର୍ଯ୍ୟକ୍ରମ ଅବସରରେ ୧୨୭ ପୃଷ୍ଠା ବିଶିଷ୍ଟ ନ୍ତପକେଟ ବୁକ୍ ଫର ରୁରାଲ ରୋଡ' ପୁସ୍ତକକୁ ଉନ୍ମୋଚନ କରିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଏହି ପୁସ୍ତକଟି ସମସ୍ତ କନିଷ୍ଠ ଯନ୍ତ୍ରୀ ମାନଙ୍କୁ ବିଶେଷ ଭାବେ ସହାୟକ ହେବ ବୋଲି ସେ ଦୃଢ଼ ଆଶା ଓ ବିଶ୍ୱାସ କରିଛନ୍ତି। ଏହି କାର୍ଯ୍ୟକ୍ରମ ଅବସରରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଯାମିନୀ ଷଡଙ୍ଗୀଙ୍କ ସହ ବିଭାଗୀୟ ବରିଷ୍ଠ ଅଧିକାରୀ ଗଣ ଯୋଗଦେଇଥିଲେ।

## ପାଳନ ହେବ ରାଜ୍ୟସ୍ତରୀୟ ସମ୍ବିଧାନ ହତ୍ୟା ଦିବସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ସରକାର ପାଳନ କରିବେ ସମ୍ବିଧାନ ହତ୍ୟା ଦିବସ । ଭୁବନେଶ୍ୱର ରେଳ ଅଡିଟୋରିୟମ ପାଳନ ହେବ ରାଜ୍ୟସ୍ତରୀୟ ସମ୍ବିଧାନ ହତ୍ୟା ଦିବସ କାର୍ଯକ୍ରମ । ରାଜନୀତି ବିଜ୍ଞାନର ଛାତ୍ରଛାତ୍ରୀ ମାନେ ଏହି କାର୍ଯ୍ୟକ୍ରମରେ ଭାଗ ନେବେ ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂଚନା ଦେଇଛନ୍ତି । ଜରୁରୀକାଳୀନ ପରିସ୍ଥିତିରେ ଗିରଫ ହୋଇଥିବା ଗଣତନ୍ତ୍ର ସେନାନୀ ମାନଙ୍କୁ କାର୍ଯ୍ୟକ୍ରମରେ ସମ୍ମାନିତ କରିବେ ମୁଖ୍ୟମନ୍ତ୍ରୀ । ସେ ସମୟରେ ଗିରଫ ହୋଇଥିବା ୫୬ ଜଣଙ୍କୁ ସରକାର ପେନସନ ଦେଉଛନ୍ତି । ଆହୁରି ୫୨ ଜଣଙ୍କୁ ନାମ ମଧ୍ୟ ସାମିଲ କରାଯାଇଛି । ଏହାସହ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ଉଚ୍ଚ ଶିକ୍ଷା ବିଭାଗର ଅନେକ ଗୁଡିଏ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ୧୯୭୫ ଜୁନ ୨୫ ମସିହାରେ ସମ୍ବିଧାନ ହତ୍ୟା ହୋଇଥିଲା । ଜରୁରୀକାଳୀନ ପରିସ୍ଥିତି ଲାଗୁ ହେଇଥିଲା । ତାହାର ୫୦ ବର୍ଷ ପୂର୍ତ୍ତି ପାଳନ ହେବ । ସମ୍ବିଧାନର ସାର୍ବଭୌମତ୍ୱ ପାଇଁ ଯାହା କରିବା କଥା କରାଯିବ । ପୂର୍ବରୁ ଯାହା ଭୁଲ ହୋଇଛି ତାକୁ ସୁଧାରିବାର ଅବସର ଆସିଛି । ତାକୁ ଯେଉଁମାନେ ବିରୋଧ କରୁଛନ୍ତି, ଏହା ସମ୍ବିଧାନ ପ୍ରତି ସମ୍ମାନ ନୁହେଁ ବୋଲି କହିଛନ୍ତି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

## ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀଙ୍କ ପୁଷ୍ପମାଲ୍ୟ ଅର୍ପଣ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ବିଧାନସଭା ପରିସରରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ପ୍ରଗତି ତଥା ତୃଣମୂଳ ସ୍ତରରୁ ଜନତାଙ୍କ ଉନ୍ନତି ପାଇଁ ତାଙ୍କର ପ୍ରୟାସ ନିମନ୍ତେ ସେ ଚିର ସ୍ମରଣୀୟ ହୋଇ ରହିବେ।

## ମୋଦକ ଚୋରି ଘଟଣା ଦାୟିତ୍ୱ ହୀନତା: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୋଦକ ଚୋରି ନେଇ ବିଜେଡି ବିଧାୟକ ଗଣେଶ୍ୱର ବେହେରା ପ୍ରତିକ୍ରିୟା ରଖିଛନ୍ତି । ମୋଦକ ଚୋରି ହେଲା କେମିତି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି । ଯଦି ମୋଦକ ଚୋରି ହେଇଗଲା ତେବେ ଠାକୁର ସୁସ୍ଥ ହେବେ କେମିତି ? ରଥାରୁଢ଼ ହୋଇ ଦର୍ଶନ କେମିତି ଦେବେ ? ଏହା ଦାୟିତ୍ୱ ହୀନତା ବୋଲି ସେ କହିଛନ୍ତି । ଏତେ ଅନୁଭବୀ ଓ ବରିଷ୍ଠ ଅଧିକାରୀ ଥାଉ ଥାଉ ମୋଦକ ହଜିଲା କେମିତି ? ତ୍ରୁଟିଶୂନ୍ୟ ରଥଯାତ୍ରା କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । କିନ୍ତୁ ଆରମ୍ଭରୁ ତ୍ରୁଟି ଦେଖାଦେଲାଣି । ସରକାର ଏହା ଉପରେ ତୁରନ୍ତ ତଦନ୍ତ କରି ପଦକ୍ଷେପ ନିଅନ୍ତୁ । ସରକାର ତଦନ୍ତ କରି କାର୍ଯ୍ୟନୁଷ୍ଠାନ ନିଅନ୍ତୁ । ଭକ୍ତଙ୍କ ଭିତରେ ଥିବା ବ୍ୟଥା ଓ ସନ୍ଦେହକୁ ଦୂର କରନ୍ତୁ ସରକାର ବୋଲି ସେ ଦାବି କରିଛନ୍ତି।

## ଓଡ଼ିଶା ଏନ୍‌ଏସ୍‌ଏସ୍ କନ୍‌ଭେନସନ୍ ଆୟୋଜିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ଏନ୍.ଏସ୍.ଏସ୍ କନ୍.ଭେନସନ୍-୨୦୨୫ ଆୟୋଜିତ ହୋଇଯାଇଛି। କୃଷି ସମ୍ପ୍ରସାରଣ ପରିଚାଳନା ପ୍ରତିଷ୍ଠାନ ଶିରିପୁର ଭୁବନେଶ୍ୱରରେ ଓଡ଼ିଶା ଜାତୀୟ ସେବା ଯୋଜନା ଶାଖା ପକ୍ଷରୁ ଏନ୍.ଏସ୍.ଏସ୍ କନଭେନସନ୍ ୨୦୨୫ର ୨ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଛି। ସରକାରୀ ଯୋଜନାର କାର୍ଯ୍ୟକାରିତା ସହ ବୃକ୍ଷ ରୋପଣ ,ମାଇ ଭାରତ ଅଧିନରେ ବିଭିନ୍ନ କଲେଜ ଓ କମୁନିଟିକୁ ଯାଇ ସଚେତନତା ସୃଷ୍ଟି କରାଯିବା ଭଳି ଅନେକ କାର୍ଯ୍ୟ ଏହି କର୍ମଶାଳାରେ ଆଲୋଚନା କରାଯିବ । ଗତ ବର୍ଷ ୨ ଲକ୍ଷ ବୃକ୍ଷ ରୋପଣ କରାଯାଇ ଥିବା ବେଳେ ଏଥର ୫ ଲକ୍ଷ ବୃକ୍ଷ ରୋପଣ ପାଇଁ ଯୋଜନା କରାଯାଇଛି। ଏହା ସହ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଦିଆ ଯାଇଥିବା ବିଭିନ୍ନ ଫଣ୍ଡ ଗୁଡ଼ିକର କିଭଳି ସଦୁପଯୋଗ କରାଯିବା ସେ ନେଇ ଏକ ସ୍ୱତନ୍ତ୍ର ରୋଡ଼ ମ୍ୟାପ ପ୍ରସ୍ତୁତ କରାଯିବ ବୋଲି ଏନଏସଏସର ଅଧିକାରି ମାନେ କହିଛନ୍ତି। ଓଡ଼ିଶା ଜାତୀୟ ସେବା ଯୋଜନା ଶାଖା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲା ସହ କଲେଜରେ ଦାୟିତ୍ୱରେ ଥିବା ଅଧ୍ୟାପକ ଓ ଅଧ୍ୟାପିକା ମାନେ ଯୋଗ ଦେଇଥିଲେ।

## ମହାପ୍ରଭୁଙ୍କ ମୋଦକ ଚୋରି ଘଟଣାରେ କଂଗ୍ରେସର କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମହାପ୍ରଭୁଙ୍କ ମୋଦକ ଚୋରି ଘଟଣା । ବର୍ଷିଲେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ । ସେ କହିଛନ୍ତି ଯେ,ଓଡ଼ିଆ ଅସ୍ମିତା କଥା କହି ସରକାରକୁ ଆସିଛି ବିଜେପି । ଓଡ଼ିଆ ଅସ୍ମିତା ରକ୍ଷା କରି ପାରୁନାହାନ୍ତି ସରକାର । ଶେଷରେ ମହାପ୍ରଭୁଙ୍କ ମୋଦକ ଚୋରି ହୋଇଛି । ଘଟଣାର ତଦନ୍ତ କରି ପଦକ୍ଷେପ ନିଆଯାଉ । ଶ୍ରୀମନ୍ଦିରର ୪ ଦ୍ୱାରା ଖୋଲି ଦେଇ କହି ବାଃ ବାଃ ନେଉଛନ୍ତି । ଦେଖିଲା ବେଳକୁ ସୁରକ୍ଷା ଦେଉ ପାରୁନାହାନ୍ତି କହି ବର୍ଷିଛନ୍ତି ରାମଚନ୍ଦ୍ର କାଡାମ ।

## କଂଗ୍ରେସ ସମୟରେ ଦଳିତ ମାନେ ସର୍ବାଧିକ ଅତ୍ୟାଚାରର ଶିକାର: ବିଜେପି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦଳିତଙ୍କୁ ଅତ୍ୟାଚାର ଘଟଣାରେ କଂଗ୍ରେସର ଅଭିଯୋଗ ଉପରେ ଜବାବ ରଖିଲା ବିଜେପି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି ଯେ, ରାହୁଲ ଗାନ୍ଧୀ କିଛି ବୁଝନ୍ତି ନାହିଁ । ଯିଏ ଯାହା କୁହନ୍ତି, ଟୁଇଟ କରିଦିଅନ୍ତି । କଂଗ୍ରେସ ସମୟରେ ଦଳିତ ମାନେ ସର୍ବାଧିକ ଅତ୍ୟାଚାରର ଶିକାର ହୋଇଛନ୍ତି । ତାଙ୍କ ଦଳର ଦୁଇ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ ଓ ଗିରିଧର ଗମାଙ୍ଗ ବି ଅବହେଳିତ ହୋଇଥିଲେ । କଂଗ୍ରେସ ସରକାରରେ ଆଦିବାସୀ ବିଭାଗ ବି ତିଆରି କରିନଥିଲା । ବିଜେପି ଆଦିବାସୀଙ୍କୁ ସମ୍ମାନ ଦେଇଛି । କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଭାବେ ଜୁଏଲ ଓରାମଙ୍କୁ ଦାୟିତ୍ୱ ଦିଆଯାଇଛି । କଂଗ୍ରେସ ଲୋକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଛି ବୋଲି ସେ କହିଛନ୍ତି।

## ସଂଗ୍ରାମୀ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧ ଦିବସ ପାଳିତ




ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ମହାନ ସ୍ୱାଧୀନତା ସଂଗ୍ରାମୀ, ଋଷିପ୍ରତିମ ରାଜନେତା ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧଦିବସ ପାଳି ହୋଇଯାଇଛି। ଏହି ଅବସରରେ ଜିଲ୍ଲା କଂଗ୍ରେସ ପକ୍ଷରୁ ସଭାପତି ନଟବର ବାରିକଙ୍କ ସମେତ କଂଗ୍ରେସ କର୍ମୀ ମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ଜିଲ୍ଲା କଂଗ୍ରେସ ଉପ ସଭାପତି ମହନୀ ଚରଣ ରାଉତ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ଯୁବ କଂଗ୍ରେସ ନେତା ଇଂ ଜ୍ଞାନ ରଞ୍ଜନ ଜେନା, ସୁକାନ୍ତ ମହାପାତ୍ର, ଆର୍ଶୀବାଦ ତ୍ରିପାଠୀ, ଦୀପକ୍ କୁମାର ପାଲ, ମିର୍ଜା ସାମସୁଦ୍ଦିନ ବେଗ୍, ଅବନୀକାନ୍ତ ମହାରଣା ପ୍ରମୁଖ ଯୋଗଦେଇ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ବିକାଶ ବାହନ ଲୋକଙ୍କ ନିକଟକୁ ଯାଇ ଯୋଗାଇଛି ଜରୁରି ସେବା: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜୁନ ୧୨ ତାରିଖରୁ ୩୧୯ଟି ବିକାଶ ବାହନ ରାଜ୍ୟର ସମସ୍ତ ବ୍ଲକ ଓ ମହାନଗର ନିଗମରେ ପ୍ରାୟ ୧.୫ ଲକ୍ଷ କିମି ଯାତ୍ରାକରି ବିଭିନ୍ନ ଯୋଜନା ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ଓ ଅନେକ ଯୋଜନାର ହିତାଧିକାରୀଙ୍କୁ ସିଧାସଳଖ ଯୋଜନାର ଲାଭ ପହଞ୍ଚାଇପାରିଛି ବୋଲି ପଞ୍ଚାୟତିରାଜ ଓ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ପ୍ରକାଶ କରିଛନ୍ତି । ଏହି ବିକାଶ ବାହନଗୁଡ଼ିକ ରାଜ୍ୟର ସମସ୍ତ ୩୧୪ ବ୍ଲକ୍, ୧୧୫ ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ୫ ଟି ମହାନଗର ନିଗମରେ ଲୋକଙ୍କ ନିକଟରେ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ଓ ବିକାଶର ବାର୍ତ୍ତା ପହଂଚାଇଛନ୍ତି। ଏହି ସୂଚନା-ଶିକ୍ଷା-ସଂଚାର ଆଧାରିତ ବିକାଶ ବାହନ ଗୁଡ଼ିକ ଦ୍ୱାରା ୧୦ ଦିନ ଧରି ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଅନ୍ତର୍ଗତ ଯୋଜନାଗୁଡ଼ିକର ସୁଫଳ ଲୋକଙ୍କ ନିକଟରେ ସିଧା ସଳଖ ଭାବରେ ପହଞ୍ଚାଯାଇଥିଲା। ଏହା ମାଧ୍ୟମରେ ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ୪୫, ୯୩୩ କାର୍ଯ୍ୟାଦେଶ ବଂଟନ, ୮୯୧୯୩ ଏମ୍ ଜିଏନ୍ଆର୍ ଇଜିଏ ଜବ୍ କାର୍ଡ ବଣ୍ଟନ, ୪୭,୩୪୨ ରାସନ୍ କାର୍ଡ, ସିଏମ୍- କିଷାନରେ ୧, ୩୨, ୯୩୩ ଓ ପିଏମ୍- କିଷାନ ଅଧିନରେ ୯୯,୬୭୭ ହିତାଧିକାରୀଙ୍କୁ ସାମିଲ କରାଯାଇଛି । ଏହି ସମୟ ମଧ୍ୟରେ ଏବିପିଏମ୍ ଜେଏୱାଇ ବୟ ବନ୍ଦନା ଯୋଜନା ଅଧୀନରେ ୧,୪୯,୩୪୩ ହିତାଧିକାରୀଙ୍କୁ ସାମିଲ କରାଯାଇଛି । ୧୩,୦୩୮ଟି ବ୍ୟକ୍ତିଗତ ପଟ୍ଟା ଓ ୨୨୮୫ଟି ଗୋଷ୍ଠି ପଟ୍ଟା କରାଯାଇ ପାରିଛି। ଏକ୍ ପେଡ୍ ମାଁ କେ ନାମ୍ ରେ ୨,୮୩,୪୦୯ଟି ଚାରାରୋପଣ କରାଯାଇଛି । ୫୯,୬୯୭ ନୂତନ ହିତାଧିକାରୀଙ୍କୁ ଭତା ଦିଆଯାଇଛି । ବିକାଶ ବାହନ ଗୁଡ଼ିକ ମାଧ୍ୟମରେ ୨୦୯୯୮ଟି ନୂତନ ଜନଧନ୍ ଆକାଉଂଟ ଖୋଲାଯାଇଛି , ୫୧୧୧୩ ହିତାଧିକାରୀଙ୍କ ନୂତନ ଆଧାର୍ କାର୍ଡ ପଞ୍ଜୀକରଣ କରାଯାଇଛି । ଲେବର୍ କାର୍ଡରେ ୨୬,୮୯୭ ନୂତନ ହିତାଧିକାରୀ, କିସାନ୍ କ୍ରେଡିଟ୍ କାର୍ଡରେ ୨୭,୧୯୪ ନୂତନ ହିତାଧିକାରୀ, ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅଧୀନରେ ୧୭,୦୬୬ ନୂତନ ହିତାଧିକାରୀଙ୍କୁ ସାମିଲ କରାଯାଇପାରିଛି। ଶାସନ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ସହ ସରକାରୀ ସେବା ଗୁଡିକୁ ଲୋକଙ୍କ ନିକଟକୁ ପହଞ୍ଚାଇବାର ସଂକଳ୍ପ ଓ ବିକାଶର ବାର୍ତ୍ତା ବିକାଶ ବାହନ ସୁଶାସନର ଏକ ଅଭିନବ ପ୍ରୟାସ ସାବ୍ୟସ୍ତ ହୋଇଛି ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି ।

## ଅଘୋଷିତ ସ୍କୁଲ ଛୁଟିକୁ ନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ

### ଉପାନ୍ତରେ ମନଇଚ୍ଛା ସ୍କୁଲ ଖୋଲୁଛନ୍ତି ଶିକ୍ଷକ



କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ ଆମପାଣି ଗ୍ରାମ ପଞ୍ଚାୟତର ଉପାନ୍ତ ଟିର୍ଲିଆମ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସୋମବାର କୌଣସି ଶିକ୍ଷକ ଉପସ୍ଥିତ ରହି ନଥିବାରୁ ବିଦ୍ୟାଳୟଟି ଅଘୋଷିତ ଛୁଟି ହୋଇଛି। ଯାହାକୁ ନେଇ ଅବିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ' ଟିର୍ଲିଆମ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସୋମବାର ଛାତ୍ର ଛାତ୍ରୀମାନେ ପାଠ ପଢିବା ପାଇଁ ସ୍କୁଲକୁ ଆସିଥିଲେ। କିନ୍ତୁ ବିଦ୍ୟାଳୟରେ ନିୟୋଜିତ ଥିବା ୨ ଜଣ ଶିକ୍ଷକ ମଧ୍ୟରୁ କେହି ମଧ ସ୍କୁଲ ଆସି ନଥିଲେ। ତେଣୁ ଛାତ୍ର ଛାତ୍ରୀ ମାନେ ଦିର୍ଘ ସମୟ ଧରି ଅପେକ୍ଷା କରିବା ପରେ ନିଜ ନିଜ ଘରକୁ ଚାଲି ଯାଇଥିବା ଅଭିଯୋଗ ହୋଇଛି। ପୂର୍ବରୁ ମଧ ଏହି ବିଦ୍ୟାଳୟର ଶିକ୍ଷକ ମାନେ କାର୍ଯ୍ୟରେ ଅବହେଳା କରୁଥିବା ବହୁବାର ଅଭିଯୋଗ ହୋଇଛି। ଏହା ସତ୍ତ୍ୱେ ମଧ ଶିକ୍ଷା ବିଭାଗ ପକ୍ଷରୁ ସମ୍ପୃକ୍ତ ଶିକ୍ଷକ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ଅନେକ ଦିନରୁ ସେମାନେ ସ୍କୁଲ ଖୋଲିବାରେ ମନମାନି କରି ଆସୁଛନ୍ତି। ଯାହାକୁ ନେଇ ଅବିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି। ସୋମବାର କୋକସରା ବ୍ଲକ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିର ରହିଥିଲା, ତଥାପି ସମ୍ପୃକ୍ତ ଶିକ୍ଷକ ଦ୍ୱୟ ପ୍ରଶାସନକୁ ଖାତିର ନକରି ସ୍କୁଲ ଖୋଲି ନଥିବା ଘଟଣା ପୂର୍ବରୁ ଚାଲି ଆସିଥିବା ଘଟଣାକୁ ସ୍ପଷ୍ଟ ପ୍ରମାଣିତ କରିଛି। କେବଳ ଯେ' ଟିର୍ଲିଆମ ନୁହେଁ କୋକସରା ବ୍ଲକର ଉପାନ୍ତ ଅଞ୍ଚଳରେ ସପ୍ତାହରେ ଦିନେ ଅଧେ ବିଦ୍ୟାଳୟ ବନ୍ଦ ରହିବା ଭଳି ଅଭିଯୋଗ ଅନେକ ଥର ହୋଇଛି। ତଥାପି କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଅଭିଭାବକ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପଟେ ଟିର୍ଲିଆମ ବିଦ୍ୟାଳୟରେ ଶିକ୍ଷକ ଅନୁପସ୍ଥିତ କାରଣରୁ ବନ୍ଦ ରହିବା ଖବର ଦିନ ୧୨ଟା ପର୍ଯ୍ୟନ୍ତ ସିଆରସିସି, କିମ୍ବା କୋକସରା ବିଇଓଙ୍କ ପାଖରେ ନଥିଲା। କୋକସରା ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣୀ ଶିବିରରେ ସାମ୍ବାଦିକ ମାନେ ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ତଦନ୍ତ କରି କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପାଇଁ ତୁରନ୍ତ କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସିଆରସିସି ସ୍କୁଲକୁ ତଦନ୍ତ ପାଇଁ ଯାଇଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ଅପରାହ୍ନରେ ବିଦ୍ୟାଳୟର ଦୁଇ ଜଣ ଶିକ୍ଷକ ତୁରନ୍ତ ସ୍କୁଲକୁ ଦୌଡିଥିବା ଜଣାପଡିଛି। ଏ ବିଷୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଭାଟିଙ୍କୁ ପଚାରିବାରୁ ସିଆରସିସି ରିପୋର୍ଟ ଦେଲାପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ତେବେ କାର୍ଯ୍ୟରେ ଅବହେଳା କରି ସ୍କୁଲ ବନ୍ଦ କରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉପରେ ଖେଳୁଥିବା ଦୁଇ ଶିକ୍ଷକଙ୍କ ଉପରେ ଶିକ୍ଷା ବିଭାଗ କି ପଦକ୍ଷେପ ନେଉଛି ତାହା ସମସ୍ତେ ଅପେକ୍ଷା କରିଛନ୍ତି।

## ପର୍ଲା ଆଦର୍ଶ ବିଦ୍ୟାଳୟ ରାସ୍ତା ଶୋଚନୀୟ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ବିକାଶ କେବଳ କାଗଜ କଲମ ଭିତରେ ସୀମିତ ରହିଛି। ସରକାର ପରେ ସରକାର ବଦଳୁଛି ହେଲେ ବଦଳି ପାରୁନି ସମସ୍ୟା। ଧର୍ମଗଡ଼ ବ୍ଲକ ପର୍ଲା ସ୍ଥିତ ଆଦର୍ଶ ବିଦ୍ୟାଳୟ ରାସ୍ତା ତାର ଜ୍ୱଳନ୍ତ ଉଦାହରଣ ପାଲଟିଛି। ଆଦର୍ଶ ବିଦ୍ୟାଳୟକୁ ଯିବାକୁ ହେଲେ ୨ଟି ରାସ୍ତା। ଗୋଟାଏ ରାଜୀବ ନଗର ଦେଇ ଯିବାକୁ ହୁଏ ଓ ମୁଖ୍ୟ ରାସ୍ତାଟି ପଞ୍ଚାୟତ କାର୍ଯ୍ୟାଳୟ ଦେଇ ଯିବାକୁ ପଡେ। ବିଗତ ସରକାରଙ୍କ ସମୟରେ ନିଜ ଦଳୀୟ କର୍ମୀକୁ ଠିକାଦାର ନିଯୁକ୍ତି ଦେଇ ରାଜୀବ ନଗର ଠାରୁ ଆଦର୍ଶ ବିଦ୍ୟାଳୟ ଯାଏ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିଲା। ହେଲେ ନିମ୍ନମାନର କାମ ଯୋଗୁଁ ତାହା ଖାଲ ଢିପ ଓ ଚିପ୍ସ ବାହାରି ପଡ଼ିଲାଣି। ଅନ୍ୟଟି ପଞ୍ଚାୟତ କାର୍ଯ୍ୟାଳୟ ଦେଇ ନୂଆପଡା -ଆଦର୍ଶ ବିଦ୍ୟାଳୟକୁ ଯାତାୟାତର ଦୈନନ୍ଦିନ ରାସ୍ତା। ସେହି ରାସ୍ତା ଦେଇ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସାଧାରଣ ଲୋକ ଯିବା ଆସିବା କରିଥାନ୍ତି। ଲୋକଙ୍କ କହିବା କଥା ଦୀର୍ଘ ୨୦/୨୫ବର୍ଷ ତଳେ ଏହି ରାସ୍ତାରେ ପଞ୍ଚାୟତ ରାସ୍ତା କାମ କରିଥିଲା। ଯାହାକି ମେଟାଲ ମୋରମ, ପରେ କିଛି ଦୂର ପିଚୁ ହୋଇଥିଲା। ହେଲେ ଏବେ ସେ ରାସ୍ତା ଖାଲ ଢ଼ିପ ଓ କାଦୁଅ ପଚ ପଚ ହୋଇ ପଡ଼ିଛି। ସେହି ଆଣ୍ଠୁଏ କାଦୁଅରେ ନୀତିଦିନ ଛାତ୍ରଛାତ୍ରୀ ଯାତାୟାତ କରୁଥିବା ଦୃଶ୍ୟ ଏବେ ଲୋକ ଲୋଚନକୁ ଆସିଛି। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଆଲୋଚନା ସମାଲୋଚନା ଜୋର ଧରିଛି। ରାସ୍ତା ପ୍ରତି ନା ଦୃଷ୍ଟି ଦେଉଛି ପ୍ରଶାସନ ନା ନେତା। ଗୋଟାଏ ପଟେ ଗୁଣାତ୍ମକ ଶିକ୍ଷା ଓ ଭିତ୍ତିଭୂମି ବିକାଶ ଉପରେ ସରକାର ଜୋର ଦେଉଛନ୍ତି ସତ ହେଲେ ପର୍ଲା ଆଦର୍ଶ ବିଦ୍ୟାଳୟ ପ୍ରତି ଭୁଲି ଯିବା ନୀତିକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଉଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ପଣ୍ଡରାମାଳି ସେବା ସଙ୍ଘର ନୂତନ ଜିଲ୍ଲା କମିଟି ଗଠିତ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ଗଡିଆଯୋର ଆମ୍ବ ତୋଟା ଠାରେ ପଣ୍ଡରା ମାଳି ସେବା ସଙ୍ଘ ପକ୍ଷରୁ ଚାରି ଗଡ଼ ଜନସାଧାରଣଙ୍କୁ ନେଇ ଏକ ମହାସଭା ଅନୁଷ୍ଠିତ ହୋଇଯାଇଛି। ମହାସଭାରେ ପ୍ରେମ ଲାଲ ନାଏକ ସଭାପତିତ୍ୱ କରିଥିବା ବେଳେ ମଞ୍ଚରେ ପଣ୍ଡରାମାଳି ସମାଜର ଛତିଶ ବର୍ଗ ପୂଝାରୀ, ଗୌନ୍ତିଆ ଓ ଝାଙ୍କର ମଞ୍ଚରେ ମଞ୍ଚାସିନ ଥିଲେ। ମୁଖ୍ୟଅତିଥି ଭାବରେ ନୂଆପଡ଼ା ଜିଲ୍ଲା ପଣ୍ଡାରାମାଳି ସଭାପତି ଗୋଦାବରୀଶ ନାଏକ ଯୋଗ ଦେଇ ଥିବା ବେଳେ ମୁଖ୍ୟ ବକ୍ତା ଯତିନଦ୍ର ନାୟକ (ନବରଙ୍ଗପୁର) ସମ୍ମାନିତ ଅତିଥି ନରେଶ ବିଶି (କେସିଙ୍ଗା ବ୍ଲକ) ବିଶେଶ୍ୱର ଟୋଳଟିଆ (ଛତିଶଗଡ଼) ଯୋଗ ଦେଇ ଥିଲେ। ମହାସଭାରେ ଜିଲ୍ଲା ପଣ୍ଡାରାମାଳି ସେବା ସଙ୍ଗ ପକ୍ଷରୁ ଏକ ଜିଲ୍ଲା କମିଟି ମଧ ଗଠନ କରାଯାଇଥିଲା। ଉପସ୍ଥିତ ଥିବା ଚାରୀଗଡର ସମସ୍ତ ଜନସାଧାରଣଙ୍କ ସହମତି କ୍ରମେ କୂଳପତି ଭାବରେ ବିଦ୍ୟାଧର ନାଏକ, ସଭାପତି ଭାବରେ ଉମାଶଙ୍କର ମାଝୀ, କାର୍ଯ୍ୟକାରୀ ସଭାପତି ଭାବରେ ଉଦିତ କୁମାର ନାଏକ, ସାଧାରଣ ସଂପାଦକ ଭାବରେ ବିରଞ୍ଚି ବଣିଆ, କୋଷାଧ୍ୟକ୍ଷ ଭାବରେ ମନୋଜ କୁମର ନାଏକଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଉପସଭାପତି ଭାବରେ ସୁରେନ୍ଦ୍ର ନାଏକ, ନୂତନ ନାଏକ, ଟଙ୍କ ଧର ନାଏକ, ଅଲେଖ ନାଏକ, ସୁଦର୍ଶନ ବିନବରଗିଆଙ୍କୁ ଦାୟିତ୍ୱ ଦିଆଯାଇଥିଲା। ମହାସଭା ମଞ୍ଚକୁ ସୁଶାନ୍ତ ନାଏକ ପରିଚାଳନା କରିଥିବା ବେଳେ ପଣ୍ଡରା ମାଳି ସେବା ସଙ୍ଗର ସମସ୍ତ କାର୍ଯ୍ୟକର୍ତ୍ତା ଉକ୍ତ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## କୋକସରା ବ୍ଲକରେ ଜନଶୁଣାଣି ଶିବିର




ଭବାନୀପାଟଣା/ କୋକସରା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟ ସଭାଗୃହ ଠାରେ ୨୩ ତାରିଖ ସୋମବାର ଦିନ ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଜନଶୁଣାଣି ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଓ ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୫୩ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୨୧ ଗୋଟି ଓ ସାମୂହିକ ୩୦ ଗୋଟି ରହିଥିବା ବେଳେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏଥିରେ ୯ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲାବେଳେ ଶିବିରରେ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ଘର ଡିହ, ପାନୀୟଜଳ, ଜମି ବିବାଦ, ରାଶନ କାର୍ଡ, ରାସ୍ତା ନିର୍ମାଣ, ଡାକ୍ତର ନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଶିଶୁ ସୁରକ୍ଷା, ବ୍ୟାଙ୍କ୍, ଗ୍ରାମ୍ୟ ଉନ୍ନୟନ, ପୋଲିସ କେଶ୍, ପୂର୍ତ୍ତ ବିଭାଗ,ଜଙ୍ଗଲ ବିଭାଗ, ତହସିଲ ତଥା ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ପ୍ରବେଶନ) ଅନିମେଷ ପ୍ରଧାନ, ଭାରପ୍ରାପ୍ତ ଉପ ଜିଲ୍ଲାପାଳ ଧର୍ମଗଡ଼, ଅଜୟ ପ୍ରକାଶ ତିର୍କୀ, ପଞ୍ଚାୟତ ସମିତି ଅଧକ୍ଷ ରାଜୀବ ଅଗ୍ରୱାଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିମାଚଳ ମାଝୀ, ଜିଲ୍ଲା ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା, ଜିଲ୍ଲା ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଚ୍ଛ ସଞ୍ଜୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବୀରେନ୍ଦ୍ର କୁମାର କହଁର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ମାସ ଆସନ୍ତା ୩୦ ତାରିଖରେ ନର୍ଲା ବ୍ଲକସ୍ତରୀୟ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ନର୍ଲା ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ଅନୁଷ୍ଠିତ ହେବ ବୋଲି ପ୍ରଶାସନ ପକ୍ଷରୁ ଜଣାପଡିଛି।

## ଟୋକନ୍ ଅବଧି ସରିଲା: ଉଠିପାରିଲାନି ମଣ୍ଡିରୁ ଧାନ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଅନେକ ମଣ୍ଡିରେ ପଡ଼ିରହିଛି ବିକ୍ରି ହେବାକୁ ଥିବା ହଜାର ହଜାର କୁଇଣ୍ଟାଲ ଧାନ। ଲଗାଣ ବର୍ଷା ଚାଷୀଙ୍କ ସମସ୍ୟାକୁ ଆହୁରି ଦ୍ୱିଗୁଣିତ କରି ଦେଉଛି। ବର୍ଷାରେ ଧାନ ଭିଜୁଥିବାରୁ ଧାନ ଗଜା ହେବା ସହିତ ରଙ୍ଗ ବଦଳିଯାଉଛି। ଏଥିଯୋଗୁଁ ମିଲର ଧାନ ଉଠାଉ ନାହିଁ। ଟୋକନ ଅବଧି ମଧ ଶେଷ ହେବାକୁ ବସିଲାଣି। ହେଲେ ମଣ୍ଡିରୁ ଧାନ ଉଠୁନାହିଁ। ଏଭଳି ଦୁର୍ଦ୍ଦଶା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲାରେ ଚଳିତବର୍ଷ ରବି ଧାନ ମଣ୍ଡିରେ। ଜିଲ୍ଲାର ଜୁନାଗଡ଼ ବ୍ଲକ ଦେଉଣ୍ଡି ମଣ୍ଡିରେ ୬ ଜଣ ଚାଷୀଙ୍କ ଟୋକନ ଅବଧି ଶେଷ ପରେ ମଧ ଧାନ ଉଠିପାରି ନ ଥିଲା। ସ୍ଥାନୀୟ ଧାନକ୍ରୟ ଅଧିକାରୀ ମଧୁସୂଦନ ହଂସ ଧାନ ଡିସ୍‌କଲର(ରଙ୍ଗ ବଦଳିଥିବା) ଯୋଗୁଁ ଧାନ ଉଠି ନ ଥିଲା ବୋଲି ସଫେଇ ଦେଇଛନ୍ତି। ତେବେ ସପ୍ତାହରୁ ଊର୍ଦ୍ଧ୍ୱ ହେବ ଏହି ଚାଷୀଙ୍କ ଧାନ ମଣ୍ଡିରୁ ଉଠାଣ କରାଯାଇ ନ ଥିଲା। ଫଳରେ ବର୍ଷା ଯୋଗୁଁ ସେମାନଙ୍କ ଧାନ ଡିସ୍‌କଲର ହୋଇଯାଇଥିଲା। ସ୍ଥାନୀୟ ଧାନ କ୍ରୟ ଅଧିକାରୀଙ୍କ ଅବହେଳା ପାଇଁ ସେମାନଙ୍କ ଧାନ ଉଠି ନ ଥିବା ଚାଷୀମାନେ ଅଭିଯୋଗ ଆଣିଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି। ଏହି ମଣ୍ଡିରେ ଏବେ ମଧ ୮୫ ଜଣ ଚାଷୀଙ୍କ ୪୬୭୮ କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡିରହିଛି। ମିଳିଥିବା ସୂଚନା ଅନୁଯାୟୀ, ଜିଲ୍ଲାରେ ରବିବାର ସୁଦ୍ଧା ୪୦ ହଜାର ୯୦୪ ଚାଷୀଙ୍କ ୨୮ ଲକ୍ଷ ୭୧ ହଜାର ୨୦୮ କୁଇଣ୍ଟାଲ ଧାନ ଉଠାଣ କରାଯାଇଛି। ସେଥିମଧ୍ୟରୁ ରବିବାର ଗୋଟିଏ ଦିନରେ ୧୧୮୨ ଜଣ ଚାଷୀଙ୍କ ୮୮ ହଜାର ୮୯୭ କୁଇଣ୍ଟାଲ ଧାନ ଉଠାଣ କରାଯାଇଛି। ଜିଲ୍ଲାରେ ରବି ଧାନ କିଣା ଟାର୍ଗେଟ ବର୍ତ୍ତମାନ ସୁଦ୍ଧା ୩୨ ଲକ୍ଷ ୨୨ ହଜାର ରହିଥିବାବେଳେ ଅବଶିଷ୍ଟ ଧାନ ଏବେ ବି ବିକ୍ରି ନ ହୋଇ ମଣ୍ଡିରେ ପଡିଛି। ସେହିପରି ଚଳିତ ରବି ଧାନ ସଂଗ୍ରହ ପାଇଁ ଜିଲାରେ ୧୪୪ ଟି ଧାନ ମଣ୍ଡି ରହିଥିବାବେଳେ ସେଥିମଧ୍ୟରୁ ବର୍ତ୍ତମାନ ୪୬ଟି ମଣ୍ଡିରେ ଧାନ କିଣା ସରିଥିବା ଜଣାପଡିଛି। ପ୍ରକାଶ ଯେ, ଏହି ସମୟରେ ଚାଷୀମାନେ ରବି ଧାନ ଅମଳ ପ୍ରକ୍ରିୟା ସାରି ଖରିଫ ଚାଷ ପାଇଁ ସଜବାଜ ହେବା କଥା। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ରବି ଧାନ ବିକ୍ରି ଶେଷ ହୋଇ ନାହିଁ। ଜିଲାର ଆଟିଗାଁ, ବାଲିଛଡ଼ା, ନକଟିଗୁଡା, ମାଟିଗାଁ, ଦାସିଗାଁ, କୁଲିହାରି, କଲେଇଗାଁ, ଟିଟେିଗୁଡ଼ା, ମହିଚଳା, କଳିଆକୁଣ୍ଡଲ, ଦେଉଣ୍ଡି, ଚିଙ୍ଗୁଡ଼ିସର ଆଦି ମଣ୍ଡିରେ ଅନେକ ଚାଷୀଙ୍କ ହଜାର ହଜାର କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡି ରହିଛି।

## ବିଭିନ୍ନ ସ୍ଥାନରେ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ








ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଭାରତୀୟ ଜନତା ପାର୍ଟି ଜିଲ୍ଲା କାର୍ଯ୍ୟାଳୟ ଠାରେ ଦେଶପ୍ରେମୀ ଡ.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୭୨ ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ୨୩ତାରିଖ ସୋମବାର ଦିନ ଭବାନୀପାଟଣା ନଗର ମଣ୍ଡଳ ସଭାପତି ଚିତ୍ତରଞ୍ଜନ ପାତ୍ରଙ୍କ ଅଧ୍ୟକ୍ଷତାରେ ନଗର ମଣ୍ଡଳ ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼ ଏବଂ ମୁଖ୍ୟବକ୍ତା ଭାବରେ ସୁବର୍ଣ୍ଣପୁର ଜିଲ୍ଲା ପ୍ରଭାରୀ ତଥା ବରିଷ୍ଠ ଆଇନଜୀବୀ ଭବେନ୍ଦ୍ର ପଣ୍ଡା ଉପସ୍ଥିତ ରହି ସ୍ୱର୍ଗତ ଶ୍ୟାମଓ ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ତଥା ଦେଶପ୍ରତି ତାଙ୍କର ଅବଦାନ ବିଷୟରେ ବିସ୍ତୃତ ଭାବରେ ବକ୍ତବ୍ୟ ରଖିଥିଲେ ଓ ନଗର ସଭାପତି ସ୍ୱାଗତ ଅଭିଭାଷଣ ରଖିଥିବାବେଳେ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ଦାସ(ବାପି) ସଭାକୁ ପରିଚାଳନା କରିଥିଲେ ଓ ନଗର ସଭାପତି ସ୍ୱାଗତ ଅଭିଭାଷଣ ରଖିଥିବାବେଳେ ଅନ୍ୟମାନଙ୍କ ମଧ୍ୟରୁ ପୂର୍ବତନ ସଦର ବିଧାୟକ ଅନାମ ନାଏକ, ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ବିଜୟଦେବ ସାହୁ, ଜିଲ୍ଲା ଉପସଭାପତି ପ୍ରଶାନ୍ତ ସାହୁ, ବରିଷ୍ଠ ବିଜେପି ନେତା ଭାରତ ଭୂଷଣ ଦେଓ, ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ନରହରି ପଟ୍ଟନାୟକ, ପୂର୍ବତନ ନଗର ସଭାପତି ସନ୍ତୋଷ ବିଶି, ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଶୋଭାଗିନୀ ପାତ୍ର, ଯୁବ ମୋର୍ଚ୍ଚା ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୀପଜ୍ୟୋତି ମୁଣ୍ଡ, ବରିଷ୍ଠ ଆଇନଜୀବୀ ସୁଧୀର ପଟ୍ଟନାୟକ, ସାଜୁ ବାଲାନ, ପ୍ରଦୀପ ବିହାରୀ, ନଗର ସାଧାରଣ ସମ୍ପାଦକ ପ୍ରକାଶ ଧଙ୍ଗଡାମାଝି, ସତ୍ୟନାରାୟଣ ବିଶି, ପତ୍ୱନ୍ତ ସିଂ, ପଦ୍ମାବତୀ ଶବର, ଅବିନାଶ ବେହେରା, ନିରଞ୍ଜନ ଯୋଶୀ, ମଧୁସୂଦନ ନାଏକ, ରବି ସେନାପତି, ରାମକୃଷ୍ଣ ରାଉତ, ସୁଜିତ ସ୍ୱାଇଁ, ତରୁଣ ଅଗ୍ରୱାଲ, ଟ୍ୱିଙ୍କଲ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହିଥିବାବେଳେ ବିଭିନ୍ନ ୱାର୍ଡରୁ ଆସିଥିବା ଅନ୍ୟାନ୍ୟ ଦଳୀୟ କର୍ମକର୍ତ୍ତା ମଧ ଉପସ୍ଥିତ ରହିଥିଲେ।

ଧର୍ମଗଡ଼, (ଭାସ୍କର ନ୍ୟୁଜ୍):ଭାରତୀୟ ଜନତା ପାର୍ଟିର ପୂର୍ବ ନାମ ଭାରତୀୟ ଜନସଂଘର ପ୍ରତିଷ୍ଠାତା ଓ ପ୍ରଥମ ସଭାପତି ଡ.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ମୃତ୍ୟୁ ଦିବସକୁ ବଳିଦାନ ଦିବସ ରୂପେ ଗୋଲାମୁଣ୍ଡା ମଣ୍ଡଳରେ ମୁଣ୍ଡଳ ସଭାପତି ବୈଶାଖୁ କେତକୀଙ୍କ ସଭାପତିତ୍ୱରେ ପାଳନ କରାଯାଇଛି। କାର୍ଯ୍ୟକ୍ରମକୁ ପୂର୍ବତନ ସଭାପତି ପ୍ରଦୀପ ପଣ୍ଡା ପରିଚାଳନା କରିଥିଲେ। ପୂର୍ବତନ ଜିଲ୍ଲା ପରିଷଦ ବୃଷଭ ନାଏକ, ଦୁଷାସନ ବାଗ, ମୁରଲୀ ମାଝୀ, ବିଷ୍ଣୁ କାଣ୍ଡ, ପ୍ରଦ୍ୟୁମ୍ନ ମେହେର, ରାଧେ ନାଗ, ଚିତ୍ତ ରାଉତ, ବେଣୁଧର ସାହୁ, ସାଧାରଣ ସମ୍ପାଦକ ନକୂଳ ରାଉତ, ହେମନ୍ତ ବାଗ ଏବଂ ଜିଲ୍ଲା ଯୁବ ମୋର୍ଚ୍ଚା ସଦସ୍ୟ ସମୀର ସାହୁ ଓ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଡ. ମୁଖାର୍ଜୀଙ୍କ ଫୋଟ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରି ରାଷ୍ଟ୍ର ଏକତା, ଅଖଣ୍ଡତା ପାଇଁ ସେ ନିଜ କିପରି ବଳିଦାନ କରିଦେଇଥିଲେ ସେ ବିଷୟରେ ଆଲୋଚନା କରାଯାଇଥିଲା।

ଜୁନାଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୁନାଗଡ ବିଜେପି ପକ୍ଷରୁ ସହର ସ୍ଥିତ ପାର୍ଟି କାର୍ଯ୍ୟାଳୟରେ ବଳିଦାନ ଦିବସ ପାଳିତ ହୋଇଯାଇଛି। ଡ. ଶ୍ୟାମା ପ୍ରସାଦ ମୂଖାର୍ଜୀଙ୍କ ୭୨ ତମ ପୁଣ୍ୟ ତିଥିରେ ସାରା ଦେଶରେ ଜୁନ ୨୩ କୁ ବଳିଦାନ ଦିବସ ରୂପେ ପାଳନ କରୁଥିବା ବେଳେ ଜୁନାଗଡ ବିଜେପି ପକ୍ଷରୁ ମଧ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏହି ବଳିଦାନ ଦିବସରେ ଡାଃ ମୂଖାର୍ଜୀଙ୍କ ଫଟୋରେ ବିଜେପି କାର୍ଯ୍ୟକର୍ତ୍ତା ମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି ଯୁବ କାର୍ଯ୍ୟ କର୍ତ୍ତା ହିମାଂଶୁ ଶେଖର ବରାଡ଼, ପୂର୍ବତନ ଏନ୍‌ଏସି ନଗର୍ ପାଳ ମୁକେଶ୍ ଅଗ୍ରୱାଲ, ସୁଧାଂଶୁ ବରାଡ଼, ରଞ୍ଜନ ରାଉତ, ଶିବ ରାମ ରାଉତ, କାଳନ୍ଦି ପାଣିଗ୍ରାହୀ, ବିକ୍ରାନ୍ତ ପଟ୍ଟନାୟକ ଓ ବହୁ ବିକେପି କର୍ମୀ ଉପସ୍ଥିତ ରହି ଡାଃ ଶ୍ୟାମକ୍ଷ ପ୍ରସାଦ ମୂଖାର୍ଜୀଙ୍କ ଦେଶ ପାଇଁ ଦେଇଥିବା ବଳିଦାନ କୁ ମନେପକାଇ ସ୍ମୃତି ଚାରଣ କରିଥିଲେ।

## ରାଶିଫଳ


**ବୁଧବାର, ୨୫ ଜୁନ୍ ୨୦୨୫**



**ମେଷ:** ପରିଶ୍ରମର ଫଳ ମିଠା ହେବ। ସାମାଜିକ କାର୍ଯ୍ୟରେ ଆଗ୍ରହୀ ହେବେ। ଆପଣଙ୍କପ ସମ୍ମାନ ମିଳିବ। ବ୍ୟବସାୟ ଇଚ୍ଛାକୃତ ଲାଭ ପ୍ରଦାନ କରିବ। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପରିଚୟ ବୃଦ୍ଧି ପାଇବ। ଶାରୀରିକ କଷ୍ଟ ସମ୍ଭାବନା। ଅଜ୍ଞାତ ଭୟ ହନ୍ତସନ୍ତ କରିବ। ଚିନ୍ତା ଏବଂ ଟେନସନ ରହିବ।




**ବୃଷ:** ଆପଣ ଦୂରରୁ ସୁଖଦ ସୂଚନା ପାଇପାରିବେ। ଅତିଥିମାନେ ଘରେ ପହଞ୍ଚିବେ। ଖର୍ଚ୍ଚ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ପରିବାର ସହାୟତା ଯୋଗାଇ ଦିଆଯିବ। ଖୁସି ହେବେ।



**ମିଥୁନ:** ନୂତନ ପୋଷାକ କିଣିବା ଉପରେ ଖର୍ଚ୍ଚ ହେବ। ଯାତ୍ରା ଚିତ୍ତାକର୍ଷକ ହେବ। ଆପଣଙ୍କର ଭାଇମାନଙ୍କ ସମର୍ଥନ ପାଇବେ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଘର ବାହାରେ ଖୁସିର ପରିବେଶ ରହିବ। ନୂତନ ବନ୍ଧୁ ସୃଷ୍ଟି ହେବ। ଏକ ନୂତନ ଉଦ୍ୟମ ଆରମ୍ଭ କରିବାକୁ ଯୋଜନା ହୋଇପାରେ।




**କର୍କଟ:** ପାରିବାରିକ ଚିନ୍ତାଧାରା ରହିବ। କାରବାରରେ ତତ୍ପର ହୁଅନ୍ତୁ ନାହିଁ। ଆବଶ୍ୟକ ଦ୍ରବ୍ୟ ହଜିଯାଇ ପାରେ । ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ ନାହିଁ। ବୁଦ୍ଧିର ବ୍ୟବହାର ଲାଭ ବୃଦ୍ଧି କରିବ। ଆୟ ରହିବ। କ୍ଲାନ୍ତ ଅନୁଭବ କରିବେ।



**ସିଂହ:** ପରିବାର ଏବଂ ସାଙ୍ଗମାନଙ୍କ ସହିତ ଏକ ମନୋରମ ଯାତ୍ରା ଆୟୋଜିତ ହୋଇ ପାରିବ। ବନ୍ଦ ହୋଇଥିବା ଅର୍ଥ ହେଉଛି ପ୍ରାପ୍ତିର ପରିମାଣ। ସାଙ୍ଗମାନଙ୍କ ସାହାଯ୍ୟରେ କାର୍ଯ୍ୟ ସମାପ୍ତ ହେବ। ଏକ ନୂତନ କାର୍ଯ୍ୟ ଆରମ୍ଭ କରିବାକୁ ଯୋଜନା ହେବ। ଏହି କାର୍ଯ୍ୟ ଉଚ୍ଚ ପଦାଧିକାରୀଙ୍କ ପ୍ରଶଂସା ପାଇବେ। ସମୟ ଅନୁକୂଳ ଅଟେ।




**କନ୍ୟା:** କର୍ମକ୍ଷେତ୍ରରେ ପରିବର୍ତ୍ତନ ସମ୍ଭବ। ଆଜିର ଯୋଜନା ସଫଳ ହେବ। ବ୍ୟବସାୟ ଅଭିବୃଦ୍ଧିକୁ ବିଚାର କରାଯାଇପାରେ। ଅଧିକାରୀମାନେ ଚାକିରିରେ ଖୁସି ହେବେ। ଅଧସ୍ତନମାନଙ୍କ ସହଯୋଗ ଯୋଗାଇ ଦିଆଯିବ। ପାରିବାରିକ ଚିନ୍ତାଧାରା ରହିବ। ବ୍ୟବସାୟରେ ଅନୁକୂଳ ଲାଭ ହେବ। ଉତ୍ସାହ ଏବଂ ସୁଖ ରହିବ।



**ତୁଳା:** ଏକ ଧାର୍ମିକ ସ୍ଥାନକୁ ଯାତ୍ରା ଯୋଜନା କରାଯାଇପାରେ। ସତସଙ୍ଗର ଲାଭ ହେବ। ପରିବାର ସହାୟତା ଉପଲବ୍ଧ ହେବ। ଘର ବାହାରେ ଶାନ୍ତି ଏବଂ ସୁଖ ରହିବ। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ସହାୟକ ହେବ। ଟଙ୍କା ପାଇବାରେ ବାଧା ଦୂର ହେବ।



**ବିଛା:** ଆଘାତ ଏବଂ ଦୁର୍ଘଟଣାରୁ କ୍ଷତି ସମ୍ଭବ। ବେପରୁଆ ହୁଅନ୍ତୁ ନାହିଁ। ଜଣେ ବ୍ୟକ୍ତିଙ୍କ ସହିତ ଏକ ଅର୍ଥହୀନ ବିବାଦ ହୋଇପାରେ। ମାନସିକ ଦୁଃଖ ଆସିବ। ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଚିନ୍ତା ଏବଂ ଟେନସନ ରହିବ। ଆୟ ହ୍ରାସ ହୋଇପାରେ। ବ୍ୟବସାୟ ଭଲ କରିବ।




**ଧନୁ:** ଶୀଘ୍ର କାର୍ଯ୍ୟ କଲେ ତାହା ଖରାପ ହେବ ଏବଂ ସମସ୍ୟା ବଢିପାରେ । ବିଭିନ୍ନ କ୍ଷେତ୍ରରେ ବିରୋଧ ହେବ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ବାହାରକୁ ଯିବାକୁ ଯୋଜନା ହେବ। ଜଣେ ବୟସ୍କ ବ୍ୟକ୍ତିଙ୍କ ସହଯୋଗ କାର୍ଯ୍ୟକୁ ସହଜ କରିବ। ଘର ବାହାରେ ଶାନ୍ତି ରହିବ। ଚାକିରିରେ ଶାନ୍ତି ରହିବ। ବ୍ୟବସାୟ ଲାଭଦାୟକ ହେବ।



**ମକର:** ଜମି, ବିଲଡିଂ, ଦୋକାନ, ଶୋ'ରୁମ୍ ଏବଂ କାରଖାନା ଇତ୍ୟାଦି କିଣାବିକାରେ ଲାଭବୃଦ୍ଧି ହେବ। ବଡ କାରବାର ବଡ ଲାଭ ଦେଇପାରେ। ଭାଗ୍ୟର ପଦୋନ୍ନତି ପ୍ରୟାସ ସଫଳ ହେବ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଦୁର୍ନିତିରୁ ଦୂରେଇ ରୁହନ୍ତୁ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଟଙ୍କା ମିଳିବା ସହଜ ହେବ। ସାଙ୍ଗମାନଙ୍କଠାରୁ ସମର୍ଥନ ପାଇବେ।



**କୁମ୍ଭ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ। ଏକ ପାର୍ଟୀ ଏବଂ ପିକନିକ୍ ପାଇଁ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇପାରିବ। ଶୁଭ କାର୍ଯ୍ୟରେ ଭାଗ ନେବାକୁ ଆପଣ ଏକ ସୁଯୋଗ ପାଇବେ । ସୁସ୍ୱାଦୁ ଖାଦ୍ୟଗୁଡ଼ିକ ଉପଭୋଗ ହେବ। ସାଙ୍ଗମାନଙ୍କଠାରୁ ସମର୍ଥନ ପାଇବେ। ପରିବାରରେ ସୁଖ ରହିବ। ଶରୀର ସମସ୍ୟାରୁ ଦୂରେଇ ରୁହନ୍ତୁ।



**ମୀନ:** ଅନ୍ୟମାନଙ୍କଠାରୁ ଅଧିକ ଆଶା କରନ୍ତୁ ନାହିଁ। ଶୀଘ୍ର କାର୍ଯ୍ୟରେ ବାଧା ସୃଷ୍ଟି କରିବ। ଦୌଡ଼ଧାପଡ ଅଧିକ ହେବ। ଆପଣ ଚିନ୍ତାଜନକ ସୂଚନା ପାଇପାରିବେ, ଧର୍ଯ୍ୟବାନ ହୁଅନ୍ତୁ। ନିର୍ମାଣ କାର୍ଯ୍ୟ ବିଳମ୍ବ ହେବ। ଚିନ୍ତା ଏବଂ ଟେନସନ ରହିବ। ସାଙ୍ଗମାନଙ୍କ ସହିତ ସମୟ ଭଲ ହେବ। ଚାକିରିରେ ରହିବେ। ଆୟରେ ନିଶ୍ଚିତତା ରହିବ।



ଶ୍ରୀପତି ଗୁରୁ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କେନ୍ଦୁଝର(ଭାସ୍କର ନ୍ୟୁଜ୍): ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ଦ୍ୱାରା କେନ୍ଦୁଝର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଜଳବାୟୁ ପରିବର୍ତ୍ତନ ବିଷୟ ବସ୍ତୁ ଉପରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଭାଗନେଇଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ଆସନ୍ତା ଜୁଲାଇ ୬ ତାରିଖରେ କେନ୍ଦୁଝର ଟାଉନ ହଲ ଠାରେ ପୁରସ୍କୃତ କରାଯିବ ବୋଲି ଫାଉଣ୍ଡେସନର ଅଧକ୍ଷ ଡା. ବିପିନ ବିହାରୀ ମିଶ୍ର ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମ ଆରମ୍ଭରେ ପ୍ରିୟଦର୍ଶନ ମହାପାତ୍ର ଆଗାମୀ ଜୁନ ୨୯ ତାରିଖରେ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ହେବାକୁ ଥିବା ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ଓ ହାଇଟେକ ମେଡିକାଲ କଲେଜ ଏବଂ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଏବଂ ଜୁଲାଇ ୬ ତାରିଖରେ କେନ୍ଦୁଝର ଟାଉନ ହଲ ଠାରେ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଜାତୀୟ ଆଲୋଚନାଚକ୍ରକୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଡିଇଓ ଶ୍ରୀକାନ୍ତ ବେହେରା , ଡିପିଇଓ ରାମକୃଷ୍ଣ ବେହେରା, ପ୍ରଧାନ ଶିକ୍ଷକ ଜୟପ୍ରକାଶ ରାଉତ, ପଲ୍ଲବୀ ପଣ୍ଡା, ବିଜୟ କୁମାର ମିଶ୍ର କାର୍ଯ୍ୟ ପରିଚାଳନା କରିଥିବା ବେଳେ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନର କାର୍ଯ୍ୟକର୍ତ୍ତା ସିଦ୍ଧାର୍ଥ ପଣ୍ଡା, ପାର୍ଥ ମିଶ୍ର, ବ୍ରଜ କିଶୋର ରାୟ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।



## ବିଜେପିରେ ମିଶିଲେ ବିଜେଡି କର୍ମୀ

### ବଦଳୁଛି କୋରେଇ ରାଜନୀତି ପାଣିପାଗ

କୋରେଇ(ଭାସ୍କର ନ୍ୟୁଜ୍): କୋରେଇ ରାଜନୀତି ପାଣିପାଗ ଧୀରେ ଧୀରେ ପରିବର୍ତ୍ତନ ହେବାରେ ଲାଗିଛି। ରାଜ୍ୟରେ ବିଜେପି ସରକାର ଆସିଲା ପରେ ଅନେକ ବିଜେଡ଼ି ଓ କଂଗ୍ରେସ ନେତା ଏବେ ବିଜେପିମୁହାଁ। କୋରେଇ ବିଜେଡ଼ି ଦଳର ନେତୃତ୍ୱ ପ୍ରଣବ ପ୍ରକାଶ ଦାସ ନେଉଥିବା ବେଳେ ବିଜେଡ଼ି ଶିବିର ଧୀରେ ଧୀରେ ଫାଙ୍କା ହେଉଥିବା ଦେଖିବାକୁ ମିଳୁଛି ।ପୂର୍ବରୁ ସେ ବିଜେଡ଼ି ଦଳର ରାଜ୍ୟ ନେତୃତ୍ୱମାନଙ୍କ ମଧ୍ୟରୁ ବବି ସାଙ୍ଗଠନିକ ସମ୍ପାଦକ ଭାବେ କାର୍ଯ୍ୟ କରିଥିବାବେଳେ ବର୍ତମାନ ଖୋଦ୍ କୋରେଇ ନିର୍ବାଚନ ମଣ୍ଡଳୀ ନେତୃତ୍ୱ ନେଉଛନ୍ତି। କିନ୍ତୁ କୋରେଇରେ ଗୋଟେ ପ୍ରକାର ବିଜେଡ଼ି ସଙ୍ଗଠନ ଦୁର୍ବଳ ହେବା ଜଳ ଜଳ ହେଇ ଦେଖାଯାଉଛି। ଏହି କ୍ରମରେ ଆଜି କୋରେଇ ବିଧାୟିକା ଆକାଶ ଦାସ ନାୟକଙ୍କ ନେତୃତ୍ୱରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ କୋରେଇ ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି, ସାଂସଦ ପ୍ରତିନିଧି ପ୍ରମୋଦ ସାହୁ, ବିଜେପି ରାଜ୍ୟ ପରିଷଦ ସଭ୍ୟ ପ୍ରକାଶ ଧଳ, ପ୍ରତିରଞ୍ଜନ ସାହୁ, ମିଞ୍ଜୁନ ମହାନ୍ତି, ଧନେଶ୍ୱର ବାରିକ, ଅଚ୍ୟୁତନନ୍ଦ ଦାସ ଙ୍କ ଉପସ୍ଥିତିରେ ଶତାଧିକ ବିଜେଡ଼ି , କଂଗ୍ରେସ କର୍ମୀ ଓ ସରପଞ୍ଚ ସମିତିସଭ୍ୟ ମାନେ ବିଧିବଦ୍ଧ ଭାବେ ବିଜେପିରେ ଯୋଗ ଦେଇଥିଲେ। ଏହି ମିଶ୍ରଣ ପର୍ବରେ ସାଦକପୁର ପଞ୍ଚାୟତର ସରପଞ୍ଚ, ରବୀନ୍ଦ୍ର ବେହେରା, କନ୍ତୋର ସରପଞ୍ଚ ସାରଙ୍ଗ ପ୍ରଧାନ, ବଡବିରୁଆଁ ସରପଞ୍ଚ ତପନ ମାଝୀ, ପଛିକୋଟ ସରପଞ୍ଚ ଗୀତାଞ୍ଜଳି ସେଠୀ, ପାଟରଙ୍ଗା ସମିତି ସଭ୍ୟ କୁଶ ମୁଣ୍ଡା ବିଜେପିରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ଆଜିର ଏହି କାର୍ଯ୍ୟକ୍ରମରେ ୫ ଗୋଟି ପଞ୍ଚାୟତ ରୁ ଶତାଧିକ ବିଜେଡ଼ି ଓ କଂଗ୍ରେସ କର୍ମୀ ବିଜେପିରେ ଯୋଗ ଦେଇଥିବାବେଳେ ବିଜେଡ଼ି ଶିବିରରେ କମ୍ପନ ସୃଷ୍ଟି ହୋଇଥିବା ଆଲୋଚନା ହେଉଛି। ଆଗକୁ ଦେଖିବାକୁ ବାକି ରହିଲା ବିଜେପି ସଙ୍ଗଠନ ମଜବୁତ୍ ହେଉଥିବା ବେଳେ ବିଜେଡ଼ି ନିଜର ରଣନୀତି ପାଇଁ କଣ ପଦକ୍ଷେପ ନେଉଛି।



### ଏବେବି ବଞ୍ଚିଛି ମାନବିକତା

## ଅସହାୟ ଯୁବକଙ୍କୁ ଥାନା ଅଧିକାରୀଙ୍କ ସହାୟତା



ଚଣ୍ଡିଖୋଲ(ଭାସ୍କର ନ୍ୟୁଜ୍): କୁହାଯାଏ ପୋଲିସବାଲା ସବୁବେଳେ ଚୋର ଡକାୟତ, ଥାନା, କୋର୍ଟ କଚେରୀରେ ବ୍ୟସ୍ତ ରହି ଆଧାତ୍ମିକ ଚେତନାର, ଭଗବାନ, ଭଗବତ ଚିନ୍ତନ,ସାମାଜିକ ସେବା, ସମାଜସେବା ଓ ମାନବିକତା କର୍ତ୍ତବ୍ୟ କରିବାକୁ ସମୟ ପାଇ ନଥାନ୍ତି। ମାତ୍ର ବଡଚଣା ଥାନା ଅଧିକାରୀ ମଧୁସ୍ମିତା ବେହେରା ଏହାର ବ୍ୟତିକ୍ରମ ।ନିଜର ଦାୟିତ୍ୱ, କର୍ତ୍ତବ୍ୟ, ଓ ବୃତ୍ତିଗତ ଜୀବନ ଜୀବିକା ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି, ସତ୍ୟନିଷ୍ଠ, ନିର୍ଭୀକ, ନିରପେକ୍ଷ ବିଚାର କରି ଜନସାଧାରଣ ମାନଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ସହିତ ନିର୍ଯାତିତ, ନିଷ୍ପେସିତ,ଅବହେଳିତ, ଓ ଅସହାୟ ମାନଙ୍କୁ ସାହାଯ୍ୟ ସହଯୋଗ କରି ଅନ୍ୟ ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି ବଡଚଣା ଥାନା ଅଧିକାରୀ ମଧୁସ୍ମିତା ବେହେରା। ଗତକାଲି ବିଳମ୍ବିତ ରାତିରେ ରାତ୍ରୀ କାଳୀନ ପ୍ୟାଟ୍ରୋଲିଂ କରୁଥିବା ସମୟରେ ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଏକ ଗୋଡ ହରାଇଥିବା ଦିବ୍ୟାଙ୍ଗ ଯୁବକ ବର୍ଷାରେ ଭିଜି ଭୋକ ଉପାସରେ ଏଣେତେଣେ ବୁଲୁ ଥିବାର ଦେଖିବାକୁ ପାଇଥିଲେ। ଥାନା ଅଧିକାରୀ ମଧୁସ୍ମିତା ବେହେରା ଅସହାୟ ଯୁବକଙ୍କ ନିକଟକୁ ଯାଇ ତାଙ୍କୁ ଏକ ଗାମୁଛାରେ ତାଙ୍କ ଦେହ ଘୋଡ଼ାଇ ଦେବା ସହିତ କିଛି ଖାଦ୍ୟ ଓ ପାନୀୟ ଦେଇ ଏକ ସୁରକ୍ଷିତ ସ୍ଥାନରେ ବସାଇଥିଲେ। ଥାନା ଅଧିକାରୀଙ୍କ ଏତାଦୃଶ ସାହାଯ୍ୟ ସହଯୋଗ ପାଇଁ ସାଧାରଣରେ ପ୍ରଶଂସା କରାଯାଇଛି।

## ନିଶା ନିବାରଣ ସଚେତନତା



ମାଲକାନଗିରି(ଭାସ୍କର ନ୍ୟୁଜ୍): ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଗତକାଲି ସନ୍ଧ୍ୟାରେ ସ୍ଥାନୀୟ ବସଷ୍ଟାଣ୍ଡ ପରିସରରେ ଦେଶିଆ ଭାଷାରେ ନିଶା ନିବାରଣ ସଚେତନତା ପଥପ୍ରାନ୍ତ ନାଟକ କରାଯାଇଥିଲା । ସମାଜରେ ମାଦକ ଦ୍ରବ୍ୟ ସେବନକୁ ପରିଣାମ ବିଷୟରେ ଲୋକଙ୍କୁ ଅବଗତ କରାଇବା ସହିତ ସଚେତନ କରାଯାଇଥିଲା। ନିଶା ସେବନ ନକରିବା ପାଇଁ ନାଟକ ମାଧ୍ୟମରେ ପରାମର୍ଶ ଦିଆଯାଇଥିଲା। ବିଭିନ୍ନ ନିଶାଦ୍ରବ୍ୟ ସେବନ ଦ୍ୱାରା ହେଉଥିବା ରୋଗ ବିଷୟରେ ଲୋକଙ୍କୁ ଅବଗତ କରାଯାଇ ନିଶାରୁ କିପରି ଦୂରରେ ରହିବା ସେ ବିଷୟ ରେ ଅବକାରୀ କର୍ମଚାରୀ ମାନେ ବୁଝାଇଥିଲେ।

## ଯୌତୁକ ପାଇଁ ବଧୂହତ୍ୟା

ମହାକାଳପଡା (ଭାସ୍କର ନ୍ୟୁଜ୍): ମହାକାଳପଡ଼ା ଥାନା ବଡ଼ମଠ ଗାଁରେ ଚାଂଚଲ୍ୟ । ଯୌତୁକ ପାଇଁ ନବବଧୂକୁ ମାରିଦେଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ ତେନ୍ତୁଳିକନ୍ଦା ଗାଁର ଗୟାଧର ପ୍ରଧାନଙ୍କ ଝିଅ ନମିତା ବର୍ଷକ ତଳେ ମଡମଠ ଗାଁର ଶୁଭ୍ରାଂଶୁ ଭୁୟାଁଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ବାହାଘର ସମୟରେ ଝିଅକୁ ସୁନା ଅଳଙ୍କାର ସହିତ ଘରର ଆସବାବପତ୍ର ଦେଇ ବାହା କରିଥିଲେ ନମିତାଙ୍କ ବାପା । କିନ୍ତୁ ଅଧିକ ଯୌତୁକ ଦାବିକରି ଝିଅକୁ ଅନେକ ସମୟରେ ନିର୍ଯାତନା ଦେଉଥିବା ଅଭିଯୋଗ କରିଛନ୍ତି ଝିଅର ପରିବାର ଲୋକେ ।ତେବେ ନମିତାଙ୍କ ଦେହ ଭଲନାହିଁ ବୋଲି ତାଙ୍କର ଶାଶୁଘର ଲୋକେ ନମିତାଙ୍କ ବାପଘର ଲୋକଙ୍କୁ ଜଣାଇଥିଲେ । ବାପଘର ଲୋକେ ମେଡିକାଲକୁ ଆସି ଦେଖିଲା ବେଳକୁ ଝିଅର ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ । ଏହାପରେ ମୃତ ନମିତାଙ୍କ ପରିବାର ଲୋକେ ମହାକାଳପଡା ଥାନାରେ ଅଭିଯୋଗ କରିଛନ୍ତି । ମୃତ ନମିତାଙ୍କ ଶ୍ୱଶୁରଙ୍କୁ ପୋଲିସ ଅଟକ ରଖିଥିବା ବେଳେ ଅନ୍ୟମାନେ ଫେରାର ଅଛନ୍ତି । ଶାଶୁଘର ଲୋକେ ଫେରାର ଥିବା ବେଳେ ମୃତ ନମିତାଙ୍କର ମୃତଦେହ ୩ ଦିନ ହେଲା କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପଡିରହିଛି । ମୃତ ନମିତା ୫ ମାସର ଗର୍ଭବତୀ ଥିବା ମଧ୍ୟ ସୂଚନା ମିଳିଛି

## ମେଧାବୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

ଉମରକୋଟ (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ର ତଥାଗତ ନାୟକ ପିତା-ରାଜେନ୍ଦ୍ର ନାୟକ, ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ୯୩% ମାର୍କ ରଖି ଉତ୍ତୀର୍ଣ୍ଣ ହୋଇ ଡାବୁଗାଁ ବ୍ଲକରେ ପ୍ରଥମ ସ୍ଥାନ ପାଇଛନ୍ତି। ତାଙ୍କର ପିତା ଡାବୁଗାଁ କନ୍ୟା ଆଶ୍ରମରେ ଏନାମାର୍ କୁକ୍(ରୋଷେୟା) ମେନ୍‌ରେ ଆଜକୁ ୩୦ବର୍ଷ ଧରି ଅଛନ୍ତି। କିନ୍ତୁ ଏମାନଙ୍କୁ ସରକାର ଆଜି ପର୍ଯ୍ୟନ୍ତ ୪ର୍ଥ ଶ୍ରେଣୀ କର୍ମଚାରୀ କିମ୍ବା ରେଗୁଲାର କରିପାରିଲେ ନାହିଁ। କେବଳ ଦିନ ମଜୁରିଆରେ ପରିବାର ଗୁଜର ମେଣ୍ଟାଉଛନ୍ତି। ଏତେ କଷ୍ଟରେ ପୁଅକୁ ପାଠପଢାଇଛନ୍ତି ଆଜି ଓଡିଶାର ବିଦ୍ୟାଳୟ ଓ ଗଣଶିକ୍ଷା, ତଥା ଅନୁସୂଚିତ ଜାତି ଓ ଜନଜାତି, ପଛୁଆବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉତ୍ତୀର୍ଣ୍ଣ ଛାତ୍ରଙ୍କୁ ନିଜ ହସ୍ତରେ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ଏଥିରେ ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ଜିଲ୍ଲା ଉତ୍କଳ ଯାଦବ ମହାସଭାର ଜିଲ୍ଲା ସାଧାରଣ ସଂପାଦକ ପର୍ଶୁରାମ ନାୟକ ଓ ଛାତ୍ରଙ୍କର ପିତା ରାଜେନ୍ଦ୍ର ନାୟକ ଉପସ୍ଥିତ ଥିଲେ। ଶ୍ରୀଯୁକ୍ତ ମନ୍ତ୍ରୀ ଯାଦବ ସମାଜକୁ ଓ ଛାତ୍ରଙ୍କର ପିତାମାତାଙ୍କୁ ଧନ୍ୟବାଦ ଦେଇ ପ୍ରଶଂସା କରିଥିଲେ।



## କଲବଲ କଲେଣି ମଶା


### ଅତିଷ୍ଠ ଅଞ୍ଚଳବାସୀ, ମଶା ତେଲ ପଡୁନଥିବା ଅଭିଯୋଗ

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ବଢ଼ି ଯାଇଛି ମଶାଙ୍କ ସାନ୍ଦ୍ରତା। ଶୋଇଲେ କି ବସିଲେ ଗୁଣୁଗୁଣୁ ଶବ୍ଦ କରି ଘେରି ଯାଉଛନ୍ତି। ମୁହଁ ଦେହରେ ଫୋଡି ପକାଉଛନ୍ତି। କେବଳ ସେତିକି ନୁହେଁ, ସାନ୍ଦ୍ରତା ଏତେ ବଢ଼ି ଯାଇଛି ଯେ ମଶା ଲୋକଙ୍କ ନାକ ପାଟିରେ ପଶିଯାଉଛନ୍ତି। ମଶା ଦାଉରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଅତିଷ୍ଠ ହୋଇ ପଡିଲେଣି। ଜନସ୍ୱାସ୍ଥ୍ୟ ବିଭାଗର ଟିଫା ମେସିନ ଅଛି କି ନାହିଁ କିଏ ମଧ୍ୟ ଜାଣି ପାରୁନାହାଁନ୍ତି। ଧୂଆଁ ଛଡାଯାଉନାହିଁ କିମ୍ବା ପର୍ଯ୍ୟାପ୍ତ ମଶା ତେଲ ପଡୁନାହିଁ। ଜନସ୍ୱାସ୍ଥ୍ୟ ବିଭାଗ ଚେଇଁ ଶୋଇଥିବାରୁ ଲୋକେ ଶୋଇ ବସି ପାରୁନାହାନ୍ତି। ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମରେ କିଛି ଦିନ ହେଲା ବର୍ଷା ହେବା ଫଳରେ ଆଗ ଅପେକ୍ଷା ମଶାଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ଯାହାଫଳରେ ମଶାଙ୍କ ସାନ୍ଦ୍ରତା ବଢୁଥିବାରୁ ଘରେ କି ବାହାରେ, କେଉଁଠି ବି ରହି ବସି ହେଉନି।



ଗ୍ରାମାଞ୍ଚଳ ଖାଲୁଆ, ସନ୍ତସନ୍ତିଆ ଜାଗାର ସ୍ଥିତି ଆହୁରି ସଙ୍ଗିନ । ଜନ ସ୍ୱାସ୍ଥ୍ୟ ବିଭାଗ ମଶା ତେଲ, ଟିଫା ମେସିନ ଆଦି ଯୋଗାଇ ଦେଇଥାଏ। ହେଲେ ମଶାଙ୍କ ସାନ୍ଦ୍ରତା ବଢ଼ିଥିବାବେଳେ ଧୂଆଁ ଛଡାନଯିବା ସ୍ଥିତିକୁ ବେକାବୁ କରୁଛି। ସ୍ୱାସ୍ଥ୍ୟ ବିଭାଗର ଟିଫା ମେସିନ ଅଛିକି ନାହିଁ ସାଧାରଣ ଲୋକ ଜାଣି ପାରିଲେ ନାହିଁ। ନାଁ କେବେ ଧୂଆଁ ଛଡା ଯାଉନାହିଁ। ମଶା ତେଲ ମଧ୍ୟ କେବେ ପଡୁଛି କିଏ ଜାଣି ପାରୁନାହାନ୍ତି। ତେଲ ପକାଇବା ଓ ଧୂଆଁ ଛାଡିବା ତ ଦୂର କଥା, ସବୁ ପଞ୍ଚାୟତରେ ଥିବା ୱାର୍ଡ, ଗଳି ଅଞ୍ଚଳରୁ ଅଳିଆ ଠିକ ଭାବେ ଉଠୁନାହିଁ। ବର୍ଷା ପରେ ପ୍ରାୟ ସ୍ଥାନରେ ଡ୍ରେନ ସଫା ହେଉନାହିଁ। ଅନେକ ପଞ୍ଚାୟତରେ ଥିବା ଡ୍ରେନ ପଙ୍କରେ ପୋତି ହୋଇ ରହିଥିବାରୁ ପାଣି ଜମା ହୋଇ ମଶା ବଂଶ ବୃଦ୍ଧି ପାଉଛି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଶାଙ୍କ ସାନ୍ଦ୍ରତା ମାପିବାର ନିୟମ ଥିଲେ ବି ମପା ଯାଉନାହିଁ। ଫଳରେ ଉଚିତ ଦମନ କାର୍ଯ୍ୟକ୍ରମ ଆଗେଇ ପାରୁନଥିବା ବୁଦ୍ଧିଜୀବୀମାନେ କହିଛନ୍ତି। ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣ ଦାବି ହୋଇଛି।

## ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ



ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ସଦର ବ୍ଲକ ଦହ୍ୟାଠାରେ ପୂର୍ବାହ୍ନ ୧୧ ଘଣ୍ଟିକା ସମୟରେ ବାଉଁଶୁଣି ମଣ୍ଡଳରେ ଡ. ଶ୍ୟାମା ।ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମଣ୍ଡଳ ମଣ୍ଡଳ ସଭାପତି ଶରତ କର୍ଣ୍ଣଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ କରାଗଲା। ଏଥିରେ ବକ୍ତା ଭାବରେ ଜିଲ୍ଲା ସାଧାରଣ ସମ୍ପାଦକ ସୁଶାନ୍ତ ବାଘ, ସମ୍ମାନିତ ଅତିଥି ଭାବରେ ରକ୍ସା ସରପଞ୍ଚ ବିଭୂତି ଡାଙ୍ଗ, ଶେଷରେ ପୂର୍ବତନ ମଣ୍ଡଳ ସଭାପତି ପଞ୍ଚମନ ଜଗଦଲା ଧନ୍ୟବାଦ ଦେଇଥିଲେ । ବକ୍ତା ଶ୍ରୀବାଘ ଡ. ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହିମାଂଶୁ କର୍ଣ୍ଣ, ତ୍ରିବିକ୍ରମ ମହାକୁଡ଼, ମୋହନ ପାତ୍ର, ପୂର୍ଣ୍ଣଚନ୍ଦ୍ର ମେହେର ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ବହିରା ମଣ୍ଡଳ ବହିରା ଠାରେ ମଣ୍ଡଳ ସଭାପତି ଯୀଶୁ ପଧାନ, ଜିଲ୍ଲା ସାଧାରଣ ସମ୍ପାଦକ ସୁଶାନ୍ତ ବାଘ, ପୟୋଧର ମହାକୁଡ଼, ଶମ୍ଭୁ ଗାଇଗୌରିଆ, ବୀରେନ୍ଦ୍ର ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

କେନ୍ଦୁଝର(ଭାସ୍କର ନ୍ୟୁଜ୍): ନଗର ବିଜେପି ତରଫରୁ କେନ୍ଦୁଝର ଜିଲ୍ଲା ବିଜେପି କାର୍ଯ୍ୟାଳୟ ଠାରେ ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡ଼ଃ ଫକୀରମୋହନ ନାଏକ, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୀବନୀ ତଥା ଅସାଧାରଣ ବ୍ୟକ୍ତିତ୍ୱ ଏବଂ ବହୁମୁଖୀ ପ୍ରତିଭା ତଥା ଦେଶପ୍ରେମ ସମ୍ପର୍କରେ ଉପସ୍ଥିତ ନଗର କାର୍ଯ୍ୟକର୍ତ୍ତାମାନଙ୍କୁ ବକ୍ତା ତଥା ନେତୃତ୍ୱମାନେ ନିଜନିଜର ଅଭିଭାଷଣ ମାଧ୍ୟମରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମ ଶେଷରେ ନଗର ଉପସଭାନେତ୍ରୀ ଅଞ୍ଜଳି ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିବା। ନଗରର ଦୁଇ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପାତ୍ର ଏବଂ ବ୍ରଜକିଶୋର ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ନଗର ମଣ୍ଡଳ ଉପସଭାପତି ଦୁର୍ଯ୍ୟୋଧନ ସାହୁ ଏବଂ ଯୁଗଳ କିଶୋର ମହାନ୍ତ, ସମ୍ପାଦକ ଦୁର୍ଗା ବାରିକ,ସତ୍ୟନାରାୟଣ ବାରିକ,ରାଜେନ୍ଦ୍ର ନାଏକ, ଯୁବନେତା ଅସିତ ନନ୍ଦନ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ କୁ ସଫଳ କରିବାରେ ସହଯୋଗ କରିଥିଲେ।



## ଯୁକ୍ତ ଦୁଇ କଳା ନବନିଯୁକ୍ତି ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଉମରକୋଟ (ଭାସ୍କର ନ୍ୟୁଜ୍): ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବେହେଡ଼ା ଅଧକ୍ଷ ସଞ୍ଜୟ କୁମାର ସାମଲ ଏବଂ ବେହେଡ଼ା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଷ୍ଣୁପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଯୁକ୍ତ ଦୁଇ କଳା ନବନିଯୁକ୍ତି ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ତରଫରୁ ଏକ ସୁନ୍ଦର ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କର ଭାଗ୍ୟ ଭବିଷ୍ୟତ ଗଠନରେ କିପରି ନିଜକୁ ସହାୟକ ହେବେ ଓ ଶିକ୍ଷାଦାନ ପ୍ରଣାଳୀକୁ ସରସ ସୁନ୍ଦର କରି ପିଲାଙ୍କୁ ଶିକ୍ଷା ପ୍ରଦାନ କରିବେ ସେ ଦିଗରେ ନିଜର ସୁଚିନ୍ତିତ ମତାମତ ରଖିଥିଲେ। ପାଠ୍ୟ ବିଷୟ ଅନୁଯାୟୀ ଇଂରାଜୀ ବିଷୟରେ ମାଷ୍ଟର ଚିନ୍ମୟ ମାନିଆ (ଉମରକୋଟ), ଓଡ଼ିଆରେ ପ୍ରେମଶୀଳା ହରିଜନ (ଗୋନା), ଅର୍ଥଶାସ୍ତ୍ର ବିଷୟରେ ସସ୍ମିତା ସାହୁ (ଉମରକୋଟ ), ରାଜନୈତିକ ବିଜ୍ଞାନରେ ସୁଶ୍ରୀ ଶାନ୍ତିଲତା ସରକାର (କାରାଗାଁ), ଭାରତୀୟ ଇତିହାସ ବିଷୟରେ ମାଷ୍ଟର ମିନିକେତନ ନାଏକ ଓ ସାମାଜିକ ବିଜ୍ଞାନରେ ସୁଶ୍ରୀ ରିୟା ଢ଼ାଳି (ଅଂଚଳା ୟୁ. ଭି ନମ୍ବର ୨୩)ନିଯୁକ୍ତି ପାଇ କାର୍ଯ୍ୟରେ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ବରିଷ୍ଠ ଓ କନିଷ୍ଠ ଶିକ୍ଷକ ଶୈଖ ନାସିରୁଦ୍ଦିନ, ବୈକୁଣ୍ଠନାଥ ସେନାପତି, ପଦ୍ମାବତୀ ପରଜା, ଲିଜା ଗୁଇଁ, ନିବେଦିତା ସ୍ୱାଇଁ, ସବିତା ଭତ୍ରା, ନିବେଦିତା ସ୍ୱାଇଁ (ପିଇଟି ), ସଂଗୀତା ବିଶ୍ୱାସ, ପ୍ରଦୀପ କୁମାର ସାମଲ, ମିହିର କୁମାର ଦାସ, ବିରଞ୍ଚି ସୁନାନୀ,ଦେବାଂଶୁ ଶେଖର ଜେନା, ପ୍ରଭୁଭକ୍ତ ଅରବିନ୍ଦ ଲେଙ୍କା ସମେତ ବିଦ୍ୟାଳୟ ସଭାପତି ସରୋଜ କୁମାର ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ପରିଶେଷରେ ବିରଞ୍ଚି ସୁନାନୀ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭାକାର୍ଯ୍ୟ ସାଙ୍ଗ କରାଯାଇଥିଲା।




## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର

ନବରଙ୍ଗପୁର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର୍ ଜିଲ୍ଲା ଉମରକୋଟ ବ୍ଲକ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ମଡକର୍ ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର, ବିଡିଓ ମନୋଜ କୁମାର ମେହେରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନଶୁଣାଣି ଶିବିରରେ ମୋଟ ୪୮ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୪୦ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୦୮ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ବଳିତ ଥିଲା। ସାମାଜିକ ସୁରକ୍ଷା ବିଭାଗ ତରଫରୁ ୨୨ ଜଣ ଚିହ୍ନଟ ଦିବ୍ୟାଙ୍ଗଙ୍କୁ ହ୍ୱିଲ୍ ଚେୟାର ଏବଂ ୨ ଜଣ ଙ୍କୁ ବୈଶାଖୀ ପ୍ରଦାନ କରାଯାଇଥିଲା।

## ପରିବେଶଗତ ଉତ୍କର୍ଷତା ପାଇଁ ଏନଟିପିସି କଣିହାଁକୁ ଦୁଇଟି ପୁରସ୍କାର

କଣିହାଁ(ଭାସ୍କର ନ୍ୟୁଜ୍): ପରିବେଶ ପରିଚାଳନା ଏବଂ ସ୍ଥାୟୀତ୍ୱ ପ୍ରତି ଏହାର ଉଦାହରଣୀୟ ପ୍ରତିବଦ୍ଧତାକୁ ସ୍ୱୀକୃତି ଦେଇ ଏନଟିପିସି କଣିହାଁ ଦୁଇଟି ବିଶିଷ୍ଟ ପୁରସ୍କାର ପାଇଛି। ପରିବେଶ, ଶକ୍ତି ଏବଂ ଜଳବାୟୁ ପରିବର୍ତ୍ତନ (ଇଇସିସି) ୨୦୨୫ ଉପରେ ୧୦ତମ ଜାତୀୟ ସମ୍ମିଳନୀ (ଇଇସିସି)ରେ ଷ୍ଟେସନକୁ ପାଞ୍ଚ ତାରକା ବର୍ଗ (ସର୍ବୋଚ୍ଚ ମାନ୍ୟତା) କଳିଙ୍ଗ ପରିବେଶ ଉତ୍କର୍ଷତା ଜାତୀୟ ପୁରସ୍କାର - ୨୦୨୪ ପ୍ରାପ୍ତ ହୋଇଛି। ପରିବେଶ ପରିଚାଳନା ଏବଂ ପ୍ରଦୂଷଣ ହ୍ରାସ ପାଇଁ ପ୍ରଶମନ ପଦକ୍ଷେପ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଏହି କାର୍ଯ୍ୟକ୍ରମ ଜୁନ ୨୧ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ପୁରସ୍କାର ସମାରୋହ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଡିଶା ସରକାର), ଓଡ଼ିଶା ରାଜ୍ୟ ଉତ୍ପାଦକତା ପରିଷଦ ଏବଂ ଇନଷ୍ଟିଚ୍ୟୁଟ ଅଫ ପବ୍ଲିକ୍ ଏଣ୍ଟରପ୍ରାଇଜ୍, ହାଇଦ୍ରାବାଦ ଦ୍ୱାରା ପ୍ରାୟୋଜିତ ହୋଇଥିଲା। ଏନଟିପିସି କଣିହାଁ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ. ନରସିଂହ ରେଡ୍ଡୀ ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏଥିରେ ଉଗାଣ୍ଡା ଗଣରାଜ୍ୟର ଉଚ୍ଚାୟୁକ୍ତ ପ୍ରଫେସର ଜଏସି କାକୁରାମାତସି କିକାଫୁଣ୍ଡା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ ଏବଂ କେନ୍ଦୁଲିଫ ପିସିସିଏଫ ଉମା ନାନ୍ଦୁରି , ଓଡ଼ିଶା ରାଜ୍ୟ ଉତ୍ପାଦକତା ପରିଷଦର ଅଧ୍ୟକ୍ଷ ଅବସର ପ୍ରାପ୍ତ ଆଇଏଏସ ଆଶୋକ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଏନଟିପିସି କଣିହାଁ କୁ ପ୍ଲାଟିନମ ପୁରସ୍କାର ମିଳିଛି। ଏନଟିପିସି କଣିହାଁକୁ ଗ୍ରୀନ ଏନଭାଇରୋ ଫାଉଣ୍ଡେସନ୍ ଦ୍ୱାରା 'ସ୍ଥାୟୀତ୍ୱ' ବର୍ଗରେ ଉଲ୍ଲେଖନୀୟ ସଫଳତା ପାଇଁ ସର୍ବୋଚ୍ଚ ବର୍ଗ - ପ୍ଲାଟିନମ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ମର୍ଯ୍ୟାଦାଜନକ ସ୍ୱୀକୃତି ୧୯ ଜୁନ ୨୦୨୫ ରେ ଲୋନାଭୋଲାରେ ଅନୁଷ୍ଠିତ ଗ୍ରୀନ୍ ଏନଭାଇରୋ ପରିବେଶ ପୁରସ୍କାର ଏବଂ ସମ୍ମିଳନୀ ସମୟରେ ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏବଂ ବର୍ତ୍ତମାନ ଆଇସିଏଫଏର ଅଧ୍ୟକ୍ଷ ସୁରେଶ ପ୍ରଭୁ ଯୋଗ ଦେଇଥିଲେ। ଏନ୍‌ଟିପିସି କଣିହାଁ ପକ୍ଷରୁ ଏହି ପୁରସ୍କାର ସିନିୟର ମ୍ୟାନେଜର (ଇ ଏମ ଜି) ରବି ଶଙ୍କର ବର୍ମା, ଏବଂ ସିନିୟର ମ୍ୟାନେଜର (ପାଉଁଶ ପରିଚାଳନା) ଏଏଲ ଅହମ୍ମଦ ଇଦ୍ରିସ କେଏସ ଗ୍ରହଣ କରିଥିଲେ। ଉକ୍ତ ଦୁଇ ସମ୍ମାନଜନକ ପୁରସ୍କାର ପାଇଁ ଏନଟିପିସି କଣିହାଁ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେଏନ ରେଡ୍ଡି ସମଗ୍ର ଏନଟିପିସି କଣିହାଁ ଟିମ କୁ ଅଭିନନ୍ଦନ ଜଣାଇବା ସହ ଟିମକୁ ପରିବେଶ ସୁରକ୍ଷା ଏବଂ ସ୍ଥାୟୀ ବିକାଶରେ ସକାରାତ୍ମକ ଅବଦାନ ଜାରି ରଖିବାକୁ ଆହ୍ୱାନ ଦେଇଛନ୍ତି ।



## ସୌରଚାଳିତ ପାନୀୟ ଜଳଯୋଗାଣ ପ୍ରକଳ୍ପ ଅଚଳ

## ଶୋଷ ମେଣ୍ଟାଉଛି ବୋତଲ ପାଣି

ଚଣ୍ଡିଖୋଲ(ଭାସ୍କର ନ୍ୟୁଜ୍): ସମଗ୍ର ଯାଜପୁର ଜିଲ୍ଲାରେ ହଇଜା, ଝାଡାବାନ୍ତି ବ୍ୟାପିଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଣ୍ଡିଖୋଲ ଛକରେ ହୋଟେଲ, ଜଳଖିଆ ଦୋକାନରେ ବ୍ୟବହାର ହେଉଥିବା ପାଣିରେ ହଇଜା ଜୀବାଣୁ ବାହାରିବାରୁ ସେଗୁଡିକୁ ବନ୍ଦ କରି ଦିଆଯାଇଛି। ତିନୋଟି ଜାତୀୟ ରାଜପଥ ର ମିଳନ ସ୍ଥଳ ଚଣ୍ଡିଖୋଲ କୁ ଦେଶର ବିଭିନ୍ନ ପ୍ରାନ୍ତରୁ ଦୈନିକ ଶହ ଶହ ଲୋକ ଏଠାକୁ ଆସିଥାନ୍ତି । ମାତ୍ର ଏଠାରେ ହୋଟେଲ ଜଳଖିଆ ଦୋକାନ ବନ୍ଦ ଥିବାରୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚଣ୍ଡିଖୋଲ ଛକରେ ପୂର୍ବ ସରକାର ସମୟରେ ନିର୍ମାଣ କରାଯାଇ ଥିବା ସୌର ଚାଳିତ ପାନୀୟ ଜଳ ଯୋଗାଣ ପ୍ରକଳ୍ପଟି ଅଚଳ ହୋଇ ପଡ଼ିଥିବାରୁ ଯାତ୍ରୀ ମାନେ ପାଣି ଟିକେ ପିଇବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବ ଯୋଗୁ ଏହା କାର୍ଯ୍ୟରେ କାର୍ଯ୍ୟରେ ଲାଗୁନାହିଁ। ହୋଟେଲ ଜଳଖିଆ ଦୋକାନ ବନ୍ଦ, ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅଚଳ ଫଳରେ ଦୂର ଦୂରାନ୍ତରୁ ଆସୁଥିବା ଲୋକମାନେ କିଣା ବୋତଲ ପାଣି ରେ ନିଜର ଶୋଷ ମେଣ୍ଟା ଉଛନ୍ତି। ନିଜର ଜୀବନ ଜୀବିକା ହରାଇ ବ୍ୟବସାୟୀ ମାନେ ଚିନ୍ତା ରେ ଥିବା ସମୟରେ ଏଠାକୁ ଆସୁଥିବା ଯାତ୍ରୀ ମାନେ ଖାଦ୍ୟ ଓ ପାନୀୟଜଳ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହିତ ସ୍ୱଚ୍ଛତା, ଉପଯୁକ୍ତ ଖାଦ୍ୟ ପରିବେଷଣ ପାନୀୟ ଜଳ ଯୋଗାଣ ଉପରେ ଅନୁଧ୍ୟାନ କରି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

